ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ ୨୦୨୪ ସଂଖ୍ୟା

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ । ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ**
**ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟଙ୍କୁ**
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| Kshitij 2024, IIT, Kharagpur Update | | ୩୨ |
| ଆମ ପୋଡ଼କାଷ୍ଟ ସେବାରୁ କାହାଣୀଟିଏ | | ୩୩ |
| ଗଳ୍ପ ବିଭାଗ | | ୩୯ |
| ଅନେକ କଳାଛାଇ - ୧୦ | ଅଶୋକ ବିଶ୍ୱାଳ | ୪୦ |
| ବାଗଡ଼ା | ସଞ୍ଜୀବ କୁମାର ଦାସ | ୫୨ |
| ଗାଁକୁ ଫେରୁଥିବା ଟ୍ରେନ୍ | ସୁକାନ୍ତ ଖଣ୍ଡା | ୫୯ |
| ରାମଲୀଳାର ରାବଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୨ |
| ସମସ୍ୟା | ମୋନାଲିସା ପାଣିଗ୍ରାହୀ | ୬୭ |
| ତ୍ରାଣକର୍ତ୍ତା | ସିଦ୍ଧେଶ୍ୱର ତ୍ରିପାଠୀ | ୭୦ |
| ଅଶୁଭ ରେଖା | ରୁଦ୍ରକାନ୍ତ ରାଉତରାୟ | ୭୨ |
| କବିତା ବିଭାଗ | | ୭୭ |
| ପୂର୍ଣ୍ଣିମୀର ଜହ୍ନ | ଶିବ ନାରାୟଣ ଦାଶ | ୭୮ |
| ଆମ ଗାଁ (୬) | ସ୍ୱର୍ଗତ ମାୟାଧର ଦାଶ | ୮୨ |
| ସ୍ୱଚ୍ଛ ଭାରତ | କାର୍ତ୍ତିକ ଚନ୍ଦ୍ର ପଣ୍ଡା | ୮୭ |
| କଲମ | ସୁହଂସ ଭୋଇ | ୮୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଶୀତ କହିଦିଏ | ନୀଳମଣି ଚାନ୍ଦ | ୯୦ |
| ସ୍ୱଭାବକବି ଗଙ୍ଗାଧର ମେହେର | ଅମରନାଥ ବାରିକ | ୯୧ |
| ରାମାବର ସୁଷମାରେ ସମାକେହି | ପ୍ରଦୀପ କୁମାର ଜିଲିକାରା | ୯୩ |
| ପିଆଲାରେ ତୁମେ ସ୍ନେହ ଭରିଦେଲ | ତାରା ପ୍ରସାଦ ଜେନା | ୯୪ |
| କବିତା କୁଟିକମ | ଆଶୁତୋଷ ମେହେର | ୯୫ |
| ସାବଧାନ ରାଜନେତା | ନରେନ୍ଦ୍ର ପ୍ରସାଦ ବେହେରା | ୯୬ |
| ପ୍ରଥା | ଶ୍ରୀତମ ରଣା | ୯୯ |
| ନଈ ଗୀତ | ସୁଜିତ କୁମାର ମିଶ୍ର | ୧୦୦ |
| ନୂଆ ଆଶା ନେଇ ନୂଆ ବରଷ | ନଳିନୀ ଦାଶ | ୧୦୨ |
| ଭୁଲି ବି ଭୁଲିନି | ନିରଞ୍ଜନ ସାହୁ | ୧୦୪ |
| ବଣରେ ପଡ଼ିଛି ହୁରି | ରାମଚନ୍ଦ୍ର ପ୍ରଧାନ | ୧୦୫ |
| ପାଠ ଦେଖାଅ ବାଟ | ବର୍ଷାରାଣୀ ମହାମଲ୍ଲିକ | ୧୦୬ |
| ପ୍ରତି ଡିସେମ୍ବରରେ | ପୁଷ୍ପାଞ୍ଜଳୀ ପଣ୍ଡା | ୧୦୭ |
| ମୋ ସାଙ୍ଗ | ନିତ୍ୟରଞ୍ଜନ ନନ୍ଦ | ୧୦୯ |
| ମୂରଲୀରେ | ଗଗନ କୁମାର ଦାଶ | ୧୧୦ |
| ଏ ଜୀବନରେ | ଦେବାର୍ଚ୍ଚନ ମେହେର | ୧୧୨ |
| ମୋ ଗାଁ ଅଲଗା ଲାଗୁଛି | ଚନ୍ଦ୍ରକାନ୍ତ ଜେନା | ୧୧୬ |
| ବିଦାୟ ୨୦୨୩ | ସବିତା ଜେନା | ୧୧୯ |
| କେନ୍ଦୁଝରର ଶୀତ | ଦେବାଶିଷ ଚକ୍ରବର୍ତ୍ତୀ | ୧୨୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆସୁଛି ନବ ବରଷ | ରିନା ବେହେରା | ୧୨୫ |
| ସ୍ମୃତି ଫରୁଆରେ ୨୦୨୩ | ଶାନ୍ତିଲତା ପଣ୍ଡା | ୧୨୮ |
| ହାବଲ୍ଲ ବେଳାଭୂମି | ସୁବାସ ଚନ୍ଦ୍ର ତାରିଣୀ | ୧୨୯ |
| ସ୍ୱାଗତ ହେ ନବବର୍ଷ | ସଂଯୁକ୍ତା ସାହୁ | ୧୩୧ |
| | ଦେବେନ୍ଦ୍ର ନାୟକ | ୧୩୩ |
| | ବିନୋଦିନୀ ଦାଶ | ୧୩୪ |
| | ରମେଶ ଟାକ୍ରୀ | ୧୩୫ |
| | ପ୍ରତାପ କିଶୋର ରାଉତ | ୧୩୭ |
| | ଅନୁପମା ବିଶ୍ୱାଳ | ୧୪୧ |
| | ବାସନ୍ତୀ ଦେଇ | ୧୪୩ |
| | ମଧୁସ୍ମିତା ସାହୁ | ୧୪୪ |
| | ନୂତନ କୁମାର ବେହେରା | ୧୪୫ |
| | ବିଦ୍ୟୁତପ୍ରଭା ମିଶ୍ର | ୧୪୭ |
| | ଶୁଭଲକ୍ଷ୍ମୀ ସେଠୀ | ୧୪୮ |
| ନବବର୍ଷ | ଅଲେଖ ମେହେର | ୧୫୦ |
| ନୂଆଁ ବର୍ଷ | ବାଲାଜି ସେଠୀ | ୧୫୨ |
| ନୂଆବର୍ଷର ନୂଆ ପରଶ | ଡଃ ବି ପ୍ରକାଶ ଚନ୍ଦ୍ର ପାତ୍ର | ୧୫୩ |
| ନୂଆ ବରଷ | ଡଃ ମନୋରଞ୍ଜନ ବିଷୋୟୀ | ୧୫୭ |
| ମକର ପର୍ବ | ସନ୍ତୋଷ କୁମାର ସାହୁ | ୧୫୮ |


Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com


| | | |
|---|---|---|
| ମକର ସଂକ୍ରାନ୍ତି | ନଳିନୀପ୍ରଭା ମିଶ୍ର | ୧୫୯ |
| | ଶକ୍ତିଦା ବିଷୋୟୀ | ୧୬୦ |
| ବିଜ୍ଞାନ ଦେଇଛି କେତେ ଯେ ଖୁସି | ନାରାୟଣ ଚନ୍ଦ୍ର ସେନାପତି | ୧୬୨ |
| ଏଇତ ଦୁନିଆଁ | ଅଂଶୁମାନ ସ୍ୱାଇଁ | ୧୬୪ |
| ସ୍ମୃତି ଫରୁଆରେ ୨୦୨୩ | ରଶ୍ମିତା ରାଉତ | ୧୬୫ |
| ସକାଳୁ ସଅଳ ଉଠ | ବିକାଶ କୁମାର ରାଉତ | ୧୬୬ |
| ମୁଁ ଜାଣେ... | ଶାଶ୍ୱତୀ ନନ୍ଦ | ୧୬୭ |
| ଅଭିମାନୀ ପ୍ରେମିକା | ଜୟଦେବ ମାଝୀ | ୧୬୮ |
| ପ୍ରେମ | ସୁଶୀଲ କୁମାର ଛଟୋଇ | ୧୬୯ |
| ମାଆ | ଶକୁନ୍ତଳା ମିଶ୍ର | ୧୭୦ |
| ମା ପରି କିଏ ହେବ | ତାନଶ୍ରୀ ପାଣିଗ୍ରାହୀ | ୧୭୧ |
| | ପ୍ରଭାତୀ ବରାଳ | ୧୭୨ |
| | ରୀନା ସେଠି | ୧୭୫ |
| ଜନନୀ | ନିରୁପମା ପଣ୍ଡା | ୧୭୭ |
| ଚୁମା | ଅଜିତ କୁମାର ପାଢ଼ୀ | ୧୭୯ |
| ଅବଦାନ | ପୂର୍ଣ୍ଣଚନ୍ଦ୍ର ମେହେର | ୧୮୦ |
| ଖୁସି କାହିଁ ପାଇଁ | ବିଷ୍ଣୁ ପ୍ରସାଦ ମିଶ୍ର | ୧୮୧ |
| ଈଶ୍ୱର | ଭାରତୀ ହୋତା | ୧୮୩ |
| ଅତୀତକୁ ଭୁଲି ଆଗକୁ ବଢ଼ିବା | ପଙ୍କଜ କୁମାର ମଙ୍ଗଳ | ୧୮୪ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସମ୍ପର୍କର ଇସ୍ତାହାର | ଅଭିଷେକ ମହାପାତ୍ର | ୧୮୬ |
| ଛାତ୍ରୀ | ସୁଶ୍ରୀ ସମ୍ଭାବନା ସେଠୀ | ୧୮୮ |
| ପିଲାଦିନ | ଶୁଭ ସାର୍ଥକ | ୧୮୯ |
| ବୋଉ | ସ୍ୱାଗତିକା ସାହୁ | ୧୯୨ |
| ତୁମକୁ ଖୋଜୁଛି ଭିଡ଼ ଭିତରେ | ବିନତା ଜେନା | ୧୯୬ |
| ମୃତ୍ୟୁ ମୋର କାଲି ସୁନିଶ୍ଚିତ ! | ପ୍ରଭାସ କୁମାର ମହାପାତ୍ର | ୧୯୭ |
| ମାୟାବିନୀ | ବାସନ୍ତୀ ଲତା ଜେନା | ୧୯୯ |
| ତୁମେ ନୁହେଁ | ରାହୁଲ ଚନ୍ଦ୍ର ଘଡ଼େଇ | ୨୦୧ |
| ରାମରାଜ୍ୟ ହେବ ଧନ୍ୟ | ପ୍ରଶାନ୍ତ କୁମାର ନାଥ | ୨୦୩ |
| ଦୁଃଖ | ଆଲୋକ ମେହେର | ୨୦୫ |
| ସାଣ୍ଡୱିଚ୍ | ବିଶ୍ୱରଞ୍ଜନ ମହାନ୍ତି | ୨୦୭ |
| ଅଦ୍ଭୂତ ଅତିଥି | ଦଣ୍ଡାସି ପ୍ରଧାନ | ୨୦୮ |
| ଭିନ୍ନ ଏକ ପରାଧୀନତା | ଅମୃତ ନାରାୟଣ ଶତପଥୀ | ୨୧୧ |
| ମୁଁ ଥିଲି ମୋ ପରି | କିରନ୍ ସ୍ୱାଇଁ | ୨୧୨ |
| ମୋହନଦାସ କରମଚାନ୍ଦ ଗାନ୍ଧୀ | ପ୍ରହ୍ଲାଦ ସାହୁ | ୨୧୩ |
| ଅକୁହା କଥା | ସୁକୁମାରୀ ମେହେର | ୨୧୬ |
| ଗଳ୍ପ ପୁରୁଷ | ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା | ୨୧୮ |
| ସତ୍ୟ ପଥରେ ରୁହ | ହରେରାମ ପଣ୍ଡା | ୨୨୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## ଲୋକଭାଷା ବିଭାଗ ୨୨୧

| | | |
|---|---|---|
| ଧିକ୍ ତୋର୍ ପୋ ପନ୍ କେ | ବର୍ଷାରାଣୀ ମହାମଲ୍ଲିକ | ୨୨୨ |
| ଊତି | ସୁନୀଲ କୁମାର ଅଗସ୍ତି | ୨୨୪ |

## ପ୍ରବନ୍ଧ ବିଭାଗ ୨୨୫

| | | |
|---|---|---|
| ମାଆ | ଇଂ ସୌମ୍ୟରଞ୍ଜନ ଲେଙ୍କା | ୨୨୬ |
| ଦୋଷ କାହାର ? | ଶୁଭଶ୍ରୀ ପୃଷ୍ଟି | ୨୩୦ |
| ନାଭି ରଜ୍ଜୁର ଗଣ୍ଠି | କୁମାରୀ ସସ୍ମିତା | ୨୩୨ |
| ମାତୃଭାଷା ଆମ ପାଇଁ ଅମୃତ ସମାନ | ବସନ୍ତ କୁମାର ବାରିକ | ୨୩୫ |
| | ପ୍ରାଣବନ୍ଧୁ ରାଉତ | ୨୪୩ |
| | ବିଦ୍ୟୁତପ୍ରଭା ମିଶ୍ର | ୨୪୬ |
| | ଦେବେନ୍ଦ୍ର ନାୟକ | ୨୫୦ |
| | ସ୍ୱାଗତିକା ସାହୁ | ୨୫୩ |
| | ଗୌରୀ ପଣ୍ଡା | ୨୫୭ |
| ଝିଅ ହେବା କଣ ଭୁଲ | ଯଯାତି କେଶରୀ ମହାକୁଡ଼ | ୨୬୦ |
| ଗାଆଁ ଆଉ ଶୀତ | ଅନନ୍ତ କୁମାର | ୨୬୩ |
| ବିଶ୍ୱ ବ୍ରେଲି ଦିବସ | ଅସିତ ମହାନ୍ତି | ୨୬୫ |
| ଐତିହାସିକ ବାଲିଯାତ୍ରା | ପ୍ରହ୍ଲାଦ ସାହୁ | ୨୬୯ |
| ଏକାଙ୍କିକା ବାଣହରଣ | କିରନ ସ୍ୱାଇଁ | ୨୭୪ |


Listen to Odia Podcast on https://anchor.fm/aahwaan

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଭଗବାନ ରୂପ କି ଅରୂପ ? | ବିଜୟ କୁମାର ସାହୁ | ୨୮୦ |
| ବଡ଼ଦିନ ପର୍ବ | ଅକ୍ଷୟ କୁମାର ରାଉତ | ୨୮୬ |
| ବିଶେଷ ସୂଚନା | | ୨୮୯ |















ଆହ୍ୱାନ ଇ-ପତ୍ରିକାର ପ୍ରତିଷ୍ଠିତ ପୋଡ଼କାଷ୍ଟ ସେବା ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ନିଜ ଲିଖିତ କୃତିକୁ ଅପଲୋଡ୍ କରିବାକୁ ଚାହୁଁଛନ୍ତି କି ? ଆମ ସହ ହ୍ୱାଟସ୍‌ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ । ବିଶେଷ ସୂଚନା ପାଇଁ ବିବରଣୀ ପୁସ୍ତିକା ଆମ ସାଇଟ୍ www.aahwaan.com ରୁ ଡାଉନଲୋଡ୍ କରନ୍ତୁ କିମ୍ବା ହ୍ୱାଟସ୍‌ଆପ୍ ମାଧ୍ୟମରେ ପ୍ରାପ୍ତ କରନ୍ତୁ ।

ବି.ଦ୍ର.: ଏହା ଏକ ଦେୟଯୁକ୍ତ ସେବା ଅଟେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

https://www.youtube.com/@drjyotiprasad

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠିକା ପାଠକ, ସାହିତ୍ୟିକ, ଶୁଭେଚ୍ଛୁ ମାନଙ୍କୁ ଇଂରାଜୀ ନବବର୍ଷ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ବର୍ଷ ୨୦୨୪ ଆରମ୍ଭ ହୋଇ ସାରିଲାଣି । ବର୍ଷର ପ୍ରଥମ ସପ୍ତାହରେ ହିଁ ବିଶ୍ୱରେ ଅନେକ ଘଟଣା ଘଟି ସାରିଲାଣି । ଆମେ ଓଡ଼ିଆ ଏବଂ ଆମ ନବବର୍ଷ ମହାବିଷୁବ ସଂକ୍ରାନ୍ତିରେ ହୁଏ । ତେଣୁ ଆମେ ପ୍ରତିବର୍ଷ ଏହି ଦିନକୁ ଅତି ଆନନ୍ଦର ସହ ପାଳନ ବି କରୁ । କିନ୍ତୁ ବର୍ତ୍ତମାନର ସମୟ ବିଶ୍ୱ ସମୟ । ସୂଚନା ପ୍ରଦ୍ୟୋଗିକୀ ବ୍ୟବସ୍ଥାର ଉନ୍ନତି ହେତୁ ଆମେ ବାସ୍ତବିକ ଦୂରତ୍ୱକୁ ନ୍ୟୁନ କରି ଦେଇ ସାରିଲେଣି । ଏବେ ଆମେ ଘରେ ବସି ଆମେରିକାରେ ଥିବା ବନ୍ଧୁମାନଙ୍କ ସହ ସିଧା ସଳଖ ଭିଡ଼ିଓ ଦ୍ୱାରା କଥାବାର୍ତ୍ତା ହୋଇ ପାରୁଛେ । ଦିନଥିଲା, ମାତ୍ର କୋଡ଼ିଏ କିଲୋମିଟର ଦୂରରେ ରହୁଥିବା ବନ୍ଧୁ ସହ ଫୋନରେ କଥା ହେବାପାଇଁ ବର୍ଦ୍ଧିତ ଶୁଳ୍କ ଦେବା ସତ୍ତ୍ୱେ, ସ୍ୱଚ୍ଛ ଶ୍ରାବ୍ୟ ସେବା ମିଳି ପାରୁନଥିଲା । ଏବେ ଆମେ ମୋବାଇଲ୍ ଦ୍ୱାରା ସ୍ୱଚ୍ଛ ଭାବରେ କେବଳ ଶୁଣି ପାରୁନେ ବରଂ ଦେଖି ପାରୁଛେ ମଧ୍ୟ । ବର୍ତ୍ତମାନ ସମଗ୍ର ବିଶ୍ୱ ଏକ ପରିବାର ହୋଇ ସାରିଲାଣି । ଆମେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇ ସାରିଲେଣି, ପଶ୍ଚିମର ଦେଶରେ ମଧ୍ୟ ଭାରତର ଆଦର ବୃଦ୍ଧି ପାଇବାକୁ ଲାଗିଲାଣି । ତେଣୁ ବର୍ତ୍ତମାନ ଯଦି ସମଗ୍ର ବିଶ୍ୱ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ କ୍ୟାଲେଣ୍ଡରକୁ ଅନୁସରଣ କରୁଛି, ଆମେ ମଧ୍ୟ ସେଇ କ୍ୟାଲେଣ୍ଡରକୁ ଆପଣେଇ ସାରିଲେଣି । ଆମର ଶିକ୍ଷା, ଦୀକ୍ଷା, ସ୍ୱାସ୍ଥ୍ୟ, ଭ୍ରମଣ ସବୁକିଛି ସେଇ କ୍ୟାଲେଣ୍ଡର ହିସାବରେ ହିଁ ହେଉଛି । ତାହେଲେ ସେଇ କ୍ୟାଲେଣ୍ଡରର ପ୍ରଥମ ଦିନକୁ ଆମେ ମଧ୍ୟ ଆନନ୍ଦର ସହ ପାଳନ କରିବାରେ ଭୁଲ କେଉଁଠି ? ଆମେ ଆମର ସ୍କୁଲ ବା କଲେଜର ଶିକ୍ଷା ବର୍ଷ ହେଉ ବା ଚାକିରୀ ବେଉସାର ହିସାବ ହେଉ ସବୁକିଛି ଇଂରାଜୀ କ୍ୟାଲେଣ୍ଡର ହିସାବରେ ହିଁ ହେଉଛି । ତେଣୁ ଇଂରାଜୀ ନବବର୍ଷକୁ ସ୍ୱାଗତ କରିଦେଲେ ଆମେ କମ ଓଡ଼ିଆ ହୋଇଯିବା କି ? ଆମେ ଆମ ପର୍ବକୁ ବି ପାଳନ କରିବା ଏବଂ ଏହା ସହ ଇଂରାଜୀ ନବବର୍ଷ ବି ପାଳନ କରିବା ।

ପ୍ରତ୍ୟେକ ନୂଆବର୍ଷ ଏହି ବିଷୟରେ ଚର୍ଚ୍ଚା ହେଉଛି । କିଛି ଏହାର ଦୃଢ଼ ବିରୋଧ କରୁଛନ୍ତି । ଇଂରାଜୀ ନବବର୍ଷ ସମୟରେ ମଦମାଂସର ଆସର ଜମୁଛି କହି କିଛି ଏହାର ବିରୋଧ ବି କରନ୍ତି । ସତ କଥା । ହେଉଛି, ନିଶ୍ଚୟ । କିନ୍ତୁ କଣ ବର୍ଷର ଅନ୍ୟ କୌଣସି ଦିନରେ ଏହା ହେଉନାହିଁ କି ? ଧ୍ୟାନ ଦିଅନ୍ତୁ, ନବବର୍ଷ ଯଦି କୌଣସି ଶୁଭଦିନରେ ପଡ଼େ ତାହେଲେ ଅନେକ ଲୋକ ଆମିଷ ସେବନରୁ ଦୂରେଇ ରହନ୍ତି । କିଛି ଲୋକ ଯଦି ମଦ ମାଂସ ଖାଇ ଏହି ଦିନକୁ ପାଳନ କରୁଛନ୍ତି, ସେଥିପାଇଁ ସମସ୍ତେ ତ ସେଇଆ ନୁହନ୍ତି ନା ? ଆମେ ତ ପ୍ରତିବର୍ଷ ପାଳନ କରୁଛୁ । ଆମ ସାହି ପଡ଼ିଶାରେ ମହିଳାମାନେ ନବବର୍ଷ ପୂର୍ବରାତ୍ରୀ ନିଜ ଘର ସମ୍ମୁଖରେ ସଦୃଶ ଚିତା ଆଙ୍କିବା ସହ ନବବର୍ଷ ଶୁଭେଚ୍ଛା ବାର୍ତ୍ତା ଲେଖନ୍ତି । ସାହିରେ ଆପାର୍ଟମେଣ୍ଟରେ ଭୋଜିଭାତ ବି ହେଉଛି । ଶୀତ ଦିନରେ ପ୍ରାୟତଃ ଏହି ସମୟରେ ଛୁଟି ଥିବା ହେତୁ ଏହିଭଳି ଆୟୋଜନ କରିବା ପାଇଁ ଅନେକ ଇଚ୍ଛା କରୁଛନ୍ତି ମଧ୍ୟ । ତେଣୁ ଏହିଭଳି ଆନନ୍ଦଦାୟକ ପର୍ବଟିଏକୁ କେବଳ ବିଦେଶୀ କହିଦେଇ ଆଡ଼େଇ ଦେବା ଉଚିତ ନୁହେଁ । ଆପଣ ଏହି ବିଷୟକୁ ନେଇ କଣ ଚିନ୍ତା କରନ୍ତି ତାହା ଜଣାନ୍ତୁ ।

ବର୍ଷର ପ୍ରଥମ ମାସର ପତ୍ରିକା ସହ ମୁଁ ଉପସ୍ଥିତ । ଆଶା କରୁଛି ଆପଣ ସମସ୍ତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକୁଶଳ ଥିବେ । ନୁଆ ବର୍ଷା ଆସିଲେ ମନରେ ଅନେକ ଆଶା ଓ ଆଶଙ୍କା ଉଙ୍କିମାରେ । ବର୍ଷଟି କିଭଳି କଟିବ । ଭଲ ହେବ ନା ମନ୍ଦ ହେବ ଏଭଳି ଅନେକ ପ୍ରଶ୍ନ ମନକୁ ଆନ୍ଦୋଳିତ କରିଥାଏ । ସେମିତିରେ ବି ୨୦୨୪ ହେଉଛି ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଏହି ବର୍ଷ ଭାରତରେ ସର୍ବସାଧାରଣ ନିର୍ବାଚନ ହେବାର ଅଛି । ଏହା ସହ ଓଡ଼ିଶା ସମେତ ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ବି ହେବାର ଅଛି । ସେଇ ଦୃଷ୍ଟିରୁ ଏହି ବର୍ଷ ନିଶ୍ଚୟ ଘଟଣାବହୁଳ ହେବ, ଏଥିରେ ସନ୍ଦେହ ନାହିଁ । ପ୍ରତ୍ୟେକ ରାଜନୈତିକ ଦଳ ନିଜର ପ୍ରତିପତ୍ତି ପ୍ରଦର୍ଶନ ପାଇଁ ଆଗେଇ ଆସିବ । ଜନତାଙ୍କୁ ଲୋଭେଇବା ଭଳି ପ୍ରତିଶୃତି ଦେବାକୁ କେହି କୁଣ୍ଠାବୋଧ କରିବେ ନାହିଁ । ନିରୀହ ଜନତାଙ୍କୁ ଠକିଦେଇ ଶାସନ ଗାଦିରେ ବସିବା ଅଭିପ୍ରାୟ ସମସ୍ତେ କରିବେ । ଓଡ଼ିଶା ହେଉ ବା ଭାରତ ସବୁଠି ଏକା ଅବସ୍ଥା ଦେଖାଦେବ । ଅବଶ୍ୟ ବିଗତ ବର୍ଷମାନଙ୍କ ଭଳି ଏବେ ମତଦାତା ମାନେ ଆଉ ଅଶିକ୍ଷିତ ନାହାନ୍ତି । ସୋସିଆଲ୍ ମିଡ଼ିଆର ପ୍ରସାର ଫଳରେ ପ୍ରତ୍ୟେକ ଘଟଣାର ପୁଙ୍ଖାନୁପୁଙ୍ଖ ସତ୍ୟତା ଲୋକଙ୍କ ନିକଟରେ ପହଞ୍ଚି ପାରୁଛି ଏବଂ ଲୋକମାନେ ସଠିକ ନିର୍ଣ୍ଣୟ ନେଇ ପାରୁଛନ୍ତି । ଆଗଭଳି ଲୋକଙ୍କୁ ଭଣ୍ଡେଇ ଦେବା ଆଉ ସହଜ ନୁହେଁ, ବୋଲି ବିଗତ କିଛି ନିର୍ବାଚନର ଫଳାଫଳରୁ ଜଣା ପଡୁଛି । ତଥାପି ଭାରତର ଏକ ବିଶାଳ ବର୍ଗ ଉନ୍ନତି କରିବାର ଆବଶ୍ୟକତା ରହିଛି । ଏବେ ମଧ୍ୟ ଲୋକମାନେ କିଛି ମୁଦ୍ରା ବିନିମୟରେ ନିଜ ମୂଲ୍ୟବାନ ମତ ବିକ୍ରୀ କରି ଦେଉଛନ୍ତି । ସେଥିପାଇଁ ରାଜନୈତିକ ଦଳ ମଧ୍ୟ ଭିନ୍ନ ଭିନ୍ନ ଉପାୟରେ ମତଦାତାଙ୍କୁ ଲୋଭେଇବାକୁ ଚେଷ୍ଟା କରୁଛନ୍ତି । କେଉଁଠି ଗାଁ ଗଣ୍ଡା କିମ୍ବା ସାହି ଇତ୍ୟାଦିକୁ ମାଗଣାରେ ଅନେକ କିଛି ଦିଆଯାଉଛି । ଯୁବକ ଗୋଷ୍ଠୀଙ୍କୁ ଏବଂ ମହିଳା ମାନଙ୍କୁ ଲୋଭେଇ ପାରିଲେ ଜିତିବାରେ କିଛି ଅସୁବିଧା ହୁଏ ନାହିଁ । ଏହା ପ୍ରତ୍ୟେକ ସାଧାରଣ ନିର୍ବାଚନ ସମୟରେ ହୁଏ । ଚଳିତ ବର୍ଷ ମଧ୍ୟ ହେବ । କିଛି ରାଜନୈତିକ ଦଳ ନିଜର ନିର୍ବାଚନୀ ଇସ୍ତାହାରରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଅନେକ ମାଗଣା ଦ୍ରବ୍ୟର ତାଲିକା ଦେଇ ପକାଉଛନ୍ତି । କିଏ ମାଗଣାରେ ବିଜୁଳୀ ଦେବାକୁ କହୁଛି ତ କିଏ ମାଗଣାରେ ଭତ୍ତା, କିଏ ପୁଣି ଜମି ତ କିଏ ପକ୍କା ଘର ଦେବା ପାଇଁ କଥା ଦେଇ ଭୋଟରଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଲେଣି । ଆମେ କେବଳ ଆଶା କରିବା ଯେ ଲୋକମାନେ ଭଲମନ୍ଦର ବିଚାର ନିଜେ କରି ନିଷ୍ପତ୍ତି ନେଇ ଭୋଟ୍ ଦିଅନ୍ତୁ ।

ଚଳିତ ବର୍ଷର ଆରମ୍ଭରୁ ହିଁ ଯେଉଁ ଖବର ସମଗ୍ର ଦେଶକୁ ଆନ୍ଦୋଳିତ କରି ରଖିଛି ତାହା ହେଉଛି, ପ୍ରଭୁ ଶ୍ରୀ ରାମଙ୍କ ଭବ୍ୟ ମନ୍ଦିରର ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ । ଅଯୋଧ୍ୟାଠାରେ ନିର୍ମାଣାଧୀନ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ସମ୍ପୂର୍ଣ୍ଣ ନ ହୋଇଥିବା ସତ୍ତ୍ୱେ, ଭଲ ଯୋଗ ପଡୁଥିବାରୁ ଏହି ମନ୍ଦିରରେ ଦେବତା ମାନଙ୍କ ମୂର୍ତ୍ତି ସ୍ଥାପନ କରି ପ୍ରାଣପ୍ରତିଷ୍ଠା କରିବା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଆଗାମୀ ସପ୍ତାହରେ ସୋମବାର, ୨୨ ତାରିଖ ଦିନ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ । ଏଥିପାଇଁ ଅଯୋଧ୍ୟା ସମେତ ସମଗ୍ର ଉତ୍ତରପ୍ରଦେଶ ରାଜ୍ୟ ଓ ଦେଶ ମଧ୍ୟ ଆନନ୍ଦିତ ମନେ ହେଉଛି । ସୋସିଆଲ୍ ମିଡ଼ିଆରେ ଏହାକୁ ନେଇ ଯେଉଁଭଳି ଲହଡ଼ି ଆସିଛି, ତାହା ଅପ୍ରତ୍ୟାଶିତ ମନେ ହେଉଛି । ପ୍ରତିଦିନ ଅଗଣିତ ନୂଆ ନୂଆ ପୋଷ୍ଟ ଏଥିପାଇଁ ଦେଖିବାକୁ ମିଳୁଛି । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ମନ୍ଦିର ପ୍ରାଣପ୍ରତିଷ୍ଠାରେ ନିଜେ ପୌରହିତ୍ୟ କରିବେ ଏବଂ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଅନେକ ବ୍ୟକ୍ତିଙ୍କୁ ମନ୍ଦିର ପ୍ରଶାସନ ତରଫରୁ ନିମନ୍ତ୍ରଣ ଦିଆଯାଇଛି । ଏହି ନିମନ୍ତ୍ରଣ ପତ୍ରକୁ ନେଇ ରାଜନୀତି ଏବେ ଗରମ ଅଛି ।

ବିରୋଧୀ ଇଣ୍ଡି ସାମ୍ମୁଖ୍ୟ ଏହାକୁ ବିଜେପିର କାର୍ଯ୍ୟକ୍ରମ ବୋଲି କହୁଥିବା ବେଳେ, ଏହି କାର୍ଯ୍ୟକ୍ରମକୁ ଯୋଗଦେବାପାଇଁ ମିଳିଥିବା ନିମନ୍ତ୍ରଣକୁ ଅନେକ ବ୍ୟକ୍ତି ଅଗ୍ରାହ୍ୟ କରିଦେଇଛନ୍ତି । ଭାରତୀୟ ଜନତା ପାର୍ଟି ମନ୍ଦିର ପ୍ରତିଷ୍ଠାକୁ ନେଇ ରାଜନୀତି କରୁଥିବା କଥା କହି ପ୍ରାୟ ଅଧିକାଂଶ ବିରୋଧୀ ଦଳ ସଦସ୍ୟ ଏହି କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଖିବା କଥା କହୁଛନ୍ତି ।

ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିରରେ ରାମ ଲଲାଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରାଯିବ । ଏହି ସମାରୋହଙ୍କୁ ଅନେକ ଲୋକ ଓ ରାଜନୈତିକ ଦଳମାନଙ୍କୁ ନିମନ୍ତ୍ରଣ ମିଳିଥିଲେ ବି କଂଗ୍ରେସ ନେତାମାନେ ଏହି ଉତ୍ସବରେ ଯୋଗ ଦେବେ ନାହିଁ । କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏହି ସୂଚନା ଦେଇଛନ୍ତି ।

ସାଧାରଣ ନିର୍ବାଚନ ଥିବାରୁ ଏହା ପୂର୍ବରୁ ଅର୍ଦ୍ଧନିର୍ମିତ ରାମ ମନ୍ଦିର ଉଦ୍‌ଘାଟନ କରାଯାଉଛି । ରାଜନୈତିକ ଉଦେଶ୍ୟ ରଖି ବିଜେପି ଓ ଆର୍‌ଏସ୍‌ଏସ୍ ଏହି କାମ କରୁଛି । ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଥିବା ଏହି ଉଦ୍‌ଘାଟନକୁ ବୟକଟ୍ କରିଛି କଂଗ୍ରେସ । ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ମିଳିଥିବା ଆମନ୍ତ୍ରଣକୁ କଂଗ୍ରେସ ସିଧାସଳଖ ଅସ୍ୱୀକାର କରିଛି ।

କଂଗ୍ରେସ ଦଳ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଗତ ମାସରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧି ଓ ଅଧୀର ରଞ୍ଜନ ଚୌଧୁରୀଙ୍କୁ ଅଯୋଧ୍ୟାରେ ରାମ ମନ୍ଦିର ଉତ୍ସର୍ଗ ପାଇଁ ନିମନ୍ତ୍ରଣ ମିଳିଥିଲା । ଏହାସହ କୁହାଯାଇଛି ଯେ ପ୍ରଭୁ ରାମଙ୍କୁ କୋଟି କୋଟି ଭାରତୀୟ ପୂଜା କରନ୍ତି । ଧର୍ମ ମନୁଷ୍ୟର ବ୍ୟକ୍ତିଗତ ବିଷୟ ହୋଇଆସୁଛି, କିନ୍ତୁ ବର୍ଷ ବର୍ଷ ଧରି ବିଜେପି ଏବଂ ଆରଏସଏସ ଅଯୋଧ୍ୟାରେ ରାମ ମନ୍ଦିରକୁ ଏକ ରାଜନୈତିକ ପ୍ରକଳ୍ପରେ ପରିଣତ କରିଛନ୍ତି ।

ଏନେଇ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି କି, ଆମ ଦେଶର ଲକ୍ଷ ଲକ୍ଷ ଲୋକ ଭଗବାନ ରାମଙ୍କର ପୂଜା କରିଥାନ୍ତି । ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର, ହେଲେ ଆରଏସଏସ ଓ ବିଜେପି ଅନେକ ବର୍ଷ ଧରି ଅଯୋଧ୍ୟାର ରାମ ମନ୍ଦିରକୁ ରାଜନୈତିକ ପ୍ରକଳ୍ପ ଭାବେ ବ୍ୟବହାର କରୁଛନ୍ତି । ବିଜେପି ଓ ଆରଏସଏସ ନେତାମାନେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଧା ନିର୍ମାଣ ହୋଇଥିବା ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା କେବଳ ନିର୍ବାଚନୀ ଲାଭ ପାଇଁ କରୁଥିବା ଜୟରାମ ରମେଶ କହିଛନ୍ତି । (ସୌଜନ୍ୟ : thesakala.com)

ଦୀର୍ଘ ପାଞ୍ଚଶହ ବର୍ଷର ସଂଘର୍ଷ ପରେ ନରେନ୍ଦ୍ର ମୋଦୀଙ୍କ ରାଜତ୍ୱ ସମୟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଆଧାରରେ ପୁରୁଷୋତ୍ତମ ଶ୍ରୀ ରାମଙ୍କ ମନ୍ଦିର ନିର୍ମାଣର ପଥ ସୁଗମ ହୋଇଥିଲା । କିନ୍ତୁ ଏହା ଅନେକ ବ୍ୟକ୍ତିଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ଧକ୍କା ଦେଇଥିଲା, ତେଣୁ ଏହାର ବିରୋଧ କରିବାକୁ ଅନେକ ଆଗେଇ ଆସିଥିଲେ । କେହି କେହି ମନ୍ଦିର ସ୍ଥାନରେ ଶିକ୍ଷାନୁଷ୍ଠାନ କିମ୍ବା ସ୍ୱାସ୍ଥ୍ୟ ସେବା ପାଇଁ ଅନୁଷ୍ଠାନ ଗଠନ କରାଯିବା ସପକ୍ଷରେ ଯୁକ୍ତିଦେଇଥିଲେ । ହେଲେ ରାମ ମନ୍ଦିର ନିର୍ମାଣ, ବିଜେପିର ଏଜେଣ୍ଡାରେ ସବୁବେଳେ ସର୍ବୋଚ୍ଚ ପ୍ରାଥମିକତା ପାଇଥିଲା । ତେଣୁ ଏବେ ଯେତେବେଳେ ମନ୍ଦିର ନିର୍ମାଣ ହେଉଛି, ସେତେବେଳେ ସ୍ୱାଭାବିକ ଭାବରେ ବିଜେପି ଏଥିରୁ ଲାଭ ପାଇବ ହିଁ ପାଇବ । କାରଣ ବିଶ୍ୱବ୍ୟାପୀ ହିନ୍ଦୁ ସମାଜର ଆରାଧ୍ୟ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ କେବଳ ବିଜେପିର କାର୍ଯ୍ୟକାଳରେ ହିଁ ସମ୍ଭବ ହୋଇଛି । ଯେଉଁ ସବୁ ଦଳ ବା ରାଜନୈତିକ ବ୍ୟକ୍ତି ଏହି ଆୟୋଜନର ଭର୍ତ୍ସନା କରୁଛନ୍ତି ସେମାନେ ଭବିଷ୍ୟରେ ଯେ ଲୋକଙ୍କ ଘୃଣାର ଶରବ୍ୟ ହେବେ ସେଥିରେ ସନ୍ଦେହ ନାହିଁ ।

ଆଗାମୀ ୨୨ ତାରିଖ ସୋମବାର ଦିନ ଅଯୋଧ୍ୟା ଠାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ହେବାପୂର୍ବରୁ ସେଠାରେ ବିମାନ ବନ୍ଦରର ଉଦଘାଟନ, ନୂଆ ରେଳ ଷ୍ଟେସନର କାର୍ଯ୍ୟକ୍ଷମ ଇତ୍ୟାଦି କରିବା ସହ ଆଗନ୍ତୁକ ଭକ୍ତ ଓ ଅତିଥିମାନଙ୍କ ପାଇଁ ସମୁଦାୟ ଅଯୋଧ୍ୟା ନଗରୀକୁ ଯେଉଁଭଳି ଭାବରେ ସଜାଇ ଦିଆଯାଇଛି, ତାହା ବାସ୍ତବିକ ଆଶ୍ଚର୍ଯ୍ୟଜନକ ହୋଇଛି । ଏହି ଉତ୍ସବକୁ ଆସୁଥିବା ସମସ୍ତ ବ୍ୟକ୍ତିଙ୍କ ରହଣୀ ପାଇଁ ଅଯୋଧ୍ୟାରେ ଅନେକ ହୋମ୍ ଷ୍ଟେ ବା ଘରେ ଘରେ ହୋଟେଲ୍ ଭଳି ବ୍ୟବସ୍ଥା କରାଯାଇଛି । ଏବଂ ଏହି ଭକ୍ତଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗମନ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଲାଗି ରହିବ ଯାହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ରୋଜଗାରର ନୂଆ ଦିଗନ୍ତ ସୃଷ୍ଟି କରିବ । ମନ୍ଦିରକୁ ଆଧାର କରି ଅନେକ ବ୍ୟବସାୟ ଗଢ଼ି ଉଠିବ । ଯେହେତୁ ଶ୍ରୀରାମ ହିନ୍ଦୁ ଆସ୍ଥାର ପ୍ରାଣକେନ୍ଦ୍ର ତେଣୁ ଏହି ମନ୍ଦିରର ପ୍ରାଧାନ୍ୟ କାଳକାଳକୁ ରହିବ । ଏହା ଭାରତକୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପରିଣତ କରିବ । ମନ୍ଦିର ଯେ ଦେଶର ଅର୍ଥନୀତିକୁ ଉନ୍ନତି ଆଣିଦେଇ ପାରେ ତାହା ନିକଟ ଭବିଷ୍ୟତରେ ଲୋକମାନେ ଦେଖିବାକୁ ପାଇବେ ।

ଆମେ କେବଳ ଆଶା କରିବା ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ଆୟୋଜିତ ହେଉଯାଉ । ଯେହେତୁ ଆମ ଦେଶରେ ହିଁ କିଛି ଆତ୍ମଘାତୀ ବୁଦ୍ଧିଜୀବି ଅଛନ୍ତି, ଯେଉଁମାନେ ଏହି କାର୍ଯ୍ୟକ୍ରମର ବିଫଳତା ପାଇଁ ଯେ କୌଣସି କାର୍ଯ୍ୟ କରି ପାରନ୍ତି । ତେଣୁ ଆଶା କରୁଛୁ, ମହାପ୍ରଭୁ ଶ୍ରୀରାମଙ୍କ ମନ୍ଦିର ସ୍ଥାପନା ଶୀଘ୍ର ହୋଇଯାଉ ।

ଅଯୋଧ୍ୟାର ରାମ ମନ୍ଦିର ଖବର ସମଗ୍ର ଦେଶକୁ ଆନ୍ଦୋଳିତ କରୁଥିବା ବେଳେ ଓଡ଼ିଶାର ଶ୍ରୀଜଗନ୍ନାଥ ପୁରୀଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବ ଆଗାମୀ ସପ୍ତାହରେ ୧୭ ତାରିଖ ବୁଧବାର ଦିନ ହେବାର ଅଛି । ଏଥିପାଇଁ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ରଥ ବୁଲୁଛି । ଲୋକଙ୍କ ଠାରୁ ମୁଠି ଚାଉଳ ସଂଗ୍ରହ କରାଯାଉଛି । ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ଆମନ୍ତ୍ରିତ କରାଯାଉଛି । ସୂଚନାଯୋଗ୍ୟ ଯେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ବିଗତ ଅନେକ ବର୍ଷରୁ ଚାଲିଛି । ଏଥିପାଇଁ ମନ୍ଦିର ବେଢ଼ା ଚାରିପାଖରେ ଥିବା ଅଗଣିତ ପୁରୁଣା ଐତିହାସିକ ଧର୍ମସ୍ଥଳୀ ଓ ପୀଠ ତଥା ମଠକୁ ଧୁଳିସାତ କରିଦିଆଯାଇଥିଲା । ଏବେ ମନ୍ଦିରର ମେଘନାଦ ପାଚେରୀ ଚାରିପାଖରେ ବିସ୍ତୃତ ଚଲାପଥ ନିର୍ମାଣ କରାଯାଇଛି । ଯେଉଁଠି ଭକ୍ତମାନେ ମନ୍ଦିର ଚାରିପାଖରେ ବୁଲିପାରିବେ ।

ଚାରିଧାମରୁ ଶ୍ରେଷ୍ଠ ଧାମ ହେଉଛି ଶ୍ରୀଜଗନ୍ନାଥ ଧାମ । ପ୍ରତିଦିନ ଏଠାକୁ ଛୁଟିଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁଅ । ଐତିହ୍ୟ ସହର ପୁରୀକୁ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ବିଭିନ୍ନ ପ୍ରକଳ୍ପ କାମ ହାତକୁ ନେଇଛନ୍ତି ରାଜ୍ୟ ସରକାର । ତା' ମଧ୍ୟରୁ ଗୋଟିଏ ହେଉଛି ପରିକ୍ରମା ପ୍ରକଳ୍ପ । ପୁରୀକୁ ଏକ ଐତିହ୍ୟ ସହର ଭାବେ ଗଢି ତୋଳିବା ସହ ଶ୍ରୀମନ୍ଦିରକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷା ଏବଂ ମୌଳିକ ସୁବିଧାକୁ ଦୃଷ୍ଟିରେ ରଖି ୨୦୧୭-୧୮ ଆର୍ଥିକ ବର୍ଷରେ ଅବଢା ଯୋଜନା ଆରମ୍ଭ କରିଥିଲେ ରାଜ୍ୟ ସରକାର । ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୩୨୦୦କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ୨୦୨୩ ଜୁନ ୨୧ରେ ଆଉ ୧୦୦୦କୋଟି ଅର୍ଥ ମଞ୍ଜୁର କରିଥିଲା ରାଜ୍ୟ କ୍ୟାବିନେଟ । ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିରର ସୁରକ୍ଷା, ଶ୍ରୀସେତୁ ପ୍ରକଳ୍ପ, ମୁଷା ନଦୀର ପୁନରୁଦ୍ଧାର, ଜଗନ୍ନାଥ ବଲ୍ଲଭ ମଠ, ରଘୁନାଥ ଲାଇବ୍ରେରୀର ଉନ୍ନତିକରଣ, ଅଠରନଳା ହେରିଟେଜ୍ ପ୍ରକଳ୍ପ ସହ ସହରରେ ଥିବା ସମସ୍ତ ମଠ ମନ୍ଦିରର ଉନ୍ନତିକରଣ ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା ।

ଏହି ଯୋଜନା ଅଧୀନରେ ଥିବା ଗୋଟିଏ ପ୍ରକଳ୍ପ ହେଉଛି ଶ୍ରୀମନ୍ଦିର ଐତିହ୍ୟ କରିଡର ବା ପରିକ୍ରମା ପ୍ରକଳ୍ପ । ଏଥିପାଇଁ ୮୦୦କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୁରୀକୁ ଆସୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଏଥିରେ ରହିବ ସମସ୍ତ ମୌଳିକ ସୁବିଧା । ପୁରୁଷ ଓ ମହିଳାମାନଙ୍କ ପାଇଁ ପୃଥକ ପୃଥକ ଶୌଚାଳୟ ନିର୍ମାଣ ହୋଇଛି । ଯାତ୍ରୀ ଅଭ୍ୟର୍ଥନା କେନ୍ଦ୍ର, କ୍ଲକରୁମ୍, ସୂଚନା ଓ ଦାନକେନ୍ଦ୍ର, ବିଶ୍ରାମସ୍ଥଳ, ଜେଟିପି ଆଉଟପୋଷ୍ଟ, ଏଟିଏମ କିଓସ୍କ, ଜରୁରି ଯାତାୟାତ ମାର୍ଗ, ସ୍ଥାୟୀ ଯାତାୟାତ ମାର୍ଗ, ଲ୍ୟାଣ୍ଡସ୍କେପ ଏବଂ ଫୁଟପାଥ ଭଳି ବ୍ୟବସ୍ଥା ହୋଇଛି । ଏହାସହ ଶ୍ରଦ୍ଧାଳୁଙ୍କ ନିର୍ବିଘ୍ନ ଦର୍ଶନ ପାଇଁ ଶୀତତାପ ନିୟନ୍ତ୍ରିତ ସେଲଟରର ବ୍ୟବସ୍ଥା କରାଯାଇଛି । ଅବାଧରେ କିଭଳି ମନ୍ଦିର ବେଢା ପରିକ୍ରମା କରିପାରିବେ ଶ୍ରଦ୍ଧାଳୁ ଏବଂ ପୁରୀକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ କିଭଳି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଲ ଅନୁଭୂତି ସାଉଁଟିବେ ସେହି ଉଦ୍ଦେଶ୍ୟରେ ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ ରାଜ୍ୟ ସରକାର । ଯାହା ଏବେ ବାସ୍ତବ ରୂପ ନେବାକୁ ଯାଉଛି । (ସୌଜନ୍ୟ : thesa-kala.com)

ଆସନ୍ତା ୧୭ ତାରିଖରେ ବହୁପ୍ରତୀକ୍ଷିତ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ସମଗ୍ର ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ । ଏହି ଐତିହାସିକ କାର୍ଯ୍ୟକ୍ରମରେ ସାରା ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଅଂଶୀଦାର ରହିବେ । ଏଥିପାଇଁ  ଆଜିଠାରୁ ଗାଁରୁ ସହର ଯାଏ ବୁଲିବା ଆରମ୍ଭ କରିଛି ଶ୍ରୀଜଗନ୍ନାଥ ରଥ । ମହାପ୍ରଭୁଙ୍କ ମହିମା ଗାନ କରି ସଂକୀର୍ତ୍ତନ ମଣ୍ଡଳୀ ଗାଁଗାଁ ବୁଲି ପ୍ରତ୍ୟେକ ଘରୁ ଗୁଆ ଓ ଅକ୍ଷତ ସଂଗ୍ରହ କରିବେ । ୬ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଉଳ ଓ ଗୁଆ ସଂଗ୍ରହ ସହିତ ରଥ ପରିକ୍ରମା ଜାରି ରହିବ ।

ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ରାଜ୍ୟବାସୀଙ୍କୁ ନିମନ୍ତ୍ରଣ କରାଯାଇଛି । ଅନୁରୂପ ଭାବରେ ସରକାର ମଧ୍ୟ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରିଛନ୍ତି । ସୂଚନା ଅନୁସାରେ ପଞ୍ଚାୟତ ଓ ବ୍ଳକ୍‌ସ୍ତରରେ ଏହି ଐତିହାସିକ କାର୍ଯ୍ୟକ୍ରମକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ସ୍ମରଣୀୟ କରାଯିବ । ଲୋକାର୍ପଣ ଉତ୍ସବ ପୂର୍ବରୁ ଏବଂ ଲୋକାର୍ପଣ ଦିବସ ପର୍ଯ୍ୟନ୍ତ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଗ୍ରାମାଞ୍ଚଳର ଲୋକଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରାଯିବ ।

ଶ୍ରୀ ଜଗନ୍ନାଥ ସଂସ୍କୃତି ଆମ ଜାତିର ଅବିଚ୍ଛେଦ୍ୟ ଅଙ୍ଗ ଭାବନାକୁ ଏ ସବୁ କାର୍ଯ୍ୟକ୍ରମ ଜରିଆରେ ଋଦ୍ଧିମନ୍ତ କରାଯିବ । ସଂଗୃହୀତ ଗୁଆ ଓ ଚାଉଳକୁ ଗ୍ରାମରେ ଥିବା ଏକ ମନ୍ଦିରରେ ରଖାଯିବା ଓ ପରବର୍ତ୍ତୀ ସମୟରେ ତାହାକୁ ପୁରୀ ଅଣାଯିବ । ସେହିପରି ୧୭ ତାରିଖ ଦିନ ଲୋକାର୍ପଣ ଉତ୍ସବକୁ ଗ୍ରାମବାସୀ ଯେପରି ଦେଖିପାରିବେ ସେଥିଲାଗି ପ୍ରଶାସନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପକ୍ଷରୁ ବଡ଼ ଏଲ୍‌ଇଡି ସ୍କ୍ରିନ୍ ଜରିଆରେ ସିଧା ପ୍ରସାରଣ ବ୍ୟବସ୍ଥା ହେବ । ପର୍ଯ୍ୟାୟକ୍ରମେ ଲୋକଙ୍କୁ ବ୍ଲକ୍‌ରୁ ପୁରୀ ଅଣାଯିବ । ଏସବୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରତି ପଞ୍ଚାୟତକୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ସେହିପରି ବ୍ଲକ୍‌ରୁ ଲୋକଙ୍କୁ ପୁରୀ ନେବା ଆଣିବା ପାଇଁ ୩୦ ଜିଲ୍ଲାକୁ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟର ୩୧୪ ବ୍ଲକ୍‌ରେ ୬୭୯୪ ପଞ୍ଚାୟତ ପାଇଁ ଏହି ପାଣ୍ଠି ମଞ୍ଜୁର କରାଯାଇଛି । 'ଆମ ଓଡ଼ିଶା ନବୀନ ଓଡ଼ିଶା' ପାଣ୍ଠିରୁ ଅର୍ଥ ବିନିଯୋଗ କରାଯିବ । ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ପଞ୍ଚାୟତ ସହିତ ସହରାଞ୍ଚଳରେ ମଧ୍ୟ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି । ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ପାରମ୍ପାରିକ କାର୍ଯ୍ୟକ୍ରମ ୱାର୍ଡ ସ୍ତରରେ ଆୟୋଜନ କରାଯିବ । ଗ୍ରାମାଞ୍ଚଳ ପରି ସହରାଞ୍ଚଳର ସବୁ ୱାର୍ଡରେ ପ୍ରତି ପରିବାର ଠାରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବ (ଜାନୁଆରୀ ୬-୧୫) । ଏଠାରେ ମଧ୍ୟ ସ୍ଥାନୀୟ ମନ୍ଦିରରେ ସଂଗୃହୀତ ଚାଉଳ ଓ ଗୁଆ ରଖାଯିବ ଓ ପରେ ପୁରୀ ଅଭିମୁଖେ ପ୍ରେରଣ କରାଯିବ । ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରଥ ପ୍ରତି ଏନ୍‌ଏସି, ମ୍ୟୁନିସିପାଲିଟି, ମହାନଗର ନିଗମ ଅଞ୍ଚଳରେ ବୁଲିବ । କାର୍ଯ୍ୟକ୍ରମ ଆୟୋଜନ ବାବଦରେ ଏନ୍‌ଏସିର ପ୍ରତି ୱାର୍ଡକୁ ୧ ଲକ୍ଷ, ମ୍ୟୁନିସିପାଲିଟିରେ ଥିବା ପ୍ରତି ୱାର୍ଡ ପାଇଁ ୨ ଲକ୍ଷ ଏବଂ ମହାନଗର ନିଗମ ଅଞ୍ଚଳରେ ପ୍ରତି ୱାର୍ଡ ପିଛା ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଏପରି ଭାବେ ସମୁଦାୟ ୪୦ କୋଟି ୧୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌର ସଂସ୍ଥା ମାନଙ୍କ ଜରିଆରେ ୱାର୍ଡ ଏବଂ ପୌରାଞ୍ଚଳରେ ଲୋକାର୍ପଣ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଶ୍ରୀ ଜଗନ୍ନାଥ ସଂସ୍କୃତିର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବା ଲାଗି ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ କମିଶନର ଏବଂ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ପୂରା ପ୍ରକ୍ରିୟା ପରିଚାଳିତ ହେବ ।

ପବିତ୍ର ମାଘସପ୍ତମୀ ଅର୍ଥାତ୍ ଜାନୁଆରୀ ୧୭ ତାରିଖରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପବିତ୍ର କାର୍ଯ୍ୟକ୍ରମର ଭବ୍ୟ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି କରୁଛି ଶ୍ରୀମନ୍ଦିର ପ୍ରଶାସନ । ଏନେଇ ଆଜିଠୁ ଆରମ୍ଭ ହୋଇଛି ଦେବ ନିମନ୍ତ୍ରଣ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦେଶର ପ୍ରମୁଖ ଦେବଦେବୀ ପୀଠ, ଚାରିଧାମର ପୀଠାଧୀଶ୍ୱର, ବିଶିଷ୍ଟ ଧର୍ମଗୁରୁ ଓ ଖ୍ୟାତନାମା ବ୍ୟକ୍ତିମାନଙ୍କୁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଛି ।

ଏହି ପ୍ରକଳ୍ପ ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ହୋଇଥିବା ସତ୍ତ୍ୱେ ଏହା ଅନେକ ସମୟରେ ବୁଦ୍ଧିଜୀବିଙ୍କ ସମୀକ୍ଷା ଓ ସମାଲୋଚନାର ଶରବ୍ୟ ହୋଇଛି । ଏହିଭଳି ଏକ ପ୍ରକଳ୍ପର ଆବଶ୍ୟକତା ନାହିଁ ବୋଲି ଅନେକ ମତ ଦେଉଥିବା ବେଳେ, ମନ୍ଦିର ବେଢ଼ା ଭିତରେ ଯେତେବେଳେ ଭକ୍ତମାନେ ମନ୍ଦିରକୁ ପରିକ୍ରମା କରିବା ସହ ବିଭିନ୍ନ ଦେବାଦେବୀଙ୍କ ମନ୍ଦିର ଦର୍ଶନ କରିବା ସୁବିଧା ରହିଛି, ସେତେବେଳେ ମନ୍ଦିର ପାଚେରୀ ବାହାରେ ଏଭଳି ଏକ ବ୍ୟବସ୍ଥା କାହିଁକି କରାଯାଉଛି ବୋଲି ଅନେକେ ପ୍ରଶ୍ନ କରିଛନ୍ତି ।

ମେଘନାଦ ପାଚେରୀ ପାର୍ଶ୍ୱରେ ହିଁ ଭକ୍ତମାନଙ୍କ ପାଇଁ ଶୌଚାଳୟ ନିର୍ମାଣକୁ ମଧ୍ୟ କିଛି ନିନ୍ଦା କରିବା ବେଳେ ମନ୍ଦିରା ଚାରି ପାଖର ଏହି ପ୍ରକଳ୍ପ ଭବିଷ୍ୟରେ ଅନେକ ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହିତ କରିବ ବୋଲି ମଧ୍ୟ ମତ ଦେଇଛନ୍ତି । ସେ ଯା ହେଉ, ଯେଉଁ ଭକ୍ତମାନେ କିଛି ଦଶନ୍ଧି ତଳେ ପୁରୀ ଯାଇଥିବେ ସେମାନେ ଅନୁଭବ କରିଥିବେ ଯେ ମନ୍ଦିର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାରିପାଖରେ କେଉଁଭଳି ପୁତିଗନ୍ଧମୟ ପରିବେଶ ଥିଲା । ଏବେ ସେ ସବୁ ସଫା ହୋଇ ମନ୍ଦିରକୁ ଚାରି ପାଖରୁ ସ୍ୱଷ୍ଟ ଦେଖିବା ଭଳି ବ୍ୟବସ୍ଥା ହୋଇଛି । ଯେଉଁ ଭକ୍ତମାନେ ମନ୍ଦିର ଭିତରେ ପ୍ରବେଶ କରି ପାରନ୍ତି ନାହିଁ, ଏବେ ସେମାନେ ମନ୍ଦିର ବାହାରେ ଥାଇ ସୁଦ୍ଧା ମହାପ୍ରଭୁଙ୍କ ପରିକ୍ରମା ସ୍ୱଚ୍ଛନ୍ଦରେ କରି ପାରିବେ । ଆଶା କରିବା ଦୀର୍ଘଦିନରୁ ଶ୍ରୀମନ୍ଦିରକୁ ନେଇ ଉଠୁଥିବା ଅନେକ ସମାଲୋଚନାର ଅନ୍ତ ହେଉ । ମନ୍ଦିରର ଚାରିପାଖରେ ଦ୍ୱାର ଥିବା ସତ୍ତ୍ୱେ କେବଳ ଗୋଟିଏ ଦ୍ୱାର ଖୋଲାଯିବା ଫଳରେ ପ୍ରାୟତଃ ଅନେକ ସମୟରେ ଲୋକଙ୍କ ଦଳାଚକଟା ହେବାର ଖବର ଗଣମାଧ୍ୟମରେ ପ୍ରସାରିତ ହେଉଛି । ଯଦି ସବୁଗୁଡ଼ିକ ଦ୍ୱାର ଖୋଲି ଦିଆଯାଏ, ହୁଏତ ଏହି ସମସ୍ୟା କମ ହୋଇ ପାରେ । ଅବଶ୍ୟ ଏହାକୁ ନେଇ କୌଣସି ମନ୍ତବ୍ୟ ଦେବା ଆମେ ଉଚିତ ମନେ କରୁନାହୁଁ । କାରଣ ବିଗତ ବର୍ଷମାନଙ୍କରେ ଲୋକମାନଙ୍କର ମନ୍ଦିର ଦର୍ଶନ ଯିବା ବୃଦ୍ଧି ପାଇଛି । ତେଣୁ ଯଦି ଏକାଥରେ ଏକାଧିକ ଦ୍ୱାର ଖୋଲି ଦିଆଯାଏ, ତାହେଲେ ମନ୍ଦିର ଭିତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ । ଯେଉଁମାନେ ମତ ଦିଅନ୍ତି ଯେ ଆଗରୁ ବି ଭକ୍ତମାନେ ଆସୁଥିଲେ ଏବଂ ଅସୁବିଧା ହେଉନଥିଲା, ସେମାନେ ବୁଝିବା ଦରକାର ଯେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଛି ଏବଂ ଶ୍ରୀମନ୍ଦିର ଦର୍ଶନାର୍ଥୀଙ୍କ ସଂଖ୍ୟା ମଧ୍ୟ ବହୁତ ବୃଦ୍ଧି ପାଇଛି । ବିଶେଷ କରି କରୋନା ମହାମାରୀ ପରବର୍ତ୍ତୀ ସମୟରେ ଲୋକମାନଙ୍କ ମଧ୍ୟରେ ଧାର୍ମିକ ଆସ୍ଥା ବହୁତ ଗୁଣ ବୃଦ୍ଧି ପାଇଛି । ଯାହା ବି ହେଉ, ଭାରତର ଚାରି ପ୍ରମୁଖ ତୀର୍ଥସ୍ଥଳରୁ ପୁରୀ ଗୋଟିଏ ଏବଂ ଏହାର ମହାତ୍ମ୍ୟ ଯେମିତି କମ ନ ହେଉ ।

ଲୋହିତ ସାଗରରେ ହୁତି ବିଦ୍ରୋହୀମାନଙ୍କ ଦ୍ୱାରା ଜାରି ରହିଥିବା ଉପଦ୍ରବ ଜନିତ ସଙ୍କଟ ଘନେଇବାରେ ଲାଗିଛି । ଯଦି ଏହି ସଙ୍କଟ ଦୀର୍ଘ ଦିନ ଜାରି ରୁହେ ତେବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଉପରେ ଏହାର ପ୍ରଭାବ ପଡ଼ିବ । ଏଥିଯୋଗୁ ଅଶୋଧିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୈଳ ମୂଲ୍ୟ ଦ୍ୱିଗୁଣିତ ହେବ । ଏପରିକି ବ୍ୟାରେଲ ପିଛା ୧୫୫ରୁ ୧୬୦ ଡଲାରରେ ପହଞ୍ଚିପାରେ । ଯଦି ଏହା ହୁଏ ତେବେ ଭାରତରେ ପେଟ୍ରୋଲ ମୂଲ୍ୟ ୧୩୫ ଟଙ୍କା ଛୁଇଁବ ବୋଲି ଗୋଲ୍ଡମ୍ୟାନ୍ ସ୍ୟାଚ୍ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି ।

ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଦୀର୍ଘ ଦିନ ଧରି ସ୍ଥିର ରହିଛି । ଆଗକୁ ନିର୍ବାଚନ ଥିବାରୁ ଆଗାମୀ ଦିନରେ ଏହି ଧାରା ଜାରି ରହିପାରେ । ହେଲେ ଲୋହିତ ସାଗରରେ ଦେଖାଦେଇଥିବା ସଙ୍କଟ ଯୋଗୁ ନିବାଚନ ପରେ ଏଥିରେ କେତେକାଂଶରେ ପରିବର୍ତ୍ତନ ହେବା ସମ୍ଭାବନା ରହିଛି । ଗୋଲ୍ଡମ୍ୟାନ୍ ସ୍ୟାଚ୍‌ର ତୈଳ ଅନୁସନ୍ଧାନ ବିଭାଗର ମୁଖ୍ୟ ଡନ୍ ଷ୍ଟ୍ରୁଭେନ କହିଛନ୍ତି ଯେ, ଯଦି ଲୋହିତ ସାଗର ସଙ୍କଟ ଦୀର୍ଘ ସମୟ ଧରି ଚାଲିବ ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ଦ୍ୱିଗୁଣ ହେବ ।

ଏହାର ଅର୍ଥ ହେଉଛି ବର୍ତ୍ତମାନର ସ୍ତରରୁ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୫୫ ରୁ ୧୬୦ ଡଲାରରେ ପହଞ୍ଚିପାରେ । ଯଦି ଅଶୋଧିତ ତୈଳର ମୂଲ୍ୟ ଏହି ସ୍ତରରେ ପହଞ୍ଚେ ତେବେ ଦେଶରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ଅତି କମ୍‌ରେ ୧୩୫ ଟଙ୍କା ହୋଇପାରେ । ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୭୭ ଡଲାରରୁ ଅଧିକ ରହିଛି । ଲୋହିତ ସାଗର ସଙ୍କଟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ । ଆମେରିକା, ବ୍ରିଟେନ ଏବଂ ଅନେକ ୟୁରୋପୀୟ ଦେଶ ଏବେ ହୁତିମାନଙ୍କୁ ଜବାବ୍ ଦେଉଛନ୍ତି । ଇରାନ୍ ହୁତି ଆତଙ୍କବାଦୀଙ୍କ ସମର୍ଥନରେ ଛିଡା ହୋଇଛି । ଏହି ପରିସ୍ଥିତି ଭାରତ ପାଇଁ ମଧ୍ୟ ଏହା ଏକ ବଡ ମୁଣ୍ଡବ୍ୟଥାର କାରଣ ହୋଇଛି । ତୈଳ ପରିବହନରେ ସମସ୍ୟା ଦେଖାଦେଲେ ଅଶୋଧିତ ତେଲର ମୂଲ୍ୟ ଦ୍ୱିଗୁଣିତ ହେବ । ଏପରି ହେଲେ ତୈଳ କମ୍ପାନୀଗୁଡିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିବାକୁ ପଡିପାରେ । ଏଥି ଯୋଗୁ ଦେଶରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ଆନୁମାନିକ ୧୩୫ ଟଙ୍କା ଏବଂ ଡିଜେଲ ୧୨୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟଙ୍କା ପର୍ଯ୍ୟନ୍ତ ଯାଇପାରେ । (ସୌଜନ୍ୟ : thesakala.com)

ଚଳିତ ବର୍ଷ ପ୍ରାରମ୍ଭରେ ହିଁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡ଼ିକାଲର ତୃତୀୟ ମହଲାରେ ଏକ ବିସ୍ଫୋରଣ ଘଟିଲା । ଏହା ପରବର୍ତ୍ତି ଘଟଣା ଚକ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଦେଇଥିଲା । ଏଥିରେ ଠିକାସଂସ୍ଥାର କର୍ମଚାରୀ ଦିଲୀପ ସାମନ୍ତରାୟ, ଶ୍ରୀତମ ସାହୁ, ଜ୍ୟୋତି ରଞ୍ଜନ ମଲ୍ଲିକ ଓ ସୀମାଞ୍ଚଳ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ । ୩୧ତାରିଖ ଦିନ ଜଣଙ୍କର ମୃତ୍ୟୁ ଘଟିଥିଲା । ହସ୍ପିଟାଲ କର୍ତ୍ତୃପକ୍ଷ ମୃତକଙ୍କୁ ଦିଲୀପ ସାମନ୍ତରାୟ ବୋଲି ଘୋଷଣା କରିଥିଲେ । ପରିବାରଲୋକ ଶବ ନେଇ ଗାଁ ମଶାଣିରେ ଶେଷକୃତ୍ୟ କରାଇଥିଲେ । ତେବେ ସବୁଠୁ ଦୁଃଖର କଥା ହେଲା, ଦିଲୀପଙ୍କ ଅକାଳ ମୃତ୍ୟୁ ତାଙ୍କ ୭ ମାସର ଗର୍ଭବତୀ ସ୍ତ୍ରୀଙ୍କ ପକ୍ଷେ ଗ୍ରହଣ କରିବା ସହଜ ହେଲାନି । ସେ ଆତ୍ମହତ୍ୟା କରିଦେଲେ । ପରେ ୩ ତାରିଖ ଦିନ ଆଉ ଜଣେ ଆହତ ଶ୍ରୀତମଙ୍କ ଜୀବନ ଯାଇଥିଲା । ତେବେ ଗତ ୫ତାରିଖ ଦିନ ତୃତୀୟ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେଇଥିଲା । ତାଙ୍କୁ ଭେଣ୍ଟିଲେଟର୍‌ରୁ ବାହାରକୁ ଅଣାଯିବା ପରେ ସେ ନିଜକୁ ଦିଲୀପ ସାମନ୍ତରାୟ ବୋଲି ପରିଚୟ ଦେବାରୁ ପୂରା ଘଟଣା ବିବାଦୀୟ ହୋଇପଡ଼ିଥିଲା । ପରିବାର ଓ ସମ୍ପର୍କୀୟମାନେ ପହଞ୍ଚି ମେଡ଼ିକାଲ ପରିସରରେ ପାଟିତୁଣ୍ଡ କରିଥିଲେ । ଅନୁରୂପ ଭାବେ ଆହତ ଜ୍ୟୋତିରଞ୍ଜନଙ୍କ ପରିବାର ମଧ୍ୟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇଥିଲେ । ୬ ତାରିଖ ବିଳମ୍ବିତ ରାତିରେ ନିଜକୁ ପରିଚୟ ଦେଇଥିବା ଦିଲୀପଙ୍କର ମୃତ୍ୟୁ ଘଟିବା ଉଭୟ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଥିଲା । ଏଥିଲାଗି ପୁଲିସ ଓ ମେଡିକାଲକୁ ଦିଲୀପଙ୍କ ପରିବାର ଦାୟୀ କରିଥିଲେ । ଏନେଇ ମଧ୍ୟ ଅତିରିକ୍ତ ଡିସିପିଙ୍କୁ ଭେଟି ଦିଲ୍ଲୀପଙ୍କ ମା' ମଞ୍ଚେଶ୍ୱର ଥାନା ଅଧିକାରୀ ଏବଂ ହାଇଟେକ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ ।

ହାଇଟେକ୍ ବିସ୍ଫୋରଣ ଘଟଣାରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରାଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହରାଇଥିବା ତୃତୀୟ ବ୍ୟକ୍ତିଙ୍କ ପରିଚୟ ସଂକଟ ପୁଲିସ ସମେତ ଦୁଇ ଦୁଇଟି ପରିବାର ପାଇଁ ମୁଣ୍ଡବିନ୍ଧାର କାରଣ ହେଲାଣି । ସେ ଜଟଣୀର ଦିଲ୍ଲୀପ ସାମନ୍ତରାୟ ନା ଜ୍ୟୋତିରଂଜନ ମଲ୍ଲିକ; ତାହା ଏଯାବତ୍ ଜଣା ପଡ଼ି ନଥିବାରୁ ଶବ ଏକପ୍ରକାର ବନ୍ଧା ପଡ଼ିଛି । ମୃତ ବ୍ୟକ୍ତିଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ଶବର ମୁହଁ ଚିହ୍ନି ହେଉନଥିବା ବେଳେ ହାଇଟେକ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱନ୍ଦ୍ୱାତ୍ମକ ବୟାନ ଏହି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ପୁଲିସ ଶବର ପରିଚୟ ଜାଣିବା ପାଇଁ ଡିଏନ୍ଏ ପରୀକ୍ଷା କରାଇଛି । ଦିଲ୍ଲୀପଙ୍କ ମା' ଏବଂ ଜ୍ୟୋତିଙ୍କ ବାପା-ମା'ଙ୍କ ଡିଏନ୍ଏ ନମୁନା ସଂଗ୍ରହ କରାଯାଇଛି । ଶବର ଡିଏନ୍ଏ ସହ ଯାହାର ଡିଏନ୍ଏ ମେଳ ଖାଇବ, ତାଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି । ଅପରପକ୍ଷେ ଏ ହାଇଡ୍ରାମା ଯୋଗୁଁ ଦିଲ୍ଲୀପଙ୍କ ପରିବାରଲୋକ ଦୁଇ ଦିନ ହେଲାଣି ଧନ୍ଦି ହେଉଛନ୍ତି । ମୃତଦେହ ନେବାକୁ ଏମ୍ସ ହସ୍ପିଟାଲ ଆଗରେ ସେମାନେ ବସି ରହିଛନ୍ତି । ଏ ସଂପର୍କରେ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି ଯେ ଯେତେଶୀଘ୍ର ଡିଏନ୍ଏ ପରୀକ୍ଷା ହୋଇପାରିବ, ସେ ଦିଗରେ ପୁଲିସ ଉଦ୍ୟମ ଜାରି ରଖିଛି । ଅପରପକ୍ଷେ ଏହି ଘଟଣାରେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ କାମ କରାଉଥିବା ଠିକାସଂସ୍ଥାକୁ ପଚରାଉଚରା କରାଯାଉଛି ବୋଲି ପୁଲିସ କହିଛି ।

ପୁଅ ମୃତ୍ୟୁ ପରଠାରୁ ପାଣି ଟୋପାଏ ପିଇନାହାନ୍ତି ଦିଲୀପଙ୍କ ମାଆ । ମୃତଦେହ ନେବାକୁ ସେ ଏମ୍ସ ଶବ ବ୍ୟବଚ୍ଛେଦ ଗୃହ ଆଗରେ ଜଗି ବସିଛନ୍ତି। କେତେବେଳେ ବାହୁନି କାନ୍ଦୁଛନ୍ତି ତ କେତେବେଳେ ଚେତା ହରାଇ ଗଡ଼ି ପଡୁଛନ୍ତି । ମୋ ପୁଅକୁ ମୋତେ ଫେରାଇଦିଅ ବୋଲି ବିଳାପ କରୁଛନ୍ତି । ସେହିପରି ମୃତଦେହ ଅପେକ୍ଷାରେ ଦିଲୀପଙ୍କ ଜ୍ଞାତିକୁଟୁମ୍ବ କାଲିଠୁ ଉପାସରେ ଅଛନ୍ତି । ଅନ୍ୟପଟେ କଟକ କଣ୍ଟାପଡ଼ା ବ୍ଲକ କୁଳବ୍ରାହ୍ମଣ ସାଇଲୋ ଗାଁରେ ଦଶାହ କର୍ମ ପାଇଁ ପ୍ରସ୍ତୁତ ହେଉଛନ୍ତି ଜ୍ୟୋତିରଞ୍ଜନଙ୍କ ପରିବାର । ଶୋକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଳୁଛନ୍ତି, ବେଳିକିଆ ଖାଉଛନ୍ତି । ଜ୍ୟୋତିଙ୍କ ଶବ ଏବେ ଦିଲୀପଙ୍କ ଗାଁ ଶ୍ମଶାନରେ ପାଉଁଶ ହୋଇସାରିଥିବାରୁ ସେମାନେ ଦଶାହ ଦିନ ପଳାଶ କାଠକୁ କୋକେଇରେ ନେଇ ଶ୍ମଶାନରେ ପୋଡ଼ିବେ ବୋଲି ସ୍ଥିର କରିଛନ୍ତି । ସେପଟେ ହାଇଟେକ୍ ସିଇଓ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି । ବିସ୍ଫୋରଣ କିଭଳି ହେଲା, ଦାୟୀ କିଏ ଏବଂ ମୃତକଙ୍କ ଚିକିତ୍ସା ଠିକ୍ ଭାବେ ହୋଇଛି କି ନାହିଁ, ଏସବୁର ତଦନ୍ତ ହେବ ।

ନୂଆବର୍ଷରେ ଇତିହାସ ରଚିଲା ଇସ୍ରୋ । ଆଦିତ୍ୟ ଏଲ-୧ ସାଟେଲାଇଟ ନିର୍ଦ୍ଧାରିତ L1 ପଏଣ୍ଟର ହେଲୋ ଅର୍ବିଟରେ ପହଞ୍ଚି ସାରିଛି । ଏବେ ଆଦିତ୍ୟ ପୃଥିବୀଠାରୁ ୧୫ ଲକ୍ଷ କିମି ଦୂରରେ ରହିଛି । ୨ ସେପ୍ଟେମ୍ବର ୨୦୨୩ରେ ଆରମ୍ଭ ହୋଇଥିବା ଆଦିତ୍ୟର ଯାତ୍ରା ଶେଷ ହୋଇଛି । ୪ ଶହ କୋଟି ଟଙ୍କା ଖର୍ଚ୍ଚରେ ଭାରତର ଏହି ମିଶନ ସାରା ଦୁନିଆର ସାଟେଲାଇଟକୁ ସୂର୍ଯ୍ୟଝଡ଼ରୁ ସୁରକ୍ଷା ଦେବ । L1 ପଏଣ୍ଟରେ ପହଞ୍ଚିବା ପରେ ଏହାର ଚାରିପାଖରେ ଥିବା ସୋଲାର ହେଲୋ ଅର୍ବିଟରେ ଆଦିତ୍ୟ ସ୍ଥାପିତ ହୋଇସାରିଛି । ହେଲୋ ଅର୍ବିଟରେ ପ୍ରବେଶ ପାଇଁ ଆତିଦ୍ୟ ଏଲ-୧ ସାଟେଲାଇଟର ଥ୍ରଷ୍ଟର୍ସକୁ କିଛି ସମୟ ପାଇଁ ଚାଲୁ କରାଯାଇଥିଲା ।

ସୂର୍ଯ୍ୟର ନିରୀକ୍ଷଣ କରୁଥିବା ନାଶାର ୪ଟି ସାଟେଲାଇଟ ସମୂହରେ ଆତିଦ୍ୟ ସାମିଲ ହୋଇଛି । ତେବେ ଆତିଦ୍ୟକୁ L1 ପଏଣ୍ଟରେ ପ୍ରବେଶ କରାଇବା ଏତେ ସହଜ ନଥିଲା । ଏଥିପାଇଁ ସାଟେଲାଇଟର ଗତି ଓ ଦିଗରେ ତାଳମେଳ ରହିବା ନିହାତି ଆବଶ୍ୟ ଥିଲା । ଏଥିପାଇଁ ଇସ୍ରୋକୁ ଏହା ଜାଣିବାର ଥିଲା ଆଦିତ୍ୟ କେଉଁଠି ଥିଲା, କେଉଁଠି ଅଛି ଓ କେଉଁଆଡେ ଯାଉଛି । ଏମିତି ଟ୍ରାକ କରିବା ପ୍ରକ୍ରିୟାକୁ ଅର୍ବିଟ ଡିଟରମିନେସନ୍ କୁହାଯାଇଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇସ୍ରୋ ଅଧିକାରୀମାନେ କହିଛନ୍ତି ଯେ ଆଦିତ୍ୟ ଏଲ-୧କୁ କ୍ରମାଗତ ଭାବେ ଏଲ୍ ୧ ପଏଣ୍ଟ ଚାରିପଟେ ହାଲୋ କକ୍ଷପଥରେ ଦେଖିବାକୁ ମିଳୁଛି । ଏହା ଦ୍ୱାରା ସୌର ଗତିବିଧି ଏବଂ ମହାକାଶ ପାଣିପାଗ ଉପରେ ଏହାର ପ୍ରଭାବକୁ ରିୟଲ ଟାଇମରେ ଅନୁଧ୍ୟାନ କରିବାରେ ସହାୟତା ମିଳିବ ବୋଲି ସେମାନେ କହିଛନ୍ତି ।

ଚଳିତ ବର୍ଷର ସବୁଠାରୁ ଅଧିକ ଚର୍ଚ୍ଚିତ ଖବର ହେଉଛି, ଭାରତ ଓ ମାଳଦ୍ୱୀପ ବିବାଦ । ସୂଚନା ଯୋଗ୍ୟ ଯେ ବର୍ଷର ପ୍ରଥମ ସପ୍ତାହରେ ଏକ ଗସ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତ କେନ୍ଦ୍ର ସରକାର ଅଧୀନରେ ଥିବା ଲକ୍ଷାଦ୍ୱୀପ ପରିଦର୍ଶନରେ ଯାଇ ନିଜର ଫଟୋ ସେଠାରୁ ଟ୍ୱିଟ୍ କରିଥିଲେ । ଏହା ସହ ସେ ଉଲ୍ଲେଖ କରିଥିଲେ ଯେ ଆମ ଦେଶରେ ଏତେ ସୁନ୍ଦର ବେଳାଭୂମି ଥିବା ସତ୍ତ୍ୱେ ଆମେ କାହିଁକି ବିଦେଶ ଯିବାକୁ ଇଚ୍ଛା କରୁଛୁ । ଏହା ପରେ ପରେ ଗୁଗୁଲରେ ଲକ୍ଷାଦ୍ୱୀପ ବିଷୟରେ ଲୋକମାନେ ଖୋଜିବା ଆରମ୍ଭ କରିବା ସହ ପ୍ରଧାନମନ୍ତ୍ରୀଙ୍କ ସନ୍ଦେଶକୁ ବାରମ୍ବାର ପ୍ରସାର କରିବାକୁ ଲାଗିଲେ । ଏହା ଫଳରେ ପରୋକ୍ଷ ଭାବରେ ଏହା ମାଳଦ୍ୱୀପର ପର୍ଯ୍ୟଟନ ଶିଳ୍ପକୁ ପରାହତ କରିବା ଉଦ୍ଦେଶ୍ୟ ରହିଛି ବୋଲି ଲୋକ ଟ୍ୱିଟ୍ କରିବାକୁ ଲାଗିଲେ । ମାଳଦ୍ୱୀପ ଲକ୍ଷାଦ୍ୱୀପଠାରୁ ମାତ୍ର ଦେଢ ଶହ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ପ୍ରତିବର୍ଷ ପାଖାପାଖି ଦେଢ଼ ଲକ୍ଷ ଭାରତୀୟ ଭ୍ରମଣ କରିବା ପାଇଁ ସେହି ଦେଶକୁ ଯାଉଥିଲେ । ଯାହା ସେଇ ଦେଶର ଅର୍ଥନୀତିକୁ ସମୃଦ୍ଧ କରୁଥିଲା । ହେଲେ ବିଗତ ବର୍ଷମାନଙ୍କରେ ସେଠାରେ ଶାସନରେ ପରିବର୍ତ୍ତନ ହେବାପରେ ସେଠାକାର ନେତାମାନେ ଚୀନର ଇଙ୍ଗିତରେ ଭାରତ ବିରୋଧୀ ମନ୍ତବ୍ୟ ଦେବା ସହ ଭାରତକୁ ମାଳଦ୍ୱୀପରୁ ବାହାରି ଯିବାପାଇଁ ଆନ୍ଦୋଳନ ଆୟୋଜନ କରି ଆସୁଛନ୍ତି । ଯଦିଓ ମାଳଦ୍ୱୀପରେ ସମୁଦାୟ ସତୁରୀ ଜଣ ଭାରତୀୟ ସୈନ୍ୟବାହିନୀ କର୍ମଚାରୀ ଅଛନ୍ତି, ଯେଉଁମାନେ ସମୁଦ୍ରରେ ଆସୁଥିବା ଝଡ଼, ମୌସୁମୀ ବର୍ଷା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭୂକମ୍ପ ଇତ୍ୟାଦି ବିଷୟରେ ଗବେଷଣା କରୁଛନ୍ତି । କିନ୍ତୁ ମାଳଦ୍ୱୀପର ସଦ୍ୟ ନିର୍ବାଚିତ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ମନ୍ତବ୍ୟ ଦେଇଥିଲେ ଯେ ଭାରତ ନିଜର ସୈନ୍ୟ ପ୍ରତ୍ୟାହାର କରୁ ।

ମନେ ଥାଉ ଯେ, କରୋନା ସମୟରେ ଯେତେବେଳେ ଭାରତରେ କୋଭିଡ଼ ଟୀକା ତିଆରି ହୋଇଥିଲା, ସେତେବେଳେ ମାଳଦ୍ୱୀପ ପ୍ରଥମ ଦେଶ ଥିଲା ଯାହାକୁ ଏହି ଟୀକା ମାଗଣାରେ ଦିଆଯାଇଥିଲା । ଏହା ବ୍ୟତୀତ ମାଳଦ୍ୱୀପକୁ ସ୍ୱଚ୍ଛ ଜଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଭାରତ ଦେଇ ଆସୁଛି । ତଥାପି ସେହି ଦେଶର ସରକାର ଭାରତ ବିରୋଧୀ କାର୍ଯ୍ୟକ୍ରମ ଆୟୋଜନ୍ କରୁଥିବାରୁ ଭାରତ ସରକାର ଏହା ବିରୋଧରେ କିଛି ପଦକ୍ଷେପ ନେବାକୁ ଚିନ୍ତା କରୁଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଲକ୍ଷାଦ୍ୱୀପରେ ପହଞ୍ଚି ନିଜ ଫଟୋ ସୋସିଆଲ୍ ମିଡ଼ିଆରେ ସେୟାର୍ କରିବା ପରେ ଲୋକମାନେ ମାଳଦ୍ୱୀପରୁ ମୁହଁ ବୁଲେଇ ଲକ୍ଷାଦ୍ୱୀପ ଯିବାକୁ ମନ କରିଥିଲେ ।

ଏହି ପରିବର୍ତ୍ତନରେ ବ୍ୟତିବ୍ୟସ୍ତ ମାଳଦ୍ୱୀପର କିଛି ମନ୍ତ୍ରୀ ଭାରତୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ସହ ଟ୍ୱିଟ୍ କରିଥିଲେ । ଏହା ପରେ ପରେ ଭାରତର ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ମାଳଦ୍ୱୀପକୁ ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ମୁଖ୍ୟତଃ ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ କିଛି ଅଭିନେତା ଓ ଅଭିନେତା ମାଳଦ୍ୱୀପକୁ ବର୍ଜନ କରି ଲକ୍ଷାଦ୍ୱୀପ ଯିବାକୁ ମନ୍ତବ୍ୟ ଦେବା ଆରମ୍ଭ କରିଥିଲେ । ସଲମାନ ଖାନ, ଟାଇଗର୍ ଶ୍ରଫ୍, ସୁନୀଲ ସେଟ୍ଟି, ପୁନମ୍ ପାଣ୍ଡେ, ସଚିନ୍ ତେନ୍ଦୁଲକର୍, ଶେବାଗ୍ ଇତ୍ୟାଦି ଟ୍ୱିଟ୍ କରିବା ପରେ ପରେ ଖୁବ୍ ଅଳ୍ପ ସମୟରେ ପାଖାପାଖି ଦଶ ହଜାର ହୋଟେଲ୍ ବୁକିଂ ବାତିଲ ହୋଇଗଲା ଏବଂ ଅଢେଇ ହଜାର ବିମାନ ଯାତ୍ରା ମଧ୍ୟ ବାତିଲ୍ କରି ଦିଆଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ପଦକ୍ଷେପ ଦେଖିବା ପରେ ମାଳଦ୍ୱୀପ ସରକାରଙ୍କ ଚେତା ଆସିଲା, ସେତେବେଳକୁ ଅବଶ୍ୟ ବହୁତ କ୍ଷତି ହୋଇ ସାରିଥିଲା । ପାଖାପାଖି ଶହେ କୋଟି ଟଙ୍କାର ବିଦେଶୀ ଅର୍ଥ ମିଳିବାର ଆଶା କ୍ଷୀଣ ହୋଇଯିବା ଦେଖି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ମାଳଦ୍ୱୀପର ଯୁବ ସଶକ୍ତିକରଣ, ସୂଚନା ଓ କଳା ମନ୍ତ୍ରଣାଳୟ ମନ୍ତ୍ରୀ ମରିୟମ ଶିଆନା, ପରିବହନ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମନ୍ତ୍ରୀ ହାସନ ଜିହାନ ଏବଂ ଯୁବ ସଶକ୍ତିକରଣ, ସୂଚନା ଏବଂ କଳା ମନ୍ତ୍ରଣାଳୟ ମନ୍ତ୍ରୀ ମାଲଶାଙ୍କୁ ସରକାର ବରଖାସ୍ତ କରିଦେଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲାକ୍ଷାଦ୍ୱୀପ ଗସ୍ତ ସମୟରେ ଶେୟାର ହୋଇଥିବା କିଛି ଫଟୋ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଲକ୍ଷଦ୍ୱୀପରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ବିରୋଧରେ ଅପମାନଜନକ ଏବଂ ଜାତିବାଦୀ ମନ୍ତବ୍ୟ ଦେଇଥିଲେ ଏହି ୩ ମନ୍ତ୍ରୀ । ଭାରତୀୟ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମାଲୋଚନା ପରେ ଏହି ତିନି ମନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଛି ।

ଏବେ ଶୁଣାଯାଉଛି ଯେ ଟାଟା କମ୍ପାନୀ ତରଫରୁ ଲକ୍ଷାଦ୍ୱୀପରେ ଦୁଇଟି ବିଶ୍ୱସ୍ତରୀୟ ହୋଟେଲ୍ ନିର୍ମାଣ ହେବ । ଏବଂ ଭାରତ ସରକାରଙ୍କ ତରଫରୁ ସେଠାରେ ଏକ ବଡ଼ ବିମାନ ବନ୍ଦର ନିର୍ମାଣ ହେବା ସହ ଲୋକଙ୍କ ଯିବା ଆସିବା ସୁବିଧା କରିବା ସହ ଇସ୍ରାଏଲ୍ ସହାୟତାରେ ସମୁଦ୍ର ଜଳରୁ ସ୍ୱଚ୍ଛ ପାନୀୟ ଜଳ ପ୍ରସ୍ତୁତି କରିବା ପାଇଁ ପ୍ରକଳ୍ପ ଆରମ୍ଭ କରାଯିବ । ଏହି ପ୍ରକରଣ ପରେ ପରେ ଭାରତର ପ୍ରମୁଖ ଭ୍ରମଣ ଏବଂ ଯାତ୍ରା କମ୍ପାନୀ ଇଜି ମାଇ ଟ୍ରିପ୍ ଏହାର ସମସ୍ତ ମାଳଦ୍ୱୀପ କାର୍ଯ୍ୟକ୍ରମକୁ ନିଜ ସାଇଟରୁ ହଟେଇ ଦେଇଥିଲେ । ସ୍ପାଇସଜେଟ୍ ତରଫରୁ କୁହାଯାଇଛି ଯେ ଖୁବ୍ ଶୀଘ୍ର ଭାରତ ଓ ଲକ୍ଷାଦ୍ୱୀପ ମଧ୍ୟରେ ବିମାନ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ । ଏହା ଫଳରେ ଆମ ନିଜ ଦେଶରେ ହିଁ ପର୍ଯ୍ୟଟନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ନୂଆ ଠିକଣା ଯୋଡ଼ି ହେବ ।

ବର୍ଷର ପ୍ରଥମ ମାସର ମାତ୍ର ଦୁଇଟି ସପ୍ତାହ ହୋଇଛି ଆହୁରି ପଚାଶ ସପ୍ତାହ ଆସିବ । ଆଶା କରିବା ବର୍ଷଟି ଭଲରେ ବିତୁ । ଆହ୍ୱାନର ଚଳିତ ସଂସ୍କରଣ ସମସ୍ତଙ୍କୁ ଭଲ ଲାଗିବ ବୋଲି ଆଶା କରୁଛି । ଆପଣ ମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ହିଁ ଆମ ଭାଷା ଓ ସାହିତ୍ୟ ପ୍ରତି ଆମର ଦାୟିତ୍ୱବୋଧକୁ ଅଧିକ ବୃଦ୍ଧି କରେ । ଆହ୍ୱାନକୁ ଭଲ ପାଇବା ଏମିତି ଜାରୀ ରହୁ ।

ସମସ୍ତଙ୍କୁ ପୁଣିଥରେ ଇଂରାଜୀ ନବବର୍ଷ ୨୦୨୪ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com




Countdown has begun and Kshitij 2024 is all set to happen from 19th to 21st January, 2024. Get ready for a plethora of events where participants nationwide gather to showcase their talent in technical as well as managerial fields.

Experience guest lecture by Sandeep Jain, CEO and Founder of **Geeks for Geeks**. Engage in interactive sessions with the cast of TVF's Aspirants - '**Sandeep Bhaiya'** and '**SK'**. Dive into hands-on workshops with tech giants including Google Developers and Apple. Explore cutting-edge tech at exhibitions featuring humanoid robots and drones. Welcome the Indian Navy for showcasing their maritime prowess. Compete in over 20 competitions with a prize pool of INR 35 lakhs, including our flagship events Laws of Motion, Robowars, Sandrover and B-Plan.

Be a part of esport clashes in our Gamefest and win prizes worth **INR 80,000**.Get ready for a thrilling stunt show by our Title Sponsor Bajaj Auto & Chetak Limited. Experience the spectacle of mega shows featuring international artists on the 3 roller-coaster days.

Book your acommodation by clicking on the link: ***https://ktj.in/Accommodation*** or Scan the QR code to book your accommodation and enjoy hassle-free stay at our campus.

Thanks & regards

**Satyarth Keshri**
Second-Year Undergraduate Student
Department of Civil Engineering
Core Organizing Team Member
Kshitij 2024
Technology Students' Gymkhana
Indian Institute of Technology, Kharagpur
+91-9304702127

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆମ ପୋଡ଼କାଷ୍ଟ ପ୍ରସାରଣରୁ ଗୋଟିଏ କାହାଣୀ...

## *ମୃତ୍ୟୁପରେ ବି ଡ୍ୟୁଟି କରୁଛି ସୈନିକର ଆତ୍ମା*

ଅଧିକାଂଶ ଲୋକ ଆତ୍ମାର ଅସ୍ତିତ୍ୱ ଉପରେ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ଏହା ଏକ ଏମିତି ଭାରତୀୟ ମୃତ ସୈନିକର କାହାଣୀ, ଯାହାର ଆତ୍ମା ଆଜି ମଧ୍ୟ ଦେଶର ସୀମାକୁ ସୁରକ୍ଷା ଦେଇ ଆସୁଛି । ଏହି ସୈନିକର ଆତ୍ମାର ଅସ୍ତିତ୍ୱକୁ ଭାରତୀୟ ସେନାବାହିନୀ ମଧ୍ୟ ସ୍ୱୀକାର କରି ଆସୁଛନ୍ତି । ବର୍ଷ ଥିଲା ୧୯୬୮, ଭାରତ ଓ ଚୀନ ସୀମାରେ କର୍ତ୍ତବ୍ୟରତ ଥିବା ଏହି ସୈନିକ ଯୁଦ୍ଧରେ ପ୍ରାଣ ହରାଇଥିଲା । ହେଲେ ସୈନିକର ହୃଦୟରେ ଭାରତମାତାଙ୍କ ପ୍ରତି ଶ୍ରଦ୍ଧା ଏତେ ମାତ୍ରାରେ ଥିଲା ଯେ ସେ ମରିବା ପରେ ମଧ୍ୟ ଦେଶର ସେବା କରିବା ଛାଡ଼ିନଥିଲା । ଶୁଣାଯାଏ ଯେ ଆଜିମଧ୍ୟ ଏହି ସୈନିକର ଆତ୍ମା ଭାରତ-ଚୀନ ସୀମାରେ ନିଜର ଦାୟିତ୍ୱ ସୂଚାରୁରୂପେ କରି ଆସୁଛି । ଭାରତୀୟ ସେନାବାହିନୀ ଏହି ସୈନିକର ଆତ୍ମାକୁ ସବୁ ସମ୍ମାନ ଓ ସୁବିଧା ପ୍ରଦାନ କରି ଆସୁଛନ୍ତି ଯାହା ଜଣେ ସୈନିକର ଅଧିକାର । ଏହି କାହାଣୀ ବୀର ସୈନିକ ହରଭଜନ ସିଂହଙ୍କର, ଯିଏ ବାବା ହରଭଜନ ସିଂହ ନାମରେ ମଧ୍ୟ ଜଣାଯାଆନ୍ତି ।

ହରଭଜନ ସିଂଙ୍କ ଜନ୍ମ ୧୯୪୬ ମସିହା ଅଗଷ୍ଟ ମାସ ୩୦ ତାରିଖରେ ସ୍ୱାଧୀନତା ପୂର୍ବବର୍ତ୍ତୀ ତତ୍କାଳୀନ ପାକିସ୍ତାନସ୍ଥିତ ସରଦାନା ଗ୍ରାମରେ ହୋଇଥିଲା । ବର୍ତ୍ତମାନ ଏହି ଗାଁ ପାକିସ୍ତାନରେ ଅଛି । ୧୯୬୬ ମସିହାରେ ମାତ୍ର ୨୦ ବର୍ଷ ବୟସରେ ହରଭଜନ ସିଂ ଭାରତୀୟ ସେନାର ପଞ୍ଜାବ ରେଜିମେଣ୍ଟର ୨୪ ବଟାଲିୟନରେ ସିପାହୀ ଭାବରେ ଯୋଗ ଦେଇଥିଲେ । ଏହାପରେ ତାଙ୍କର ପୋଷ୍ଟିଂ ସିକିମ୍ ରାଜ୍ୟର ଭାରତ-ଚୀନ ସୀମାବର୍ତ୍ତୀ ନାଥୁଲା ପାସ୍ ଠାରେ ହୋଇଥିଲା । ଏହି ଅଞ୍ଚଳ ସମୁଦ୍ର ତଳଠାରୁ ପ୍ରାୟ ୧୩୨୦୦ ଫୁଟ୍ ଉଚ୍ଚରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥିତ । ବର୍ଷର ଅଧିକାଂଶ ସମୟ ଏହି ଅଞ୍ଚଳ ବରଫର ମୋଟା ଚାଦରରେ ଘୋଡ଼େଇ ହୋଇ ଥାଏ ।

୪ ଅକ୍ଟୋବର ୧୯୬୮ ଦିନ ହରଭଜନ ସିଂ ଘୋଡ଼ା ମାନଙ୍କ ଉପରେ ଆବଶ୍ୟକ ସାମଗ୍ରୀ ଲଦି ତୋଂଗଚୁଇଲା ଅଞ୍ଚଳରୁ ନିଜ ପୋଷ୍ଟ ଆଡ଼କୁ ଆସୁଥିଲେ । ଚାରି ଆଡ଼େ ବରଫ ଏବଂ ଥଣ୍ଡା ପାଣିପାଗ ଥିଲା । ହଠାତ୍ ଏହି ବରଫାବୃତ୍ତ ରାସ୍ତାରେ ସେ ନିଜର ଭାରସାମ୍ୟ ହରାଇ ଘୋଡ଼ା ସହିତ ଘାଟି ତଳେ ବହୁଥିବା ନଦୀରେ ଯାଇ ପଡ଼ିଯାଆନ୍ତି । ବହୁତ ଉଚ୍ଚରୁ ପଡ଼ିବା ପରେ ସେ ନିଜ ପ୍ରାଣ ହରାନ୍ତି । ଏବଂ ନଦୀର ଜଳରେ ତାଙ୍କ ମୃତଶରୀର ବହିଯାଇ ପ୍ରାୟ ଦୁଇ କିଲୋମିଟର ଦୂରରେ ପହଞ୍ଚିଯାଏ ।

ହରଭଜନ ନିଜ ପୋଷ୍ଟରେ ପହଞ୍ଚିବାରେ ବିଳମ୍ବ ହେବାପରେ ତାଙ୍କ ସାଥୀ ଓ ଅଧିକାରୀମାନେ ତାଙ୍କୁ ଖୋଜିବାକୁ ବାହାରନ୍ତି । ହେଲେ ହରଭଜନଙ୍କ ଚିହ୍ନବର୍ଣ୍ଣ କେଉଁଠି ଦେଖିବାକୁ ମିଳେନାହିଁ । ଏହାପରେ ସମସ୍ତେ ବିଶ୍ୱାସ କରନ୍ତି ଯେ ବୋଧହୁଏ ଏହି ଅତି କଷ୍ଟଦାୟକ ଦାୟିତ୍ୱରୁ ମୁକ୍ତି ପାଇବା ପାଇଁ ସେ ନିଜ କର୍ତ୍ତବ୍ୟ ତ୍ୟାଗ କରି ଫେରାର ହୋଇ ଯାଇଛନ୍ତି । ତେଣୁ ତାଙ୍କୁ ଭାରତୀୟ ସେନା ଦ୍ୱାରା ପଳାତକ ବୋଲି ଘୋଷଣା କରି ଦିଆଯାଏ । ହେଲେ ଏଇ ଘଟଣାର କିଛି ଦିନପରେ ହରଭଜନଙ୍କ ଜଣେ ସାଥୀଙ୍କୁ ସ୍ୱପ୍ନରେ ହରଭଜନ ଦେଖାଦିଅନ୍ତି ଆଉ କୁହନ୍ତି ଯେ ସେ ଏବେ ମୃତ ଏବଂ ତାଙ୍କର ଶରୀର ଅମୁକ ସ୍ଥାନରେ ଅଟକି ରହିଛି । ଏହି କଥା ସକାଳୁ ସକାଳୁ ସମସ୍ତେ ଶୁଣିବା ପରେ ଏହାର ସତ୍ୟତା ଜାଣିବା ପାଇଁ ହରଭଜନ ଦେଇଥିବା ସୂଚନା ଅନୁଯାୟୀ ସେହି ସ୍ଥାନକୁ ଗଲାପରେ ସେଠାରେ ତାଙ୍କର ଶବ ମିଳିଥିଲା । ଶବ ନିକଟରୁ ତାଙ୍କର ପିସ୍ତଲ ମଧ୍ୟ ମିଳିଥିଲା ।

ଶବ ମିଳିବା ପରେ ସେନାବାହିନୀ ତରଫରୁ ହୋଇଥିବା ପଳାତକ ଘୋଷଣାକୁ ପ୍ରତ୍ୟାହୃତ କରାଯିବା ସହ ହରଭଜନଙ୍କୁ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଶବସତ୍କାର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଏ । ମୃତ୍ୟୁ ସମୟରେ ହରଭଜନଙ୍କ ବୟସ ମାତ୍ର ବାଇଶି ବର୍ଷ ଥିଲା ।

କିଛି ଦିନପରେ ହରଭଜନଙ୍କ ଆତ୍ମା ପୁଣିଥରେ ସାଥୀ ସୈନିକଙ୍କ ସ୍ୱପ୍ନରେ ଆସି କହିଲା ଯେ ମୋର କେବଳ ଶରୀର ଯାଇଛି, ହେଲେ ମୋ ଆତ୍ମା ଏହି ସୀମାରେ ସବୁବେଳେ ସଚେତ ରହିବ ଆଉ ମୁଁ ମୋ ଦାୟିତ୍ୱ ସବୁବେଳେ ତୁଲାଇବି । ଏହିଭଳି ସ୍ୱପ୍ନ ଉଚ୍ଚ ପାହାଡ଼ ଅଞ୍ଚଳରେ ଯେଉଁଠି ଅମ୍ଳଜାନ କମ ଥାଏ, ତାହା ହୋଇପାରେ । ଅମ୍ଳଜାନ ଅଭାବ ହେଲେ କିଛି ଲୋକ ବାଉଳି ହୁଅନ୍ତି, କିଛି ଲୋକ ଚେତା ହରେଇ ପଡ଼ନ୍ତି ଆଉ କିଛି ଲୋକଙ୍କୁ ଅଦ୍ଭୁତ ସ୍ୱପ୍ନ ସବୁ ଆସେ । ଏମିତି କିଛି ହୋଇଥିବ ଭାବି ସାଥୀ ସୈନିକ ସ୍ୱପ୍ନ କଥା କାହାକୁ କହନ୍ତି ନାହିଁ । ହେଲେ ଏହି ଘଟଣାପରେ ସେଠାରେ କିଛି ଏମିତି ଘଟଣା ସବୁ ହୁଏ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦିଏ । ଯଦି କୌଣସି ସୈନିକ ସହ କିଛି ଅଘଟଣ ଘଟିବାର ଥାଏ, କିମ୍ବା କିଛି ଦୁର୍ଘଟଣା ଘଟିବାରେ ଥାଏ, ତାହେଲେ ହରଭଜନଙ୍କ ଆତ୍ମା ସ୍ୱପ୍ନରେ ଆସି ସଚେତ କରିଦେଇ ଯାଏ, ଏବଂ ଘଟଣା ସତରେ ସେମିତି ହିଁ ହୋଇଥାଏ । ଏହାପରେ ବଟାଲିୟନର ସମସ୍ତ ସୈନିକଙ୍କୁ ଆଉ ସନ୍ଦେହ ରହିଲା ନାହିଁ, ଯେ ଜଣେ ଅଦୃଶ୍ୟ ସୈନିକ ସେମାନଙ୍କ ସହ ମିଶି ଭାରତ ସୀମାକୁ ସୁରକ୍ଷା ପ୍ରଦାନ କରୁଛି । ସେଇ ସବୁ ଘଟଣା ପରେ ହରଭଜନ ସିଂଙ୍କୁ ସମ୍ମାନ ଜଣାଇ ବାବା ହରଭଜନ ସିଂ ବୋଲି ଘୋଷଣା କରିଦିଆଗଲା ।

ଏହି କଥା ଯେତେବେଳେ ସେନା ମୁଖ୍ୟାଳୟରେ ପହଞ୍ଚିଲା ତ ସେନାର ଅନେକ ଅଧିକାରୀ ଏହି ଘଟଣାର ସତ୍ୟତା ପରୀକ୍ଷା କରିବା ପରେ ଏହା ସତ୍ୟ ବୋଲି ଜାଣି ଆଶ୍ଚର୍ଯ୍ୟ ହୋଇଗଲେ । ବାବା ହରଭଜନ ସିଂଙ୍କ ଆତ୍ମା ଚୀନ ତରଫରୁ ହେଉଥିବା ଯେକୌଣସି ସୈନିକ କାର୍ଯ୍ୟବାହୀଙ୍କୁ ୭୨ ଘଣ୍ଟା ପୂର୍ବରୁ ଭାରତୀୟ ସେନାକୁ ଜଣାଇ ଦେଉଥିଲେ । ଯଦି ଚୀନର କୌଣସି କାର୍ଯ୍ୟକଳାପ ଭାରତୀୟ ସେନାବାହିନୀଙ୍କୁ ପସନ୍ଦ ହେଉନଥିଲା, ସେ ବିଷୟ ସେ ଚୀନର ସେନାବାହିନୀଙ୍କୁ ମଧ୍ୟ ଜଣାଇ ଦେଉଥିଲେ । ଅନେକ ସମୟରେ ଚୀନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୀମାବାହିନୀ ଭାରତୀୟ ସେନାକୁ ଅଭିଯୋଗ କରି କହୁଥିଲେ ଯେ ଆପଣଙ୍କ ପକ୍ଷର କୌଣସି ଜଣେ ସୈନିକ ରାତିରେ ଘୋଡ଼ା ଉପରେ ବସି ସୀମାରେ ଅତି ନିକଟରେ ପହରା ଦେଉଛି । ସେ ଥିଲେ ବାବା ହରଭଜନ ସିଂ ଯେ କି ରାତ୍ରୀର ଅନ୍ଧକାରରେ ବି ଚୀନ ସୀମାରେ ପହରା ଦେଉଥିଲେ । ଏହି ସବୁ ଘଟଣାକୁ ଦେଖି ଚୀନ ସେନାବାହିନୀ ମଧ୍ୟ ବାବା ହରଭଜନ ସିଂଙ୍କ ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରୁଥିଲେ ।

ଏହାପରେ ସେନା ବାହିନୀ ତରଫରୁ ହରଭଜନ ସିଂଙ୍କ ଆତ୍ମାକୁ କର୍ତବ୍ୟରତ ସୈନିକର ପଦବୀ ଦିଆଗଲା ଏବଂ ସବୁ ସୁବିଧା ପ୍ରଦାନ କରାଗଲା ଯାହା ଜଣେ ସୈନିକକୁ ଦିଆଯାଏ । ତାଙ୍କ ବଙ୍କରକୁ ଏକ ମନ୍ଦିରର ରୂପ ଦିଆଗଲା । ସେଠାରେ ତାଙ୍କର ସୈନିକବସ୍ତ୍ର, ଶଯ୍ୟା, ପୋଷାକପତ୍ର, ଜୋତା, ସାମାନ ଆଦି ରଖାଇ ଦିଆଗଲା । ସାଧାରଣ ସୈନିକଙ୍କ ଭଳି ବାବା ହରଭଜନ ସିଂଙ୍କୁ ଦରମା, ବୋନସ୍, ପ୍ରମୋଶନ୍, ଛୁଟି, ଭୋଜନ ଭଳି ସବୁ ସୁବିଧା ଦିଆଗଲା । ଭାରତ ଚୀନ ସୀମାରେ ହେଉଥିବା ସବୁ ଫ୍ଲାଗ୍ ମିଟିଂରେ ମଧ୍ୟ ତାଙ୍କୁ ଅଂଶଗ୍ରହଣ କରିବା ସୁଯୋଗ ମିଳିଲା । ପ୍ରତ୍ୟେକ ମିଟିଂରେ ହରଭଜନଙ୍କ ନାମରେ ଏକ ଖାଲି ଚୌକି ରଖାଯାଉଥିଲା । ପ୍ରତ୍ୟେକ ସୈନିକଙ୍କୁ ବର୍ଷରେ ଦୁଇମାସ ଛୁଟି ମିଳେ, ଠିକ୍ ସେମିତି ହରଭଜନ ସିଂଙ୍କୁ ବର୍ଷରେ ଦୁଇମାସ ଛୁଟି ଦିଆଯାଉଥିଲା । ତାଙ୍କ ନାମରେ ଟ୍ରେନ ଟିକେଟ୍ କଟାଯାଉଥିଲା, ଆଉ ସେନାର ଦୁଇଜଣ ସୈନିକ ତାଙ୍କ ସାମାନ ସାଥିରେ ନେଇ ତାଙ୍କ ଗାଁରେ ଛାଡ଼ିଦେଇ ଆସୁଥିଲେ ଏବଂ ଛୁଟି ସମାପନ ହେଲେ ସାମାନକୁ ପୁଣିଥରେ ଅଣାଯାଉଥିଲା । ଏହି ଦୁଇ ମାସ ସେନାବାହିନୀ ଅତ୍ୟଧିକ ସତର୍କତା ଅବଲମ୍ବନ କରୁଥିଲେ । କାରଣ ଏହି ଦୁଇମାସରେ ହରଭଜନ ସିଂଙ୍କ ଠାରୁ କୌଣସି ସହାୟତା ମିଳୁନଥିଲା । ବାବା ହରଭଜନ ସିଂଙ୍କୁ ସେନାର ନିୟମାନୁସାରେ ସମୟ ସମୟରେ ପ୍ରମୋଶନ ବି ଦିଆଯାଇଛି । ଜଣେ ସାମାନ୍ୟ ସୈନିକରୁ ସେ କ୍ୟାପଟେନ୍ ର୍ୟାଙ୍କ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇଥିଲେ ।

ପ୍ରତ୍ୟେକ ସୈନିକ ସମୟ ଆସିଲେ ଅବସର ଗ୍ରହଣ କରିଥାଏ, ସେହିଭଳି କ୍ୟାପଟେନ୍ ହରଭଜନ ସିଂଙ୍କୁ ବର୍ଷ ୨୦୦୫ରେ ଅବସର ଦିଆଯିବାର ଥିଲା, କିନ୍ତୁ ତାଙ୍କର କର୍ତ୍ତବ୍ୟନିଷ୍ଠାକୁ ଆଖି ଆଗରେ ରଖି ତାଙ୍କୁ ବର୍ଷେ କାଳ ଅଧିକ ଦାୟିତ୍ୱ ଦିଆଗଲା । ଏହିଭଳି ବର୍ଷ ୨୦୦୬ରେ ବାବା ହରଭଜନ ସିଂ ନିଜ ଦାୟିତ୍ୱରୁ ଅବସର ଗ୍ରହଣ କରିଥିଲେ । ଅବସର ଗ୍ରହଣ ପରେ ହରଭଜନ ସିଂଙ୍କ ମାଆ ଯେତେଦିନ ପର୍ଯ୍ୟନ୍ତ ଜୀବିତ ଥିଲେ ତାଙ୍କୁ ହରଭଜନ ସିଂଙ୍କ ନାମରେ ପେନସନ୍ ବି ମିଳିଥିଲା ।

ଏହାପରେ ଭାରତୀୟ ସେନାବାହିନୀ ତାଙ୍କ ନାମରେ ଏକ ବିଶାଳ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ ଏବଂ ସେଠାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ । ଏହି ମନ୍ଦିରରେ ବାବାଙ୍କ ଅଫିସ୍ ଓ ଶୟନଗାର ନିର୍ମାଣ କରାଯାଇଛି । ଅବସର ପରେ ବାବା ଏବେ ସବୁବେଳେ ସେହି ମନ୍ଦିରରେ ହିଁ ରହୁଛନ୍ତି । ଭାରତୀୟ ସେନା ଏହି ଦୁଇ ମନ୍ଦିରର ଦେଖାଶୁଣା କରନ୍ତି । ବାବାଙ୍କ କକ୍ଷକୁ ଦିନରେ ଦୁଇଥର ସଫା କରାଯାଏ । ସଠିକ୍ ସମୟରେ ତାଙ୍କୁ ଚା, ଜଳଖିଆ ଓ ଖାଦ୍ୟ ଦିଆଯାଏ । ବାବା ହରଭଜନ ସିଂ ଆଜିମଧ୍ୟ ସୀମା ସୁରକ୍ଷାରେ ବ୍ରତୀ ଅଛନ୍ତି । ପ୍ରତିଦିନ ସକାଳୁ ତାଙ୍କ କକ୍ଷକୁ ସଫା କରିବା ସମୟରେ ତାଙ୍କ ଜୋତା ଉପରେ ଧୂଳି ଓ ମଇଳା ଲାଗିଥିବା ଦେଖିବାକୁ ମିଳେ ଏବଂ ଶଯ୍ୟା ମଧ୍ୟ ଅସ୍ତବ୍ୟସ୍ତ ଥିବା ପରି ଦେଖାଯାଏ, ସତେ ଯେମିତି କେହି ସେଠାରେ ଶୋଇକି ଉଠିଛନ୍ତି । ସେହି ଅଞ୍ଚଳରେ ଯେବେ ବି କେହି ନୂଆ ସୈନିକ ନିଜ ଡ୍ୟୁଟିରେ ଯୋଗ ଦିଅନ୍ତି, ପ୍ରଥମେ ବାବା ହରଭଜନ ସିଂଙ୍କ ଶରଣରେ ଯାଆନ୍ତି ।

ବାବା ହରଭଜନ ସିଂହଙ୍କ ଉପରେ ତାଙ୍କ ଭକ୍ତମାନଙ୍କର ଗଭୀର ଆସ୍ଥା ରହିଛି ସେଇଥିପାଇଁ ବାବାଙ୍କ ମନ୍ଦିରରେ ବହୁତ ଭିଡ଼ ଦେଖିବାକୁ ମିଳେ । ଭକ୍ତମାନଙ୍କ ଦେଖାଶୁଣା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଓ ସୁବିଧା ତଥା ଅନ୍ୟାନ୍ୟ ବ୍ୟବସ୍ଥା ଦାୟିତ୍ୱ ଭାରତୀୟ ସେନାବାହିନୀ ତୁଲାଇଥାଏ । ବାବାଙ୍କ ଦର୍ଶନରେ ଆସିଥିବା ଭକ୍ତ ନିଜ ମନୋସ୍କାମନା ଧଳାକାଗଜରେ ଲେଖି ଦେଇ ଯାଆନ୍ତି । ମାନ୍ୟତା ରହିଛି ଯେ ବାବା ନିଜ ଡ୍ୟୁଟି ସାରି ଫେରିବା ପରେ ସେହି ସବୁ ସମସ୍ୟାକୁ ପଢ଼ନ୍ତି ଓ ସମାଧାନର ଉପାୟ କରନ୍ତି । ଏହି ମନ୍ଦିରରେ ଭକ୍ତମାନେ କେବଳ ପାଣି ବୋତଲ ହିଁ ପ୍ରସାଦ ଭାବରେ ଚଢ଼ାଇ ପାରିବେ ବୋଲି ନିୟମ ରହିଛି ।

ଅବିଶ୍ୱାସ ହେଉଥିଲେ ବି ସତ, ଏହିଭଳି କିଛି ଘଟଣା ଆମକୁ ପୁଣି ଥରେ ଚିନ୍ତା କରିବାକୁ ବାଧ୍ୟ କରେ, ଯେ କଣ ସତରେ ଆତ୍ମା ବୋଲି କିଛି ଅଛି ? ସତରେ କଣ ମୃତ୍ୟୁପରେ କେହି ଫେରି ଆସିପାରେ ? ବିଜ୍ଞାନକୁ ଆମେ ଯେତେ ଜାଣି ଜାଣି ଯାଉଛେ, ଆମର ଏହି ପକ୍ଷ ଦୁର୍ବଳ ହୋଇ ଯାଉଛି । କିନ୍ତୁ ଯେଉଁମାନେ ଏହି ସବୁ ଘଟଣା ଅଙ୍ଗେ ନିଭେଇଛନ୍ତି ସେମାନେ ଜଣେ ବା ଦୁଇଜଣ ହୋଇଥିଲେ ହୁଏତ ଆମେ କହି ଦେଇଥାନ୍ତେ ଯେ ସେମାନେ ଲୋକଙ୍କୁ ଠକୁଛନ୍ତି, କିନ୍ତୁ ଯେଉଁଠି ଏକ ସମ୍ପୂର୍ଣ୍ଣ ବ୍ୟବସ୍ଥା ଏହି ବିଷୟକୁ ଗୁରୁତର ସହ ସ୍ୱୀକାର କରେ, ସେଇଠି ଆମ ଧାରଣା ଧୁଳିସାତ୍ ହେବାପରି ମନେ ହୁଏ ।

ଆପଣ କଣ ଭାବୁଛନ୍ତି ଏହି ବିଷୟରେ କମେଣ୍ଟ କରି ନିଶ୍ଚୟ ଜଣାଇବେ ।

**Search for "Dusty Tales Odia Podcast" and listen to the stories that puzzle your brain or Visit our YouTube channel at:**

**https://dustytales.podbean.com**

**https://www.youtube.com/@drjyotiprasad**

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅନେକ କଳାଛାଇ - ୧୦



ଅଶୋକ ବିଶ୍ୱାଳ

ଚାଥାମ ଦ୍ୱୀପର ଫୁସଫୁସ କରୁଥିବା ଶେଡମାନ-୭

ବୁଢା ତା'ପରେ ସେହି ବଡ଼ ଶେଡରେ ଦୌଡିଲେ । କେତେବେଳେ ଏପରକୁ ଚଢ଼ିଯାଉଥାନ୍ତି ତ କେତେବେଳେ ତଳକୁ ଡେଇଁଥାନ୍ତି । କାଠଗଡରୁ କାଠଗଡ ଉପରେ ସହଜରେ ଡେଉଁପଡୁଥାନ୍ତି । ତା'ପରେ କାଠଗଡ ସନ୍ଧିରେ ନିଜେ ବସିବା ଭଳି ଜାଗା ଖୋଜି ଜାକି ହୋଇ ବସିପଡୁଥାନ୍ତି । କେତେବେଳେ ତଳେ ଶୋଇ ପଡୁଥାନ୍ତି । ଅବିନାଶକୁ ଲାଗିଲା ବୁଢା ବୋଧେ କିଛି ଜିମନାଷ୍ଟିକ୍ସ ନିଜ ଯୁବାବେଳେ କରିଥିବେ ନହେଲେ ଏତେ ଜଲଦି ଏସବୁ କାମ କରିପାରନ୍ତେନି । ସନ୍ତୁଳନ ରକ୍ଷାକରି ଖସଡିଆ ଆଉ ଏଣେତେଣେ ପଡିଥିବା କାଠଗଡ ଉପରେ ଡେଇଁବା କିଛି ସହଜ କାମ ନୁହେଁ ।

ଆପଣ ଅଯଥାରେ ଦୌଡୁଛନ୍ତି, ଡେଉଁଛନ୍ତି ଯେ ।

ଦିନେ ତ ଆମ ସମସ୍ତଙ୍କୁ ଦୌଡିବାକୁ ପଡେ । ଚାଥାମରେ ରହିରହି କେବେକେବେ ଦୌଡିବାକୁ ପଡୁଥିଲା ।

ଯାଗା କେତେକି ଯେ ?

କାରଖାନା ଭିତରେ, ଅନେକ ଜାଗା ଗଳି କନ୍ଦି ହୋଇଛି । ସେ ଭିତରେ ଦୌଡିବାକୁ ପଡେ । ଜାପାନିଜ ଆକ୍ରମଣ ସମୟ ଆରମ୍ଭରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତଙ୍କ ମନରେ କୋକୁଆ ଭୟ ପଶିଯାଇଥିଲା । ଜାପାନୀମାନେ ସେତେବେଳକୁ ଅଜେୟ ଥାଆନ୍ତି । ସେମାନେ ଆସୁଛନ୍ତି ବୋଲି ଇଂରେଜମାନେ ମଧ୍ୟ କଳା ପଡିଯାଉଥାନ୍ତି । ଆଉ ଆମ କଥା କିଏ ପଚାରେ ।

ମୁଁ ଜାଣିଛି । ଜାପାନୀମାନେ କିଛି ସମୟ ପାଇଁ ଆଣ୍ଡାମାନକୁ ଅଧିକାର କରିଥିଲେ ।

ଆରେ, ୧୦ ମାର୍ଚ୍ଚ, ୧୯୪୨ ମସିହାରେ ଜାପାନିଜମାନେ ପୋର୍ଟବ୍ଲେଆରରେ ବୋମାବର୍ଷଣ ଆରମ୍ଭ କଲେ । କିଛି ବୋମା ତ ଚାଥାମ ଉପରେ ପଡିଥିଲା । ତା'ପରେ ମୋତେ ଲୁଚି ଯିବାକୁ ପଡିଲା । ଆଉ ଆମ ସମସ୍ତଙ୍କୁ ଲୁଚିବାପାଇଁ କୁହାଗଲା । କିନ୍ତୁ ଲୁଚିବାର ଜାଗା କେଉଁଠି ? ଯେତେବେଳେ ଏ କାରଖାନାକୁ ଧ୍ୱଂସ କରିବାକୁ କୁହାଗଲା ଆମେ ସମସ୍ତେ ଚମକି ପଡିଥିଲୁ ।

ସେଇଟା ବଡ଼ ଦୁଃଖର କଥା ହୋଇଥାନ୍ତା । ଆଚ୍ଛା ଏଇଟା କ'ଣ ଆଉ ଏକ ନୂଆ କାରଖାନା କି ?

ଗୋଟାଏ ପରେ ଗୋଟାଏ ବୋମା ଫୁଟଥାନ୍ତା ଆଉ କାରଖାନାଟା ଭୁଷୁଡି ପଡିଥାନ୍ତା ।– ଏତିକି କହି ବୁଢା ପ୍ରାୟ ଦୌଡିଲେ । ଲାଗୁଥିଲା ସେ ଯେମିତି ଦଳେ ଲୋକଙ୍କ ସହ ଦୌଡୁଛନ୍ତି । ଅବିନାଶକୁ ଜଲଦି ଜଲଦି ଦୌଡିବାର ଶବ୍ଦ ଶୁଣାଯାଉଥିଲା । ଅବିନାଶ ଜାପାନୀ ଅଧିକାର ସମୟର କିଛି କଥା ମଧ୍ୟ ସେ ଆଗରୁ ପଢିନେଇଥିଲା ।

ସମୟରେ ସମସସ୍ତଙ୍କ ମନରେ ଆଶଙ୍କା ଭରିଥିଲା । ଜାପାନୀମାନେ ଆଣ୍ଡାମାନ ଅଧିକାର କରିନେବେ, କିନ୍ତୁ ସବୁ ସହଜ ନହେଉ । ସେମାନେ କଠିନ ପରିସ୍ଥିତ ଦେଇ ଗତି କରନ୍ତୁ, ଆଉ ଲୋକମାନେ ସେମାନଙ୍କ ଶାସନକୁ ସହଜରେ ଗ୍ରହଣ ନକରନ୍ତୁ । ଏମିତି କିଛି ବିଶ୍ଲେଷଣ କରିନେଲେ ଇଂରେଜ ଅଧିକାରୀମାନେ । ତେଣୁ ଆଣ୍ଡାମାନରୁ କିଛି ବଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କର୍ମଶାଳାକୁ ନଷ୍ଟ କରିଦେବା ଦରକାର, ଜାପାନୀମାନେ ଆସିଲେ ମଧ୍ୟ ଏ କର୍ମଶାଳାଗୁଡାକୁ ଠିକ କରିବା ପାଇଁ ସମୟ ଲାଗିବ ଆଉ ସେ ଭିତରେ ଇଂରେଜମାନଙ୍କୁ ପ୍ରତିଆକ୍ରମଣ କରିବାପାଇଁ ସୁଯୋଗ ମିଳିଯିବ । ଏକ ବଡ଼ ନିଷ୍ପତ୍ତି ଥିଲା, ଟେଲିଗ୍ରାଫ ଅଫିସ, ମାରାଇନ କର୍ମଶାଳା ଆଉ ଚାଥାମ ସ' ମିଲକୁ ଧ୍ୱଂସ କରିଦିଆଯିବ । ଫରେଷ୍ଟ ଅଫିସର ଶ୍ରୀ ଦୁର୍ଗାପ୍ରସାଦଙ୍କୁ ଦାୟିତ୍ୱ ଦିଆଗଲା ଚାଥାମ ସ' ମିଲକୁ ଧ୍ୱଂସ କରିବା ପାଇଁ । ଆଉ ଏହିସ' ମିଲ ଥିଲା ଆଣ୍ଡାମାନର ଗର୍ବ ଆଉ ବହୁ ପରିବାରକୁ ଏହା ଦାନ ଯୋଗାଉଥିଲା । ପ୍ରଥମେ ୧୮୭୩ ମସିହାରେ ୧୦-ଏଚ.ପିର ସ' ମିଲ ତିଆରି ହୋଇଥିଲା । ଏ ସ' ମିଲକୁ ଜାପାନିଜମାନେ ଅଧିକାର କରିବା ଆଗରୁ ଧଂସ କରିଦେବା ଦରକାର । ଆଙ୍ଗଲୋଇଣ୍ଡିଆନ ଡେପୁଟି ଆସିଷ୍ଟାଣ୍ଟ ଇଂଜିନିୟର ଆଲେକଜାଣ୍ଡର ଲୁଟିଙ୍କ ଓୟାରଲେସ ୟୁନିଟକୁ ଧ୍ୱଂସକରିବାକୁ ଦାୟିତ୍ୱ ଥିଲା । ତା' ଛଡା ମେରାଇନ ଡକୟାର୍ଡକୁ ଧ୍ୱଂସ କରିବାପାଇଁ ବର୍ମିଜ ମେରାଇନ ଇଂଜିନିଅର ଶ୍ରୀ ଥାନ ଜିନଙ୍କୁ ନିର୍ଦ୍ଦେଶ ଥିଲା ।

ଏଣେ ବୁଢା କିଛି ନକହି, କ'ଣ ଭାବିଭାବି ଧଇଁସଇଁ ହେଉଥିଲେ । ଅବିନାଶ ଭାବିଲା ବୁଢା ଏତିକି କହି କ'ଣପାଇଁ ପେଲି ହେଉଛନ୍ତି ? କିନ୍ତୁ ଯଦି ବୁଢା ସେ ସମୟର କଥା ମନେ ପକାଉଥିବେ ତେବେ ତାଙ୍କ ଦେହରେ ଭୟର ଲହରି ପ୍ରବଳ ବେଗରେ ବୋହିଯାଉଥିବ ଆଉ ସେ ଚମକୁି ପଡୁଥିବେ । ତାଙ୍କୁ ଲାଗୁଥିବ ଯେମିତି ସେ ଦୌଡୁଛନ୍ତି । ତାଙ୍କର ନିଃଶ୍ୱାସ ଘର ଧରୁନଥିବ । ବୁଢା ସମୟରେ ପୁରୁଣା ଡରକଥା ଭାବିଲେ ଲୋକଗୁଡା ତା'ହେଲେ ଥରିଯାଆନ୍ତି । ମଣିଷ ବୁଢା ହୋଇଗଲେ ମନ ସ୍ଥିର ତାହାହେଲେ ରୁହେନାହିଁ ।

ଏତେ ସୁନ୍ଦର ଦ୍ୱୀପକୁ ଲଣ୍ଡା କରିଦେଲେ ଆଉ ଏତେ ବଡ଼ ସ' ମିଲକୁ ଧ୍ୱଂସ କରିଦେବାକୁ ଭାବୁଛନ୍ତି । କେତେ ଲୋକ ଏ ମିଲ ଉପରେ ନିର୍ଭରଶୀଳ ଥିବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇଂରେଜମାନେ ଏକ ଛୁଆ ମନୋବୃତ୍ତି ଧରି ଦୁନିଆକୁ ଜୟ କରୁଛନ୍ତି । ଯେତେବେଳେ ମନହେଲା ଭାଙ୍ଗିଦିଅ, ଯେତେବେଳେ ମନହେଲା ଗଢ଼ିଦିଅ । ବହୁତ ଭଲ କଥା । ବିଶ୍ୱବିଜୟୀ ହେବାକୁ ହେଲେ ଛୁଆ ହେବାକୁ ପଡ଼ିବ । ବ୍ରିଟିଶ ସାମ୍ରାଜ୍ୟରେ ତ ସୂର୍ଯ୍ୟ ଅସ୍ତ ହେଉନଥିଲା ।- ଅବିନାଶ ମନେ ମନେ କହିଲା ଆଉ କିଛି ମନେପକାଇ ବହେ ହସିଲା ।

ଏକ ଛୁଆ କଥା ଜଣେ ବୟସ୍କ ବ୍ୟକ୍ତି ମାନିଲା, ଆଉ ଦୁଇଜଣ ବୟସ୍କ ବ୍ୟକ୍ତି ଛୁଆ ହୋଇ ମାନିଲେ ନାହିଁ ।-ସେ ଏତିକି କହି ମନକୁ ମନ ହସିଲା ।

ପ୍ରକୃତରେ ଶ୍ରୀ ଲୁଙ୍ଗୀ ଆଦେଶ ମୁତାବକ ଟେଲିଗ୍ରାଫ ଅଫିସକୁ ଧ୍ୱଂସ କରିଦେଲେ । ସାରା ପୋର୍ଟବ୍ଲେଆର ଶବ୍ଦରେ ଥରି ଉଠିଲା । ଶ୍ରୀ ଦୁର୍ଗାପ୍ରସାଦ କିନ୍ତୁ ଚାଥାମ ସ’ ମିଲକୁ ଧ୍ୱଂସ କରିପାରିଲେ ନାହିଁ । ବିସ୍ଫୋରକର ବଟନ ଦବାଇବା ପାଇଁ ତାଙ୍କର ହାତ ଗଲା ନାହିଁ । ପରେ ଆଉ ଚାଥାମ ସ’ ମିଲକୁ ସହଜରେ ତିଆରି କରାଯାଇ ପାରିବ ନାହିଁ, ଦ୍ୱୀପର ସାଧାରଣ ଲୋକେ କାଠ ପାଇଁ ବହୁ କଷ୍ଟ ଭୋଗିବେ । ସେତେବେଳେ ତ ସବୁ ଘର ପ୍ରାୟ କାଠରେ ହେଉଥିଲା । ଆଉ ତାଙ୍କର ସେହି ନିଷ୍ପତ୍ତି ଚାଥାମ ସ’ ମିଲକୁ ବଞ୍ଚେଇ ଦେଲା । ବର୍ମିଜ ମେରାଇନ ଇଂଜିନିଅର ମଧ୍ୟ ଡକୟାର୍ଡକୁ ଧ୍ୱଂସ କଲେନାହିଁ ।

କିଛି ସମୟ ବେଶ ଧକେଇ ହୋଇ ବୁଢା ଟିକେ ପ୍ରକୃତିସ୍ଥ ହେଲେ । ତାଙ୍କ ବ୍ୟବହାର ସଂମ୍ପୂର୍ଣ୍ଣ ନାଟକୀୟ ଲାଗୁଥିଲା । ପ୍ରକୃତରେ କ’ଣ ସବୁ ଆବେଗର ପ୍ରବାହ ତାଙ୍କ ରକ୍ତକୁ ଜୋରରେ ପ୍ରବାହିତ କରୁଥିବ ନା ଜମାଟ ବାନ୍ଧି ଦେଉଥିବ ? ବୁଢା କଥା କାଥାକରେ ନିଜ ଭାବ ବଦଳାଉଥିଲେ ।

ଅବିନାଶ, ଧୂଆଁ ଆଉ ନିଆଁକୁ ଦେଖୁଛ । ଚାଥାମକୁ ନିଆଁ ଭିତରେ ଦେଖିପାରୁଛ ?- ବୁଢା କିଛି କାରଣ ନଥାଇ ଧଇଁସଇଁ ହୋଇ ପଚାରିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋ ସାଙ୍ଗରେ ଚାଲ ।- ଅବିନାଶ ବୁଢା କହିଲେ ଆଉ ଅବିନାଶକୁ ଅପେକ୍ଷା ନକରି ଏକ କନ୍ଦି ରାସ୍ତାରେ ଚାଲିବାକୁ ଲାଗିଲେ । ଅବିନାଶ ବାହାର ଆକାଶକୁ ଅନାଇଥିଲା । ଦିନ ଗଡିଆସିଲାଣି । ନିଆଁ ? ଚାଥାମରେ ଆଜି ନିଆଁ ତ ନାହିଁ । ଆକାଶରେ କେବଳ ଲାଲ ବାଦଲ ସନ୍ଧ୍ୟାରେ ଦେଖାଯାଏ । ଚାଥାମ ବ୍ରିଜରୁ ପଶ୍ଚିମ ଆକାଶ ସନ୍ଧ୍ୟାରେ ନିଆଁରେ ଛାଇ ହୋଇଗଲାପରି ଲାଗେ । ବୋଧେ ସେପଟ ପାୱାର ଷ୍ଟେସନରୁ ଟିକେ ଧୂଆଁ ବାହାରୁଥିବ । କିନ୍ତୁ ଚାଥାମକୁ ନିଆଁର ମୁକୁଟ ପିନ୍ଧୁଥିବା ଆଉ ଦେଖାଯାଉନଥିବ । ସବୁଆଡେ ନିଆଁ ଲିଭାଇବାପାଇଁ ଭଲ ବନ୍ଦୋବସ୍ତ ଅଛି ।

ଏ ଧିଆଁକୁ ଦେଖ । ଚାଥାମରେ ନିଆଁ ଅଛି ।– ବୁଢା କହିଲେ ।

ଅବିନାଶ ଦେଖିଲା ଏକ ଛୋଟ ଚାଳିଆ ଭଳି ଘରୁ ଧଳା ଧୂଆଁ ବାହାରୁଛି ।

ସତରେ ତ ଧୂଆଁ, ଆଜି ବି ଚାଥାମରେ ଧୂଆଁ ଅଛି ।- ଅବିନାଶ ଚମକି ପଡି କହିଲା । ସାମାନ୍ୟ ଧୂଆଁ ଆକାଶକୁ ଟିକିଏ ଉଠି ଅତି ଅଳ୍ପରେ ମିଳେଇ ଯାଉଛି । ଦୂରରୁ ଏହା ଅଛି ବୋଲି ମୋଟେ ଲକ୍ଷ୍ୟ କରିହେବନି । ଏମିତି ଜାଗା ଏବେ ଅଛି ବୋଲି ଅବିନାଶ ମୋଟେ ବିଶ୍ୱାସ କରୁନଥିଲା । ଆଜିବି ଅଦରକାରୀ କାଠ ଏଇଠି ଅଙ୍ଗାରରେ ପରିଣତ ହୁଏ । କଣ୍ଟ୍ରୋଲଡ ବର୍ଣ୍ଣିଙ୍ଗ, ଧୂଆଁ ବାହାରିଯାଏ ଆଉ ଅଙ୍ଗାର ରହେ ଯାହା ରଡ ନିଆଁ ହୋଇଯାଏ ପରେ ରୋଷାଇ କଲାବେଳେ । ବାହାରେ କିଛି କଳା ଅଙ୍ଗାର ପଡିରହିଥିଲା ।

ଅବିନାଶ, ଏଇଠି ସବୁ ଭାବିବାଟା ଧୂଆଁ, ଅଙ୍ଗାର ହୋଇଯାଉଛି ।- ବୁଢା କହିଲେ ।

ଅବିନାଶ ହଠାତ୍ କିଛି ଜାଣି ପାରିଲାନି । ଏକ ଅତି ସାଧାରଣ ଘରୁ ଧୂଆଁ ସହିତ କି ବିଚାର ଆସିବ ଆଉ କ'ଣ ଅଙ୍ଗାର ପାଲଟି ଯିବ । ପାଖରେ କିଛି ଜାଗାରେ ପାଣି ଅଛି । ତା'ପରେ ଏକ ପତଳା ସିଡି ଅଛି । ଏଇଠୁ ବେଶି ହୋହାଲ୍ଲା ଶୁଣାଯାଉନାହିଁ । ଦୂରରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଥାମକୁ ଦେଖିବାପାଇଁ ଚାଥାମ ଭିତରେ ଏକ ନୂଆ ଦୃଷ୍ଟି ଦରକାର ।

ସତକୁ ସତ ସେମିତି ଚାଥାମ ବହୁଅଂଶରେ ଅଙ୍ଗାର ପାଲଟିଗଲା ମିତ୍ରଶକ୍ତି ବୋମାବର୍ଷଣରେ । ସେଇଥିପାଇଁ ଏବେ ବି ଚାଥାମରେ ଧୂଆଁ ଅଛି - ବୁଢା କହିଲେ ।

ଦୌଡ ଦୌଡ ।– ଏମିତି କହି ଏକ ପତଳା ରାସ୍ତାରେ ବୁଢା ଜୋରରେ ଚାଲିଲେ ଆଉ ଅବିନାଶ ତାଙ୍କ ପଛେ ଧଇଁସଇଁ ହୋଇ ଚାଲିଲା । ସେମାନେ ଆସି ଚାଥାମର ମୁଖ୍ୟ ରାସ୍ତାରେ ପହଞ୍ଚିଗଲେ । ବାମପଟେ ମୁଖ୍ୟ ଗେଟ । ବଡ଼ ଟିମ୍ବର ଶେଡ ପାଖାରେ ରେଳ ଧାରଣା । ଏକ ଛୋଟ ରେଳ ଇଂଜିନ ରଖାଯାଇଛି । ସେ ସମୟରେ ଏକ ଛୋଟ ରେଳ ଇଂଜିନ ଚାଥାମ ଭିତରେ ଚାଲୁଥିଲା । ଚାଥାମରେ ତାହାହେଲେ ବହୁତ ବଡ଼ ମେକାନିକାଲ ଐତିହ୍ୟ ଅଛି ଟିମ୍ବର ମିଲ ଛଡା । ଏଠାକୁ ଜାହାଜ ଆସେ, ଏଠାରେ ରେଳ ଚାଲେ. ଏଠାକୁ ଲୋକ ଗାଡିରେ ଆସନ୍ତି ଆଉ କେତେ ଯେ ଚାଲିକି ଆସନ୍ତି ।

ବୁଢା ଦୁଇ ଟିମ୍ବର ବିଲଡିଙ୍ଗ ମଝିରେ ଥିବା ରାସ୍ତା ଦେଇ ଟିକେ ଭିତରକୁ ଚାଲିଗଲେ । ଅବିନାଶ ବୁଢାଙ୍କ ସହ ଯେମିତି ଟାଣି ହୋଇ ଆସୁଥିଲା । ପୁଣି ହାରମୋନିକ ଢେଉରେ ଘଣ୍ଟି ବାଜିଲା । ଆଉ ବୁଢା ଏକ ସାମାନ୍ୟ ଗଭୀର ପାଣି ଜମିଥିବା ଜାଗାରେ ଅଟକି ଗଲେ । ପାଣି ସ୍ଥାନ ଚାରିପାଖେ ଗଛ ଥିଲା ଆଉ କିଛି ମୋଟା ଲୁହା ତା'ର ଯାଇଥିଲା । ଶୁଖିଲା ପତ୍ରସବୁ ତଳେ ପଡିଥିଲ । ତା' ଛଡା କିଛି ଦେଖିବା ଭଳିଆ ଜିନିଷ ନଥିଲା । ବୁଢା ତାହେଲେ ମଝିରେ ଦୌଡୁଥିଲେ କ'ଣପାଇଁ ?

ସୁ-ଉ-ଉ-ଉ । ବୋମାଗୁଡା ପଡ଼ିବାକୁ ଲାଗିଲା ।- ସେ କହିଲେ ।

ଏଇଠି ତୁମ ଗୋଡ ପାଖରେ ଗୋଟାଏ ବୋମା ପଡିଥିଲା ।- ବୁଢା ପୁଣି କହିଲେ ।

ଅବିନାଶ ଏକଦମ ଡରରେ ଥରିଗଲା । ଆଜିବି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପଡିଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋମାମାନ୍ କେଉଁଠି କେଉଁଠି ବାହାରୁଛି । ସିଲିଣ୍ଡର ଭଳି ଲମ୍ବା ବୋମାଟିଏ ହୋଇଥିବ, ମାଟିରେ ଅଧା ପୋତି ହୋଇ ଯାଇଥିବ । କିଛି ବୋମାରେ ମଧ୍ୟ ବିସ୍ଫୋରଣ ଶକ୍ତି ଅଛି । ଯଦି ଏଇଠି ବୋମା ଥିବ ଆଉ ତା' ଉପରେ ସେ ଠିଆ ହୋଇଯାଇଥିବ ତେବେ କଥା ସରିଲା । ଗୋଟାଏ ବିରାଟ ବୁମ୍, ଆଉ ହାଡ ମାଂସ କେଉଁଠି ଛିଟିକି ପଡ଼ିବ ତା'ର ଠିକଣା ନାହିଁ । ସେ ଗୋଟାଏ ଲମ୍ବା କୁଦା ମାରିଲା । କିଛି ହେଲାନାହିଁ । ବୋଧହୁଏ ଏହା ଫୁସୁକି ଯାଇଥିବ । ତା'ପରେ ସେ ଦୌଡିଲା । ବୁଢା ହସିଲେ, ହସିଲେଆଉ ହସିଲେ । ସେ ବୁଢା ଦୌଡୁଥିବା ପଛ ରାସ୍ତାରେ ଦୌଡିଲା ।

ଆରେ ବୋମାଟା ସେବେଠୁ ଫୁଟିଯାଇଛି । ଦୌଡିଲ କାହିଁକି ?- ବୁଢା କହିଲେ ଆଉ ତା'ପରେ ପୁଣି ହସିଲେ ଆଉ ହସିଲେ । କେବଳ ସେହି ଇଟା ଘରଟା ଆଉ ଟିଣ ଛାତର କନ୍ଦିରୁ ବେଶ ମୋଟ ଧଳା ଧୂଆଁ ବାହାରୁଛି । ଅବିନାଶ ଦେହରେ ଯେମିତି ଜୀବନ ଆସିଲା ।

ରିଫ୍ଲେକ୍ସ ଆକସନ । ମୁଁ ନିଜେ କିଛି କରିନି ?- ଅବିନାଶ କହିଲା ଆ।।ଉ ନିଜ ଉପରେ ହସିଲା । ଲଜ୍ଜିତ ମଧ୍ୟ ହେଲା ।

ସେତେବେଳକୁ ଚାଥାମ ପରିସର ଖାଲି ହୋଇଗଲାଣି । ବୁଢା ଅତି ସହଜରେ ଚାଥାମରେ ଚାଲୁଥିଲେ । ସବୁ ଜାଗା ତାଙ୍କ ଚିହ୍ନା । ତେଣୁ ସେ ସିଧା ରାସ୍ତାରେ ନଯାଇ କନ୍ଦି କନ୍ଦି ହୋଇ ଯାଉଥିଲେ । ଶେଷରେ ବୁଢା ଆସି ସେହି ବଡ଼ ଶେଡ ପାଖ ଆଉ ପାଖ ଏକ ଲମ୍ବା ଶେଡରେ ପହଞ୍ଚିଗଲେ । ତାଙ୍କ ଚାଲି ଏକଦମ ଧୀରେ ହୋଇଗଲା । ଅବିନାଶ ତାଙ୍କ ଦେଖାଦେଖି ନିଜ ଚାଲିକୁ ଧିର କରିଦେଲା । ବୁଢା ଚାଲୁଚାଲୁ ସବୁ ଫାଙ୍କକୁ ଚାହୁଁଥିଲେ । ସେଠି ଆଲୁଅ ଥରିଗଲା ଭଳି ଲାଗୁଥିଲା । କିଏ ଯେମିତି ବୁଢାଙ୍କୁ ଦେଖି ନମସ୍କାର କରୁଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଢା ଟିକିଏ ଟିକିଏ କରି ମୁଣ୍ଡ ହଲାଉଥିଲେ । କେଉଁ ବି କ'ଣ ତାଙ୍କ ଅଦେଖା ରହୁନଥିଲା ।

ଅବିନାଶ ସେମାନଙ୍କୁ ଦେଖୁଛ, ସେମାନେ କେମିତି ଥରୁଛନ୍ତି ?- ବୁଢା ଏକଦମ ଆତଙ୍କିତ ହୋଇ କହୁଥିଲେ ।

ଅବିନାଶ କିଛି ବୁଝିପାରିଲା ନାହିଁ । କୁଆଡେ କିଛି ନାହିଁ, ବୁଢାଙ୍କୁ ଏକଦମ ଆତଙ୍କ କୁଆଡୁ ମାଡି ଆସିଲା । ଏହା ପୂର୍ବରୁ ବୁଢା ଠିକଭାବେ ଚାଲୁଥିଲେ, କଥା କହୁଥିଲେ । ତାଙ୍କ ମନରେ ଭୟ ଥିଲା ପରି ଲାଗୁନଥିଲା । ଅବିନାଶ ବୁଢାଙ୍କୁ ଶହେ ପ୍ରଶ୍ନ ଆଖିରେ ଧରି ଅନେଇଲା ।

ସେ ଦିନରେ ଜାପାନୀଙ୍କ ହାତରେ ଚାଥାମ ଥାଏ । ଆଣ୍ଡାମାନରେ ଏହି ଏକମାତ୍ର କାରଖାନା ଆଉ ସବୁଠାରୁ ବେଶି ଲୋକେ ଏହି କାରଖାନାରେ କାମ କରୁଥିଲେ । ଏହାକୁ ଧ୍ୱଂସ କରି ଏକ ଅଭାବର ପରିସ୍ଥିତି ତିଆରି କରିବାକୁ ପଡ଼ିବ । ଚାଥାମର ଆଗରୁ ବୋମାମାଡ ହୋଇଛି । କିନ୍ତୁ ୧୫ ଅଗଷ୍ଟ ୧୯୪୩ ମସିହାରେ ଚାଥାମରେ ଧ୍ୱଂସର ତାଣ୍ଡବ ଲୀଳା ଘଟିଗଲା । ଦିନ ସମୟ, ମିତ୍ର ଶକ୍ତିର ଦୁଇଟା ବିମାନ ପୋର୍ଟବ୍ଲେଆର ଆକାଶରେ ଦେଖାଗଲା । ସେ ବୋମାବର୍ଷୀ ଉଡାଜାହାଜରୁ ପ୍ରବଳ ବୋମା ବର୍ଷଣ ଚାଥାମ ଉପରେ ଆରମ୍ଭ ହୋଇଗଲା । ଏକ ଛୋଟ ଦ୍ୱୀପ ଉପରେ ୧୦-୧୨ଟା ବୋମା ପଡିଥିଲା ଆଉ ଚାଥାମ ସ' ମିଲ ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲା । ଶହ ଶହ ଲୋକ ମରିପଡିଥାନ୍ତି । ଚାଥାମ ସ' ମିଲ ଅଙ୍ଗାରରେ ପରିଣତ ହୋଇଗଲା ।– ବୁଢା ଥରିଥରି କହୁଥିଲେ ।

ମୁଁ ଟିକେ କାନ୍ଦିବି ।- ବୁଢା କହିଲେ ।

ଅବିନାଶ ଆଉ କ'ଣ କୁହନ୍ତା । ସେ ଚୁପଚାପ ଠିଆହେଲା ଆଉ ବୁଢା ଏକ ଥାକ ମରାହୋଇଥିବା ସାଇଜିଆ ଚିରାକାଠ ଥିବା କଣକୁ ଯାଇ ଆଉଜି ବସିଗଲେ ଆଉ ତା'ପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାନ୍ଦିବାକୁ ଲାଗିଲେ । ଅବିନାଶ ତାଙ୍କ ଦେହଟା ଥରୁଥିବା ଜାଣିପାରୁଥିଲା । ସେ ସେମିତି ଠିଆ ହୋଇ ରହିଲା । ତା'ପରେ ବୁଢା ତଳେ ବସିପଡି ଲୁଚିବା ଜାଗା ଖୋଜିଲେ । ତାଙ୍କ କାନକୁ ବୁଜି ପକାଉଥାଆନ୍ତି ଆଖିକୁ ଜୋରରେ ବୁଜିଦେଉଥାନ୍ତି । ବୁଢା ନିଜକୁ କିଛି ଏକ ଭୟଙ୍କର ଦୁର୍ଘଟଣାରୁ ବଞ୍ଚାଉଥିବାର ଅଭିନୟ କରୁଥିଲେ । ଏ ଭିତରେ ସନ୍ତୁଳନ ହରାଇ ସବ ଉପରୁ କାଠପଟାଟିଏ ଟିକଏ ଗଡିଗଲା । ତା' ସଙ୍ଗେ ଆଉ କିଛିଟା ଥାକ ହଲିଗଲା । ଭାରି କାଠଗୁଡା ମାଡିଆସିଲେ ବଞ୍ଚିବା କଷ୍ଟ । ଅବିନାଶ ଡେଇଁପଡି ପଛକୁ ପଳାଇଲା । ବୁଢା ମଧ୍ୟ ଡେଇଁପଡି ଆଉ ଏକ ଥାକମରା ହୋଇଥିବା ପଟା ସନ୍ଧିରୁ ଅନାଇଲେ । ଅବିନାଶ ସେପଟକୁ ଅନାଇଲା । ବାହରୁ ଜୋରରେ ଆଲୁଅ ଆସୁଛି । ଏକ ରେଳ ଧାରଣାଟିଏ ସେ ଆଲୁଅ ଆଡକୁ ଲମ୍ବି ଯାଇଛି । ବୁଢା ତାଙ୍କ ଜାଗାରୁ ମୋଟେ ବାହରିଲେନି ଆଉ ସେମିତି ବାହରୁ ଆସୁଥିବା ଆଲୁଅ ଆଡକୁ ଅନାଇ ରହିଲେ । ଅନ୍ଧାରିଆ ଘର ଭିତରୁ ଏତେ ଆଲୁଅକୁ ଅବିନାଶ ଅନାଇ ପାରୁନଥିଲା, ଆଖି ଝଲସି ଯାଉଥିଲା ।

ଆରେ ତମ ସାଙ୍ଗରେ ବହୁତ କଥାହେଲିଣି । ମୋ କାମ ପରା ବାକି ପଡିଛି ।-ବୁଢା କହିଲେ ଆଉ ସମୁଦ୍ର କୂଳରେ ଥିବା ଲଗପଣ୍ଡ ପାଖକୁ ଚାଲିଲେ । ଅବିନାଶ ସେମିତି କାଠଗରମାନଙ୍କ ଦେଇ ଲଗପଣ୍ଡ ଆଡକୁ ଚାଲିଲା । ବର୍ତ୍ତମାନ କେହି କୁଆଡେ ନାହାନ୍ତି । ଲଗ ପଣ୍ଡ କଡରେ ଏକ ଛୋଟ କାଠ ଘର । କବାଟ ଖୋଲା ଅଛି । ଭିତରେ କିଏ ଥିଲା ପରି ଲାଗୁଥିଲା । ଏକ ମନ୍ଦାର ଗଛ । ଲାଲ ଫୁଲ ଫୁଟିଛି । ପାଖରେ ଏକ ନଡିଆ ଗଛ । ବୁଢା ସେ କୋଠରୀରରେ ପଶିଗଲେ । ଅବିନାଶ ବାହାରେ ଠିଆହୋଇ ଲଗ ପଣ୍ଡର ପାଚେରୀକୁ ଅନାଇଲା । ମାଛରଙ୍କ ପକ୍ଷୀଟି ସେମିତି ବସିଛି, ଏବେ କେବଳ ଥଣ୍ଟଟା ଏପଟକୁ କରିଦେଇଛି । ତା'ର ମୋଟ ଥଣ୍ଟ ଲଗ ପଣ୍ଡର ପାଣିକୁ ମୁହାଁଇ ରହିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଢା ବାହାରି ଆସିଲେ । ଆଖିରେ ଏକ ସ୍କୁବା ଡାଇଭର ଲଗାଉଥିବା ଭଳି ଚଷମା ପିନ୍ଧିଛନ୍ତି । ବୁଢାଙ୍କ ରୂପ ଦେଖି ଅବିନାଶ କିଛି ବୁଝିପାରିଲାନି ।

ଡାଇଭିଙ୍ଗ କରିବେ ନା କ'ଣ ?

ମୁଁ ଲଗପଣ୍ଡର ବୁଡାଳୀ । ଏବେ ବୁଡିବାକୁ ପଡ଼ିବ ।

ଏବେ ବୁଡିବେ ? କ'ଣ କହୁଛନ୍ତି ? ଆଉ ଘଡିଏ ଭିତରେ ଅନ୍ଧାର ହୋଇଯିବ ପରା ।

ଓଜନିଆ ଲଗଗୁଡା ପାଣିରେ ବୁଡିକରି ଅଛି । ସେଗୁଡାକୁ ଟାଣିବାକୁ ପଡ଼ିବ । ହିସାବ ଠିକ ମିଳିବା ଦରକାର । ଏପର୍ଯ୍ୟନ୍ତ ହିସାବ ମିଳିନି ।- ବୁଢା କହିଲେ । ଅବିନାଶ କିଛି ବୁଝିପାରିଲାନି ।

କାଠଗର ତ ପାଣିରେ ଭାସେ, ବୁଡିବେ କାହିଁକି ?

କିଛି ଲଗ ପାଣିରେ ଭାସେ । ଆଉ ବ୍ଲାକ ଚୁଗଲମ୍, ଟମପିଙ୍ଗ, ପେମା, ମହଜ୍ଞା, ଗର୍ଜ୍ଜନ ଭଳି କିଛି ଲଗ ପାଣିରେ ବୁଡିଯାଏ । ମୋତେ ପାଣିରେ ବୁଡି ସେମିତିଆ ଲଗକୁ ହୁକରେ ବାନ୍ଧିବାକୁ ପଡେ ।ତା'ପରେ ସେଗୁଡିକୁ ଟଣାଯାଇପାରିବ ।- ବୁଢା କହିଲେ ଆଉ ଜୋରରେ ଜୋରରେ ନିଃଶ୍ୱାସ ନେଲେ । ସେ ନିଜ ଭିତରେ ଯେତେ ହୋଇପାରେ ସେତେ ପବନ ଭରୁଥିଲେ ।

ଏଣେ ଅବିନାଶ ଏମିତିଆ କାଣ୍ଡ କାରଖାନା ଦେଖି କିଛି ବୁଝି ପାରୁନଥିଲା । ବେଳ ବୁଡିବା ବୁଡିବା ହେଲାଣି । ଆଉ ବୁଢାଙ୍କୁ ସମୟ ମିଳିଲାନି ବୁଡିବାକୁ । ହଁ, ଆଗର ମଣିଷଗୁଡାକ ନା । ସେମାନେ କାମ ନସରିଲେ ଘରକୁ ଯାଆନ୍ତିନି । କାମ ପ୍ରତି ସେମାନଙ୍କର ମାୟା ମୋହ ଥାଏ । ବୁଢା ଅବିନାଶକୁ ଟିକେ ଅନାଇଲେ । ତାଙ୍କର ଆଖି ଘରଚଟିଆମାନଙ୍କ ଖାଇବା ଜାଗାକୁ ଚାଲିଗଲା । ସେମାନେ କେତେବେଳୁ ସେଠୁ ଖାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉଡିଗଲେଣି । ଏକ ବଣିଟିଏ ବସିଥିଲା । ଗୋଟାଏ ଘରଚଟିଆ ଗଛ ଗହଳିରୁ ବସି ଚିଁ ଚିଁ ହେଉଥିଲା । ବଣିଟି ସ୍ଥିର ଦୃଷ୍ଟିରେ ଏମାନଙ୍କୁ ଅନାଇଥିଲା ।

ଆଉ ବୁଢା ସିଧା ଲଗ ପଣ୍ଡ ଭିତରକୁ ଓହ୍ଲାଇ ପାଣି ଭିତରେ ବୁଡିଗଲେ । ଏକ ଛୋଟ ଲହଡି ତାଙ୍କ ଚାରିପଟେ ଖେଳିଗଲା । ଥରେ ଦି ଥର ବୁଢା ପାଣିରୁ ମୁଣ୍ଡ ଦେଖାଇଛନ୍ତି, କିନ୍ତୁ ପରେ ଆଉ ଉପରକୁ ଆସିଲେନି ବହୁ ସମୟ ଧରି ବୁଡି ରହିଲେ । ବୁଢା ବୋଧେ ଏକ ବଡ଼ ଲଗକୁ ଉଠାଉଥିବେ । ଅବିନାଶ ଆଉ କେତେ ସମୟ ଠିଆ ହୁଅନ୍ତା । କେହି କଥା ହେବାକୁ ନାହାନ୍ତି । ବାଟରେ ଧୂଆଁ ବାହାରୁଥିବା ଘର । ସେଇଠି କଳା ଧୂଆଁ ମୋଟା ଆକାରରେ ନାହିଁ, ଧଳା ଧୂଆଁ ରହି ରହିକରି ଧିରେ ଉଠୁଛି । ଚାଥାମ ତାହାହେଲେ ଏକ ଅଙ୍ଗାର କାରଖାନାରେ ପରିଣତ ହୋଇ ପୁଣି ଠିଆ ହୋଇଯାଇଛି । ସବୁ ଦିନେ ଅଙ୍ଗାର ହବାର ଅଛି । ବୃକ୍ଷର ଇତିହାସ ତାହାହେଲେ ଅଙ୍ଗାରରେ, ଧୂଆଁରେ ମିଳେଇଯାଏ ।

ସମୁଦ୍ର କୂଳରେ ତା'କୁ କିଛି ଗଛ ଦେଖାଯାଉଥିଲା, ଧାଡି ଧାଡି ଗଛ ଯେମିତି କେଉଁ ଯୁଗରୁ ଠିଆହୋଇ ରହିଛି । ତା'କୁ ଫାଶୀରେ ଲଟକି ରହିଥିବା, ଗଣିହେଉନଥିବା କଇଦୀମାନଙ୍କର ଶରୀର ଝୁଲୁଥିବା ଦେଖାଯାଉଥିଲା, ବେକ ଲମ୍ବା ହୋଇଯାଇଛି । ସେମାନଙ୍କ ଗୋଡ ହଲୁଛି ଆଉ ତଳେ ପଥୁରିଆ ବେଳାଭୂମିରେ ସମୁଦ୍ରର ଲହଡି କଚାଡି ହୋଇ ପଡୁଛି । ଚାଥାମରେ ସ୍ମୃତିର କାଠଗରମାନ ଜଡି ହୋଇଯାଇଛି । ଏମିତି କିଛି ଦିନ ବିତିଗଲା ଚାଥାମକୁ ଦୂର ସମୁଦ୍ରର କୁଳରୁ ଅନାଇ ।

ଅବିନାଶ, ତୁମ ଅଜଣା ମଣିଷ ?-ପ୍ରଶ୍ନଟା ତା' କାନ ପାଖରେ ଦିନେ ପୁଣି ଦୋହଲି ଉଠିଲା ।

ଏଠି ମଣିଷମାନେ ଶୋଇଛନ୍ତି, ଜଣେ କଥା କହୁଛି, ଆଉ କାନପାଖରେ ଖାଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁସଫୁସ ଶବ୍ଦମାନ ଶୁଣାଯାଉଛି ।

ଝୁଲୁଥିବା ମଣିଷମାନେ, ସେମାନେ ପ୍ରଥମ ଅଜଣା ମଣିଷ ?

ଅବିନାଶ ଚମକିପଡିଲା । ସେମାନଙ୍କ ଝୁଲା ଶରୀରମାନ ଗଛରେ ଦୋଳିଖେଳୁଥିବ । ସେମାନଙ୍କ ନାଁ ? ଗଛମୂଳରେ ଲେଖାହୋଇନାହିଁ । ଛାଇ ଅନ୍ଧାର ଭିତରେ କିଛି ବାରିହେବନି । ଧୂଆଁ ଧୂଳି ଭିତରେ କିଛି ଠିକ ଜାଣି ହେବନି । ଆଉ କେଉଁଠି ଖୋଜିବ । ଅବିନାଶ ଆଉ ନଅଟକି ଆଗେଇ ଚାଲିଲା । ହୁଏତ ବହୁ ଦୂରରୁ କିଛି ଦେଖାଯିବ ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଗଡ଼ା



ସଞ୍ଜୀବ କୁମାର ଦାସ

କଥା ଆମ ଯୌଥ ପରିବାରର ଏବଂ ଏହି କଥା ଠିକ ଗତ ଷାଠିଏ ଦଶକର ଆଦ୍ୟ ଭାଗରେ । ମୋତେ ହେତୁ ହେଲାରୁ ମୋ ବଉ ଶୁଣେଇଥିବା ଆମ ଘରର ସେହି ସମୟର ନିଛକ କଥାକୁ ଏଇଠି କହିବାର ପ୍ରୟାସ ମାତ୍ର ।

ଆଠ ଏକର ଜମିର ଚାଷବାସ ଏବଂ ଘରେ କାମଦାମ ଓ ବୋଲହାକ ପାଇଁ ଲୋକଟିଏ ନିହାତି ଦରକାର । ଆମ ଘରେ ରହି ଆଗରୁ କାମ କରୁଥିବା ଭାଗୀ କକା ବୟସ ଆଧିକ୍ୟରୁ ତାଙ୍କ ଗାଁ ନରଣପୁର ଚାଲି ଯାଇଥିଲେ । ସେ ପ୍ରାୟ ବାର ବର୍ଷ ଆମ ଘରେ ରହିଥିଲେ । ମୁଁ ମୋ ବୁଢୀମାଠୁଁ ଶୁଣିଚି ଯିଏ ବି ଆମ ଘରେ ରହିଛନ୍ତି କେହି କେବେ ଦଶ ବର୍ଷ ଆଗରୁ ଆମ ଘର ଛାଡ଼ି ନାହାନ୍ତି । ନରଣପୁର ଆମ ଗାଁ କଲେଇଠାରୁ ସତ ଆଠ କିଲୋମିଟର ଦୂର । ଭାଗୀ କକା ଚାଲି ଗଲା ଉତ୍ତାରୁ ମୋ ଅଜା ତାଙ୍କ ଗାଁର ସିଦ୍ଧେଶ୍ୱର ନାୟକଙ୍କୁ ମୋ ବଉ କଥାରେ କିଛିଦିନ ପାଇଁ ଆମ ଘରକୁ ପଠାଇଥିଲେ । ଆମେ ତାଙ୍କୁ ସିନ୍ଧୁଆ ଅଜା ବୋଲି ଡାକୁ । ସିନ୍ଧୁଆ ଅଜା ମାମୁଁ ଘରେ ସବୁ କାମ କରନ୍ତି । ଆମ ମାମୁଁ ମାନଙ୍କ ପାଇଁ ସେ ସିନ୍ଧୁଆ ଦାଦା । ସେ ଅଳ୍ପ ଦିନ କାମ କଲାପରେ ବଡ଼ ମାମୁଁ ବଉ ପାଖକୁ ଖବର ପଠାଇଲେ ଅଜାଙ୍କ ଦେହ ଭଲ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାହିଁ ,ସିନ୍ଧୁଆ ଦାଦାକୁ ଜଲ୍‌ଦି ପଠା । ବଉ କାଳ ବିଳମ୍ବ ନ କରି ସିନ୍ଧୁଆ ଅଜାକୁ ନେଇ ମାମୁଁ ଘରକୁ ଚାଲି ଆସିଲା ।

ମୋ ବଉ ମଝିଆଁ । ମୋ ବୁଢାବା (ସାଆନ୍ତ ବା ଜେଜେଙ୍କୁ ଆମେ ବୁଢାବା ବୋଲି ଡାକୁ) ମୋ ବୋଉକୁ ଘର କରଣାର ସବୁ ଦାୟିତ୍ୱ ଦେଇ ଥିଲେ କାରଣ ବଡ଼ ବଉ ଓ ସାନ ମା', ବଡବା ଏବଂ ସାନବାଙ୍କ ଚାକିରୀ ଜାଗାରେ ରହୁଥିଲେ । ପର୍ବ ପର୍ବାଣିରେ ସଭିଏଁ ଏକାଠି ହୁଅନ୍ତି । ବଡବା ଏକ୍ସାଇଜ୍ ଇନ୍‌ସପେକଟର ଭାବରେ ରାଉରକେଲାରେ ପାଖାପାଖି ପାଞ୍ଚ ବର୍ଷ ରହିଲେଣି । ପ୍ରାୟ ସବୁ ପର୍ବରେ ସେ ଗାଁକୁ ଆସନ୍ତି । ବଡ଼ ବଉ ସାଙ୍ଗରେ ଥାଏ । ବଡ଼ବାଙ୍କ ପିଲାମାନେ ବଡ଼ ହୋଇଯାଇଥିବାରୁ କେବେ କେବେ ସେମାନଙ୍କୁ ଛାଡ଼ି ଆସିବାରେ କିଛି ଅସୁବିଧା ହୁଏନି । ସାନବା ଭଦ୍ରକ ହେଡ୍ ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର । ତାଙ୍କ ପିଲାଙ୍କୁ ନେଇ ସେ ସେଠାରେ ରୁହନ୍ତି । ଏଠି ଗାଁରେ ମୁଁ, ମୋ ବାପା ବୋଉ ଏବଂ ଅନ୍ୟ ଚାରି ଭାଇ ଓ ଜଣେ ଭଉଣୀ  ବୁଢାବା ବୁଢୀମା ପାଖରେ ରହୁ । ବାପା ଭଦ୍ରକର ଜଣାଶୁଣା ଆଡ଼ଭୋକେଟ ଦୀନବନ୍ଧୁ ମିତ୍ରଙ୍କ ସିରସ୍ତାରେ ମୋହରିର ।

ସିନ୍ଧୁଆ ଅଜା ଯିବା ପରେ ବୁଢାବା ବଡବାଙ୍କୁ ଖବର ଦେଲେ ରାଉରକେଲାରୁ ଭଲ ପିଲାଟିଏ ଆଣିବାକୁ, ଘରେ ରହି କାମ କରିବ, ଘର କାମଠୁଁ ଚାଷବାସ ଯାଏଁ । ଆଗରୁ ବଡ଼ବା ଯେବେବି ଆସୁଥିଲେ ଭାଗି କକାକୁ ସବୁ ଘର କାମ ଠିକ ଠାକ କରୁଥିବାର ଦେଖୁଥିଲେ । ଖୁସିରେ ତା ପାଇଁ ଲୁଙ୍ଗି, ଗାମୁଛା ଓ ଗଞ୍ଜିଟିଏ ନେଇ ଆସୁଥିଲେ ପ୍ରାୟ ସବୁ ରାଜ ସଂକ୍ରାନ୍ତି ବେଳକୁ । ଏଥର ବୁଢାବାଙ୍କ ଚିଠି ପାଇ ସେ ତାଙ୍କ ଅଫିସର ଜଣେ ସହକର୍ମୀଙ୍କୁ କୁହାବୋଲା କରି ମନଲାଖି ପିଲାଟିଏ ଖୋଜି ପାଇଥିଲେ ।

ସେଦିନ ଶନିବାର । ଆଗକୁ ଲାଗ ଲାଗ ଦି ଦିନ ବଡବାଙ୍କ  ଛୁଟି ଥାଏ । ରବିବାର ଓ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରଦିନ ଦୋଳ ପୁନେଇଁ । ପଞ୍ଚଦୋଳ ଆରମ୍ଭ ହୋଇ ଚାରି ଦିନ ଗଲାଣି । ମୁହଁ ଅନ୍ଧାର ସଞ୍ଜ ବେଳ । ଆଉ ଘଡ଼ିଏ ପରେ ଫଗୁଣ ଜହ୍ନ ପୂର୍ବ ଆକାଶରେ ସୁନେଲି କିରଣ ଝାଡ଼ି ଦିଗବଳୟରୁ ଉଠି ଆସିବ । ଜହ୍ନ ଆଲୁଅରେ ଘେରି ରହିଥିବା ଆମ ଘର ଅଗଣା ଝଲସିଉଠିବ । ଠିକ ଏହି ସମୟରେ ପନ୍ଦର ଷୋହଳ ବର୍ଷର ହୃଷ୍ଟପୃଷ୍ଟ ପିଲାଟିଏ ଆମ ଦାଣ୍ଡ ଦୁଆରେ ପହଁଚିଲା, ସାଙ୍ଗରେ ବଡବା । ଆମ ଦାଣ୍ଡ ବାରଣ୍ଡା ଆଗରେ ଭାରି ଶକ୍ତ ଗୋଟିଏ କାଠ ଚୌକିରେ ଆଉଜି ବସିଥିବା ବୁଢାବା ସାମନାରେ ପିଲାଟିକୁ ଦେଖି ବଡବା ନାରାୟଣ ଦାସଙ୍କୁ ପଚାରିଲେ, ନାରଣ, ତୁ କେତେବେଳେ ଆସିଲୁ କି ? ଇଏ ପିଲାଟି କିଏ କି ରେ ? ଇଏ ବାଗଡା, ବାପା । ଆମ ଘରେ କାମ କରିବ । ଆପଣଙ୍କ କହିବା ମୁତାବକ ପିଲାଟିଏ ପାଇଛି । ୟାକୁ ବାପା ସମସ୍ତେ ଏଇ ନାଁରେ ଡାକନ୍ତି । ତା ଭଲ ନାଁ ବାଗୁନ ମୁଣ୍ଡା । ପିଲାଟି କପ୍ତିପଦା ଅଂଚଳର । ଆମ ଅଫିସର ଜଣେ ଷ୍ଟାଫ ତାକୁ ତାଙ୍କ ଗାଁରୁ ଆଣି ମୋ ହିପାଜତରେ ଛାଡିଛନ୍ତି ।

ପିଲାଟି ବେଳୁ ମା' ବାପାକୁ ହରାଇବାପରେ ଛେଉଣ୍ଡ ପିଲାଟା ତା ଦାଦା ପାଖରେ ରହି ପଢ଼ାଶୁଣା କରୁଥିଲା । ହେଲେ ବେଶୀ ପାଠ ପଢ଼ିପାରିଲାନି । ତା ଦାଦାଙ୍କ ପରିବାର ବଡ଼ ହୋଇଥିବାରୁ ସେ ଇଆର ଭଲ ମନ୍ଦ ବୁଝି ପାରିଲେ ନାହିଁ । ଅଷ୍ଟମ ଶ୍ରେଣୀ ପଢିବା ବେଳକୁ ତା ପୋଥିରେ ଡୋର ବନ୍ଧା ହୋଇଗଲା । ସେଇଠୁ ଦାଦା ତା'ର ତାକୁ ଅନ୍ୟଠି କାମ କରି ପେଟପାଟଣା ସମ୍ଭାଳିବାକୁ ତାଙ୍କର ରାଇରଙ୍ଗପୁରର ଜଣେ ଆତ୍ମୀୟଙ୍କ ଘରେ ଛାଡି ଦେଇଥିଲେ । ସେଇଠି କିଛି ହାଲୁକା ପୁଲୁକା ପାଇଟି କରୁଥିଲା । ଅଳ୍ପ ବୟସ ହୋଇଥିବାରୁ ତାକୁ ଭାରିକାମ କରିବା ଆସିଲା ନାହିଁ । ତା'ଛଡା ଆତ୍ମୀୟମାନେ ତାକୁ କେତେଦିନ ବା ପାଖରେ ରଖିବେ ! ବଢ଼ିଲା ପିଲାଟିର ସବୁ ଖୋରାକ ଯୋଗାଇବା ସେମାନଙ୍କ ପକ୍ଷେ ସମ୍ଭବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲାନାହିଁ । ଛାଏଁ ଅପସରି ଗଲେ । ଏଣେ ଅଧାରୁ ପାଠ ଛାଡିଥିବା ବାଗଡା ମନ କିନ୍ତୁ ସ୍କୁଲରେ ରହିଥାଏ । ହେଲେ ପାଠ ପଢିବ କେମିତି ସେ ! ଏତେ ଅସୁବିଧା ଭିତରେ ସେ ମନ କଥା ମନରେ ରଖି ଭାବିଲା ତା ଗାଁ ଇଲାକା ଛାଡି ବହୁଦୂରକୁ ଚାଲି ଆସିବ ଯେଉଁଠି ଥିବ ନିଛକ ଭଲ ପାଇବାର ଆକର୍ଷଣ ଅଚିହ୍ନା ମଣିଷଙ୍କ ଭିତରେ ଏବଂ ସେଇଠି ସେ ନିଜ ଗୋଡ଼ରେ ଠିଆ ହେବାକୁ ସୁଯୋଗଟିଏ ଖୋଜିବ । ଭଲକରି ଦୁଇ ଓଳି ଖାଇବାର ସୁଯୋଗ ପାଇନଥିବା ଏହି ପିଲାଟି ଦିନେ ଆମ ରାଇରଙ୍ଗପୁର ଷ୍ଟାଫ ପାଖରେ ପହଂଚି ସବୁ କଥା କହିଥିଲା । ତା' ପରେ ସେ ତାକୁ ମୋ ପାଖକୁ ନେଇ ଆସି ପିଲାଟିର ସବୁ ଦାୟିତ୍ୱ ଦେଇଛନ୍ତି ।

ବଡବାଙ୍କ କଥା ଶୁଣୁ ଶୁଣୁ ବୁଢାବା ଖୁବ ଭାବ ବିହ୍ୱଳ ହୋଇପଡିଲେ, ହେବା ସ୍ୱାଭାବିକ । ଦାଣ୍ଡ ଦୁଆରୁ ବୁଢ଼ୀ ମା'କୁ ଡାକ ପକାଇ କହିଲେ, ଦେଖ ରୁକ (ମୋ ବୁଢୀମା ରୁକ୍ମିଣୀକୁ ସିଏ ଏଇ ନାଁରେ ଡାକନ୍ତି), ନାରଣ କାହାକୁ ନେଇ ଆସିଛି ! ବୁଢୀମା ଦୁଆର ମୁହଁକୁ ଆସି ଦେଖେ ତ କଳା ମଚମଚ ବଳିଷ୍ଠ ଚେହେରା ସାଙ୍ଗକୁ ଡଉଲ ଡାଉଲ ପିଲାଟିଏ । ହାଫ ପ୍ୟାଣ୍ଟ ହାଫ ସାର୍ଟ ପରିହିତ ପିଲାଟି ଅତି ନମ୍ରତାର ସହ ବୁଢୀମାର ପାଦ ଛୁଇଁ ଆଶୀର୍ବାଦ ନେବାକୁ ଆଗେଇ ଆସିଲା । ବୁଢୀମା ପୁରୁଣା କାଳିଆ ଲୋକ । ଅଗତ୍ୟା ବାହାର ଅଚିହ୍ନା ଲୋକ ତା'ର ପାଦ ଛୁଇଁବାଟା ସେ ପସନ୍ଦ କଲା ନାହିଁ । ତ ପାଦ ଦୁଇଟାକୁ ପଛକୁ ଆଡେଇ ନେଲା । ବୁଢାବା ମୋ ବୁଢୀମାର ଏଇ କରତବଟାକୁ ଠଉରେଇନେଲେ । କହିଲେ, ନାରଣ ଓ ବାଗଡାର ଜଳଖିଆ ବ୍ୟବସ୍ଥା କର ।

ସରୁ ନିଶ ଥାଇ ମୁଚୁକି ମୁଚୁକି ହସୁଥିବା ପିଲାଟି ଏବେ ବୁଢାବାଙ୍କ ପାଖକୁ ଆସି ତାଙ୍କ ସାମନାରେ ବସି ପଡିଲା । ଭାବିଲା ସେ ତା ଇପ୍ସିତ ସ୍ଥାନରେ ପହଂଚି ଯାଇଛି । ବୁଢାବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଡବାଙ୍କୁ କହିଲେ ପିଲାଟି ବିଷୟରେ ଯାହା କହିଲୁ ମୁଁ ସବୁ ଶୁଣିଲି । ପିଲାଟି ବାହାରର ଓ ଆଦିବାସୀ ସମ୍ପ୍ରଦାୟର ହେଲେ ମଧ୍ୟ ମୁଁ ତାକୁ ମୋ ଘରେ ରଖିବି । ଏ ବିଷୟରେ କାହାର କିଛି କହିବାର ନାହିଁ । ଆମ ଆଖପାଖ ଗାଁରେ ଛୁଆଁ ଅଛୁଆଁ ଭାବଟି ଏବେ ମଧ୍ୟ ରହିଛି, ମୁଁ ଏସବୁକୁ ମାନୁ ନାହିଁ । ସଭ୍ୟ ସମାଜରେ ଏ ପ୍ରକାର ବାରଣ ମୋତେ ଖୁବ ଦୁଃଖ ଦିଏ । ଅବଶ୍ୟ ମୁଁ ସମସ୍ତଙ୍କ ଭିତରେ ଜାତିପାତ ବିରୁଦ୍ଧରେ ଜାଗରୁକତା ସୃଷ୍ଟି ପାଇଁ ଉଦ୍ୟମ କରୁଛି । ବଡ଼ ବା ଆଶ୍ୱସ୍ତ ହେଲେ, ଯାହା ହେଉ ସେ ଘେନି ଆସିଥିବା ଆଦିବାସୀ ପିଲାଟି ତାଙ୍କ ଘରେ ବିଶେଷତଃ ଘରର ମୁରବୀ ଅର୍ଥାତ ମୋ ବୁଢାବା'ଙ୍କ ସ୍ୱୀକୃତି ଲାଭ କରି ସାରିଛି, ପରିବାରର ଜଣେ ସଦସ୍ୟ ହେବାର । ବାସ, ସେଇ ଦିନଠୁଁ ବଗଡ଼ା ଜୀବନର ଆଉ ଏକ ଅଧ୍ୟାୟ ଆମ ଘରେ ହିଁ ଆରମ୍ଭ ହେଲା । ଦୁଇ ତିନ ଦିନ ରହି ବଡବା ଫେରିଗଲେ ରାଉରକେଲା । କହିଗଲେ ବୁଢୀମାକୁ ବାଗଡାର ଭଲ ମନ୍ଦ ବୁଝିବାକୁ ।

ବଡବା ଯିବା ପରେ ବୁଢାବା ହଠାତ ପଢୁଆ ପିଲା ବାଗଡାକୁ ଘର କାମ ଛଡା ବାହାର କାମରେ ଲଗାଇବାକୁ ଇଛା କଲେ ନାହିଁ, ଯଦିଓ ଉଭୟ ଘର ବାହାର ପାଇଁ ଲୋକଟିଏ ଦରକାର ହେଉଥିଲା । ତାଙ୍କ ମନରେ ତା ପାଇଁ ଦରଦ ଥିଲା ଭିନ୍ନ ପ୍ରକାର । ସେ ଚାହୁଁଥିଲେ ପିଲାଟିର ପ୍ରଥମ ଇଛା ପୂରଣ କରି କୌଣସିମତେ ତାକୁ ମେଟ୍ରିକୁଲେଟଟିଏ କରିବାକୁ । ବିଲ ବାଡ଼ି କାମ ପାଇଁ ଗାଁର ସମ୍ପର୍କୀୟ ମୋ ହିସାବର ସୁରିଆ ଭାଇ ଓ ନଟ ଦାଦିଙ୍କୁ ଅନୁରୋଧ କଲେ । ସେମାନେ ହଁ କରିବାରୁ ବୁଢାବା ବାଗଡା ପାଇଁ ନୂଆ କାର୍ଯ୍ୟକ୍ରମଟିଏ ପ୍ରସ୍ତୁତ କଲେ । ଘରର ଛୋଟ ଛୋଟ କାମ ତାକୁ ଦେଇ ପାଠ ପଢିବାକୁ ଉତ୍ସାହିତ କଲେ । ଏପଟେ ଆମ ଗାଁ ହାଇସ୍କୁଲର ହେଡମାଷ୍ଟ୍ରଙ୍କୁ କହି ବାଗଡାର ନବମ ଶ୍ରେଣୀରେ ଦାଖିଲା ବି କରାଇଦେଲେ । ହେଡମାଷ୍ଟ୍ରେଙ୍କୁ କହିଲେ ବାଗୁନ (ବାଗଡା) ଯେମିତି ମେଟ୍ରିକଟା ପାସ କରିଯାଏ ନିଘା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଖିବେ । ଏଥର ବାଗଡା ମୋ ବଡ଼ ଭାଇ ମାନଙ୍କ ସଂଗେ ସ୍କୁଲ ଯିବା ଆରମ୍ଭ କଲା । ସ୍କୁଲ ଯିବା ପୂର୍ବରୁ ଆଉ ଛୁଟି ପରେ ଘରକୁ ଫେରି ମୋ ବଉ କାମରେ ହାତ ବଢ଼ାଇଲା । ତା ଖୁସି କହିଲେ ନ ସରେ !

ବୁଢାବା ତାକୁ ଘର କାମ ବିଷୟରେ ବୁଝେଇ ଦେଇଥିଲେ । ସେ ଅବଶ୍ୟ ଜାଣିଥିଲେ ପିଲାଟା ଭାଗୀ କକା କିମ୍ବା ସିଂଧୁଆ ଅଜା କରୁଥିବା ଓଜନିଆ କାମ କରି ପାରିବ ନାହିଁ, ବୟସ ବଢିଲେ ସେ ଧୀରେ ଧୀରେ ସେହି କାମ ସବୁ ଅବଶ୍ୟ ତୁଲାଇ ପାରିବ । ସେ ଏଥିପାଇଁ ସୁରିଆ ଭାଇ ଓ ନଟ ଦାଦିଙ୍କ ସହାୟତା ଲୋଡିଲେ । ସେହି ହିସାବରେ ରବିବାର କିମ୍ବା ସ୍କୁଲ ଛୁଟି ଥିଲେ ସେ ବାଗଡାକୁ ସେମାନଙ୍କ ସହ ବିଲକୁ ପଠାଇ ଦିଅନ୍ତି ଏବଂ ହିଡରେ ବସି ଚାଷ କାମ ଦେଖିବାକୁ କହନ୍ତି । ପ୍ରଥମେ ପ୍ରଥମେ ବାଗଡା ବିଲରେ ହଳ ଯୋଖା, ଧାନ ବୁଣିବା, ବାଟିଆ ପକାଇବା ଆଦି ସବୁ କାମ ଦେଖିଲା । କିଛି ଦିନ ଗଲା ପରେ ସେ ବୁଢାବାଙ୍କୁ କହିଲା ମୁଁ ସେ ସବୁ କାମ କରି ପାରିବି । ବୁଢାବା ଯଦିଚ ତାକୁ ବାରଣ କଲେନି, କହିଲେ ସେଥିପାଇଁ ପଢ଼ାରେ ଯେଉଁରକମ ବାଧା ନ ପଡେ । ବାଗଡା ଛାତ୍ର ସୁଲଭ ଠାଣିରେ 'ଆଜ୍ଞା' କହିଲା ।

ବୁଢାବାଙ୍କ ପରାମର୍ଶ ଅନୁସାରେ ତା'ର ଦୈନନ୍ଦିନ ରୁଟିନ ଠିକ ରୂପେ ଚାଲିଥାଏ । ଏପଟେ ମୋ ବୋଉ ଏକଲା ଘରର ଯାବତୀୟ କାମସାଙ୍ଗକୁ ଗୁହାଳେ ଗାଈ ବଳଦଙ୍କ ଖାଇବା ପିଇବା, କ୍ଷୀର ଦୁହିଁବା, ଗୋବର ଉଠେଇବା ଏବଂ ବିଲକୁ ମୂଲିଆଙ୍କ ପାଇଁ ସକାଳ ଖାଇବା ପଠାଇବା ଆଦି ନିୟମିତ ରୁଟିନରୁ ତ୍ରାହି ପାଉ ନ ଥିଲା । ଏମିତିକି ତା ପ୍ରିୟ ଲୁଣ ମିଶା ଚା' ଟିକିଏ ପିଇବାକୁ ଫୁରସତ ପାଉ ନ ଥିଲା । ଏବେ ବାଗଡା ବୁଢାବାଙ୍କ ଖସଡ଼ା ମୁତାବକ ଖଳାବାଡ଼ି ଓ ଦାଣ୍ଡ ଦୁଆର ସଫା କରିବା କାମରେ ହାତ ବଢାଇବାରୁ ମୋ ବଉ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରର ଅନ୍ୟ କାମ ସହିତ ରନ୍ଧାବଢ଼ା କାମକୁ ଭଲ ଭାବେ କରିବାକୁ ସମୟ ପାଇଲା । ତା' ସହିତ ବୁଢୀମାର ବୁଢାବା  ଓ ମୋ ବାପାଙ୍କ ପାଇଁ ସକାଳର ଚା' ଓ ଜଳଖିଆ ତିଆରି କରିବାର କାମଟା ହାଲୁକା ହୋଇଗଲା । କେବଳ ମୋ ପାଇଁ ଏବଂ ମୋ ଅପା ଆଉ ଚାରି ଭାଇ ଓ ବାଗଡା ପାଇଁ ସକାଳର ପିଠା ସେହିଁ ତିଆରି କଲା ।

........କ୍ରମଶଃ ......

ମର୍କତ ନଗର,
କଟକ - ୭୫୩୦୧୪
ଭ୍ରାମ୍ୟଭାଷ : ୭୩୭୧୬୨୯୦୦୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଗାଁକୁ ଫେରୁଥିବା ଟ୍ରେନ୍



ସୁକାନ୍ତ ଖଣ୍ଡା

ସେ ଦିନ ଗାଁ'କୁ ଟ୍ରେନଟି ଫେରୁଥାଏ । ବଡ଼ ଭୟଙ୍କର ଗର୍ଜନ କରି । ମୁଁ ଭାରି ଅସ୍ତବ୍ୟସ୍ତ ହେଉଥାଏ କି ଯଥାଶୀଘ୍ର ଟ୍ରେନଟି ଆସନ୍ତା ତ ମୁଁ ଆତ୍ମହତ୍ୟା କରି ନିଅନ୍ତି । ମୋର ମନ ଗହନ ତଳେ ଅସୁମାରୀ ବ୍ୟଥା କି ଆଉ ଏ ଦୁର୍ବ୍ୟବହାର ଓ ଅକଥନ ଅସହ୍ୟ ଅଟେ । ଜୀବନରେ କେବେ ଏମିତି ଶୁଣି ନ ଥିଲି ଅଥଚ ମୋତେ ଶୁଣାଇବ ପତ୍ନୀ ପୁରୁଷାର୍ଥ ହୀନତା ସକାଶେ ।

ବିବାହର ମାତ୍ର ଅଳ୍ପ କେଇ ଦିନ ନ ଯାଉଣୁ ପତ୍ନୀର ଅପଭାଷା ଶୁଣିବା ଅସହ୍ୟ ହେବାରୁ ମୁଁ ଦୌଡ଼ିଗଲି ଗାଁ'କୁ ଫେରି ଆସୁଥିବା ଟ୍ରେନ୍ ପାଖକୁ । ମୃତ୍ୟୁର କୋଳରେ ଶୋଇବାକୁ । ମୁଁ ଯଦି ମୃତ୍ୟୁର କୋଳରେ ଶୋଇଯାଏ ତ ତା' ମଥାରୁ ଅବଶ୍ୟ ସିନ୍ଦୂର, ହାତରୁ କଙ୍କଣ ଆଉ ଦେହରେ ଯେବେ ଧଳା ଲୁଗା ଶୋଭା ପାଇବ ଜାଣିବ ସ୍ୱାମୀର ମୂଲ୍ୟ କେତେ ? ରାଗ ତମତମ ହୋଇ ଦୌଡି ଟ୍ରେନର ସାମ୍ନାରେ ଯାଇ ପଶିଯିବି ବୋଲି ଉଦ୍ୟତ ହେଉଥାଏ ମାତ୍ର ଟ୍ରେନଟି ଭୀଷଣ ଅବାଜ ଦେଇ କାନର ଅତଡ଼ା ଖସାଇ ଦେଉଥାଏ । ମୁଁ ଠିକଣା ସମୟରେ ଟ୍ରେନର ଆଗରେ ପଡିଗଲି ତ ଟ୍ରେନର ପାଇଲଟ୍ ମୋତେ ନ ମଡାଇ କେମିତି ଧରିକି ଫିଙ୍ଗିଦେଲା । ମୁଁ ଧାରଣାର ବହୁ ଦୂରରେ ଯାଇ ଛିଟିକି କି ପଡ଼ିଗଲି । ମୁଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିକଳ ହୋଇ ଚିତ୍କାର କରୁଥାଏ । ମୋତେ ସହାୟତାର ହାତ ଅବା ବଢେଇବ କିଏ ? ମୁଁ ସେତେବେଳେ ଅନୁଭବ କରୁଥିଲି କି ଯଦି ପତ୍ନୀର ଝିଙ୍ଗାସ ସହି ଯାଇଥାନ୍ତି ତେବେ ଏମିତି ଆଉ ଦୁଃଖ କି କଷ୍ଟ ଭୋଗିବାକୁ ପଡ଼ି ନଥାନ୍ତା ।

ମୋର ଆଖିରେ ଅନନ୍ତ ଲୁହ । ମୁଁ ଛଟପଟ୍ ହେଉଥାଏ ଆଉ ପତ୍ନୀକୁ ଶତ ଧନ୍ୟବାଦ ଦେଉଥାଏ କି ସତରେ ତୁମେ ମହାଦେବୀ ତୁମର ସିନ୍ଦୂର ଆଉ କଙ୍କଣ ଅଟକାଇ ଦେଲା । ତୁମର ବୈଧବ୍ୟ ଯନ୍ତ୍ରଣା ଆଉ ଭୋଗିବାକୁ ପଡ଼ିବ ନାହି କିନ୍ତୁ ମୋତେ ଅନନ୍ତ ଦୁଃଖ ଭୋଗିବାକୁ ହିଁ ଅଛି । ଯେମିତି ଏବେ ଏଠାରେ ପଡ଼ିକି ଛଟପଟ ହେଉଛି । ଯଦି ଘରକୁ ଯିବି ତ ତୁମର ସେ ଭୀଷଣ ନାଲି ଆଖି । ଧିକ ! ମୋର ଏ ଜୀବନକୁ । ମୁଁ ନ ମରି ବଞ୍ଚିଗଲି କାହିଁକି ?

ମୁଁ ଭାବନା ରାଜ୍ୟରେ ଘୂରି ବୁଲିବାବେଳେ ଦେଖିଲି ଏକ ମାଲବାହୀ ଟ୍ରେନ ସାମ୍ନାକୁ ମାଡ଼ି ଆସୁଛି । ବଳ ପ୍ରୟୋଗ ଓ କୌଶଳ କରି ନିଜକୁ ଘୋଷାରି ନେଲି ଟ୍ରେନ ଧାରଣା ସାମ୍ନା ପାଖକୁ ଯାଇ ମୃତ୍ୟୁର କୋଳରେ ଶୋଇବା ନିଶ୍ଚିତ ମଣିଲି ମାତ୍ର ନିଆଁଲଗା ମାଲବାହୀ ଟ୍ରେନଟି ମଧ୍ୟ ସେଇ ଯାତ୍ରୀବାହୀ ଟ୍ରେନଟି ପରି ଫିଙ୍ଗିବାକୁ ପଛେଇଲା ନାହିଁ । ଆଗରୁ ଗୋଡଟିଏ ଓ ହାତଟାଏ ଯାଇଥିଲା ଏବେ ପୁଣି ବାକି ରହିଥିବା ଅଙ୍ଗକୁ ଭାଙ୍ଗି ଚୁରମାର କରିଦେଲା । ମୁଁ ତ ମରିବାକୁ ଆସିଥିଲି ଅଥଚ ନ ମରି ବାରବାର ବଞ୍ଚି ଯାଉଛି କାହିଁକି ? ଭୟଙ୍କର ଯନ୍ତ୍ରଣା ସହିତ ସଂଗ୍ରାମ କରୁଥାଏ ପୁଣି ଆସିଲା ଏକ ଯାତ୍ରୀବାହୀ ଟ୍ରେନ ତ ଶତଚେଷ୍ଟା କଲି ହେଲେ ବିଲକୁଲ ଟ୍ରେନ ଧାରଣା ପାଖକୁ ଯାଇ ପାରିଲି ନାହିଁ । ଯାତ୍ରୀବାହୀ ପାଇଲଟ୍ ମୋତେ ଭଲକି ଦେଖିନେଲା ତ ପ୍ଲାଟଫର୍ମରେ ଯାଇ ସବୁକଥା ଫିଟାଇ କହିଲା । ଏଥର ପୋଲିସ ସହ ହଜାର ହଜାର ଲୋକ ଯୋଗ ଦେଇ ମୋତେ ଉଦ୍ଧାର କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାକ୍ତରଖାନା ନେଇଗଲେ । ମୁଁ ଅଳ୍ପ କେଇମାସ ପରେ ଯଦିଓ ଭଲ ହୋଇଗଲି ତଥାପି ବିକଳାଙ୍ଗ ଜୀବନ ଭୋଗିବାକୁ ପଡୁଛି ।

ମୋତେ ତ ମୋର ପତ୍ନୀ ବିଲକୁଲ ଭଲ କି ଶୁଭ ଦୃଷ୍ଟିରେ ହିଁ ଦେଖୁ ନଥିଲା । ସେ ମୋତେ ଛାଡ଼ି ଏବେ ଅନ୍ୟତ୍ର କାହାର ହୋଇ ରହିଗଲା । ଏବେ ମୁଁ ବାପା ଓ ମାଆଙ୍କର ବୋଝ ହୋଇକି ରହିଗଲି । ବାପା ଓ ମାଆ ମୋର ହାବଭାବ ଦେଖି ଦିନେ ବାଟକୁ ଆସିବ ବୋଲି ବିବାହ କରାଇ ଦେଇଥିଲେ । ମୁଁ କିନ୍ତୁ ପତ୍ନୀକୁ ପୂରା ଜାହିର କରୁଥିଲି ଯେମିତି ମୁଁ ଜଣେ ବୀର ପୁରୁଷ ମୋର ପାଖରେ ବଶୀଭୂତ ହେବାକୁ ପତ୍ନୀ ଆସିଛି । ମୋର ପାଖରେ ମୁଣ୍ଡ ନୁଆଇଁ କି ରହିବାକୁ ବାଧ୍ୟ । ଆଜି ଯୁବକ କାଳରେ ସଭିଙ୍କର ସେବା କରିବାର କଥା ହେଲେ ପୂରା ବିପରୀତ । ମୋତେ ମୋର ବାପା ଆଉ ମାଆ ସେବା କରୁଛନ୍ତି ଯେମିତି ଏବେଏବେ ଜନ୍ମ ଦେଇଛନ୍ତି ।

ସବୁଦିନ ଗାଁ'କୁ ଟ୍ରେନଟି ଆସୁଛି ଆଉ ଯାଉଛି ହେଲେ ମୋର ଦେହ ଓ ମନ ବିଦ୍ରୋହ କରୁଛି । କାହିଁକି ମୁଁ ଅଳସୁଆ ହେଲି ? ନିଜେ ରୋଜଗାର ନ କରି ପତ୍ନୀକୁ ଜାହିର କରୁଥିଲି । ମୋର ଅସହାୟତା ଦେଖି ଗାଁ'କୁ ଆସୁଥିବା ଟ୍ରେନଟି ଆଉ ବୋଧେ ଅସହ୍ୟ ହୋଇ ଯାଇଛି । ପାଖକୁ ଆସିଲେ ହିଁ ଭୟଙ୍କର ଭାବରେ ଗର୍ଜନ କରି ଖଟେଇ ହୋଇ ଚାଲି ଯାଉଛି ।

ଆଜିକାଲି ମୋତେ ଗାଁ'କୁ ଆସୁଥିବା ଟ୍ରେନର ଶବ୍ଦ ଶୁଣିଲେ ହିଁ ନିଜକୁ ଲଜ୍ଜିତ ଓ ଘୃଣିତ ହେବାକୁ ପଡୁଛି ।

ଶିକ୍ଷକ, ରଙ୍ଗରତଳି, ମଣତା, ଘଟଗାଁ, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାମଲୀଳାର ରାବଣ



ସୁଧାଂଶୁ ଶେଖର ଦ୍ୱିବେଦୀ

ମୁଁ ଜଣେ ସ୍ୱପ୍ନଦର୍ଶୀ । ପ୍ରତିଦିନ ରାତିରେ ଅନେକ ଚରିତ୍ର ମୋ ସ୍ୱପ୍ନରେ ସାମିଲ ହୁଅନ୍ତି । କେବେ କେବେ ସ୍ୱପ୍ନ ଭିତରେ ଆତ୍ମ ବିଭୋର ହୁଏ ପୁଣି କେବେ ରାଗ, ରୋଷ, ଅଭିମାନ ଏବଂ କାନ୍ଦଣାର ସ୍ୱର ଲମ୍ବେଇ ଦିଏ ଘରସାରା । ସେଦିନ ବି ସେଇୟା ହେଲା । ନିଘୋଡ଼ ନିଦରେ ଶୋଇଥିବା ଅବସ୍ଥାରେ ସ୍ୱପ୍ନମନସ୍କ ହୋଇଗଲି ।

ଆମ ଗାଁ ସାହାଡ଼ା ସୁନ୍ଦରୀ ଠାକୁରାଣୀ ପୀଠରେ ପ୍ରତିବର୍ଷ ରାମଲୀଳା ହୁଏ । ରାମ-ଲକ୍ଷ୍ମଣ-ସୀତା-ହନୁମାନ ଯିଏ ବି ହୁଅନ୍ତୁ ନା କାହିଁକି ରାବଣଙ୍କ ଚରିତ୍ର ମୋତେ ବେଶ ଆକୃଷ୍ଟ କରେ । ବଇଁଶୀଜୀ ରାବଣ ଭୂମିକାରେ ଅଟ୍ଟହାସ୍ୟ କରି ଡାଇଲଗ କହିବା ବେଳେ ଜଣାଯାଏ ସତରେ ରାବଣ ଯେମିତି ଭୂ-ଲୋକକୁ ଓହ୍ଲେଇ ଆସିଛନ୍ତି । ତାଙ୍କର ସେ ତେଜଦୀପ୍ତ ଚେହେରା, ବଡ଼ ବଡ଼ ଆଖି, ବଳିଷ୍ଠ ବାହୁର ସମଷ୍ଟିରେ ରାବଣଙ୍କ ଅବତାର ହୋଇ ଅଭିନୟ କରିବା ଏକ ଚିତ୍ତାକର୍ଷକ ହୋଇଥାଏ । ତାଙ୍କ ଡାଇଲଗ କମ୍ପନରେ ଛୋଟ ଛୋଟ ପିଲାମାନେ ମଧ୍ୟ ଭୟରେ ଛାନିଆ ହୋଇ ମା'ର ପଣତ କାନିରେ ମୁହଁ ଲୁଚେଇ ଦିଅନ୍ତି । ସୀତା ହରଣ ଦୃଶ୍ୟରେ ଗାଁ ସାଇ ମାଇପଙ୍କଠାରୁ ବଇଁଶୀ ଜୀଙ୍କୁ କେତେ ଯେ ଅଶ୍ଳୀଳ ଭାଷାର ଚଉତିଶା ଶୁଣିବାକୁ ପଡେ ତାହା ଏଠି ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଖାଣିବା ଭଲ । ହେଣ୍ଡା ପାତ୍ର ହନୁମାନ ହୋଇ ଲଙ୍କା ଗଡ଼କୁ ଲମ୍ଫ ମାରି ସ୍ୱର୍ଣ୍ଣ ଲଙ୍କାପୁରୀକୁ ଜଳେଇବା ପରେ ସମସ୍ତଙ୍କ ହୃଦୟ ଶାନ୍ତ ପଡ଼ିଯାଏ । ଉକ୍ତ ଦୃଶ୍ୟରେ ସମସ୍ତେ କରତାଳି ଦେଇ ଏତେ ବିଭୋର ହୋଇଉଠନ୍ତି ଯେ କାହା କାହା ପାଟିରୁ ଛେପ ବାହାରି ପଡେ । ଦିନ ପରେ ଦିନ ଲୋକଙ୍କ ଭିତରେ ଉତ୍କଣ୍ଠା ବଢେ ଆସନ୍ତା କାଲି ଅମୁକ ଦୃଶ୍ୟ ହେବ, ତାପରଦିନ ମେଘନାଦ ବଧ ହେବ, ତାପରେ କୁମ୍ଭକର୍ଣ୍ଣ, ଶେଷରେ ରାବଣ ବଧ । ଏମିତି କେତେ କଣ ଚର୍ଚ୍ଚାର ବିଷୟ ବସ୍ତୁ ହୋଇଯାଏ ରାମଲୀଳା ପାତ୍ରମାନଙ୍କ ଚରିତ୍ର ସମ୍ପର୍କରେ । ରାମାୟଣରେ ଥିବା ସମସ୍ତ ଚରିତ୍ରକୁ ନାଟକୀୟ ଶୈଳୀରେ ରୂପାୟନ କରି ବେଶ କିଛିଦିନ ଗାଁ ଲୋକମାନେ ଉତ୍ସାହିତ ଆନନ୍ଦକୁ ଉପଭୋଗ କରନ୍ତି । କିନ୍ତୁ ଏବେ ତାହା ବିସ୍ମୃତିର ଶ୍ମଶାନରେ ସମାଧୀ ହୋଇ ସାରିଛି । ସେଇ ସମାଧି ଭିତରୁ କିଛି ସ୍ମୃତିର ଖିଆକୁ ସାଉଣ୍ଟି ଅବଲୋକନ କରିଛି ।

ମୁଁ ଦିନେ ରାମଲୀଳା ଦେଖିସାରି ବିଳମ୍ବ ରାତିରେ ଘରକୁ ଫେରୁଥାଏ । ସମ୍ମୁଖ ସଡ଼କରେ କେହି ଜଣେ ବିଶାଳକାୟ ଲୋକ ମୋ ଆଡ଼କୁ ଆସୁଥିବା ଦେଖି ଭୟରେ ଦେହ ଟାଙ୍କୁରି ଉଠିଲା । ସେ ଯେତେ ଶୀଘ୍ର ମୋ ନିକଟତର ହେଉଥାଏ ମୁଁ ସେତେ ଭୟଭୀତ ହେଉଥାଏ । କଣ କରିବି ନ କରିବି କିଛି ବୁଦ୍ଧି ମୁଣ୍ଡରେ ଢୁକୁ ନଥାଏ । ଦେହରୁ ଠପ୍ ଠପ୍ ସ୍ୱେଦବିନ୍ଦୁ ବହିଆସି ସଡ଼କରେ ପଡି ଛପ୍ ଛପ୍ ଶବ୍ଦ ହେଉଥାଏ । କାନ, ମୁଣ୍ଡ ଝାଇଁ ଝାଇଁ କରୁଥାଏ । ହଠାତ ଏକ ଅଟହାସ୍ୟ ସହିତ ଗୁରୁ ଗମ୍ଭୀର ଶବ୍ଦ ମୋତେ ବିଚଳିତ କରିଦେଲା । ବିଶାଳକାୟ ଲୋକ ମୋତେ କହୁଥାନ୍ତି-ଭୟ କରନାହିଁ ବତ୍ସ ! ମୁଁ କିଛି ବର୍ତ୍ତାଳାପ କରିବାକୁ ତୁମ ରାସ୍ତା ଅବରୋଧ କରିଛି ।

ମୁଁ ପଚାରିଲି- ହେଲେ ଆପଣ କିଏ ? ମୋ ସହିତ କି ପ୍ରକାର ବାର୍ତ୍ତାଳାପ କରିବେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ କହିଲେ- ମୁଁ ରା-ବ-ଣ । ପରେ ପରେ ଏକ ଅଟ୍ଟହାସ୍ୟର ଶରବ୍ୟରେ ମେଦିନି ଥରି ଉଠିଲା ପରି ଜଣାଗଲା । କିନ୍ତୁ ସେସବୁକୁ ଖାତିର ନ କରି ସେ କହି ଚାଲିଲେ-କେହି କେହି ମୋତେ ଦଶାନନ ବି କହିଥାନ୍ତି । ଆଚ୍ଛା,ତୁମେ କେମିତି ଅଛ ବତ୍ସ ?

ଛେପ ଢ଼ୋକି ଦେହର ଶ୍ୱେଦକୁ ପକେଟରୁ ରୁମାଲ ବାହାର କରି ପୋଛି ସାରିବା ପରେ କହିଲି- ଆଇ ଏମ ଫାଇନ ଏଣ୍ଡ ୟୁ ?

ମୋ ଇଂରାଜୀ ଭଷା ଶୁଣି ରାବଣ କ୍ରୋଧିତ ହୋଇ କହିଲେ - ଖବର ଦାର ! ଇଂରାଜୀରେ ନୁହେଁ ଓଡ଼ିଆରେ କୁହ । ମୋ ଇଂରାଜୀ ଟିକେ ଦୁର୍ବଳ ତେବେ ଇଂରାଜୀ ଟ୍ୟୁସନ ଜାରି ରଖିଛି ।

ମୁଁ କହିଲି- ଠିକଅଛି, ଆପଣ କଣ କହିବେ କୁହନ୍ତୁ ।

ରାବଣ କହିଲେ- ତୁମ୍ଭମାନଙ୍କ କାର୍ଯ୍ୟକଳାପ ଦେଖି ମୋ ମୁଣ୍ଡ କିଛି କାମ କରୁନି । ସେଇଦିନୁ ସ୍ୱର୍ଗପୁରୀକୁ ଆସିଲିଣି । ହେଲେ ଏପର୍ଯ୍ୟନ୍ତ ଲୋକମାନେ ମୋ ପୁତ୍ତଳିକା ନିର୍ମାଣ କରି ଦହନ କରୁଛନ୍ତି ।

ମୁଁ କହିଲି - ଏଠି ଯିଏ ଅନ୍ୟାୟ କାମ କରେ ତାଙ୍କ ପୁତ୍ତଳିକା ଦହନ କରାଯାଏ ।

ରାବଣ ପୁଣିଥରେ ଅଟ୍ଟହାସ୍ୟ ମୁଦ୍ରାରେ ରହି କହିଲେ - ଅନ୍ୟାୟ, ଅତ୍ୟାଚାର, ଅନୀତି, ଦୁର୍ନୀତି, ଇର୍ଷା, ଦ୍ୱେଷ, ମିଥ୍ୟା ଏସବୁ ତ ତୁମପରି ମଣିଷମାନଙ୍କର ନିତ୍ୟପ୍ରୀତି କାମ । ତୁମେ ସେହି ଲୋକମାନଙ୍କୁ ବୁଝେଇ ଦିଅ ଯେଉଁମାନେ ପ୍ରତିବର୍ଷ ମୋ ପୁତ୍ତଳିକା ନିର୍ମାଣ କରି ଦହନ କରୁଛନ୍ତି । ଆନନ୍ଦ ଉଲ୍ଲାସରେ ବିଭୋର ହେଉଛନ୍ତି ସେମାନେ କଣ ମୋ ପୁତ୍ତଳିକା ଜଳାଇବା ପାଇଁ ଯୋଗ୍ୟ ଅଟନ୍ତି ? ମୋତେ ଜଳେଇବା କି ବଧ କରିବାର ଅଧିକାର କେବଳ ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କର । ଏଭଳି ସ୍ୱଭାବର ଲୋକମାନେ ମୋ ପୁତ୍ତଳିକାରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗ୍ନି ସଂଯୋଗ କରୁଛନ୍ତି ଯେଉଁମାନେ ଠିକରୂପେ ପୁରୁଷ ପଦବାଚ୍ୟ ହେବା ପାଇଁ ଯୋଗ୍ୟ ନୁହନ୍ତି ।

ଯଦି ମୋର ଗୋଟିଏ ମାତ୍ର ଦୁର୍ଗୁଣ ଅହଂକାର ପାଇଁ ଏତେବଡ଼ ଦଣ୍ଡ ମିଳିଲା ତାହେଲେ ଆଜିର ନେତା ମନ୍ତ୍ରୀ, ଅଫିସର, କିରାଣୀମାନେ କେତେ କେତେ ଅନୀତି, ଦୁର୍ନୀତି କରୁଛନ୍ତି କାହିଁ ସେମାନେ ତ ପ୍ରତିବର୍ଷ ପୁତ୍ତଳିକା ଦହନ ହେଉ ନାହାନ୍ତି । ଏପରିକି ସାତ ଖୁଣ କରି ମାଫି ପାଇ ଯାଉଛନ୍ତି । ଆରେ ମୁଁ ତ କେବଳ ମାତା ସୀତାଙ୍କୁ ହରଣ କରିଥିଲି । ଅପହରଣ ପରେ ତାଙ୍କୁ ତିଳେ ହେଲେ ସ୍ପର୍ଶ କରିନାହିଁ । କିନ୍ତୁ ମୋ ପୁତ୍ତଳିକାକୁ ଜଳାଉଥିବା ନେତା, ମନ୍ତ୍ରୀ କିରାଣୀମାନେ ଅପହରଣଠାରୁ ଆହୁରି ଜଘନ୍ୟ କାର୍ଯ୍ୟ କରୁଛନ୍ତି । ତୁମେମାନେ ପ୍ରତିବର୍ଷ ରାବଣର ପୁତ୍ତଳିକା ନିର୍ମାଣ କରି ଦହନ କରୁଛ ହେଲେ ମନ ଭିତରେ ଥିବା ରାବଣତ୍ୱକୁ ମାରି ପାରୁନାହଁ । ଅଥଚ କେତେ କେତେ ଛଳ, କପଟ, ଅଧର୍ମ, ଅତ୍ୟାଚାର, ଦୁଷ୍କର୍ମ କରି ସମାଜରେ ଭଦ୍ର ଭାବେ ନାମର ମହିମାରେ ମହିମାନ୍ୱିତ ହେଉଛ । ଏତେସବୁ ଦୁର୍ଗୁଣ ତ ମୋ ଭିତରେ ନଥିଲା । ତୁମ୍ଭମାନଙ୍କ ଭଳି ନିଚ ପ୍ରାଣୀ ମାନଙ୍କର କାର୍ଯ୍ୟକଳାପ ଦେଖି ମୁଁ ଆଜି ନିଜକୁ ବଡ଼ ଧନ୍ୟ ମନେକରୁଛି । ତୁମେ ସେମାନଙ୍କୁ ବୁଝେଇଦିଅ ବତ୍ସ ! ମୋ ପୁତ୍ତଳିକାକୁ ଦହନ କରନ୍ତୁ ନାହିଁ । ପ୍ରଥମେ ନିଜ ଚରିତ୍ରକୁ ରାମଙ୍କ ଭଳି ପୁରୁଷାର୍ଥ କରନ୍ତୁ ତା'ପରେ ରାବଣର ପୁତ୍ତଳିକା ଜଳେଇବା ପାଇଁ ସକ୍ଷମ ହେବେ ।

ଏତକ କହିବା ପରେ ରାବଣ ମୋଠାରୁ ଅନ୍ତର୍ଦ୍ଧାନ ହୋଇଗଲେ । ସେ ଯିବାପରେ ମୋ ସ୍ୱପ୍ନ ଭାଙ୍ଗିଗଲା । ମୁଁ ଶାନ୍ତିରେ ପ୍ରଶ୍ୱାସ ନେଇ ଭାବିଲି- ରାବଣ ଯାହାସବୁ କହିଗଲେ ପ୍ରକୃତରେ ସତ୍ୟତାର ପରିଭାଷାରେ ନିରାଟ ବାର୍ତ୍ତା । ଆମେମାନେ ପ୍ରତିବର୍ଷ ରାବଣ ଦହନ ନାମରେ କେବଳ ପ୍ରଥା ପରମ୍ପରା ପାଳନ କରିଚାଲିଛୁ । ତଥାପି ଆମ ଦେଶରେ ସାକ୍ଷାତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୀତାଙ୍କ ପରି ନାରୀମାନେ ଆଜି ବି ଅସୁରକ୍ଷିତ । ସମସ୍ତେ ଏବେ ରାବଣଙ୍କର ଦଶ ମୁଣ୍ଡ ଲଗେଇ ଖୋଳପା ଭିତରେ କଇଁଛ । ପ୍ରତିଟି ସରକାରୀ କ୍ଷେତ୍ରରେ ଜଣେ ନା ଜଣେ ରାବଣ ନିଶ୍ଚିତ ରୂପେ ମିଳିଯିବେ । ଯେଉଁମାନଙ୍କ ନିକଟରେ ଉତ୍କୋଚର ଭୋଗ ନ ଲଗେଇ କାର୍ଯ୍ୟ କରିହୁଏ ନାହିଁ । କହିବାକୁ ଗଲେ କେବଳ ଏ ଦେଶ ରାମଙ୍କ ଦେଶ ନାମରେ ଛଳନାର ଚିତ୍ରପଟ । ସବୁଠି କେବଳ ରାବଣ ଓ ରାବଣର ଦୃଶ୍ୟ ଏବଂ ଅଦୃଶ୍ୟର ଅଭିନୟରେ ଭରପୁର ।

ବିସି-୭୪, ସଲଟ ଲେକ, କୋଲକାତା-୬୪

ମୋ-୯୭୮୧୩୭୩୫୧୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସମସ୍ୟା



ମୋନାଲିସା
ପାଣିଗ୍ରାହୀ

ସମସ୍ୟା କାହାର ନାହିଁ ଧନୀ, ଗରିବ ସମସ୍ତଙ୍କର ସମସ୍ୟା ଥାଏ । ହଁ ଧନୀ ସମସ୍ୟାକୁ ସାମ୍ନା କରିବାର କ୍ଷମତା ରଖିଥାଏ । ଟଙ୍କା ବଳରେ ଧନୀର ଗର୍ବ କିନ୍ତୁ ଗରିବ ପାଖରେ ନ ଥାଏ ଟଙ୍କା ନ ଥାଏ ଗର୍ବ ଥାଏ ତ କେବଳ ସ୍ୱାଭିମାନ । ପୁରାଣରେ ବର୍ଣ୍ଣନା ରହିଛି ଯେ ଗର୍ବ ବେଶୀ ଦିନ ରହେ ନାହିଁ ସେ ମହାମାନୀ ଦୁର୍ଯୋଧନର ହେଉ କି ତ୍ରିଲୋକାଧିପତି କଂସର ହେଉ । କାହାରି ଗର୍ବ ରହେ ନାହିଁ ଦୁର୍ଯୋଧନ ପାଇଁ କୌରବ ବଂଶର ପତନ ହେଲା ସେହିଭଳି ଗର୍ବ ପାଇଁ କଂସର ନିଧନ ହେଲା । ତାହା କିଏ ବା ନଜାଣେ ତାହେଲେ ଗର୍ବ କରିବା କାହିଁକି ? ଆମର ଏଠାରେ କଣ ଅଛି । ଯାହା ବି ଅଛି ସବୁ ସେ ବିଶ୍ୱବିହାରୀ ନାରାୟଣଙ୍କର । ତାଙ୍କରି ପାଇଁ ଆମେ ଏ ସଂସାରକୁ ଆସିଛେ ସେ ତ ଆମକୁ ଗର୍ବ ଦେଇ ନାହାଁନ୍ତି ତାହେଲେ ଏ ଗର୍ବ କାହିଁକି ? ଏ ସଂସାରରେ ସମସ୍ତେ ସମାନ ସମସ୍ତଙ୍କର ସମାନ ଅଧିକାର ଅଛି । ତାହେଲେ ସବୁ କ୍ଷେତ୍ରରେ ଧନୀ କାହିଁକି ଆଗକୁ ଯାଉଛି । ଗରିବଟିଏର ସ୍ୱପ୍ନକୁ ନିଜ ଗୋଡ଼ ତଳେ ଚାପି ଦେଇ ଚାଲିଛି ସେ ଉପରକୁ । ଅନ୍ୟର ସ୍ୱପ୍ନକୁ ମାରି ଦେଇ ସେ କେତେ ବା ଉପରକୁ ଯାଇ ପାରିବ । ଦିନେ ନା ଦିନେ ଖସି ପଡ଼ିବ ତଳେ ନିଶ୍ଚୟ । ଉପରକୁ ଯିବା ପାହାଚ ବି ମାଟିରେ ଯୋଡ଼ି ହୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥାଏ । ତାହେଲେ ମଣିଷ ଉପରକୁ ଗଲା ପରେ ଯଦି ସେଇ ପାହାଚ ଭାଙ୍ଗି ଦିଏ ତାହେଲେ ସେ ତଳେ ନିଶ୍ଚୟ ପଡ଼ିବ । ଧନୀର ଧନର ଗର୍ବ ଅଧିକ । ଦିନକର କଥା ସୁଆଁରି ଗାଁରେ ଗୋଟିଏ ଗରିବ ପରିବାର ରହୁ ଥିଲେ । ପାଞ୍ଚ ପ୍ରାଣୀକୁ ନେଇ ତାଙ୍କ ପରିବାର ବାପା, ମା, ଭାଇ, ଭଉଣୀ ସହିତ ଆନନ୍ଦରେ ଦିନ ଯାଉଥିଲା । ପିଲାମାନଙ୍କୁ ପାଠ ପଢ଼ାଇବାକୁ ତାଙ୍କର ପିତାମାତା ଅକ୍ଳାନ୍ତ ପରିଶ୍ରମ କରୁଥିଲେ । ତାଙ୍କର ସାନ ଝିଅ ମଧୁ କଲେଜ ଗଲା ସରକାରୀ କଲେଜରେ ପାଠ ପଢିଲା । ଯୁକ୍ତ ଦୁଇ କଳା ବିଭାଗରେ ପାଠ ପଢି ପରୀକ୍ଷା ଦେଇ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା । ତା ପରେ ଫର୍ମ ଦାଖଲ କରାଗଲା ତାର ପ୍ରଥମେ ଗୋଟିଏ ବେସରକାରୀ କଲେଜରୁ ଆଡମିଶନ କରିବା ପାଇଁ ଫୋନ ଆସିଲା । ଫୋନ ଆସିଥିଲା ସତ କିନ୍ତୁ ଫୋନ କରିଥିବା ବ୍ୟକ୍ତି ଜଣକଙ୍କ କଥା ଶୁଣି ତାର ପାଦ ତଳୁ ମାଟି ଖସିଗଲା । ମା ପଚାରିଲେ କଣ ହେଲା ଝିଅ ? ମଧୁ କହିଲା ଆଡମିଶନ୍ ପାଇଁ ଟଙ୍କା ଦରକାର ତାହା ପୁଣି ୧୦୦୦୦ ଟଙ୍କା । ମା ଚିନ୍ତିତ ନ ହୋଇ କହିଲେ କରିବା ଆଡମିଶନ୍ ଟଙ୍କା ନ ହେଲେ ଆଡମିସନ୍ ହେବ କେମିତି । ମା ବାପା ଲାଗି ପଡନ୍ତି ପଇସା ଯୋଗାଡରେ । ନିଜର ବନ୍ଧୁ ବାନ୍ଧବ ସମସ୍ତଙ୍କୁ ପଇସା ପାଇଁ କହନ୍ତି କିନ୍ତୁ କେହି ହେଲେ ଦେଲେ ନାହିଁ । ପଇସା ଯୋଗାଡ଼ ହୋଇପାରିଲା ନାହିଁ । ସେତବେଳେ ବେବୀ ଭାବିଲା ଆଉ ସେ କଲେଜ ଯାଇ ପାରିବ ନାହିଁ ଠିକ୍ ସେହି ସମୟରେ ମଧୁର ଜଣେ ବାନ୍ଧବୀ ତାକୁ ଫୋନ କରି କି କହେ ସେ ଦବ ଟଙ୍କା । ମଧୁର ପରିବାର ଲୋକେ ବହୁତ ଖୁସି ହୁଅନ୍ତି ବେବୀ ସଙ୍ଗେ ସଙ୍ଗେ ତା ବାପାଙ୍କ ସହିତ ବାହାରି ପଡେ କଲେଜ ଅଭିମୁଖେ । ଆଡମିସନ୍ ହୋଇଗଲା କଲେଜ ଗଲା ପାଠ ପଢିଲା ପରୀକ୍ଷା ଦେଇ କଲେଜରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି । ତା ପରେ ପୁଣି ତାର ପରିବାର ଲୋକେ ତାକୁ ପାଠ ପଢ଼ାଇବା ପାଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାଗି ପଡନ୍ତି । ବେବୀର ପାଠ ପଢା ସରିଲା ସବୁ ପରିଶ୍ରମର ଅନ୍ତ ଘଟିଲା ତାର ପରିବାର ଲୋକଙ୍କର ଦୁଃଖ ଗଲା ବେବୀକୁ ମିଳିଲା ଗୋଟିଏ ସରକାରୀ କଲେଜରେ ଅଧ୍ୟାପିକା ଚାକିରି । ଏତିକି ନୁହେଁ ଚାକିରି କରିବା ପରେ ମଧ୍ୟ ତାର ବନ୍ଧୁ ବାନ୍ଧବ ସମସ୍ତେ ତାଙ୍କୁ ଇର୍ଷରେ ଜଳିବାକୁ ଲାଗିଲେ । ଏମିତି ବି ଦୁନିଆରେ ଲୋକ ଅଛନ୍ତି ଯିଏକି ମାଗିଲେ ଦେବେ ନାହିଁ ଓ ନିଜେ ପରିଶ୍ରମ କରି ଟଙ୍କା ରୋଜଗାର କଲେ ସହି ପାରିବେ ନାହିଁ । ଆମେ ଯଦି ଏ ସଂସାରକୁ ଆସିବା ସମୟରେ କିଛି ଆଣିକି ଆସୁ ନାହିଁ, ଗଲାବେଳେ କିଛି ନେବା ନାହିଁ ତାହେଲେ ଏତେ ଗର୍ବ, ଈର୍ଷା କାହିଁକି । ଗର୍ବ ଦିନେ ନା ଦିନେ ନିଶ୍ଚୟ ଖର୍ବ ହେବ । ଆମର ସମାଜ ପାଇଁ ଗର୍ବ, ଈର୍ଷା ବହୁତ ବଡ଼ ସମସ୍ୟା । ଏହି ସମସ୍ୟାକୁ ଗୁରୁତ୍ୱ ଦେବା ଆବଶ୍ୟକ ଓ ଏହାକୁ ଆମ ସମାଜରୁ ଦୂରେଇ ଦେବା ଆବଶ୍ୟକ । ସମସ୍ୟା ଠାରୁ କେହି କୌଣସି ଆଡେ ଯାଇ ପାରିବେ ନାହିଁ । ଦିନେ ନା ଦିନେ ତାକୁ ସାମ୍ନା କରିବାକୁ ପଡ଼ିବ । ବାସ୍ତବରେ ସମସ୍ତଙ୍କ ଜୀବନରେ ଚାଲିଛି ସମସ୍ୟା ସମସ୍ୟା ସମସ୍ୟା ସମସ୍ୟା କେବଳ ସମସ୍ୟା ।

ନାମ - ମୋନାଲିସା ପାଣିଗ୍ରାହୀ

ଠିକଣା- ନନ୍ଦପଡ଼ା, ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତ୍ରାଣକର୍ତ୍ତା



ସିଦ୍ଧେଶ୍ୱର ତ୍ରିପାଠୀ

ବାବା ଭଲ ପ୍ରବଚନ ଦିଅନ୍ତି । ହଁ ଏମିତି କେତେ ବାବା ଅଛନ୍ତି । କିଏ ମେଞ୍ଚେ ଦାଢ଼ି ନିଶ ରଖିଛନ୍ତି କିଏ ସବୁ ଚାଂଛି ଦେଇଛନ୍ତି । କିଏ ଶିଖା ବଢ଼େଇଛନ୍ତି । କିଏ ଲଣ୍ଡା ମୁଣ୍ଡ କରି ବୁଲୁଛନ୍ତି । କିଏ ରାମ କଥା କହିଲେ ପାଞ୍ଚ ଲକ୍ଷ ନିଅନ୍ତି କିଏ କୃଷ୍ଣ କଥା କହି ଦଶ ଲକ୍ଷ ନିଅନ୍ତି । ଖାଲି ବାବା କାହିଁକି ଏମିତି ଅନେକ ମାତା ବି ଅଛନ୍ତି । ଆଉ ଏଇ ୟୁଟ୍ୟୁବ ଜମାନାରେ ନିଜର ପ୍ରବଚନର ଭିଡିଓ କରି ଭଲ ମୋଟା ଅଙ୍କର ଟଙ୍କା ବି କମାନ୍ତି ।

ଆଉ ଟିଭି ରେଡ଼ିଓ ଖବରକାଗଜ ସବୁଠିତ ପ୍ରବଚନ ଲୋକକଳାର ଅଭାବ ନାହିଁ । ଆଉ ଏଥିରେ ରାମ କୃଷ୍ଣଙ୍କ କଥା କମ୍ ଏଇ ଶହେ ଦୁଇଶହ ତିନିଶହ ବର୍ଷର ନିଶୁଆ ଦାଢିଆଙ୍କ ଆଲୋଚନା ବହୁତ । କାହାକୁ ବ୍ରହ୍ମା କୁହାଗଲାଣି କାହାକୁ କୃଷ୍ଣ କିଏ ଶଙ୍କରଙ୍କ ମନ୍ତ୍ରରେ ପୂଜା ପାଇଲାଣି କିଏ ଅନନ୍ତ ନାଗରେ ବସି ନାରାୟଣ ହୋଇଗଲାଣି । ଏଠି ଦୁଇ ଚାରିଟା ଭକ୍ତି ଗୀତ ଲେଖିଦେଲେ ବ୍ୟକ୍ତି ମାହାପୁର ହୋଇଯାଏ । ହଁ ଭାଗ୍ୟ ଭବିଷ୍ୟ ମାଟିଦୋଷ କହିଦେଉଥିବା ଲୋକଟି ତ ଏବେ ଦେବତା ଠୁ ବଡ଼ ।

ସେଇଠୁ ଆରମ୍ଭ ହୁଏ ଭିନ୍ନତା ମତ ପାର୍ଥକ୍ୟ ଏଇ ସନିଆ କଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖୁନ ତା ପୁଅକୁ ବାର ବର୍ଷ ହେବ ତାର କଣ ଗୋଟେ ରୋଗ ହେଲା ଯେ ଭଲ ହେଲାନି ଡାକ୍ତର ବଇଦ ଗୁଣିଆ ଝଡାଫୁଙ୍କା ସରିଲା । କୋଉଠି ମଙ୍ଗଳା ସନ୍ତୋଷୀ, ଲକ୍ଷ୍ମୀ ଲାଗୁଛନ୍ତି ତାଙ୍କୁ ବି ଦେଖା ହେଲା କିଛି ଲାଭ ହେଲାନି ।

ଜାତକ ଦେଖା ହେଲା ଅବଧାନେ ତାଙ୍କ ଦକ୍ଷିଣା ନେଲେ ଗୋସେଇଁ ଆସି ପୂଜା କରି ତାଙ୍କ ପ୍ରାପ୍ୟ ପାଇଗଲେ । ପୁଅର ବେକରେ ଡେଉଁରିଆ ହାତରେ ମୁଦି ଭର୍ତ୍ତି ରବିବାର ଏ ଗଛରେ ପାଣି ଦିଅ ସୋମବାର ସେ ଗଛରେ ।

ଜାତକ ବାସ୍ତୁ କୋଉଠି କି ଦୋଷ ରହିଲା କେଜାଣି ଏତେ ପୂଜା ପାଠ କରି ମୁଦି ଲଗେଇ ଭଜନ କୀର୍ତ୍ତନ ଶୁଣି ଏ ଦୀକ୍ଷା ସେ ଦୀକ୍ଷା ନେଲା ପରେ ବି ପୁଅଟି ମରିଗଲା । ଏତେ ଠାକୁର ପୂଜା ପାଠ ପରେବି ପୁଅଟି ଆରପାରିକୁ ଚାଲିଗଲା ।

ଶେଷ ଜୀବନଟା ଯେ ସେମାନଙ୍କର କେମିତି କଟିବ ସମୟ କହିବ ।

କେଜାଣି କିଏ ତ୍ରାଣ କର୍ତ୍ତା ତାକୁ ଆସି ଉଡେଇ ନେଇଯିବେ ବହୁ ଆଗକୁ ।

ସିଦ୍ଧେଶ୍ବର ତ୍ରିପାଠୀ
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅଶୁଭ ରେଖା



ରୁଦ୍ରକାନ୍ତ
ରାଉତରାୟ

ଚୈତ୍ରମାସର କ୍ଲାନ୍ତ ଅପରାହ୍ନ । ଡ: ପ୍ରଶାନ୍ତଙ୍କ ଗାର୍ଡେନରେ ସାମାନ୍ୟ ଛାଇ ପରସୁଥିବା ବୃକ୍ଷମାନ ପତ୍ରଝଡ଼ା ଦେବା ଆରମ୍ଭ କରି ଦେଲେଣି । ପ୍ରଶାନ୍ତ ବାବୁଙ୍କ ପତ୍ନୀ 'ରେଖା', କେତେକୀ ବୃକ୍ଷର ଛାଇତଳେ ଆରମ ଚେୟାର ଉପରେ ବସିଥାନ୍ତି । ଆଖି ଲାଖିଯାଇଥାଏ । ପ୍ରଶାନ୍ତ ବାବୁ ଡ଼ାକୁଥାନ୍ତି 'ଶୁଣୁଛ କିଏ ଆସିଛନ୍ତି ଦେଖ' ସାମାନ୍ୟ ନିଦ୍ରାରୁ ବିରତି ନେଇ ନୟନର ଭ୍ରୁଲତା କଥା କହିବାକୁ ଲାଗିଲା, ଅଜଣା ସ୍ୱପ୍ନ ଦେଶରୁ ରେଖା ବାହାରକୁ ଆସି ନୟନ ପ୍ରସାରି ଦେଖନ୍ତି !!!

ରେଖା, ରେଖା ସାମନ୍ତ ରାମପୁର ତହସିଲ ହେଡ଼କ୍ଲର୍କ ପ୍ରଭାକର ସାମନ୍ତଙ୍କର ଏକମାତ୍ର କନ୍ୟା ପିଲାଟି ବେଳୁ 'ମା'କୁ ହରାଇଥିଲା । ରେଖାର ଭଲମନ୍ଦ ଦେଖାଶୁଣା ନିମନ୍ତେ ପ୍ରଭାତ ସାମନ୍ତ ନନ୍ଦିନୀ ଦେବୀଙ୍କୁ ଆଉ ଏକ ବିବାହ କଲେ । ହଁ ନୂଆ 'ମା' ଆସିବା ପରେ ରେଖା ନିଜ ଜନ୍ମକଲା 'ମା'କୁ ଭୁଲିଯାଇଥିଲା । ମାତ୍ର କ୍ରମେ ନୂଆ 'ମା' ଅର୍ଥାତ୍ ନନ୍ଦିନୀ ଦେବୀଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ରେଖା ସେତେବେଳକୁ ମାତ୍ର ୮ ବର୍ଷର, ରେଖା କିନ୍ତୁ ବହୁତ ଖୁସି କାରଣ ତାର ଖେଳ ସାଥିଟିଏ ମିଳିଗଲା । ସମ୍ଭବତଃ ୮ବର୍ଷର ଶିଶୁ ରେଖା ମା' ଓ ଭାଇକୁ ପାଇ 'ମା'କୁ ହରେଇବାର ଦୁଃଖକୁ ପ୍ରାୟତଃ ଭୁଲିସାରିଥିଲା । ପୁଅର ଯତ୍ନ ନେଉନେଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରେଖାକୁ ଅଣଦେଖା କରିବା ଆରମ୍ଭ କରିଦେଲେ । ସେଦିନ ଜ୍ୟୋଷ୍ଠ ମାସର ଦୁଦୁ ଖରାବେଳେ ଚିତା ଚୈତନ କଟା ଗେରୁଆ ପୋଷାକ ଆବରଣ କରି ସାଧୁପରି ଲାଗୁଥିବା ଲୋକଟିଏ ସାମନ୍ତ କୁଟୀରରେ ପହଞ୍ଚିଲେ । ମର୍ଣ୍ଣି କ୍ଲାସ୍ ସାରି ରେଖା ଝରକା ପାଖରେ ଚାହିଁଥାଏ । ସାଧୁ ଜଣକ ପାଣି ମାଗିଲେ ଆଉ ନନ୍ଦିନୀ ଦେବୀ ପାଣି ଗ୍ଲାସ୍‌ଟିଏ ବଢ଼େଇ ଦେଇ ସଷ୍ଟାଙ୍ଗେ ପ୍ରମାଣ ମଧ୍ୟ କଲେ । ହଠାତ୍ ସେ ସାଧୁ କହିଉଠିଲେ 'ମା' ତୋ ପୁଅକୁ ଟିକେ ଆଣ' । ନନ୍ଦିନୀ ଦେବୀ ପୁଅକୁ ଆଣନ୍ତେ ତା କାପାଳକୁ ଚାହିଁ ସାଧୁଜଣକ କହି ଉଠିଲେ, ଉତ୍ତମ ମସ୍ତିଷ୍କସଂପନ୍ନ ବାଳକ, ନିଶ୍ଚୟ ଡ଼ାକ୍ତରଟିଏ ହେବ । ଝରକା ଫାଙ୍କରେ ଚାହିଁଥିବା ସେଇ କୋମଳମତି ରେଖା ଝପଟି ଧାଇଁ ଆସି ସାଧୁଙ୍କ ନିକଟରେ ଛିଡା ହୋଇ କହି ଉଠିଲେ 'ମୁଁ କ'ଣ ହେବି ?' ସାଧୁ ତାର ବାମ ହାତର ରେଖା ଦେଖି ନୀରବ ରହିଲେ । ରେଖାର ପ୍ରଶ୍ନର ଉତ୍ତରେ ଖାଲି ଟିକିଏ ଅବୁଝା ହସ ଛଡା ଆଉ କିଛି କହିଲେନି । ରେଖା ସେଠାରୁ ଯିବା ପରେ ନନ୍ଦିନୀ ଦେବୀଙ୍କୁ ସାଧୁ ଜଣଙ୍କ କହିଲେ ଇଏ ଜନ୍ମ ହେବାପରେ ତା 'ମା' ମରିଛି । ୟା'ର ହସ୍ତରେଖା କହୁଛି ୟା'ର ଜନ୍ମ ଏକ ଅଶୁଭ ସମୟରେ ହୋଇଛି । ତା'ର ମା' ସେଥିପାଇଁ ଚାଲିଗଲା । ସାଧୁ ମୋଟା ଅଙ୍କର ପାଉଣା ନେଇ ଚାଲିଗଲେ । ଡ୍ରଇଂରୁମରୁ ଥାଇ ରେଖା ସେମିତି ଚାହିଁଥିଲା ସେ ସାଧୁଙ୍କୁ ।

କ୍ରମେ ନନ୍ଦିନୀ ଦେବୀଙ୍କ ହୃଦୟ ସିନ୍ଦୁକରେ ରେଖା ପାଇଁ ଭରିଯାଇଥିଲା ପୁଳା ପୁଳା ବିଷ । ହସ୍ତ ରେଖାରେ ସାମନ୍ୟତମ ବିଭ୍ରମ ଯେ ତା ଜୀବନରେ ହସ, ଖୁସି, ଆନନ୍ଦ, ଭଲପାଇବା ଛଡ଼େଇ ନବ ସେ ଜାଣିନଥିଲା । ପ୍ରତ୍ୟହ ସଂଧ୍ୟାରେ ଘରକୁ ଫେରି ପ୍ରଭାକର ବାବୁ ରେଖାଠାରୁ ନୂଆ ମା'ର ତା ପ୍ରତି ନିର୍ମମ ବ୍ୟବହାର ବିଷୟରେ ଶୁଣି ମଧ୍ୟ ନୀରବ ରୁହନ୍ତି, କାରଣ ଆନ୍ଧାରରେ ବାଟ ବଣା ହେଲେ ସିନା ରାତିକୁ ଦୋଷି କରିହୁଏ ହେଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିନରେ ବାଟ ବଣା ହେଲେ ମଣିଷ କିଂକର୍ତ୍ତବ୍ୟ ବିମୁଢ଼ ହୋଇ ଭାଗ୍ୟକୁ ଦୋଷ ଦିଏ । ନନ୍ଦିନୀ ଦେବୀ ରେଖାକୁ ଠାକୁରଘର, ବିବାହ, ଶୁଭକର୍ମ ଆଦି ବାରଣ କରିବା ଆରମ୍ଭ କରିଦେଲେ । ଏକ ନିଃସହାୟ ଶୁଷ୍କତୃଣ ପରି ପ୍ରଖର ଜଳଧାରାରେ ଭାସି ଚାଲିଥାଏ ରେଖା । ପାଠ ପଢ଼ା +୨ରେ ଡ଼ୋର ବନ୍ଧାହେଲା ।

ରେଖା ୩୦ ବର୍ଷର ହେଲାଣି, ପ୍ରଭାକର ବାବୁ ମଧ୍ୟ ରିଟାଏଡ୍ କରିଗଲେ । ନନ୍ଦିନୀଙ୍କ ଗର୍ଭ ସମ୍ଭୁତ ରାଜେଶ ନୂଆ । ନୂଆ ମେଡିକାଲ ଏଣ୍ଟ୍ରାନ୍ସ ପରୀକ୍ଷା ଦେବା ନିମନ୍ତେ ବାହାରୁଥାଏ । ଖୁସିରେ ତାଙ୍କ ବନ୍ଦାପନା କରିବ ବୋଲି ବନ୍ଦାଣ ଥାଳି ସଜାଡ଼ି ଦୌଡ଼ି ଆସିବା ବେଳକୁ ନନ୍ଦିନୀ ଦେବୀ ଝପଟି ଆସି, ଅଲକ୍ଷଣି ବୋଲି କହି କ'ଣ ମୋ ପୁଅର ଆୟୁଷକୁ ଖାଇବୁ' କହି ଶକ୍ତ ଚାପୁଡାଟିଏ ତା ଗାଲକୁ ମାରିଦେଲେ ଓ ସେ ଥାଳିରେ ସଜଡ଼ା ଦ୍ରବ୍ୟ ଯେପରି ଚାରି ପାଶ୍ୱର୍ରେ ବିଛୁରି ହୋଇପଡ଼ିଲା । ବାପାଙ୍କୁ ଚାହିଁ ଢେରେ କାନ୍ଦିଥିଲା ରେଖା, ହେଲେ ତା ବାପାଙ୍କର କଥା କୁହା ଆଖିରୁ ସେ ଯେଉଁ ଭାଷା ପଢ଼ିଥିଲା ବୋଧେ ତାହା ତାର ବହୁଥିବା ଲୁହ ପ୍ରଶମନ ପାଇଁ ଅକ୍ଷମ ଥିଲା । ସେଦିନ ଅନ୍ଧକାର ରାତିରେ ସେ ଘରଛାଡ଼ି ଦେଇ ଟ୍ରେନ୍ ଲାଇନରେ ଶୋଇ ଆତ୍ମହତ୍ୟା କରିବାକୁ ଉଦ୍ୟତ ହୁଅନ୍ତେ ଡ: ପ୍ରାଶନ୍ତ ଜଗଦେବ ଡିୟୁଟି ସାରି ଘରକୁ ଫେରିବା ସମୟରେ ତାକୁ ଉଦ୍ଧାର କରି ତାଙ୍କ ଘରକୁ ନେଇ ଯାଇଥିଲେ । ରେଖାଠାରୁ ସବୁକଥା ଶୁଣି ପ୍ରଶାନ୍ତ ବାବୁ କହିଉଠିଲେ ।

ପ୍ରଶାନ୍ତ:- ମୁଁ ବି ହତଭାଗା ପିଲାଟିବେଳୁ ବାପାମାଙ୍କୁ ହରେଇଲି କିନ୍ତୁ ମୋ ଭାଗ୍ୟ ମୋତେ ସଫଳତାରେ ଶୀର୍ଷରେ ଠିଆ କରେଇଛି ।

ରେଖା:- ହେଲେ ମୁଁ ଯେ ଅଲକ୍ଷଣୀ, ସାଧୁବାବା ମୋ ହାତଦେଖି କହିଥିଲେ ମୋ ପାଇଁ ମୋ 'ମା' ମାରିଗଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଶାନ୍ତ:- ଠିକ୍ ଅଛି । ଯଦି ଆମ ଦୁଇଟି ହାତଭାଗ୍ୟ ଜୀବନ ରେଖା ପରସ୍ପରକୁ ସ୍ପର୍ଶ କରନ୍ତି ? ରେଖାର ଲୁହକୁ ହାତରେ ପୋଛି ଡାକ୍ତର ବାବୁ ରେଖା ସହ ଏକ ନୂଆ ଜୀବନ ଆରମ୍ଭ କଲେ । ଦୁହେଁ ବିବାହ କଲେ । ରେଖା ଏମ.ଏ. ପାସ୍ କଲା । ପି.ଏଚ.ଡି କରି ରାଜନୀତି ବିଜ୍ଞାନରେ ଅଧ୍ୟାପିକା ଭାବରେ କାର୍ଯ୍ୟରତ । ସେମାନଙ୍କ ପ୍ରୀତିର ସନ୍ତକ କୁନି ପୁଅ ଶଶାଙ୍କ ମଧ୍ୟ ସ୍କୁଲଗଲାଣି । ଆଜି କାହିଁ ଲାଗୁନି ସେମାନଙ୍କ ଜୀବନ ରେଖାର ପଥଚ୍ୟୁତ, ଲାଗୁନି ଅଶୁଭ ଛାଇର ସାମାନ୍ୟ ସ୍ପର୍ଶ ତାଙ୍କ ଜୀବନକୁ ଅନ୍ୟମୋଡ଼କୁ ଠେଲିଦଉଛି । ସାଧୁବାବାଙ୍କ ରେଖା ବାମହାତ ରେଖାର ଅଙ୍କକଷାର ସୂତ୍ର ଭୁଲ୍ ପ୍ରମାଣିତ ହେଉଛି । ପ୍ରଭାକର ବାବୁଙ୍କ ହାର୍ଟ୍ ଷ୍ଟ୍ରୋକରେ ଦେହାନ୍ତ ହେଲା । ଖବର ପାଇ ଝିଅ ଜ୍ୱାଇଁ ପହଁଞ୍ଚିଥିଲେ । ସାଧୁ ହେଲେ ସେଠି ଯାଇଦେଖନ୍ତି ବାପାଙ୍କର ଶବ ପାଖରେ କେବଳ ନନ୍ଦିନୀଦେବୀ ବସି ଆଖିରୁ ଲୁହ ଝରାଉଛନ୍ତି । ଗାଁ ଲୋକଙ୍କ ଟାହି ଟାପରା ଓ କଥାରୁ ଜଣାପଡ଼ିଲା ଯେ, ରାଜେଶ ଓ ତା ସ୍ତ୍ରୀ ସ୍ୱିଡେନରେ ସେଟଲ ହୋଇଯାଇଛନ୍ତି । ବାପାଙ୍କ ମୃତ୍ୟୁ ଖବର ପାଇବାପରେ ବି ଆସପାରିବେ ନାହିଁ କହି ଫୋନ୍ କାଟିଦେଲେ । ରେଖା ଲକ୍ଷ୍ୟ କରୁଥିଲା ନନ୍ଦିନୀ ଦେବୀଙ୍କର ଆଖିର ଲୁହକୁ, ଆଉ ଶୁଣି ପାରୁଥିଲା ସେ ଲୁହରେ ଅବଶୋଷ ଆଉ ଅନୁତାପର ସେ ଅକୁହା କଥାକୁ । ସଂସ୍କାର ପରେ ଘରକୁ ଫେରିଆସିଥିଲେ ସେମାନେ । ବାପାଙ୍କ ଦେହାନ୍ତପରେ ରେଖା ଆସି କାହିଁକି କେଜାଣି ସେ "କେତକି" ମୂଳେ ବସି କ'ଣ ଗୁଡାଏ ଭାବୁଥାନ୍ତି । ପ୍ରଶାନ୍ତ ବାବୁ ମଧ୍ୟ ରେଖା ହୃଦୟରେ ତାଙ୍କ ନୂଆ ମା'ଙ୍କ ପ୍ରତି ଉପୁଜିଥିବା ସହାନୁଭୂତିକୁ ବୁଝିପାରୁଥାନ୍ତି । ହେଲେ ଶବ୍ଦ ବିହୀନ ଭାଷାର ଯେ କୌଣସି ସମାଧାନ ନାହିଁ । ନନ୍ଦିନୀଙ୍କର ଏକାକୀ ଜୀବନ ଓ ସ୍ୱାସ୍ଥ୍ୟର ଅବନତି ହେତୁ ସେ ବୃଦ୍ଧାଶ୍ରମକୁ ବାଛିନେଇଛନ୍ତି । ସେ କଥା ମଧ୍ୟ ରେଖା ଓ ପ୍ରଶାନ୍ତ ବାବୁଙ୍କୁ ଅଛପା ନଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତ୍ୟେକ ଦିନ ରେଖାକୁ ଏମିତି ନୀରବରେ ବସି ନିସଙ୍ଗ ବଞ୍ଚିବା ପ୍ରଶାନ୍ତ ବାବୁଙ୍କୁ ଭଲ ଲାଗୁନଥାଏ । ସେଦିନ ହଠାତ୍ ବୃଦ୍ଧାଶ୍ରମରୁ ଶାଶୁଙ୍କୁ ଧରିଆସି ରେଖା ସାମ୍ନାରେ ଛିଡା କରେଇ ଦେଲେ । ରେଖା ମା'ଙ୍କୁ ଦେଖି ଚେୟାରରୁ ଉଠିପଡି କୋଳାଗ୍ରତ ଅବସ୍ଥାରେ ଢେର କାନ୍ଦିଲେ । ନନ୍ଦିନୀ ଦେବୀଙ୍କ ଆଖିରୁ ଲୁହପୋଛି କହିଉଠିଲେ "ଦେଖ୍ ମା' ମୋ ବାମହାତର ରେଖା କେମିତି ବଦଳି ଯାଇଛି । ସବୁ ଯେମିତି ସଳଖ ଭାବରେ ଗତି କରୁଛି । କେହି କାହାକୁ ଛନ୍ଦାଛନ୍ଦି ହୋଇନାହାଁନ୍ତି । ଆଉ ସେ ରେଖାରେ ତୁ ବି ଯୋଡି ହୋଇଅଛି । ମା', ଝିଅଙ୍କର ଆଖି ଯେମିତି ଗୋଟିଏ ସରଳ ରେଖାରେ ଉଭୟଙ୍କୁ ସ୍ପର୍ଶ କରୁଥାଏ । ସାମାନ୍ୟ ଦୂରରେ ଥାଇ ପ୍ରଶାନ୍ତ ବାବୁ ସେ ସବୁକୁ ଦେଖି ସ୍ମିତହାସ୍ୟ ଦେଇ ଭାବୁଥାନ୍ତି । ବିଚିତ୍ର ବିଧାନ ଆଗରେ ଅଶୁଭ ରେଖାବି ମଙ୍ଗଳକାରକ ହୋଇପାରେ ।

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

rudrakanta456@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂର୍ଣ୍ଣମୀର ଜହ୍ନ



ଶିବ ନାରାୟଣ ଦାଶ

ପୂର୍ଣ୍ଣମୀର ଜହ୍ନ ତୁମେ ଉଠିଅଛ ଉଇଁ
ଦିଗନ୍ତର ତାଳବଣ ସୀମନ୍ତକୁ ଛୁଇଁ,
ଅସାଡ଼ ଆକାଶ କୋଳେ
ଖୋଲି ତୁମ ଶୁଭ୍ରକାନ୍ତି କାୟା
ଢାଳିଦେଇ ଔଜ୍ୱଲ୍ୟର ସଫେଦ ଶୁଭ୍ରତା
ତୁମେ ହସ ପୂର୍ଣ୍ଣଗର୍ଭା ପୂର୍ଣ୍ଣପ୍ରାଣ ହୋଇ ।
ପୂର୍ଣ୍ଣମୀର ଚାନ୍ଦ ତୁମେ ଜହ୍ନରାତି ଦେଇଛ ବିଛାଇ ।

ତୋଫା ଚାନ୍ଦିନୀରେ ଧୋଇ
ଅନ୍ଧକାର ମହଲଣ ଛାଇ
ତୁମେ ଉଠ ନଈପଠା ବାଲି ଛୁଇଁ ଛୁଇଁ,
ସଫେଦ ରୂପେଲି ହସ
ବିଛିଦିଅ ଆକାଶର ନୀଳିମାକୁ ଚାହିଁ,
ତୁମ ଜ୍ୟୋତି ଚନ୍ଦ୍ରପ୍ରଭା
ଚତୁର୍ଦ୍ଦିଗେ ଅନାୟାସେ ଦେଇଛ ମେଲାଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ପୁଣି ଦିଶ ତୁମେ

ଆମ୍ବଗଛ ଶାଖା ଉହାଡ଼ରୁ

ଚକୋରକୁ ତୃପ୍ତ କରି ସୁଧାପାନେ ତୁମ,

ଅବା କେବେ ଗବାକ୍ଷର ଫାଙ୍କ ଦେଇ

ପଶିଆସି ଛୁଅଁ

ପ୍ରଣୟୀର ପ୍ରେମର ଚତ୍ୱର

ଚାନ୍ଦିନୀରେ କରି ପ୍ରେମାପ୍ଲୁତ,

ମିଠା ମିଠା ଜହ୍ନରାତି ତୁମ କରେ ରୋମାଂଚିତ ।

ଗାଁ ମୁଣ୍ଡ ଧାନ କ୍ଷେତ

ଭାଙ୍ଗଇ ଲହଡି

ଭିଜି ଭିଜି ତୁମ ଜ୍ୟୋତ୍ସ୍ନା ପ୍ଲାବନ ଜୁଆରେ,

ତୁମେ ପୁଣି ସ୍ୱଷ୍ଟ ବାରିହୁଅ

ସମସ୍ତ ଆଲୁଅ ଲିଭି

ସହରଟା ଶୋଇଗଲା ପରେ ।

ସଫେଦ ଚାନ୍ଦିନୀ ତୁମ ଢାଳିଦିଅ

ମୋ କୋଠାର ପ୍ରଶସ୍ତ ଛାତରେ ।

ଅଙ୍କା ବଙ୍କା ନଈକୂଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବା ପୁଣି ନଈପଠା ପଡିଆ ମଝିରେ
ଚଁଅର ଉଡାଏ ଯେବେ କାଶତଣ୍ଡୀ ଫୁଲର ପଟଳ,
ତୁମେ ତେବେ ଉଠ ଉଇଁ ଦୂର ଦିଗନ୍ତରେ
ଶରତର ସାନ୍ଧ୍ୟ ଆକାଶରେ
ସୁଠାମ - ନିଟୋଳ,
ତୁମ ଛବି ଝିଲିମିଲି କରେ
ଜ୍ୟୋତ୍ସ୍ନାସ୍ନାତ ନଦୀ ଜଳ ନୀଳ ଦର୍ପଣରେ ।

ତୁମେ ପୁଣି ଉଠ ଉଇଁ
ପ୍ରଶସ୍ତ ବାଲୁକାମୟ ସାଗର ବେଳାରେ
ନିକାଂଚନ ଝାଉଁବଣ ଘଂଚ ଅନ୍ଧକାରେ,
ଝାଉଁ-ବିଥୀ ମଥାନକୁ ଛୁଇଁ
ବିଞ୍ଛିଦିଅ ଜ୍ୟୋତ୍ସ୍ନାଲୋକ କାହିଁ କେତେ ଦୂରେ,
ତରଙ୍ଗର ଢେଉ ଭାଙ୍ଗ ତୁମେ
ସାଗର ଲହଡି ଚୁମି
ବେଳାଭୂମି ସିକତା ଶେଯରେ ।

ପୂର୍ଣ୍ଣମୀର ଜହ୍ନ ତୁମେ ଆବୋରିଛ
ନଦୀ, ନାଳ, ବଣ ଓ ପାହାଡ଼,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝରଣା, ସାଗର ପୁଣି

ମନୋରମ ସୁଶ୍ରୀ ପଲ୍ଲୀ ଭୂଇଁ

ଆହୁରି ବି ଦୁରାନ୍ତର ସୁରମ୍ୟ ସହର ।

ଯେଉଁଠି ବି ଥାଅ ତୁମେ

ଜ୍ୟୋସ୍ନା ତୁମ ଅତି ମନୋହର -

ସୁଶୀତଳ, ସ୍ନିଗ୍ଧ, ସୁମଧୁର,

ଆତ୍ମୀୟ-ସ୍ୱଜନ ଅବା ସଖା ସହୋଦର

କେହି ବି ନ ଥିଲେ ପାଖେ

କଥା କୁହ ତୁମେ ଧୀରେ ଧୀରେ,

ଛୁଇଁଯାଅ ଅନ୍ତରକୁ ଜ୍ୟୋସ୍ନାଲୋକେ ତୁମ,

ହୃଦୟେ ସାଇତି ରଖ

ସ୍ମୃତି କେତେ ଅଭୁଲା ଅପାର ।

ମୋବାଇଲ୍ : ୯୯୯୦୨୪୬୫୬

ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆମ ଗାଁ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୬)

ହେମନ୍ତ ଆସଇ ଧରି ପତ୍ରଝରା ଦିନ,

ମୋ' ଗାଁର ତୋଟାମାଳ ବୁଢା ବରଗଛ,

ଗାଁ ମୁଣ୍ଡ ଠାକୁରାଣୀ ପୀଠ ଅଶ୍ୱତ୍ଥ ବଉଳ,

ସାରି ସାରି ସୁରଭିତ ପଲ୍ଲି ଉପବନ,

ବରଷକେ ପାଲଟଇ ଥରେ

ପୁରୁଣା ମଳିନ ତା'ର ପତର ବସନ ।

ବିତ୍ତଶାଳି ଲୋକଙ୍କର ମିତ ଶୀତଋତୁ

ଉଆସରେ ବସି ବସି କରନ୍ତି ସେ ଅମୃତ ମଣୋହି,

ସକାଳ ପଖାଳଖିଆ ମୋ' ଗାଁର ଚାଷୀପୁଅ

କୋହଲା ପବନ ଖାଇ ଥରଥର କଲିଜା ଥରଇ,

ତଥାପି ତ ଫୁଙ୍ଗୁଳା ଦେହରେ

ମୁଣ୍ଡରେ ବାନ୍ଧଇ ଠେକା କାକରରେ ଧାନକଟା ପାଇଁ ।

ମାଘମାସେ ବାଘପରି ମାଡ଼ିବସେ ଶୀତ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗ୍ରାମ ଉପକଣ୍ଠ କେଉଁ ଚାରଣ ଭୂଇଁରୁ
ଦୂର ପର୍ବତ ଶିଖରେ ଲକ୍ଷ କରି ବେଳ ରତରତ,
ତରୁ ଉହାଡ଼ରୁ ଧୀର ତରୁଣ ଗୋପାଳ
ଗୋଗୋଷ୍ଠ ବାହୁଡା ଗୀତ ଗାଏ ହୋଇ ମନରେ ଉଷତ ।

ତୁଳସୀ ଚଉରା ମୂଳେ ସଞ୍ଜବତି ଜାଳେ କୁଳବଧୂ,
ମାନସୀ ସର୍ବମଙ୍ଗଳ ସତୀ ପତି, ପୁତ୍ରକନ୍ୟାଙ୍କର,
କରେ ପ୍ରଣିପାତ କହି ରଖ ଦେବ ଦେବ ଜଗନ୍ନାଥ !
ତୁମ ବିନା ଏ ଜଗତେ ଆଉ କିଏ ଅଛି ବା ଆମର ।
କୃଷକ ବାପୁଡ଼ା ହୋଇ ତରତର ଫେରେ ଧାନକ୍ଷେତ୍ରୁ,
କହେ ଖାଲି ହେ ଠାକୁର ! ଦେଲ ବିଷୟାର ଏତେ ବିଷମ ଜଂଜାଳ,

ଏ ଶୁଭ ସନ୍ଧ୍ୟାରେ ହରି ତୁମ ନାମ ଧରି
ଡାକିବାକୁ ଥରଟିଏ ଦେଲନି ତ ବେଳ !
ଦେବ ମନ୍ଦିରୁ ଶୁଭଇ ଶଙ୍ଖ ଘଣ୍ଟ ତୁହାଇ ତୁହାଇ,
ଦେବକଣ୍ଠେ ଡାକି କହେ ନିନାଦିତ ଶଙ୍ଖ,
କର୍ମଯୋଗୀ କୃଷକ ଦମ୍ପତି ନ ହୁଅ ହେ ତିଳେ ଆତଙ୍କିତ !
ତୁମ ତ୍ୟାଗ କରୁଛି ତ ଜଗତର ହିତ,
ଶତ ଜଂଜାଳ ବନ୍ଧନେ ଥାଅ ପଛେ ତୁମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଅନ୍ତର ନିବାସୀ ମୁଁ ସର୍ବଦା ଯୋଗରେ ଜାଗ୍ରତ,

ନିତି ଆନନ୍ଦେ ଶୁଣଇ ମୁଁ ତୁମର ନୀରବ ପ୍ରାର୍ଥନା,

ନିବେଦିତ କର୍ମଫଳେ ତୁମେ ମୋ ନିକଟେ ସଦା ସମର୍ପିତ ।

ଅନ୍ଧାର ଆସଇ ଘୋଟି ଶୀତରାତି ଭିତି ସଂଚାରଇ,

ନାତିନାତୁଣୀ ଗହଣେ ଠାକୁମା' ଅଶୀବରଷର

ଶୋଇଯା'ନ୍ତି ନିର୍ବିକାରେ ହେଂସ ଘୋଡ଼ି ହୋଇ ।

ନାତି ଅଳିକରି କହେ, କହ ମା' ଟୁଆଁ ଟୁଇଁ ଗପ,

ଠାକୁମା' ଆକଟ କରେ, ନାହିଁ ନାହିଁ ବାପ !

ସେ କଥା କହନା ଧନ ! ଜାଣିଛୁ ତା ଜଙ୍ଗଲରେ ହେମାଳିଆ ଶୀତ,

ଆମ ଓଳି ତଳେ କାଳେ ବାଘମାମୁଁ ଛପି ବସିଥିବ,

ସରପୁଳି ପିଠା ଖିଆ କଥା କାନରେ ଶୁଣିବ,

ପିଠା ଲୋଭରେ କବାଟ ଆସି ବାଡ଼େଇବ !

ଶୁଣ ମୁଁ ଗାଉଛି ଏବେ ନାନାବାୟା ଗୀତ,

"ପୁତ୍ରଶୋକେ ବାହୁନନ୍ତି କପୋତୀ କପୋତ,

ମାଣ ପୂରିଲା ସେର ପୂରିଲା ଉଠରେ ପୁତ" -

ଠାକୁମା'ର ଥର ଥର କଣ୍ଠ କହୁ କହୁ ଆସେ ଓଦା ହୋଇ,

ଗୀତ ଶେଷ ହେବା ଆଗୁ ଠାକୁମା' ଘୁଙ୍ଗୁଡ଼ି ମାରଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସେ ମକର ସଂକ୍ରାନ୍ତି ମେଳାର ପରବ,

ମୋ' ଗାଁ ଗୋପାଳେଶ୍ୱର ହରପୀଠେ ହରିହାଟ ବସେ,

ନାମ ସଂକୀର୍ତ୍ତନେ ଭକ୍ତ ସମ୍ମୋହିତ ଉଦଣ୍ଡ ନୃତ୍ୟର ତାଳେ

ନିନାଦିତ ହରିବୋଲ ହୁଳହୁଳି ହରିନାମ ଶବଦ ଅଖଣ୍ଡ,

ଉତ୍ସବ ମୁଖର ହୋଇ ଉଦ୍ଭାସିତ ହୁଏ ଗାଁ ଦାଣ୍ଡ ।

ଭାଗବତ ପାରାୟଣ ହୁଏ କୃଷ୍ଣଦାସ ବାବାଜୀ ମଠରେ,

ଜନ୍ତାଳ ଭୁରି ଭୋଜନ ସମାରୋହେ ସମବେତ ଦରିଦ୍ର ଭୋଜନ

ସମାପନ ହୁଏ ଦେବୀ ଝାଡ଼େଶ୍ୱରୀ ମଙ୍ଗଳ ପୀଠରେ ।

ସର୍ବତ୍ୟାଗୀ ମୋ' ପଲ୍ଲୀଜୀବନ ଚାହେଁ ବିତରି ଦେବାକୁ

ପ୍ରେମ ପୀରତି କରୁଣା ଯାହା ତା'ର ହୃଦୟରେ ଅଛି,

ଅଗ୍ନି ବାୟୁ ଜଳ ପରି ଦାନରେ ତ ଆନନ୍ଦ ରହିଛି !

ଏ ଜୀବନ ଦେବାପାଇଁ ପରର ହିତାର୍ଥେ,

ଆପଣାର ନେବାପାଇଁ ନୁହଇଁ ତ କିଛି ।

ଶବ୍ଦର ଶଯ୍ୟାରେ ଶୋଇ ଯେତେ ବି ପାରିଲେ ଗାଇ

ମୋ' ପଲ୍ଲିବଧୂର ରମ୍ୟ ରୂପ ବଇଭବ,

ସରଳ ପଲ୍ଲୀଜୀବନେ ଅପ୍ରମିତ ଆଲୋକ, ଆନନ୍ଦ

ରୂପାୟଣେ କବିର କବିତା ଭରଣାରେ ସଦା ଊଣା ହେବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହରଠୁଁ ବହୁଦୂରେ ପବିତ୍ର ଜନ୍ମଭୂମି,

ସ୍ନିଗ୍ଧ ଶ୍ୟାମଳ ଧାତ୍ରୀକା ସେହି ମୋର ପ୍ରିୟତମ ଗାଁ,

ସପ୍ତସପ୍ତତିର ମୋର, ବାର୍ଦ୍ଧକ୍ୟକୁ କରେ ଉଦ୍ଭାସିତ,

ସସ୍ନେହେ ଡାକଇ ତାର ସବୁଜିମା ସଜୀବ କଣ୍ଠରେ,

ପଲ୍ଲିର ସନ୍ତାନ ତୁ'ରେ ମୋ' କୋଳକୁ ଫେରିଆ ଫେରିଆ !

ଓଡ଼ିଆର ବର୍ଣ୍ଣମାଳା ପରି ସୁଢଳ ସୁନ୍ଦର,

ସଜଫୁଟା ଫୁଲପରି ସୁକୋମଳ କେତେ ପୁଅଝିଅ,

ଚାହିଁଛନ୍ତି ତୋ' ପଥକୁ ସରାଗରେ ସଜଳ ନୟନେ,

ଶୁଣିବାକୁ ତୋ' ଜୀବନ ଗୀତି ଝଙ୍କାରମୟ ବିଭବ,

ଜାଣିବାକୁ ତୋ' ହୃଦୟେ ଅଛି କେତେ ବାଳଗୋପାଳଙ୍କ ପାଇଁ

ଅନାବିଳ ମମତାର ମଧୁର ପରଶ,

ତୋ' ହାସ୍ୟ ଭିତରେ କେତେ ରସାଣିତ ଅଶ୍ରୁ ଅନୁଭବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱଚ୍ଛ ଭାରତ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ସ୍ୱଚ୍ଛ ଭାରତର ସ୍ୱପନ ଦେଖିଥିଲେ ବାପୁଜୀ
ସାକାର କରିବେ ସର୍କାର ଚେଷ୍ଟା ଚାଲିଛି ଆଜି । □ ।
ଘରେ ଘରେ ପାଇଖାନା ଯେ ପୁଣି ଯୋଗାଇ ଦେଲେ
ମଳ ମୁକ୍ତ ଗ୍ରାମ ଫଳକ ସବୁଆଡେ ମାରିଲେ । □ ।
ବିଶୁଦ୍ଧ ପାନୀୟ ଯୋଗାଇ ଦେବାପାଇଁ ଗ୍ରାମକୁ । □ ।
ମାଟି ଖୋଳି ପାଣି ପାଇପ ବିଛାଇଲେ ଗାଆଁ କୁ । □ ।
କୋଟି କୋଟି ଟଙ୍କା ଖରଚ କଲେ ସିନା ସର୍କାର
ଯୋଜନା ଉତ୍ତମ ନିଶ୍ଚିତ ଫଳ ଶୂନ୍ୟ ତହିଁର । □ ।
ମଳ ମୁକ୍ତ ଗ୍ରାମ ଫଳକ ସିନା ଲଗା ଯାଇଛି
ମଳ ଯୁକ୍ତ ଗ୍ରାମ ବାସ୍ତବ ପକ୍ଷେ ସିଏ ହୋଇଛି । □ ।
ରାସ୍ତା କଡ଼ ବିଲ ପଡିଆ ପୁଣି ପୋଖରୀ ହୁଡ଼ା
ଯେଉଁଠି ଦେଖିବ ସେଇଠି ଖାଲି ଝାଡା ହିଁ ଝାଡା । □ ।
ଘର ପାଇଖାନା ମଧ୍ୟରେ ଗୁଣ୍ଡା ଘସି ରଖିଲେ
ଖୋଲା ସ୍ଥାନ ରାସ୍ତା କଡ଼ରେ ମଳ ତ୍ୟାଗ କରିଲେ । □ ।
କେବେ ବଦଳିବ ଲୋକଙ୍କ ଏହି ମାନସିକତା
ଅଭାବ ରହିଛି ଏବେବି ଜନ ସଚେତନତା । □ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶୁଦ୍ଧ ପାନୀୟ ଯୋଗାଣ     କାର୍ଯ୍ୟ ନୁହଁସଫଳ
ପାଇପ ଯାଇଛି ଗ୍ରାମରେ     ନାହିଁ ଟୋପାଏ ଜଳ ।  ।
ପୋଖରୀରେ ଦଳ ପ୍ରବଳ     କେବେ ସଫା ହେଉନି
ରାସ୍ତା ଧାରେ କଣ୍ଟା ଜଙ୍ଗଲ     ରାସ୍ତା ଦେଖା ଯାଉନି ।  ।
କି କହିବି ଗ୍ରାମ ଅବସ୍ଥା     ନିଘା ନାହିଁ କାହାର
ନାଳ ନର୍ଦ୍ଦମାରେ ପୁରିଛି     ଏବେ ଗ୍ରାମ ସହର ।  ।
ସରକାର ରାଜକୋଷକୁ     ସର୍ବେ ଅଛନ୍ତି ଚାହିଁ
ଶ୍ରମ କରିବାକୁ ଆଗ୍ରହ     କାହା ମନରେ ନାହିଁ ।  ।
ମାଗଣା ଖାଇବା ଅଭ୍ୟାସ     ବେଳୁ ବେଳୁ ବଢୁଛି
କର୍ମ କୁଶଳତା ଗୁଣର     ଅଭାବ ଏବେ ହେଉଛି ।  ।
ଲୋକେ ସଚେତନ ନହେଲେ     ସ୍ଥିତି ସୁଧାର ନାହିଁ
ସ୍ୱଚ୍ଛ ଭାରତ ର କଳ୍ପନା     ପୂର୍ଣ୍ଣ ହୋଇବ ନାହିଁ ।  ।
ହୁଅ ସଚେତନ ମୋହର     ପ୍ରୀୟ ଭଉଣୀ ଭାଇ
ନିଜ ଘର ଗ୍ରାମ ସହର     ସ୍ୱଚ୍ଛ କରିବା ପାଇଁ ।  ।
ବଜାୟ ରଖିବା ସ୍ୱଚ୍ଛତା     ଆମରି ପରିବେଶ
ସ୍ୱଚ୍ଛ ଦେଶ ହେବ ଭାରତ     କଲେ ସର୍ବେ ପ୍ରୟାସ ।  ।

କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବନ୍ତ, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଲମ



ସୁହଂସ ଭୋଇ

ଅତି ପ୍ରିୟକୃତ କଲମ ମୋର
ବୁଝେ ଭାଷା ପରିଭାଷା ମନର
ଲେଖେ ସହଜରେ ସାଦା କାଗଜରେ
ନିତି ପ୍ରତିଦିନ ସତ ଖବର

ନୁହେଁ ତରବାରି ତ୍ରିଶୂଳ ତୀର
ତଥାପି ରହିଛି ତାହାର ଧାର
ଅନାୟସେ ଲକ୍ଷ୍ୟ ଭେଦିପାରେ ବକ୍ଷ
ମର୍ତ୍ତ୍ୟ ଦେବଲୋକ ପାତାଳ ପୁର

ନୁହେଁ ବାଲି ଇଟା  ଚୂନ ପଥର
ଚିତ୍ରଶିଳ୍ପୀ ଅବା ସେ କାରିଗର
ଶବ୍ଦରେ ସଜେଇ ଗଢି ଦେଇପାରେ
କଳା କୋଣାରକ ସାହିତ୍ୟ ଘର

ନ୍ୟାୟ ଅନ୍ୟାୟର କରେ ବିଚାର
ନିରପରାଧିକୁ କ୍ଷମାର ବର
ସଜାପାଏ ଦୋଷୀ କାରାଗାରେ ପଶି
ଅଖଣ୍ଡ କ୍ଷମତା ମୂନରେ ତାର

ନୁହେଁ ମଲ୍ଲଯୋଦ୍ଧା ବିକ୍ରମ ବୀର
ବୁଦ୍ଧି ବଳେ ଦର୍ପ କରଇ ଚୂର
ଅଧିକାର ପାଇଁ ହୁଏ ଆଗଭର
ଯୁଝେ ରଣ ଉଚ୍ଚ କରିକି ଶିର

ପହଣ୍ଡି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ କହିଦିଏ



ନୀଳମଣି ଚାନ୍ଦ

ଶୀତ  କହିଦିଏ
ନିଆଁ ପୋଇଁହେବା ପାଇଁ
ବସିଥା ଖରାକୁ ଚାହିଁ
ଶୀତ ଚାଲିଗଲେ
ଏ ନିଆଁ, ଏ ଖରା
ଆଉ ଦର୍କାର ନାହିଁ ।

ଶୀତ  କହିଦିଏ
ପଙ୍ଖା ବେଶୀ ଘୂରା ନାହିଁ
ଏସିକୁ ଚଳାଅ ନାହିଁ
ଶୀତ ଚାଲିଗଲେ
ପଙ୍ଖା, ଏସି ସବୁ
ଚାଲିବରେ ଘାଇଁଘାଇଁ ।

ଶୀତ କହିଦିଏ
ମୁକ୍ତା ସାଉଁଟିବା ପାଇଁ
ଶାଲ୍ ଘୋଡ଼ି ହେବାପାଇଁ
ଶୀତ ଚାଲିଗଲେ
ସେ ମୁକ୍ତା, ସେ ଶାଲ୍
ଆଉ ଲୋଡ଼ା ହେବନାହିଁ ।

ଶୀତ କହିଦିଏ
ମାଘ ଶୀତ ବାଘ ପରି
ଦେବି ରାତି ବଡ଼ କରି
ଶୀତ ଫେରିଗଲେ
ରାତି ହୋଇଯିବ
ଠିକ୍ ସିନା ଆଗ ପରି ।

ଶୀତ କହିଦିଏ
ଅମଳର ଋତୁ ସିଏ
ଚାଷୀକୁ କାମଟି ଦିଏ
ରହିଛି ଆଗକୁ
ବସନ୍ତର ମଜା
କୁହରେ ନ ଜାଣେ କିଏ ?

ଭୁବନେଶ୍ୱର,ମୋ:୯୪୮୩୨୦୨୩୫୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସ୍ୱଭାବକବି ଗଙ୍ଗାଧର



ଅମରନାଥ ବାରିକ

ଅଗଷ୍ଟ ନଅ'ରେ ସେବତୀ ମା' କୋଳେ ଜନମ ହୋଇ
ଅମର ଲଭିଲେ ସାହିତ୍ୟକୁ ନିଜ ଜୀବନ ଦେଇ ।
ପଢ଼ିଥିଲେ ସିନା ପଞ୍ଚମ ଯାଏଁ ସେ ନଥିଲେ ଦ୍ୱନ୍ଦି
ଜାଣିଥିଲେ ଭାଷା ବଙ୍ଗଳା ସଂସ୍କୃତ ଇଂରାଜୀ ହିନ୍ଦୀ ।

ରହୁଥିଲେ ଗର୍ବ ଅହଙ୍କାର ଠାରୁ ବହୁ ଦୂରରେ
ଲେଖୁଥିଲେ କାବ୍ୟ କାଷ୍ଠ କୋଇଲାର ମୁଣ୍ଡା କଳାରେ ।
କବିତା କଲ୍ଲୋଳ ଅଯୋଧ୍ୟାର ଦୃଶ୍ୟ ଅପୂର୍ଣ୍ଣ କାବ୍ୟ
ପ୍ରଣୟ ବଲ୍ଲରୀ କୀଚକବଦ୍ଧ ଓ ପଦ୍ମିନୀ ଅର୍ଘ୍ୟ ।

ଲେଖନୀ ଚଳାଇ ସୁରକ୍ଷା କବଚ ଭାଷାକୁ ଦେଲେ
ସେଲାଗି ସମାଜେ ପ୍ରକୃତି କବିର ଉପାଧି ନେଲେ ।
ପ୍ରକୃତି ରାଣୀର ସୌନ୍ଦର୍ଯ୍ୟ ସୁଷମା ରଚନା କରି
ମାତୃଭାଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ।

କିଞ୍ଚିତେ ବଖାଣି କବିଙ୍କ କାହାଣୀ ଅମରନାଥ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଗେ ଭାଷାଜ୍ଞାନ ଦାନକର ମୋତେ ବାଂମୟ ପଥ ।

ଶହେତମ ପୁଣ୍ୟ ତିଥି ସମାରୋହ ଅବସରରେ

ଘେନ ଶ୍ରଦ୍ଧାଞ୍ଜଳି ବାଢୁଛି ମେହେର ଭକତି ଭରେ ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର

ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧

ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

E-mail: amarnath.barick@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାମାବର ସୁଷମାରେ ସମାକେହି



ପ୍ରଦୀପ କୁମାର
ଜିଲିକାରା

( ସ୍ୱର - ଶ୍ୟାମ ସମ କମନୀୟ ନାହିଁ ଆଉ )

ରାମାବର ସୁଷମାରେ ସମା କେହି...
ଦେଖିଲା ଦିନୁ କ-ବାଣେ ହୁଏ ଦହି...(୦)

କି ରଙ୍ଗ ନାଲି ଅଧର
ଊରଜ ଧୈର୍ଯ୍ୟ ଭୂଧର
ପବିକୁ କରଇ ପାଣି ବରଦେହୀ....(୧)

ସୁନେତ୍ର କଟାକ୍ଷ ମାରି
ଊରକୁ ଦିଏ ବିଦାରି
ମଧୁର ଭାଷେ କୋକିଳ ଲାଜ ପାଇ....(୨)

ସୁଚକ୍ର ନିତମ୍ବ ତଳ
କଳା ମାଣିକ୍ୟ କୁନ୍ତଳ
ଲମ୍ବିଥାଇ ଗତେ ହଂସ ଭୟ ପାଇ....(୩)

ପାଇବାକୁ ତା ପୀରତି
ହର ମନାଉଛି ନିତି
ରସନ୍ତା କବି ପ୍ରଦୀପ ଗୀତେ କହି....(୪)

ଶବ୍ଦାର୍ଥ: ପବି- ବଜ୍ର, କ- ବାଣେ - ମଦନ ଶରରେ,

ଗ୍ରାମ- ହାଡ଼ଶିଙ୍କୁଳା, ଡାକ- ଚାଟିକୋଣା, ଗୋଷ୍ଠୀ- ବିଷମକଟକ, ରାୟଗଡ଼ା, ୮୨୪୯୪୩୯୯୩୯.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଆଲାରେ ତୁମେ ସ୍ନେହ ଭରିଦେଲ



ତାରା ପ୍ରସାଦ ଜେନା

ପିଆଲାରେ ତୁମେ ସ୍ନେହ ଭରିଦେଲ
ଆକଣ୍ଠ ପିଉଛି ଆଜି
ତନ୍ଦ୍ରା ଅଳସରେ ସପନ ସାଥିରେ
ଆଖିକୁ ଦେଉଛ ବୁଜି ! || ୦ ||

ରୂପ ଲାବଣ୍ୟରେ ଆଉ ସବୁ ଫିକା
ତୁମେ ତ ଅଭୁଲା ଜ୍ୟୋତି
ଗପ ଅସରନ୍ତି ନାୟିକାରେ ଭରା
ପ୍ରଣୟ ରାଗର ସ୍ତୁତି
ହଜେଇଦେବାକୁ କେବେ ଚାହିଁବିନି
ନିରତ ହେଉଚି ଖୋଜି !
ପିଆଲାରେ ତୁମେ ସ୍ନେହ ଭରିଦେଲ
ଆକଣ୍ଠ ପିଉଛି ଆଜି...........|| ୧ ||

ଜୀବନର ପଥ ଦୀର୍ଘ ହୋଇପାରେ
ମୁଁ ତୁମ ପନ୍ଥାର ପାନ୍ଥ
ପୁଣ୍ୟ ବିଚାରରେ ଜନ୍ମ ଜନ୍ମାନ୍ତର
ମୁଁ ଏକ ପ୍ରେମିକ ସନ୍ଥ
ମୋହ କୋହ ଭରା ହୃଦୟର ଭାଷା
ପଢ଼ିବ ମନର ରାଜି !
ପିଆଲାରେ ତୁମେ ସ୍ନେହ ଭରିଦେଲ
ଆକଣ୍ଠ ପିଉଛି ଆଜି...........|| ୨ ||

ରାଜ ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା କୁଟିକମ



ଆଶୁତୋଷ
ମେହେର

କବିତା ସୁନ୍ଦରୀ ପାହାଡି ଝରଣା କୁଳୁକୁଳୁ ନାଦେ ବହେ,
ଛଳଛଳ ସୁରେ ଟିକିଟିକି ପଦେ ମନଭରି କଥା କୁହେ ।
କେବେ ଏକପଦୀ ଅବା ଚଉପଦୀ ଛୋଟ ସିନା କଳେବର,
ହୃଦୟରେ ଭରା ଗହନ ଭାବନା କହୁଥାଏ କଥା ସାର ।।

ଗଳପ ସଳପ ଫରଦ ଫରଦ ବଖାଣେ ବସିଯେ କଥା,
କବିତା ଧାଡିଏ ଅଫୁରନ୍ତ ରଙ୍ଗେ ଭଣି ଦିଏ ହୃଦ ବ୍ୟଥା ।
ଭାବନାର ରୂପ ଟୋପା ଟୋପା ହୋଇ ମହକରେ ମହୀୟାନ ,
ଚୁମ୍ବକ ଚୁମ୍ବକେ ପଦ ପରେ ପଦ ଗୁଞ୍ଜରି ସ୍ଫୁରଇ ମନ ।।

ଭାବକଳ୍ପେ ଗଢା ରୂପକଳ୍ପେ ଯୋଡା ବିନ୍ଦୁରେ ସିନ୍ଧୁର ଭାବ,
ସାଗର ଲହରୀ ଝରଣା କଲ୍ଲୋଳ କବିତାରେ ଅନୁଭବ ।
ଗଦ୍ୟ ଗାରିମାଠୁଁ  ପଦର ଲାଳିତ୍ୱେ ବେଶୀ କଥା ପଡେ ବନ୍ଧା ,
କିଛିତେ କିଛିତେ କୁଟିକମ ରଙ୍ଗେ କବିତା ଦେହରେ ବନ୍ଧା ।।

କବିତା ତ ଛୋଟ ଧାର ସବୁଦିନ ଜନମ ଜନମ ଧରି ,
ପଦ ଛନ୍ଦାଛନ୍ଦି ଲେଖି ଚାଲିଥାଏ ମନରେ କାହାଣୀ ଭରି ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪
ଦୂରଭାଷ  ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାବଧାନ ରାଜନେତା



ନରେନ୍ଦ୍ର ପ୍ରସାଦ
ବେହେରା

ପାଖେଇ ଆସୁଛି    ନିର୍ବାଚନ ଋତୁ
ନେତାଏ ହେଲେଣି ସଜ
ଗାଆଁ ଗହଳିରେ    ଘୁରି ବୁଲୁଛନ୍ତି
ସାଙ୍ଗରେ ଧରି ଫଉଜ ।୧।

ଶୁଭ ଶିଳାନ୍ୟାସ    ଶୁଭ ଉଦ୍ଘାଟନ
ଭିତ୍ତିପ୍ରସ୍ତର ସ୍ଥାପନ
ଭୋଟରଙ୍କ ମନ    ନେବାପାଇଁ କିଣି
ଦେଉ ଅଛନ୍ତି ଭୋଜନ ।୨।

ପାଞ୍ଚ ବର୍ଷ ପରେ    ନିର୍ବାଚନ ପୁଣି
ନିକଟତର ହେଲାଣି
ପୂର୍ବକଥା ସବୁ    ଭୁଲିଯାଇ ଏବେ
ନୂଆ ନୂଆ କହିଲେଣି ।୩।

ନେତାଏ ଭାବନ୍ତି    ଭୋଟର ଭକୁଆ
ବୁଝାଇଲେ ବୁଝିଯିବେ
ନୋଅଟ ଧରେଇ    ଭୋଅଟ କିଣିବା
ପଦ୍ଧାଟିକୁ ଆରମ୍ଭିବେ ।୪।

ଦେଇଥିଲ କେତେ    ପ୍ରତିଶ୍ରୁତି ଆଉ
କରିଛ କେତେ ପୂରଣ
ଭୋଟର ତୁମଙ୍କୁ    କରିବେ ପ୍ରଶନ
ପକାଇବ ନାହିଁ ରାଣ ।୫।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଥ୍ୟା ପ୍ରତିଶ୍ରୁତି ମିଥ୍ୟା ପ୍ରସନ
ଚଳିବ ନାହିଁ ଏଥର
ସଜାଗ ହେଲେଣି ଭୋଟର ସମାଜ
ଗଢିବେ ନୂଆ ସର୍କାର ।୬।

ଅଚଳ କରିବେ ସରକାରୀ କଳ
ଗଢିଲେଣି ନୂଆ ଦଳ
ସଭା ସମିତିରେ ଭାଷଣ ଦେଲେଣି
ସଂଗେ ଧରି ସୈନ୍ୟବଳ ।୭।

ବିଭିନ୍ନ ଦଳର ସୁନ୍ଦର ଭାଷଣ
କହନ୍ତି କଟୁ ବଚନ
ଏଥର ଜିତିଲେ ଦୂରହେବ ତୁମ
ସମସ୍ତ ସମସ୍ୟା ମାନ ।୮।

ବିଶ୍ୱାସରେ ବିଷ ଦେଇ ପାଞ୍ଚବର୍ଷ
କରିଲ ତୁମେ ଶାସନ
କହିଥିଲ କେତେ କରିଅଛ କେତେ
ହିସାବ ଦେବ ବହନ ।୯।

ହିସାବ କିତାବ କରିବେ ଏଥର
ସମସ୍ତ ଭୋଟର ବାସୀ
ସଠିକ୍ ଚିହ୍ନରେ ମୋହର ମାରିଣ
ଛଡାଇବେ ତୁମ ଖୁସି ।୧୦।

ସମୟ ଆସିଛି ବିଚାର କରିବେ
କୁହନାହିଁ ମିଥ୍ୟା କଥା
ବେଳ ଥାଉଥାଉ ହୁଅ ସାବଧାନ
ପରିଶ୍ରମ ହେବ ବୃଥା ।୧୧।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଥ୍ୟା ପ୍ରତିଶ୍ରୁତି ମିଥ୍ୟା ରାଜନୀତି
ଚଳିବ ନାହିଁ ଏଥର
ପରିବର୍ତ୍ତନର ସ୍ୱର ଉଠିଲାଣି
ଏତିକି ଗୁହାରି ମୋର ।୧୨।

ହୁଅ ସାବଧାନ ରାଜନେତା ବନ୍ଧୁ
ଭୋଟରଙ୍କ ବେଳ ଏହି
ଶିକ୍ଷିତ ଭୋଟର ସଠିକ ବିଚାର
ଦେଉଛି ତୁମକୁ କହି ।୧୩।

ଉନ୍ନତି ନାମରେ କେତେକଥା କହି
କରିଥିଲ ଶିଳାନ୍ୟାସ
ହଟିନି ଦାଦନ ସମସ୍ୟା ବଢ଼ିଛି
କୁଆଡ଼େ ଗଲା ବିକାଶ ।୧୪।

କେଉଁ ମୁହଁ ନେଇ ଦେଉଛ ଭାଷଣ
କରୁଛ ଭିତ୍ତିପ୍ରସ୍ତର
ସବୁ ଅଙ୍କ ତୁମ ହୋଇଯିବ ଭୁଲ୍
ଭୋଟର ଦେବେ ପ୍ରହାର ।୧୫।

ଭୋଟର ପ୍ରହାର ବହୁ ଶକ୍ତିଶାଳୀ
ଖାଇଲେ ତୁମେ ଜାଣିବ
ନଥିବ ଶାସନ ନଥିବ କ୍ଷମତା
ଘରେଲୁଚି ରହିଥିବ ।୧୬।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ,
ଆଳଦା, ଖଇରା, ବାଲେଶ୍ୱର,
ମୋ - ୯୮୫୩୧୪୨୫୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରଥା



ଶ୍ରୀତମ ରଣା

ଜୀବନ ସ୍ରୋତର ଅଲେଖା କାହାଣୀ
କିଏ ରାଣୀ ଏଠି କିଏ ଚାକରାଣୀ । ।
ସଂସାର ଏହା ତ ବିଚିତ୍ର କାହାଣୀ
ନାରୀଙ୍କୁ ଏ କଷ୍ଟ କାହିଁ ଦେଲା ପୁଣି । ।
ଜାଣେ ସେ ନାରୀ ଯେ ମା ସ୍ତ୍ରୀ ଓ ଭଉଣୀ
ସେହି ଅଟେ ଯେ ଜଗତର ଜନନୀ । ।
ତାହାରି ଭାଗ୍ୟରେ ଏତେ କଷ୍ଟ ପୁଣି
କାହିଁକି ବିଧାତା ଲେଖିଲା କେଜାଣି । ।
ଜନମ ହେଲେ ହତ୍ୟା ହଉଛି ପୁଣି
ଜନମିଲେ ସେ ହୁଏ ତ ଅଭାଗିନୀ । ।
ଉଚ୍ଚଶିକ୍ଷା ପାଇଁ ଅନୁମତି ମିଳେନି
ବାଲ୍ୟ ବିବାହ ତାର ହଉଛି ପୁଣି । ।

ଯୌତୁକ ବିନା ଜୀବନ ମୂଲ୍ୟ ହିନ
ବଧୂ ହତ୍ୟା ରେ ଏଠି ଡରି ଲାଗେନି । ।
କହୁଥାଏ ସ୍ୱାଧୀନର ସମାଜ ପୁଣି
ନାରୀ ଏଠି ପରା ସଶକ୍ତ ହେଲେଣି । ।
ତାହାର ଲଗ୍ନ ଚିତ୍ର କହି ହେବନି
ଯୌତୁକ ପ୍ରଥା ଶେଷ ହେଇ ପାରୁନି । ।
ଧନ୍ୟ ଏକା ସେହି ନାରୀ ଏଠି ପୁଣି
ଦୁଃଖ ସବୁ ଏକାକୀ ସହି ଗଲେଣି । ।

ଓଡଶିଙ୍ଗା, ଅନୁଗୁଳ
୭୮୪୬୯୦୯୬୪୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନଈ ଗୀତ



ସୁଜିତ କୁମାର ମିଶ୍ର

ନଈ ଯାଏ ବହି  ଗୀତ ଗାଇ ଗାଇ
ଛୁଇଁବାକୁ ସିନ୍ଧୁ ଦେହ,
ଲୁହ ନଈ କିନ୍ତୁ ବହୁଥାଏ ନିତି
କାରଣ ତା ଲକ୍ଷେ କୋହ ।

ଜ୍ଞାନର ସାଗର ନିଜକୁ ମଣିଲେ
ଜିଜ୍ଞାସାର ଝର ଯାଏ ତ ସରି,
ଭାବନା ହୋଇଲେ ନଈର ପ୍ରବାହ
ବରଷଇ ନିତି ସପନ ଶିରୀ   ।

ନଈ ଶୁଖିଯାଏ ବୈଶାଖ ତାତିରେ
ପୂର୍ଣ୍ଣଗର୍ଭା ରହେନାହିଁ,
ପ୍ରେମନଈ କିନ୍ତୁ ବହୁଥିଲେ ହୃଦେ
ଚିରକାଳ ସୁଖଦାୟୀ  ।

ଗିରି ବନ ଦେଇ ବହିଆସେ ନଈ
କଷଣ ତାତିକୁ ସହି,
ଆପଣାରପଣ ଝରୁଥିଲେ ବହେ
ମିଠା ଶ୍ରାବଣର ନଈ ।

ନଈ ଗାଏ ଏଠି ଜୀବନ ସଙ୍ଗୀତ
ନାଚି ନାଚି ବହି ଯାଇ,
ମାନବ ଜୀବନ ନଈ ନୁହେଁ ବୋଲି
ମରୁଭୂମି ପାଲଟଇ  ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନଈର ମଧୁର ଆଶାଟିଏ ନିତି

ମିଶିବାକୁ ସାଗରରେ,

ଲୋଭୀ ମହାଜନ ଆଶାନଈ ବହେ

ଅଭାବୀକୁ ଲୁଟିବାରେ ।

ବିରାଙ୍ଗନା ନଈ ଯାଉଥାଏ ବହି

ନଅଟକି ନୀରବରେ,

ସରାଗ ତାହାର ଶତ କଦମ୍ବର

ଛୁଇଁବାକୁ ସିନ୍ଧୁନୀରେ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

୭୬୮୩୮୬୭୭୪୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆ ଆଶା ନେଇ ନୂଆ ବରଷ



ନଳିନୀ ଦାଶ

ଶୀତୁଆ ରାତିରେ ପାଦ ଚୁପି ଚୁପି ଆସ ହେ ନୂଆବରଷ
ତୁମହାତେ ଧରିଆସ ଶାନ୍ତି, ମୈତ୍ରୀ, ସ୍ନେହ, ମମତା ପରଶ ।
ନବବଧୂ ବେଶେ ଓଢଣାକୁ ଟାଣି ଆସ ପାହାନ୍ତି ରାତିରେ
ପାଉଁଜିର ରୁଣ୍ ଝୁଣ୍  ଶବ୍ଦରେ ସକାଳର କଅଁଳ ଖରାରେ ।
ନୂଆଆଶା ଆକାଂକ୍ଷା ଉତ୍ସାହ ନେଇଆସ ହେ ନୂଆ ବରଷ
ଧରଣୀ ବୁକୁରେ ଢାଳିଦିଅ ଆଣି ଶାନ୍ତି ସୁଧାର କଳସ ।
ଦୂରହେଉ ଦେଶୁଚୋରି ରାହାଜାନୀ ଧର୍ଷଣ ଶୋଷଣ ହତ୍ୟା
ନହେଉ ଦେଶେ ଅପହରଣ, ଅନାହାର ମୃତ୍ୟୁ ଭ୍ରୁଣହତ୍ୟା ।
ଧର୍ମଘଟ, ରାସ୍ତାରୋକ, ସନ୍ତ୍ରାସ ନହେଉ ଯୁଦ୍ଧ ବିଭୀଷିକା
ଏଦେଶ ଯବାନ ସମର ପ୍ରାଙ୍ଗଣେ ପିନ୍ଧୁ ବିଜୟର ଟୀକା ।
ନହେଉ ମରୁଡି, ଫାଇଲିନ୍ ହୁଡୁହୁଡୁ ଫନି ମହାବାତ୍ୟା
ନହେଉନାରୀ ନିର୍ଯାତନା, ସଂଘର୍ଷ, ଶିଶୁହତ୍ୟା,ଗଣହତ୍ୟା ।
ହେ ନବବର୍ଷ ତୁମର ସ୍ପର୍ଶରେ ଦୂରହେଉ ବ୍ୟାଧି ମହାମାରୀ
ନହେଉ ବଧୂନିର୍ଯାତନା ନଯାଉ ଜୀବନ ନଥାନ୍ତୁ ଦୁଷ୍କର୍ମକାରି ।
ନଘଟୁ ସିରିଜ୍ ବିସ୍ଫୋରଣ ତାଲା ନପଡୁ ଆମ ଦେଶରେ
ସର୍ବଜନେ କର୍ମମିଳୁ ଜୀବନ ନଯାଉ କାହାର ରୋଗରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେ ନବବର୍ଷ ଆଣ ଶାନ୍ତି ସଦ୍ ଭାବନା ସୁଖମୟ ଜୀବନ

ଉଜ୍ଜ୍ୱଳମୟ ହେଉ ପ୍ରତିଟି ମୁହୂର୍ତ୍ତ ଓ ସୌଜନ୍ୟ ସପନ ।

ସ୍ୱାଗତ କରୁଛୁ ଆସ ଝରାଅ ସେନେହ ମମତାର ଝର

ବିବାଦ ନରହୁ ମିଶି ଚଳନ୍ତୁ ସବୁ ଜାତି ଧର୍ମ ନିରନ୍ତର ।

ଭିକାରିପଡା, ଶରଣକୁଳ, ନୟାଗଡ଼ ।

ଦୂରଭାଷ—୬୩୭୦୦୯୫୨୪୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୁଲି ବି ଭୁଲିନି



ନିରଞ୍ଜନ ସାହୁ

ତୁମରି ସାଥିରେ ଭେଟ ହେବାଦିନ
କାନ୍ଦୁଥିଲ ଧରି ରାହା
ଭାବୁଥିଲ ବୋଧେ ମୋହରି ତୁଣ୍ଡରୁ
ଶୁଣିଥାନ୍ତ ପଦେ " ଆହା "  ।

ମନେ ପକାଇଲେ ମନେ ପଡିଯିବ
ବିଦାୟ ଦିନର କଥା
ତୁମେ ତ ଜିଦରେ ଅଟଳ ରହିଲ
ତୁମ କଥା ଥିଲା ଯଥା
ମୋତେ ପ୍ରତ୍ୟାଖ୍ୟାନ କରିଦେଇ ତୁମେ
ହୋଇଯାଇଥିଲ ବାହା  ।

ତୁମ ସାଙ୍ଗ ମୋତେ କହୁଥିଲା ଦିନେ
ବହୁତ ଖୁସିରେ ଅଛ
ଭୁଲି ଯାଇଅଛ ଘଟଣା ପ୍ରବାହ
ସବୁ ରହିଗଲା ପଛ
ଯାହା ଚାହିଁଥିଲ ତାହା ମିଳିଅଛି
ଲୋଡ଼ା ନାହିଁ କାହା ସାହା  ।

ଯେବେ ଦେଖାହେଲା ବିଭାଘର ପରେ
ଆଖିରୁ ଝରାଇ ଲୁହ
କାନ୍ଦିକାନ୍ଦି ତୁମ ଦୁଃଖ ମୋର ଆଗେ
କାହିଁ କହୁଥିଲ କୁହ
ସେଥିରୁ ଯେ ମୋତେ କ'ଣ ମିଳିବ
ଶୁଣିଥାନ୍ତି ମୁହିଁ ତାହା  ।

" କାମ ଟିକେ ଅଛି " କହି ଖସିଥିଲି
ତୁମର ଦେଖି ସେ ଭାବ
ଯେଉଁ ଭାବ ଯୋଗୁଁ ଅଭାବ ଘଟିଲା
ତାକୁ ବୁଝି କେଉଁ ଲାଭ
ଭୁଲିବି ଭୁଲିନି ହଜିଲା ଅତୀତ
କ୍ଷତି କରିଅଛ ଯାହା  ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :— ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବଣରେ ପଡ଼ିଛି ହୁରି



ରାମଚନ୍ଦ୍ର ପ୍ରଧାନ

ଜାନୁଆରୀ ଛବିଶି ଆସିଛି ବୋଲି
ବଣରେ ପଡ଼ିଛି ହୁରି
ବିଲୁଆ ନନାଟା ଚିଲେଇ କହୁଛି
କରିବା ପ୍ରଭାତ ଫେରି ।
ବଡି ସକାଳରୁ ସଭିଏଁ ଉଠିବା
ଅସରନ୍ତି ଖୁସି ନେଇ
ଗରବେ ପାଳିବା ଏ ଜାତୀୟ ପର୍ବ
ଏକ ସ୍ଥାନେ ରୁଣ୍ଡ ହୋଇ ।
ତ୍ରିରଙ୍ଗା ପତାକା ଉଡ଼ାଇବା ଆମେ
ଦେଶପ୍ରେମ ରଙ୍ଗ ବୋଳି
ନେବାରେ ଶପଥ ଏ ବଣ ମୂଲକେ
କ୍ରାନ୍ତିର ମଶାଲ ଜାଳି ।
ଗଧିଆ ଭାଇନା ବଜାଇବ ବାଜା
ଚଉଦିଗ ଚମକାଇ
ମାଙ୍କଡ଼ ମଉସା ଫୁଙ୍କିବି ପେଁ କାଳି
ଦଳବଳ ସାଥେ ନେଇ ।
ହଳଦୀ ବସନ୍ତ ଠେକୁଆ ହରିଣ
କୋଇଲି କଜଳ ପାତି
ସରାଗେ ଗାଇବେ ଜନ ଗଣ ମନ
ହୃଦେ ଭରି ଦେଶପ୍ରୀତି ।
ସଭାପତି ରୂପେ ସିଂହକୁ ବାଛିବା
ଗରବେ ଫୁଲାଇ ଛାତି
ବାଘ, ଭାଲୁ, ହାତୀ ଦେବେଟି ଭାଷଣ
ଶୁଣିବା ପୁରାଇ ମତି ।
ରାଗ ହିଂସା ଭୁଲି ମିଶି କି' ଚଳିବା
ରଖି ଠିକ୍ ବୁଝାବଣା
ହିଂସାକୁ ଆଡ଼େଇ ସୁପଥେ ଚାଲିବା
ହେବାନାହିଁ ବାଟବଣା ।
ବିଲୁଆର କଥା ମନକୁ ପାଇଲା
ସବୁ ହେଲେ ଏକମତ
ବଣର ରାଜାଙ୍କୁ ବୁଝାଇ କହିଲେ
ସସମ୍ମାନେ ଯୋଡ଼ି ହାତ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୨୧୨୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାଠ ଦେଖାଅ ବାଟ



ବର୍ଷାରାଣୀ
ମହାମଲ୍ଲିକ

ଉପରେ ଉପରେ ହସୁଛି ଯଦିଓ
ଗୁମୁରି କାନ୍ଦୁଛି ଅନ୍ତର ଆତ୍ମା
ପ୍ରାୟଶ୍ଚିତ କରିବାକୁ ଚାହିଁଲେ ବି
କରିପାରୁନି ମୁଁ ନିଜକୁ କ୍ଷମା ।

ସମୟ ଯେତେବେଳେ ରହିଥିଲା
ନେଇପାରିଲିନି ଦାୟିତ୍ୱ ଜମା,
ଏବେ ଯେତେ ତାକୁ ଖୋଜିଲେ କି ହେବ
ଜୀବନ ପଥରେ ପଡିଛି କମା ।

ଏବେ ମୁଁ ବୁଝୁଛି ଜୀବନର ମାନେ
କେତେ କଷ୍ଟ କରି ମଣିଷ ବଞ୍ଚେ,
ଆଗରୁ ଟିକିଏ ସୁଧୁରି ମୁଁ ଥିଲେ
ଏବେ ଦୁଃଖ ନ ପାଉଥାନ୍ତି ନିଶ୍ଚେ ।

ବହୁ ଆରାମରେ ଜୀବନ କାଟିଲି
ଖୁସିରେ ବିତିଲା ମୋର ଯୌବନ
ଏବେ ଜାଣୁଛି ସମୟ ନୁହେଁତ
ନଷ୍ଟ କରିଦେଲି ମୋର ଜୀବନ ।

ପଢ଼ିଥିଲେ ପାଠ ଆଜି ଏତେ ଦୁଃଖ
ନ ପାଆନ୍ତି ଆଜି ତ ମୁହିଁ,
ପେଟ ତଳ ଭୋକ ଦାଉ ସାଧେ ଭାରି
ହୁଏ ନାହିଁ ଜମା ଯେ ସହି ।

ଯେଉଁ ସମୟରେ ଯାହା କରିବା କଥା
ତାହା କରିଦେଲେ ବହୁତ ଭଲ,
ଏବେ କିନ୍ତୁ ମୁହିଁ ବୁଝୁଛି ତାହାକୁ
କରୁଛି ସେ ସବୁ ମତେ ଯେ କାଳ ।


ସଜାଗ ସମସ୍ତେ ହୁଅ ଭାଇମାନେ
ଚାଲ ଆମେ ଚାଲ ପଢିବା ପାଠ
ଆଗକୁ ବଢିବା ଦେଶ କୁ ଗଢ଼ିବା
ପାଠ ଯେ ଦେଖାଏ କେତେ ତ ବାଟ ।

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତି ଡିସେମ୍ବରରେ



ପୁଷ୍ପାଞ୍ଜଳୀ ପଣ୍ଡା

ପ୍ରତି ଡିସେମ୍ବରର
ଆରମ୍ଭରୁ ଆରମ୍ଭ ହେଇଯାଏ
"ହାପି ନ୍ୟୁ ଇଅର" ର ଜୋରଦାର ପାର୍ଟି
ରାସ୍ତା ଘାଟ, ଛକ, ବଜାର
ଛୋଟ ବଡ ଦୋକାନରେ
ନୂଆ ବର୍ଷ ଆସୁଥିବାର
ଆଗମନୀ ବାର୍ତ୍ତା ଭରା ଅପୂର୍ବ ସମ୍ଭାର ।

ବେଶ୍ ଜମେ ବେପାର,
କଣରେ ପଡିରହି ନଷ୍ଟ ହେଉଥିବା
ଆଗଭଳି କେହିଏତେ ଆଦର କରୁନଥିବା
ନୂଆବର୍ଷର ଶୁଭେଚ୍ଛା କାର୍ଡ,
ପ୍ଲାଷ୍ଟିକ ଫୁଲ ମିଶା ଫୁଲତୋଡ଼ା,
ଶସ୍ତା ବିଷ ଭରା ମିଠା ପାକେଟ୍
ଲୁଚି ଲୁଚି ରହୁଥିବା
ନାଲି ପାଣି ଭରା ଭଳିକି ଭଳି ବୋତଲ
ଆଉ ମଦ ମାଂସ ଭୋଜିରେ ଭରା
ସାରା ଡିସେମ୍ବର... ! !

ଭିଡ଼ ବେଶ୍ ଜମୁଥାଏ
ନିଆଁ ଧାସ ଧଳା ଧୁଆଁ
ଆକାଶ ସାରା ଦୋଳାୟିତ ହୁଏ
ଗୋଲାପ ଫୁଲରେ ରଜନୀଗନ୍ଧାର
ମିଳିତ ସନ୍ଧି ଖେଳୁଥାଏ
କଳା କବରୀରେ ।

ଉଦଣ୍ଡ ନୃତ୍ୟର
ତାଳେ ତାଳେ
ଦେହକୁ ଦେହ ଲଗା
ଯୋଡ଼ି ହଲେ ହଲେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଅଧା ସହର ଅଧା ଗାଁ

ନୂଆବର୍ଷ ମନାଉଥାଏ ନୂଆକରି

ଭଲ ଲାଗୁଥାଏ

ରାତି ତମାମ୍

ବୋଧେ ଏଇ ନୂଆବର୍ଷ... !

ଦିନ ତମାମ ଖଟଣିର ମୂଲ ସରେ

ଖୁସୀ ଏମିତି ଉଡିବୁଲେ

ନାଚ ଚାଲିଥାଏ

ସକାଳ ପର୍ଯ୍ୟନ୍ତ ।

ଡିସେମ୍ବର ର ଶେଷ ସନ୍ଧ୍ୟା ପରେ

ରଙ୍ଗୀନ୍ ରାତିରୁ  ସକାଳ ପର୍ଯ୍ୟନ୍ତ ।

କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ସାଙ୍ଗ



ନିତ୍ୟରଞ୍ଜନ ନନ୍ଦ

କାହା ପେଟ ଏବେ ବଡ଼ତ ହେଲାଣି
ଝଡିଲାଣି ଚୁଟି କାର,

କିଏ ପୁଅ ପାଇଁ ବୋହୂଟେ ଖୋଜୁଛି
କିଏ ଝିଅ ପାଇଁ ବର ।(୧)

ଚାକିରୀ ସରୁଛି ବେମାରୀ ବଢୁଛି
କରିବାକୁ ହେବ ଘର,

ଧାଇଁ ଧାଇଁ ଯିଏ ବୁଲୁଥିଲା ଦିନେ
ଆଜି ଚାଲିବାକୁ ଡର ।(୨)

ଥକି ଲେଣି ସବୁ ସାଥୀ ମାନେ ଆଜି
ବୟଷ ଯାଉଛି ବଢି,

ପ୍ରେମର କବିତା ଲେଖୁଥିଲା ଯିଏ
ତା ହାତରେ ଆଜି ବାଡ଼ି ।(୪)

ଇ ଏମ ଆଇ ଆଉ ଦେହର ପରୀକ୍ଷା
କରୁ କରୁ ଦିନ ଯାଏ,

ସମୟର ଆଜି ଅଭାବ ସବୁଠି
ଭାବିବା ବେଳ ନ ଥାଏ । (୪)

ଥକି ଲେଣି ସବୁ ସାଙ୍ଗ ମାନେ ଆଜି
ବୟସ ରଥରେ ଚଢି,

ଜାଣେନା କାହାର ସମୟ ସରିବ
କିଏ ଯିବ କେବେ ଛାଡି । (୫)

ତେଣୁ ଚାଲ ସାଙ୍ଗ ଯେତେଦିନ ଅଛେ,
ଭେଟାଭେଟି ହେଉଥିବା,

ବରଷକେ ଥରେ ସବୁ କଥା ଭୁଲି,
ନିଜ ପାଇଁ ଜିଇଁ ଯିବା...। (୬)

ଡିଏଲଏ -୧୨
ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର
ମୋ -୯୪୩୭୦୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୂରଲୀ ରେ



ଗଗନ କୁମାର ଦାଶ

ମୂରଲୀ ରେ,

ଆଉ ତୋ ମୂରଲୀ ବଜାନା

ତୋ ଦରଦୀ ଦୁଃଖକୁ ଜଣାନା

ଦୁଇ ହାତେ ଆଉ

ସେ ବାଉଁଶ କାମ କରିବନି

ତୋର ସେ ଯମୁନାରେ

ଆଉ ସ୍ରୋତ ବହିବନି

କଦମ୍ବରେ ଆଉ ଫୁଲ ଫୁଟିବନି ।

କଳା କାହ୍ନୁରେ,

ଆଜି ସମାଜରେ କେହି

ଆଉ ଭଲ ପାଇବେନି

ତୋର ସେ କଳାକୁ

କଳା ବଜାରୀ

କଳା ବ୍ୟବସାୟୀ

ସମସ୍ତେ ଆଜି ତାର

କଳା ଟଙ୍କା ପାଇଁ ହାଉ ଯାଉ ।

ବେଣୁପାଣିରେ,

ବେଣୁ ସ୍ୱରେ ନାଚିବନି

ଏ ଯୁଗର ରାଧା

ସମସ୍ତେ ଆଜି ନଟରାଜ ଛନ୍ଦେ

ପ୍ରେମର ଖେଳ ଖେଳୁଛନ୍ତି

ବିଭିନ୍ନ ରୂପରେ

ଆଉ ସେ ରାଧା ନାହିଁ

ତୋର ସ୍ୱରରେ ବିଚଳିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧାଇଁ ଯିବ କଦମ୍ବ କାନନେ
ପାଣି ଆଳେ
ଧରି କାଖରେ କଳସୀ
ସଙ୍ଗେ ସାଥୀ ମେଳେ ।

ଗିରିଧରରେ,
ଶୁଖିଲାଣି ଯମୁନାର ଝର
ଆଉ ନାହିଁ ପବିତ୍ରତା
ରାଧା ଏବେ ହୋଟେଲର
ଦଶ ନମ୍ବର ଫ୍ଲାଟରେ
ଶୀତତାପ ନିୟନ୍ତ୍ରିତ ଘରେ
ଅତ୍ୟାଧୁନିକତାର
ଲଙ୍ଗଳା ପୋଷାକରେ
ସୁରା ଆଉ କାମନା ସାଥିରେ ।

ବଂଶୀଧରରେ,
ତୁ ସିନା ଯମୁନା କୂଳେ
ବଜାଉ ବଇଁଶୀ
ଏଠି ବାଜେ ଧନୀଙ୍କର ଅତ୍ୟାଚାରେ
ଟଙ୍କା ଆଉ ସୁନାର ଗାଦିରେ
ଝଣ ଝଣ ସୁନ୍ଦର ରାଗିଣୀ
ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ
ସମସ୍ତେ ସମାନ ।

ମୂରଲୀ ରେ,
ତୋ ମୂରଲୀ ସ୍ୱରେ ତୁ
ଫେରାଇ ନେ ସବୁ କିଛି
କଦମ୍ବ ଗଛରେ
ଫୁଲ ତୁ ଫୁଟାନା
ଯମୁନାରେ ଉଜାଣୀ ବୁହାନା
ତୋ ରାଧାକୁ
ତୁ ମନା କରିଦେ
ତୋ ପାଇଁ ସବୁ ମନା
ଗୋପଦାଣ୍ଡ / କଦମ୍ବ / ଯମୁନା ।

ଶୁଭଙ୍କର ନିବାସ, ମାଁ ମାଣିକେଶ୍ୱରୀ ସାହି
ମୋହନା, ଗଜପତି-୭୬୧୦୧୫
ବାର୍ତ୍ତାଳାପ = ୮୨୪୯୫୦୩୬୨୪୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ ଜୀବନରେ



ଦେବାର୍ଚ୍ଚନ
ମେହେର

ଏ ଜୀବନରେ ପିତା-ମାତା ଆସେ,
ଏ ଜୀବନରେ ପୁଅ-ଝିଅ ଆସେ । ।

ଏ ଜୀବନରେ ଭାଇ-ଭଉଣୀ ଆସେ,
ଏ ଜୀବନରେ ସାଙ୍ଗ-ସାଥୀ ଆସେ । ।

ଏ ଜୀବନରେ କାକା-ଖୁଡ଼ି ଆସେ,
ଏ ଜୀବନରେ ମାମୁଁ-ମାଇଁ ଆସେ । ।

ଏ ଜୀବନରେ ପୁତୁରା-ଝିଆରୀ ଆସେ,
ଏ ଜୀବନରେ ଭଣଜା-ଭାଣଜୀ ଆସେ । ।

ଏ ଜୀବନରେ ସ୍ୱାମୀ-ସ୍ତ୍ରୀ ଆସେ,
ଏ ଜୀବନରେ ପ୍ରେମିକ-ପ୍ରେମିକା ଆସେ । ।

ଏ ଜୀବନରେ ଗୁରୁଜୀ-ଗୁରୁମା ଆସେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଜୀବନରେ ଛାତ୍ର-ଛାତ୍ରୀ ଆସେ । ।

ଏ ଜୀବନରେ ଦୁଃଖ-କଷ୍ଟ ଆସେ,

ଏ ଜୀବନରେ ସୁଖ-ଶାନ୍ତି ଆସେ । ।

ଏ ଜୀବନରେ ସ୍ନେହ-ଶ୍ରଦ୍ଧା ଆସେ,

ଏ ଜୀବନରେ ରାଗ-ଅଭିମାନ ଆସେ । ।

ଏ ଜୀବନରେ ଆଶା-ନିରାଶା ଆସେ,

ଏ ଜୀବନରେ ଲୁହ-ଯନ୍ତ୍ରଣା ଆସେ । ।

ଏ ଜୀବନରେ ମାନ୍-ସମ୍ମାନ ଆସେ,

ଏ ଜୀବନରେ ନିନ୍ଦା-ଅପମାନ ଆସେ । ।

ଏ ଜୀବନରେ ଘଟଣା-ଦୁର୍ଘଟଣା ଆସେ,

ଏ ଜୀବନରେ ଝଡ଼-ତୋଫାନ ଆସେ । ।

ଏ ଜୀବନରେ କ୍ଷମତା-ପଦବୀ ଆସେ,

ଏ ଜୀବନରେ ଧନ-ସମ୍ପତ୍ତି ଆସେ । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଜୀବନରେ ପ୍ରେମ-ଘୃଣା ଆସେ,

ଏ ଜୀବନରେ ଶତ୍ରୁ-ମିତ୍ର ଆସେ । ।

ଏ ଜୀବନରେ ଦୟା-ମମତା ଆସେ,

ଏ ଜୀବନରେ ଗର୍ବ-ଅହଂକାର ଆସେ । ।

ଏ ଜୀବନରେ ପୁଣ୍ୟ-ପାପ ଆସେ,

ଏ ଜୀବନରେ ଜନମ-ମରଣ ଆସେ । ।

ଏ ଜୀବନରେ ସଫଳତା-ଅସଫଳତା ଆସେ,

ଏ ଜୀବନରେ ଚାକିରି-ବ୍ୟବସାୟ ଆସେ । ।

ଏ ଜୀବନରେ ସତ୍ୟ-ମିଥ୍ୟା ଆସେ,

ଏ ଜୀବନରେ ଠିକ୍-ଭୁଲ୍ ଆସେ । ।

ଏ ଜୀବନରେ ଦିନ-ରାତି ଆସେ,

ଏ ଜୀବନରେ ବର୍ତ୍ତମାନ-ଭବିଷ୍ୟତ ଆସେ । ।

ଏ ଜୀବନରେ ଶୈଶବ-ଯୌବନ ଆସେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ଜୀବନରେ ଯୁବା-ବୃଦ୍ଧାବସ୍ଥା ଆସେ । ।

ଏ ଜୀବନରେ କର୍ତ୍ତବ୍ୟ ଆସେ,

ଏ ଜୀବନରେ ବିବାହ ବନ୍ଧନ ଆସେ । ।

ଏ ଜୀବନରେ ଅନେକ ନୂଆ ମୁହଁ ଆସେ,

ଏ ଜୀବନରେ ଅନେକ ସନ୍ଦେହ ଆସେ । ।

ଏ ଜୀବନ ଚାରି ଦିନ ପାଇଁ ଆସେ,

ଏ ଜୀବନର ବୟସ ବଢ଼ି ବଢ଼ି ଆସେ । ।

ଏ ଜୀବନର ଆୟୁଷ ସରି ସରି ଆସେ,

ଏ ଜୀବନର ଶେଷରେ ମୃତ୍ୟୁ ଆସେ । ।

ବାପୁଜୀନଗର, ଜିଲ୍ଲା - ବୌଦ୍ଧ

ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ ଅଲଗା ଲାଗୁଛି



ଚନ୍ଦ୍ରକାନ୍ତ ଜେନା

ଆଜି ମୋ ଗାଁ'ଟା ଅଲଗା ଲାଗୁଛି !

କେଜାଣି କାହିଁକି ଫରକ୍ ଦିଶୁଛି ?

ସବୁଠି ସହରୀ ବାସ୍ନା ମହକୁଛି,

*ଆଜି ମୋ ଗାଁ'ଟା ବଦଳି ଯାଇଛି !*

ନାହିଁ ଭାଇଚାରା, ସବୁ ସ୍ୱାର୍ଥରେ ବନ୍ଧା ପଡ଼ିଛି,

ନା କୀର୍ତ୍ତନ, ନା ମେଳଣ, ନା ଭାଗବତ ମେଳ ହେଉଛି,

ନା ଆଉ କୋଇଲିର କୁହୁକୁହୁ ସ୍ୱନ ଶୁଭୁଛି !

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି !*

ନା ଆଉ ସାଧବ ବୋହୂର ପୋକ ଦିଶୁଛି,

ନା ଗାଁ ରାସ୍ତାରେ ମାଗୁଣି ଶଗଡ଼ ଗଡୁଛି,

ନା ଗାଁ ଜନ୍ତାଳ ଭୋଜିରେ ଆଉ ସେ ଭିଡ଼ ଜମୁଛି,

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି !*

ନା ହମ୍ବାରଡ଼ି ଶୁଭୁଛି,

ନା ଗୋଧୂଳିର ବେଳ ଫେରୁଛି,

ଖାଲି ଖାଁ ଖାଁ ଗୁହାଳ ଲାଗୁଛି,

ନା ନାଲି ଚୁଡା,ଚାଉଳ ଆଉ ସେ ଢ଼ିଙ୍କି କୁଟୁଛି !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି  !*

ଆଜି ଚାଷୀ ବି ଦାଦନ ଖଟୁଛି,

ସମ୍ପର୍କ ବନ୍ଧନ ତୁଟିଛି,

ଚାରିଆଡ଼େ ପକ୍କା ରାସ୍ତା ଗଢ଼ିଛି, କେତେ ଯେ ତୋଟା କଟିଛି  !

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି  !*

ନା ସେ ସରାଗ,ସେହି ଆତ୍ମୀୟତା ଭରିଛି,

ମଦ, ଗଞ୍ଜେଇ, ନିଶାରେ ସପନ ପୁରଣ ହେଉଛି,

ଏଠି ତୁଚ୍ଛ ରାଜନୀତି ଚାଲିଛି  !

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି  !*

କେତେ ଯେ ଯୋଜନା ଲମ୍ବିଛି,

ହେଲେ କାମ ଯେ ବଇରୀ ସାଜିଛି,

ସବୁ ସ୍ୱାର୍ଥ ହାତେ ବେଢ଼ି ପଡ଼ିଛି,

ଦୁର୍ନୀତିର ଚେର ବଢିଛି  !

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି  !*

ନା କେହି କାହା ସୁଖେ ହସୁଛି,ନା କେହି କାହା ଦୁଃଖେ କାନ୍ଦୁଛି,

ଏଠି ଗୋଡ଼ଟଣା ନୀତି ବଢିଛି,

ଇର୍ଷା, ହିଂସା ଆଜି ମାତିଛି  !

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି  !*

ଉନ୍ନତିର ପଥ ଗାଁ'କୁ ସପନ ହୋଇଛି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଛ ପ୍ରତିଶ୍ରୁତି, ମିଛ ଆଶା ସବୁ

ପାଣିର ଗାର ତ ସାଜିଛି,

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି !*

ଭାବିଲେ କଷ୍ଟ ହେଉଛି,

ଝୁରିଝୁରି ଦିନ ବିତୁଛି,

ତା ପ୍ରତିଛବି ମନେ ପଡୁଛି,

ସବୁ ସ୍ମୃତି ହୋଇ ରହିଯାଇଛି !

*ଆଜି ମୋ ଗାଁ'ଟା ବଦଳି ଯାଇଛି !*

*ଆଜି ମୋ ଗାଁ'ଟା ଅଲଗା ଲାଗୁଛି !!*

ସହକାରୀ ଶିକ୍ଷକ, ବ୍ରାହ୍ମଣସାଇଲୋ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟ

କଣ୍ଟାପଡ଼ା, କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଦାୟ ୨୦୨୩



ସବିତା ଜେନା

ହେ ବର୍ଷ ଦି' ହଜାର ତେଇଶି

ତୁମ କଥା ଭାବୁଛି ମୁଁ ନିଶାର୍ଦ୍ଧରେ ବସି

ଠିକ୍ ଏକ ବର୍ଷ ତଳେ ଏଇ ସମୟରେ,

ଆସିଥିଲ ହସି ହସି, ଆନନ୍ଦ ବରଷି

ସାରା ବିଶ୍ୱକୁ ଆନ୍ତରିକତାର ସ୍ପର୍ଶରେ

ନେଇଥିଲ ଆଶ୍ଳେଷି ।

ତୁମ ପାଦପାତରେ ଦୁଲୁକି ଉଠିଥିଲା ମହୀ

ଯେମିତି ଜୀବନଯାକର ଦୁଃଖ ସତେ ଯିବ ଧୋଇ

ଆତସବାଜି, ରୋଷଣୀରେ

ଗଗନ ପବନ ପ୍ରକମ୍ପିତ କରି

ନିଦାଘକୁ ନାତ ମାରି

ତୁମେ ଆସିଥିଲ ଆଷାଢ଼ର

ପହିଲି ଅସରା ପରି

ଭିଜେଇଲ କେତେ ମନ, ପ୍ରାଣ

ସଜେଇଲ ମଧୁବନ

ଶୁଣେଇଲ ପ୍ରେମର ମୁଗ୍ଧ ବଂଶୀ ସ୍ୱନ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ହଜେଇଲ ଅସମୟେ

କେତେ ଯେ ହୃଦୟ ସ୍ପନ୍ଦନ

ସାଜି ତୁମେ ଅତ୍ୟନ୍ତ ଦାରୁଣ ।

ସଭିଏଁ ଉତ୍ସାହରେ କରିଥିଲେ ସ୍ୱାଗତ

ଏକ ବର୍ଷ ପାଇଁ ହେ ଦିଗ୍ ବିଜୟୀ ସମ୍ରାଟ,

ଆଶା ଥିଲା ତୁମ ରାଜୁତିରେ

ଲୋପ ହେବ ହିଂସା ବାଦ

ଟୁଟିବ ଯୁଦ୍ଧ ବିବାଦ

ପ୍ରଶାନ୍ତିରେ ଭରିଯିବ ଏ ସାରା ଦୁନିଆ

ବୁଭୁକ୍ଷୁ ପାଇବ ଅନ୍ନ

ସର୍ବହରାକୁ ସମ୍ମାନ

ବେକାରକୁ କର୍ମ ସଂସ୍ଥାନ

ଆଶା ତ ଆମ ଆକାଶଛୁଆଁ ।

ମାତ୍ର ହେଲା କ'ଣ !

ଅହଂକାରୀ ରୁଷିଆ ଓ ୟୁକ୍ରେନ ରଣ

ଇତି ହେବା ବଦଳରେ ପ୍ରବଳ ଦିନକୁଦିନ,

ପୁନଶ୍ଚ ହମାସ୍ - ଇସ୍ରାଏଲ କୋପ

ଶାନ୍ତି ଦୂରେଇ ଥରାଉଛି ସାରା ବିଶ୍ୱ

ତା ସାଙ୍ଗକୁ ପ୍ରାକୃତିକ ଦୁର୍ବିପାକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନୁଷ୍ୟକୃତ ଅଘଟଣ, କେତେ କ'ଣ

ହିମାଳୟରୁ ଖସିଲା ପଥର

ଧୋଇଗଲା ମାଟି ସହ କେତେ ଯେ ଜୀବନ

ପ୍ରଳୟ ବେଗେ ଯମୁନା ପଡ଼ିଲା ଉଛୁଳି,

ସତୁରୀ ବର୍ଷର ରେକର୍ଡ଼କୁ ଭାଙ୍ଗି

ମାଡ଼ିଗଲା ତମାମ ଦିଲ୍ଲୀ ନଗରୀ

ବନ୍ଧ ବାଡ଼ ଦୁଇକୂଳ ଲଘିଂ ।

ହେଲେ ତୁମର କି ଦୋଷ

ହେ ଦି ହଜାର ତେଇଶି

ତୁମେ ତ କାଳ, ମହାକାଳର ଦାସାନୁଦାସ ।

ଅନେକ ହାହାକାର ହତାଶା ଭିତରେ

କରିନାହଁ ସଂପୂର୍ଣ୍ଣ ନିରାଶ

ଦିଶିଯଉଛି ଭାରତ ପାଇଁ

ତୁମର ଚେନାଏ ହସ

ଯେଉଁ ଦିନ ହେଲା ପୂର୍ଣ୍ଣ

ଚନ୍ଦ୍ରଯାନ -୩ ର ସଫଳ ଉତକ୍ଷେପଣ

ପୂର୍ଣ୍ଣ ହେଲା ସକଳ ପ୍ରୟାସ

ଭାରତ ଲେଖିଲା ଇତିହାସ

ସ୍ୱର୍ଣ୍ଣାକ୍ଷରେ ,ଦେଖିଲା ଯେ ବିଶ୍ୱ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ତ ସରିଆସେ ତୁମରି ଆୟୁଷ

ବିଦାୟ ସମ୍ବର୍ଦ୍ଧନାରେ ତୁମର କି ଆସେ ନା ଯାଏ

କେହି ନ କହୁ ପଛେ ବାଏ ବାଏ

ଆସିଥିଲ ଯେତେବେଳେ, ଯିବାକୁ ହେବ ତ ଅବଶ୍ୟ ।

ତୁମେ ଯାଉ ଯାଉ ନେଇଗଲ

ସମସ୍ତଙ୍କର ଗୋଟିଏ ବର୍ଷର ଆୟୁଷ

ପୁଣି ସମର୍ପି ଦେଲ ଆଉ ଏକ ନବ ବର୍ଷକୁ

ସ୍ୱାଗତ କରିବାର ଉତ୍ସାହ ସାହସ

ପ୍ରତିବର୍ଷ ଆସୁଥିବ ନବ ବର୍ଷ

ପୁଣି ବିଦାୟ ନେଉଥିବ ପୁରୁଣା ହୋଇ

ଏଇତ ସମୟଚକ୍ର, ଗତାନୁଗତିକ।

କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କେନ୍ଦୁଝରର ଶୀତ



ଦେବାଶିଷ
ଚକ୍ରବର୍ତ୍ତୀ

ଯେଉଁଠି ସୁଖ ଅଳପ
ଅଥଚ ଦୁଃଖ ଅପ୍ରମିତ
ନିଧଡକରେ ତାକୁ କହିପାର
କେନ୍ଦୁଝରର ଶୀତ ।

ବଣୁଆ ହାତୀର ପାହୁଲକୁ ସିନା
ବାଟ ଓଗାଳି ପାରେ ନିଆଁହୁଳା
ହେଲେ ତାହା ଆକଟ କରି ପାରିବ କି
ଶୀତର ନିଶଙ୍କ ଚଲା ବୁଲା ?

ପତ୍ରର ପାପୁଲିରୁ ଝରି ପଡୁଥିବା
ଟୋପା ଟୋପା କଅଁଳ କାକର
ମନେ ହୁଏନି କି ନିଆଶୀର ଅଶ୍ରୁନୀର ?
ଉପର ପାଣିଆ ଜମି ଅରାକରେ
ଯାହା କିଛି ହୋଇଥିଲା ଫସଲ
ତାକୁ ଉଜାଡି ଦେଇଛନ୍ତି ହାତୀପଲ

ତାକୁ କୁଆଡେ ଭରଣା କରିବେ ସରକାର
ହେଲେ ସେତକ ପାଇବା ଲାଗି
ବାବୁଭାୟାଙ୍କର ଦିଲ୍ ଖୁସ୍ କରିବାକୁ
କାହୁଁ ପାଇବ ସମ୍ବଳ ?

ତଇଲାରେ ସୋରିଷ ବିଛେଇ
ଦେଇଛି ତାର ପଣତ
ମନେ ହୁଏ ସିନା ଧରଣୀ
ମନ ଖୁସିରେ ନାଇଛି
ହଳଦୀ ରଙ୍ଗର ପାଟ
ହେଲେ ତା ଭିତରୁ ଶୁଭେନିକି
ଭୋକର କୁହାଟ ?
ଏହା ସିନା ଯୋଗାଇବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଇ ମାସର ଆହାର
ବାକି ଦିନତକ ତ ଆଶ୍ରା କେବଳ
ମଉଆଳୁ, ପିତାଳୁ କି ସିଆଡ଼ିଫଳ
ନୋହିଲେ ଭୋକର ଢ଼ିଙ୍କି ପାହାର ।

ନଅ ତଳକୁ ଖସିଲାଣି ପାରଦ
ରେଜେଇ, କମ୍ବଳ ବି
କରିପାରୁ ନାହାନ୍ତି ଶୀତକୁ ଆକଟ
ଚିରାଫୁଟା ଚାଦରର କେତେ ବହପ ଯେ
ସମ୍ଭାଳିବ ତାର ଦାପଟ ?
ସେକେଉଁ ଯୁଗରୁ ଦିହରେ ତାର
ଜମିଛି ବୋଲି ବିଧେ ବହଳର ମଳି
ହେଲେ ତାହା ନୁହେଁକି
ଅରଖିତକୁ ଦଇବର ସାହା ଭଳି ?

ରାସ୍ତାକଡ଼ର ଗଛ ତ ତାଳୁରୁ ତଳିପା
ଧୂଳି ସର ସର
ଯେମିତିକି ଉପେକ୍ଷା ରେ
ଜୀବନ ଏଇଠି ଧୂଳିଧୂସର
ଏଠାରେ ସିନା ବେଳ ଉଇଁବାକୁ ଉଛୁର
ହେଲେ ବେଳ ବୁଡିବାକୁ ଭାରି ତରତର
ଏଠି ଆଲୁଅ କମ୍ ଅଧିକ ଅନ୍ଧାର
ଜଙ୍ଗଲକୁ ତ ଅଧାରୁ ଅଧିକ
ଚନ୍ଦା କରିସାରିଲେଣି କାଠଚୋର
ଖଣି ମାଫିଆ ତ ଲୁଟି ନେଲେଣି
ରତନ ଭୂଧର
ସତେ କଣ ଏଇମିତି
କେନ୍ଦୁଝରିଆଙ୍କ କପାଳରେ ଲେଖାଥିବ
ଶୀତର ନୈରାଜ୍ୟ କେବଳ ?
ଜୀବନ ତରୁର ଡାଳରେ ବସି
ଆଶାବରି ଶୁଣାଇବନି
ଆଶାର କୋକିଳ ?

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ : ୯୪୩୭୨୬୨୩୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆସୁଛି ନବ ବରଷ



ରିନା ବେହେରା

ଆସୁଅଛି ନବ ବରଷ

ମନରେ ଆଣିବ ଅନେକ ହରସ

ଆସିବା   ଯିବା ପ୍ରକୃତିର ନିୟମ

ଭଗବାନଙ୍କ ସୃଷ୍ଟି ବଡ ବିଚିତ୍ର ନିଆରା

ତାଙ୍କ ଦ୍ୱାରା ପ୍ରତ୍ୟେକଟି କାର୍ଯ୍ୟ ହୁଏ ନିର୍ଣ୍ଣୟ

ମଣିଷ କରିଚାଲେ ଖାଲି ଅଭିନୟ

ଏହା ହିଁ ସୃଷ୍ଟିର ପୋଥିରେ ଲିପିବଦ୍ଧ ଜାଣ

ଆସୁଥିବ ଯାଉଥିବ ବର୍ଷ ପରେ ବର୍ଷ

କାହାରିକୁ କରେ ନାହିଁ ଅପେକ୍ଷା ଏ ସମୟ

ଖାଲି ସ୍ମୃତି ହୋଇ ରହିଯାଏ ଏହି ନବ ବରଷ

କେତେ ସ୍ମୃତି ହଜିଯାଏ ଅଚିହ୍ନା ରାଇଜେ

କେତେ ପୁଣି ରହିଯିବ ମନର କୋଣରେ

ଏ ବରଷର ସ୍ମୃତି ଯେତେ

ସାଇତି ନେବା ଛୋଟ ଆମ ହୃଦୟ ଭିତରେ

ନବ ବରଷ ଆସୁଛି

ସମସ୍ତ ବନ୍ଧୁଙ୍କୁ ଆଗୁଆ ଶୁଭେଚ୍ଛା ଦେଉଛି.....

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଭିଙ୍କର କାର୍ଯ୍ୟ ହେଉ ଶୁଭମଙ୍ଗଳମୟ

ହେ ପ୍ରଭୁ ସବୁ ବନ୍ଧୁଙ୍କୁ ମୋର ହୁଅ ସହାୟ

ଆସୁଅଛି ନବ ବରଷ

ମନ ନାଚି ଉଠୁଛି ହୋଇ ସରସ

ସେ ଦିନ ମୋବାଇଲ୍ ର ନଥିବ ଫୁ଼ୁରୁସତ

ବାଜୁଥିବ ଘଡି କି ଘଡି ଅନବରତ

ସକାଳରୁ ରାତିଯାଏ ଛୁଟିବ

ଅଭିନନ୍ଦନ ଉପରେ ଅଭିନନ୍ଦନ

ବେଳାଭୂମି ନଦୀତଟ ଚାରିଆଡେ

ଲାଗିଥାଏ ଜନଗହଳି ର ଭିଡ ଭାଡ

ବଣ ଭୋଜିର ଆସର ଜମିଯାଏ ବହୁମାତ୍ରାରେ

ସାଙ୍ଗ ସାଥି ଖୁସିରେ ହୋଇଯାନ୍ତି ଦ୍ୱିଗୁଣିତ

ଗପ ପେଡିର ଖୋଲି ଦିଅନ୍ତି ହୋଇ ବିଭୋର

ହଜିଯାନ୍ତି ମଜିଯାନ୍ତି ମନେପକାଇ ପିଲାଦିନର ସ୍ମୃତିରେ

ଚାରିଆଡେ ରଙ୍ଗବେରଙ୍ଗି ପୁଷ୍ପର ସମ୍ଭାର

ଧରିତ୍ରୀ ମାଆ ଦିଶେ କେତେ ଯେ ସୁନ୍ଦର

ବର୍ଣ୍ଣନା କରିବାକୁ କବି ହୁଏ ଅସମର୍ଥ

ସବୁଜ ଫଳ ପନିପରିବା ରେ ଭରିଯାଏ ଧରା

ଚାଷି ଭାଇ ର ମନ ହୁଏ ଆନନ୍ଦରେ ଭରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସୁଅଛି ନବ ବରଷ

ମନରେ ଆଣିବ ବହୁ ହରସ

ଭୁଲିଯିବା ରାଗ ରୁଷା ଘୃଣା ର ଭାର

ଶତ୍ରୁକୁ କରିବା ହୃଦୟ ରୁ ଆପଣାର

ହେ ମହାବାହୁ ପୂର୍ଣ୍ଣକରନ୍ତୁ ସମସ୍ତଙ୍କର ମନବାଞ୍ଛା

ସମସ୍ତ ବନ୍ଧୁଙ୍କୁ ଆଗୁଆ ଦେଉଛି

ନବ ବରଷ ପାଇଁ ଅଭନନ୍ଦନ ଆଉ ଶୁଭେଚ୍ଛା


ପାରାଦୀପ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି ଫରୁଆରେ ୨୩



ଶାନ୍ତିଲତା ପଣ୍ଡା

ଶୀତ ସକାଳରେ ଫୁଲର ଶେଯରେ
ଆସିଥିଲ ଝୁମିଝୁମି
ଅତର ବୋଳାରେ ଶରୀରଟା ତମ
କହୁଥିଲା ତୁନିତୁନି
କି ସୁନ୍ଦର୍ ଏହି ଧରଣୀ ମାଆର
ଚିତ୍ରପଟ ପଟୁଆର
ଉପମା ଦେବାରେ ଭାଷାର ଅଭାବ
ନାହିଁ ତା'ର ପଟାନ୍ତର
ସକାଳ ସୁରୂଯେ ଲେଖିଥିଲ ବସି
ଦିନର କାହାଣୀ ଯେତେ
ଯାମିନୀ ସାଥିରେ ନୀରବ ତିମିରେ
ଆଙ୍କିଥିଲ ସ୍ୱପ୍ନ କେତେ
ମଜ୍ଜି ଯାଇଥିଲ ପୁନେଇଁ ପରବେ
ସଂସ୍କୃତିର ଜଉଘରେ
ଶିଶିର ମୁକୁତା ଗୁଣା କରିଥିଲ
ହଳଦୀ ସୁନା କ୍ଷେତରେ
ଦୁଃଖର ସୁଖର କାହାଣୀ ପଢିଲ
ଛାଡ଼ିଲ ଠିକଣା ମାନ

ହସର ଲୁହର ତଟିନୀ ବହିଲା
ତୃପ୍ତହେଲା ତନୁମନ
ବନ୍ଧୁତା ବାନ୍ଧିଲ ପ୍ରେମ ପରଶିଲ
ଜାଣିଲ ସଭିଙ୍କ ହୃଦ
ଧନୀ ଗରିବର ମନ ଫଳକରେ
ତୋଳିଲ ଅମୃତ ଛନ୍ଦ
ଦିନ ପରେ ଦିନ ମାସ ପରେ ମାସ
ବରଷେ ଯେ ହୋଇଗଲା
ବିଦାୟ ବଂଶୀର ଆବାହନୀ ସୁରେ
ମେଲାଣି ଗୀତ ଶୁଭିଲା
ଫେରିଯିବ ଦୁଇ ହଜାର ତେଇଶି
ସମୟ ସଙ୍କେତ ପାଇ
କେତେ ଘଟଣାର ଘଟଣା ପ୍ରବାହେ
ଗଲ ସ୍ମୃତିଟିଏ ହୋଇ ।

ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହାବଲ୍କ ବେଳାଭୂମି



ସୁବାସ ଚନ୍ଦ୍ର
ତାରିଣୀ

(ଆଣ୍ଡାମାନ ଦ୍ୱୀପପୁଞ୍ଜ)

ଜଳସ୍ଥଳ ନଭ ଏକାଠି ହୋଇଛି
କିସୁନ୍ଦର ବେଳାଭୂମି !
ନାନା ସ୍ଥାନୁ ନାନା ଯାତ୍ରୀ ଆସିଛନ୍ତି
ଆନନ୍ଦ ବିଭୋରେ ଭ୍ରମି ା

ଛାଡି ଭେଦା ଭେଦ ଲିଙ୍ଗର ପ୍ରଭେଦ
ବୁଡନ୍ତି ସମୁଦ୍ର ଜଳେ ,
ହଜାର ଦର୍ଶକ ଖୁସିରେ ବିଭୋର
ବେଳାଭୂମି ଖରା ବେଳେ ା

ସେ ପର୍ଣ୍ଣ କୁଟିର ନିର୍ମାଣ ହୋଇଛି
ଦର୍ଶକ ବସିବା ପାଇଁ,
ବେତ ବାଉଁଶର ଚେୟାର ପଡିଛି ,
ବାଲୁକା ରାଶିରେ ତହିଁା

ଯୁଗଳ ପ୍ରେମୀଏ ପ୍ରେମରେ ବିଭୋର
ସମୁଦ୍ରରେ ଜଳ କ୍ରୀଡା ,
ପ୍ରେମ ଆଳାପରେ ହଂସ ହଂସୀ ପରି
ସମୁଦ୍ର ଜଳର ଛିଡା ା

ସୁଉଚ୍ଚ ପାଦପ ଛାୟା ପ୍ରଦାନରେ
ଦିଅନ୍ତି ତୃପତି ଶାନ୍ତି ,
ସେ ପାଦପ ତଳେ ବସିଣ ସକଳେ
ଖରାରୁ ପାଆନ୍ତି ମୁକ୍ତି ା

ଭୂମୀ ଓ ଭୂମାକୁ ଏକତ୍ର କରିଛି
ଅତଳ ଏହି ସାଗର ,
ନୀଳ ଜଳ ରାଶି ଖୁସି କରେ ବେଶି
ଦର୍ଶକ ହୁଏ ବିଭୋର ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୀଚୀର ମାଳିରେ  ଶାନ୍ତ ପରିବେଶ
ହୁଅଇ ଯେ କୋଳାହଳ ,
ପୁଅକୁ ସମୁଦ୍ର   ସ୍ନାନେ ଛାଡିଦେଇ
ଦେଖି ଯେ ମାଆ ବିକଳ ।

ଭାରି ଉପଭୋଗ୍ୟ ହାବଲ୍କ ବେଳା ଭୂମି
ସଫଳ ହୋଇଲା ଯାତ୍ରା ,
ଅସଂଖ୍ୟ ଯାତ୍ରୀ ଯେ ବେଳଭୂମିଦେଖି
ଖୁସି ହୁନ୍ତି ବହୁ ମାତ୍ରା ।

ମୋତି ଓ ସାମୁକା ଶଂଖ ଶଂଖ କାଚ
ସ୍ଥାନୀୟ ଲୋକ ବିକନ୍ତି ,
ନର ନାରୀ ଯାତ୍ରି  ନିଜ ପସନ୍ଦରେ
ଦୋକାନରୁ କିଣି ଥାନ୍ତି ।

ନାରୀକେଳ ଗଛ ଜଙ୍ଗଲ ସେଇଠି
ପରିଡ ପଚାଶ ଟଙ୍କା
ତଥାପି  ଯାତ୍ରୀଏ  ଆତୁରେ ପିଅନ୍ତି
ଯେମିତି ପରିଡ ରଙ୍କା ।

ଖାଦ୍ୟ ମୂଲ୍ୟ ବେଶି ଖାଇବା ପାଇଁକି
ଯାତ୍ରିଙ୍କୁ  ଅଧିକ ହୁଏ ,
ହେଲେବି ସେମାନେ ଯାତ୍ରୀଙ୍କର ବନ୍ଧୁ
ଖାଦ୍ୟକୁ ଯୋଗାଇ ଥାଏ ।

ବହୁକଷ୍ଟ ହୁଏ ହେବଲକ ଗଲେ
ତଥାପି ଅନେକ ଖୁସି ,
ମନ ମୁଗ୍ଧକର ଦର୍ଶନୀୟସ୍ଥାନ
ଯାତ୍ରୀ ପ୍ରେମୀ ଅଧିବାସୀ ।

ତୁଳସୀପଲ୍ଲି, ଭଞ୍ଜନଗର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ସଂଯୁକ୍ତା ସାହୁ

ପ୍ରତି ଥର ନୂଆ ବରଷ ଆସିଲେ
ବଦଳିଯାଏ ପୃଷ୍ଠା ସବୁ କ୍ୟାଲେଣ୍ଡରର
ହଜିଯାଇଥିବା ସ୍ମୃତି ଆଉ ମିଳେନାହିଁ
ବିତିଯାଇଥିବା ଦିନ ଆଉ ଫେରେନାହିଁ
ଆୟୁଷ ସରି ଯାଉଥାଏ ବିଗତ ବର୍ଷର
ତଥାପି ନିରାଶା, ଅଭିଳାଷରେ ଥାଇ ବି
ତୁମ ଆଗମନରେ ମନ ଚଞ୍ଚଳ ହୋଇଉଠେ
ଯେତେ ସବୁ ଅପୂର୍ଣ୍ଣ ଆଶା ଉଦ୍ଦୀପନା
ତୁମେ ଭରିଦେବ ସବୁର ରଙ୍ଗ ମାନ
ଜଗାଇ ଦେବ ନୂତନ ଚେତନା
ଏଡାଇଦେବ ବିଗତ ବର୍ଷର ଯାତନା
ଭରିଦେବ ସଭିଙ୍କ ମନରେ ନୂଆ ପୁଲକ
ଲିଭାଇଦେବ ଦେଇଥିବା ଦୁଃଖ ସବୁକୁ
ପୁରୁଣା ବର୍ଷର ଛାଡିଥିବା ଘଟଣାମାନ
ଆଉ ଥରେ କେବେବି ପାଦ ନ ଥାପୁ
ହେ ନବବର୍ଷ ଭରିଦେବ ଉନ୍ମାଦନା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ଭରିବ ସ୍ନେହଁ ମମତାର ଝର

ଲିଭାଇଦେବ କାଳୀମାର ଘନ ଅନ୍ଧାର

ଅତୀତର ଦୁଃଖର କଦାକାର ରୂପକୁ

ନୂଆ ବରଷ ଝିଲମିଲ ଉଜ୍ଜ୍ୱଳିତ ହେଉ

ପ୍ରତିବିମ୍ବିତ ହେଉ ନୂଆ ଚମକରେ

କରୁ ଅଳି ସେଇ ଈଶ୍ୱରଙ୍କ ନିକଟରେ ।

ରାହାମା, ଜଗତସିଂହପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ଦେବେନ୍ଦ୍ର ନାୟକ

ଦୁଇ ହଜାର ତେଇଶି ମୁହଁ ଢାଙ୍କିଲାଣି
ଆସ ହେ ନୂଆ ବରଷ
ଦୁଇ ହଜାର ଚବିଶି ଆନନ୍ଦ ମନରେ
ବାଣ୍ଟିବ ଖୁସି ଅଶେଷ ।
କେଇଟା ଦିନର କୁଣିଆ ପରିକାଅଛି
କେତେ କ'ଣ ଆଣିଥିଲା
ଦୁଇ ହଜାର ତେଇଶି କୋଟି ଦଣ୍ଡବତ
ଦେଇ ଯାଅ ଖୁସି ଡଲା ।
ଦୁଇ ହଜାର ଚବିଶି ସ୍ୱାଗତ କରୁଛୁ
କେତେ ଖୁସି ନେଇ ଆସ
ସୁଖ ଦୁଃଖ ଭରା ଏଇ ସଂସାରଟା ପରା
ଆଣ ସତ୍ୟ ଧର୍ମ ବିଶ୍ୱାସ ।


ଲୋକଙ୍କ ମନରୁ ଦୂରେଇ ଯାଉ ଯେତେକ
ଅବ ଗୁଣ ରହିଅଛି
ଶାନ୍ତିର ବାରତା ନେଇ ଆସ ନବବର୍ଷ
ସାରା ବିଶ୍ୱ ଚାହୁଁ ଅଛି ।
ସମାଜରେ ସଂସ୍କାର ଶିକ୍ଷା ସ୍ୱାସ୍ଥ୍ୟ ଆଦିରେ
ସବୁରେ ମିଳୁ ସନ୍ତୋଷ
ଜ୍ଞାନ ଯୋଗ ଧାରଣା ସେବା ସାଥେ ଆଣ
ସ୍ୱାଗତ ହେ ନବବର୍ଷ

ମିଟୁଆଣୀ ଠାକୁରମୁଣ୍ଡା ମୟୂରଭଞ୍ଜ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ବିନୋଦିନୀ ଦାଶ

ସ୍ୱାଗତ ତୁମକୁ ହେ ନୂଆ ବର୍ଷ
ଆସି ଭରିଦିଅ ନବ ପରଶ
ସକଳ ମୁଖେ ଫୁଟିଉଠୁ ହସ
ଲିଭି ଯାଉ ମନୁ ଭାବ ବିରସ ।

ଉଡୁ ତୁମ ନାମେ ନବୀନ ଧ୍ୱଜା
ଫେଡି ଦେଇ ଦୁଃଖକ୍ଲେଶର ସଜା
ସର୍ବ ଦୁଃଖ ହରି ପାଅ ହେ ପୂଜା
ନିର୍ଭୟେ ମଣିଷେ କରନ୍ତୁ ମଜା ।

ନବ ଆଲୋକରେ ଉଜ୍ଜ୍ୱଳି ଉଠି
ସର୍ବେ ତୁମ ନାମେ ପକାନ୍ତୁ ଗଣ୍ଠି
ସ୍ନେହ, ମୈତ୍ରୀ, ପ୍ରୀତି ଭାବକୁ ଫେଣ୍ଟି
ପରସ୍ପରେ ନିତି ଦିଅନ୍ତୁ ଭେଟି ।

ଶରତେ ଯେମିତି ନଭ ନିର୍ମଳ
ସେମିତି ସରବ ହୃଦୟ ସ୍ଥଳ
ଧୋଇଧାଇ ସଫା ଶୁଦ୍ଧତା-ଜଳ
ବାନ୍ଧି ଦିଅ ଶାନ୍ତି ତୃପ୍ତିର ଥଳ ।

ନହୋଇ କୃପଣ ବରଷଯାକ
ହୃଦୟୁ ହୃଦୟ ଭର ହେ ସୁଖ
ସବୁରି ପ୍ରାଣରେ ଜାଗୁ ପୁଲକ
ଲିଭି ଯାଉ ଯେତେ ଯାତନା ଦୁଃଖ ।

ହେଉ ପାବନ ଏ ସାରା ଜଗତ
ସର୍ବେ ଆନନ୍ଦୋତ୍ସାହେ ଉଲ୍ଲସିତ
ସତେ କି ତରୁ ସମ ପଲ୍ଲବିତ
ଗାଇ ଉଠୁଥିବେ ଖୁସିର ଗୀତ ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ରମେଶ ଟାକ୍ରୀ

ଆସିଛି ନବ ବରଷ ଦୁଇ ହଜାର ଚବିଶି
ସ୍ୱାଗତ ଜଣାଉ ଆଜି ମନେ ହୋଇ ଖୁସି ।
ନୂଆ ରୂପ ବେଶ ସାଥେ ବିରିଜିଛ ଏଠାରେ
ସୁଖଦୁଃଖ ହସକାନ୍ଦ ସବୁ ଥାଏ ସାଥୀରେ ।
କାହା ଭାଗ୍ୟେ କିସଥାଏ ଜାଣେନା ଏ ମଣିଷ
ଦେଖୁ ଦେଖୁ ଚାଲିଯିବ ଏହି ନୂଆ ବରଷ ।
ଏହି ତ ଆରମ୍ଭ ମାତ୍ର ଅଛି ଯେତେ ଦିନ
କର୍ମ କରିବାରେ ସଦା ବ୍ୟସ୍ତ ରହୁ ମନ ।
ଜଗତରେ କ୍ଷଣସ୍ଥାୟୀ ଏହି ଆମ ଜୀବନ
ପର ଉପକାର କରି ବିତିଯାଉ ଏଦିନ ।
ରଙ୍ଗମଞ୍ଚ ଦୁନିଆରେ କେହି ନୁହେଁ କାହାର
ସବୁତ ନିମିତ୍ତ ମାତ୍ର ମିଛ ମାୟା ସଂସାର ।
ପ୍ରତିଟି ସତ୍ କର୍ମକୁ କରିବାକୁ ସଫଳ
ଜୀବନରେ ହେବୁନାହିଁ କେବେହେଲେ ବିଫଳ ।
ହିଂସା ପ୍ରତିହିଂସା ଠାରୁ ରହିଥିବୁ ଦୂରରେ
ସତ୍ୟ ଧର୍ମ ନ୍ୟାୟ ଶାନ୍ତି ଥିବ ଆମ ସାଥିରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧୈର୍ଯ୍ୟ ସାହସ କ୍ଷମତା ଥିବ ଆମ ପାଖରେ

ଶତ୍ରୁ ଯେତେ ରହିଛନ୍ତି ପଳାଇବେ ଭୟରେ ।

ସବୁଜ କ୍ଷେତରେ ସଦା ହସିଉଠୁ ଧରଣୀ

ଫୁଲ ଫଳେ ଗଛଲତା ଶୋଭା ପାଉ ଏକ୍ଷଣି ।

ଶାନ୍ତିର ମଳୟ ବହୁ ସାରା ଜଗତରେ

ଅନ୍ୟାୟ ଅନୀତି ଠାରୁ ରହିଥିବୁ ଦୂରରେ ।

ସାରା ଜଗତର ଦୁଃଖ ଦୂର କରିବାରେ

ଦୁଇ ହଜାର ଚବିଶି ଆସିଗଲା ଧରାରେ ।

ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ପ୍ରତାପ କିଶୋର ରାଉତ

ସ୍ୱାଗତ ହେ ନବବର୍ଷ !
ତୁମେ ଆସ ଚିରାଚରିତ ଢଙ୍ଗରେ
ଆଶା ସ୍ୱପ୍ନ ଭାବନାର ଅଙ୍କୁରୋଦ୍ଗମରେ
ଜନ୍ମନିଏ ଅଯୁତ ବାସ୍ତବତା,
ସ୍ୱର୍ଣ୍ଣିମ କ୍ଷେତରେ ଶୁଭେ
ପଡିଦାତ୍ରୀ ମା ଲକ୍ଷ୍ମୀଙ୍କ ଆଶିଷର ନହବତ,
ନିସ୍ୱ ଭଗିଆ ସାରିଆ ମାନେ  ଆଶା ବାନ୍ଧନ୍ତି
ଝୁଲା ମୁଣି ସଜ ହୁଏ ପ୍ରାପ୍ତିର ପୂର୍ଣ୍ଣତାରେ,

ତୁମେ କିନ୍ତୁ ଦେଖିଥିବ !!!
ଦୈନ୍ୟତାରେ ମୋଡି ହୋଇ ପଡ଼ିଥିବା
କେତେ ଆହତ ଅପରାହ୍ନର  ସ୍ତବକ,
ଜରାୟୁ ଛିନ୍ନ କରି ଅସମୟରେ
ଜନ୍ମ ନେଇଥିବା ଆର୍ତ୍ତ ବୁଭୁକ୍ଷୁ ମାନଙ୍କୁ,
ସମୟର ପଶା ପାଲି ରେ ହାରି ଯାଇଥିବା
କେତେ ଦ୍ରୌପଦୀ ମାନଙ୍କର ବିବସତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଋଣ ଭାରରେ ଚାପି ହୋଇ ଶେଷ ରାସ୍ତା
ବାଛି ନେଇ ଥିବା ବିଚରା ଗରିବ କୃଷକର
ଚିତା ନିଆଁରେ ସମୟର ଅଟ୍ଟହାସ୍ୟ,

ବେକାରୀର ନିସ୍ୱତାରେ ହଜି ଯାଇଥିବା
ଶିକ୍ଷିତ ପୁଅର ଉଦାସୀ ଆଶା ସ୍ୱପ୍ନ
ମମତାର ଶକ୍ତ ଧକ୍କାରେ
ଛିଟିକି ପଡିଥିବା ଗରିବ ବାପର ତପ୍ତ ଅଶ୍ରୁ,
ବୃଦ୍ଧାଶ୍ରମର ଚାରିକାନ୍ଥ ଭିତରେ
ଗୁମୁରି ଗୁମୁରି କାନ୍ଦୁଥିବା ପିତା ମାତାଙ୍କୁ,
ମଦ ବନ୍ୟାରେ ଭାସି ଯାଉଥିବା
ନିରୀହ ଭବିଷ୍ୟତ ମାନଙ୍କର କ୍ଷଣିକ ଆବେଗ
ଗରିବୀ ମୋହର ଲାଗିଥିବା ମାଟିରେ
କୋଟି କୋଟି କଳା ଟଙ୍କାର ପାହାଡ଼,
ଆଉ ଆବଶ୍ୟକ ରେ ଆସୁନି ସୁଇସ ବ୍ୟାଙ୍କ
କାହିଁକିନା ଏଠି ମଦଭାଟି ବି କୁବେରପୁରୀ,
ଏଠି ଦେହର ଭୋକ ମେଣ୍ଟେ
ରୂପସୀ ଚର୍ମର ମୂଲଚାଲରେ
ପାପ ପ୍ରଣୟର ସନ୍ତକ ଲଢୁଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡଷ୍ଟବିନ କିମ୍ବା ପରିତ୍ୟକ୍ତ ବୋର ୱେଲରେ ,

ସମ୍ଭବ ହୁଏ ଦୁଃସମୟର ପାଦ ଥାପି ଥିବା

ମହାମାରୀ ନାଁରେ ଦେଶକୁ ଶୋଷଣ ,

ତଥାପି ତୁମକୁ ସ୍ୱାଗତ ହେ ନବବର୍ଷ !

ଗର୍ଜି ଉଠୁ ତୁମ କୋଷ ମୁକ୍ତ କୃପାଣ

ଛିନ୍ନ କରି ଦିଅ ଦୁଃସମୟର ପୁଞ୍ଜିଭୁତ ବେଦନା

ଧ୍ୱଂସ କରିଦିଅ ଦୁର୍ଗତିର ସଶକ୍ତ ପ୍ରାଚୀର

ପ୍ରଳୟରୁ ସୃଷ୍ଟି କର ନାରାୟଣୀ ସେନା

ମାଟି ମା'ର ଦେହରୁ ଫୁଟିଉଠୁ ଅୟୁତ ସୁନାଫୁଲ

ସ୍ୱପ୍ନର ରାମରାଜ୍ୟ ବାସ୍ତବତାର ରୂପ ନେଉ

ଶୋଷଣ କଷଣ କବର ନେଉ ଏ ମାଟିରେ

ବେକାରୀ ଦାଦନ ଫେରି ପାଉ ତାର ହକ

କାନୁନର ଶକ୍ତ ପ୍ରହାରରେ ଭାଙ୍ଗି ଯାଉ

ପକ୍ଷପାତିତା ଅନ୍ୟାୟ ଅତ୍ୟାଚାରର ସାମ୍ରାଜ୍ୟ ,

ଅଯୋଧ୍ୟା ମାଟିରେ ମନ୍ଦ୍ରିତ ହେଉ

ମରଣ ତାରଣ ମନ୍ତ୍ର

ପୁଣିଥରେ ପାଞ୍ଚଜନ୍ୟର ନିନାଦରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିହରିତ ହେଉ ସମଗ୍ର ଆର୍ଯ୍ୟାବର୍ତ୍ତ

ସାଗରର ବିକ୍ଷୁବ୍ଧ ଲହରୀରେ

ଭାସି ଆସୁ ଗୁରୁ ଗମ୍ଭୀର ଆଶ୍ୱାସନା ବାଣୀ

କୋଟି ଜନତାର ହୃଦୟ ରାଜ୍ୟରେ

ଖେଳିଯାଉ ନବ ଉନ୍ମାଦନା

ମାଟି ମା ତୃପ୍ତ ହେଉ ନବ ଉଲ୍ଲାସରେ

ଏମିତି ଆସିକି ପାରିବ ହେ ନବ ବର୍ଷ ?????

ତେନ୍ତୁଳିପଦୀ, ହାଟଡ଼ିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ଅନୁପମା ବିଶ୍ୱାଳ

ସ୍ୱାଗତ ନୂଆ ବରଷ       ଆସ ଭରି ମନେ ତୋଷ
ହୃଦୟେ ଫିଟାଇ ଘନ ଅନ୍ଧାର ଅଂଶ
ମଧୁର ସ୍ୱପ୍ନ ସମ୍ଭାର       ବୋଳି ଅମାପ ଅବିର
ଉଷା ଲଗନରେ ହେଉ ତୁମ ପ୍ରବେଶ
ନବ ଜ୍ୟୋତି ଲଭି ଧରଣୀ
ଝଙ୍କୃତ ହେଉ ସରାଗେ ପ୍ରୀତି ରାଗିଣୀ ।

ଆଶାର ସଉଧ ତୋଳି       ନବ ଉନ୍ମାଦନା ଖେଳି
ଗାଇଯାଅ କାନେ କାନେ ପ୍ରେମ ସଂଗୀତ
ପ୍ରତି ହୃଦୟ ସ୍ପନ୍ଦିତ       ଆଭା ଘେନି ଉଲ୍ଲସିତ
ପାହାନ୍ତି ସପନେ ପିଣ୍ଡ କରି ରଞ୍ଜିତ
ତନୁ ମନେ ସୃଜି ପୁଲକ
ବିଞ୍ଛିଦିଅ ଅଙ୍ଗେ ଅଙ୍ଗେ ମହା ମହକ ।

ଧରାରେ ସର୍ବ ସଜୀବ       ଲଭି ବସନ୍ତ ବୈଭବ
ହସିଉଠୁ ଫୁଲେ ଫୁଲେ ରୂପ ମାଧୁର୍ଯ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଙ୍ଗଣେ ଭାଗ୍ୟ ବରଣୀ ବରଷି ପ୍ରାବୃଟ ରାଣୀ
ମାନସେ ବିକାଶ ନିତ୍ୟ ଧନ ଐଶ୍ୱର୍ଯ୍ୟ
ସମାରମ୍ଭ କରି ଆଦୃତ
ଜ୍ଞାନ ବିଜ୍ଞାନରେ ନେତ୍ର କର ଆବୃତ ।

ଶସ୍ୟ ଶ୍ୟାମଳ ଅବନୀ ଦୁଃଖ ଦାରିଦ୍ର୍ୟ ନାଶିନୀ
ଜନ ସମାଜରେ ହୋଇ ମଙ୍ଗଳଦାୟୀ
ତବ ଆଗମନେ ହସି ମଧୁ ଛନ୍ଦେ ମଧୁ ଭାଷି
ଛୁଇଁ ଯାଉ ପ୍ରତି ପ୍ରାଣେ ବିଭୁଙ୍କୁଧ୍ୟାୟୀ
ଦ୍ୱେଷଭାବ ହେଉ ଦୂରିତ
ଶୁଭ୍ର ସଉରଭେ ସର୍ବେ ହୋଇ ସଂବୃତ ।

ଦୁଃଖ ଅପସରି ଯାଇ ସୁଖର ପସରା ଦେଇ
ଶାନ୍ତି ମୈତ୍ରୀର ବାରତା ଦିଅହେ ଚିତ୍ତେ
ପରିବେଶେ ଦେଇ ପ୍ରୀତି ଗୁଞ୍ଜରିତ ହେଉ ଗୀତି
ନାଚିଉଠୁ ପ୍ରତି ପ୍ରାଣ ସୁଷମା ମତ୍ତେ
ନୂତନ ତପନ ଆଲୋକେ
ଶୁଭାକାଂକ୍ଷୀ କରିଦିଅ ସତ୍ୟ ରସିକେ ।

ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ବାସନ୍ତୀ ଦେଈ

ତେଇଶି ସରିଲା ଚବିଶି ଆସିଲା
ସ୍ୱାଗତ ହେ ନବବର୍ଷ,
ବିଦାୟ ବେଳାରେ ନବ ଆଗମନେ
ପ୍ରଭୁଙ୍କ ଶରଣ ପଶ ।୧।
ଜାନୁଆରୀ ଏକ ତାରିଖ ଅଟଇ
ବିଦେଶୀଙ୍କ ନବବର୍ଷ,
ବାଣ ରୋଷଣୀରେ ଭୋଜି ନୃତ୍ୟ କରି
ମଜା କରନ୍ତି ଅଶେଷ ।୨।
ହିନ୍ଦୁ ନବବର୍ଷ ପଣା ସଂକ୍ରାନ୍ତିଟି
ହନୁମାନଙ୍କ ଜୟନ୍ତୀ,
ମନ୍ଦିର ପ୍ରାଙ୍ଗଣେ ନାମ ସଂକୀର୍ତ୍ତନ
ଚାଲିଥାଏ ଦିବାରାତ୍ରି ।୩।
ହିନ୍ଦୁ ମାନଙ୍କର ନୂତନ ପଞ୍ଜିକା
ହୋଇଥାଏ ପ୍ରଚଳନ,
ବିବାହ ଲଗନ ଗୃହ ଶୁଭ ଦାନ
ହୁଏ ବ୍ରତ ଘର ଜାଣ ।୪।
ଚଇତ୍ର ଶୁକଳ ପ୍ରତିପଦା ତିଥି
ରାଷ୍ଟ୍ରୀୟ ନବ ବରଷ
ପ୍ରଜାପିତା ବ୍ରହ୍ମା ସୃଷ୍ଟିର ପ୍ରାରମ୍ଭ
ପାଳିବା ନୂଆ ବରଷ।୫।
ଜାନୁଆରୀ ଏକ ତାରିଖେ ଆମର
କିଛି ନୂଆ ହୁଏ ନାହିଁ,
ପାଶ୍ଚାତ୍ୟ ସଂସ୍କୃତି ଆପଣେଇ ବାକୁ
ସଭିଏଁ ହେଲେଣି ବାଇ।୬।
ନବବର୍ଷ କେବେ ହେଲେ ଆସେ ନାହିଁ
ଘନ ଅମା ଅନ୍ଧକାରେ,
ମଦ୍ୟପାନ ଆଉ ହୋଟେଲ ବାର୍
ଅଶ୍ଳୀଳ ନୃତ୍ୟଗୀତ ରେ।୭।
ସ୍ୱାଗତ କରିବା ଦିବ୍ୟ ନବବର୍ଷ
ଘଣ୍ଟ ଓ ଶଂଖଧ୍ୱନୀ ରେ,
ନବ ପଲ୍ଲବିତ ପ୍ରକୃତି ରାଣୀର
ସବୁଜ ଶ୍ୟାମଳିମାରେ।୮।
ଶୁଭ ନବବର୍ଷ ପବିତ୍ର ମୂହୁର୍ତ୍ତ
ଆସୁ ଦିବ୍ୟ ଆହ୍ୱାନରେ,
କୁସୁମିତ ହେଉ ଶୁଭମୟ ହେଉ
ମାଙ୍ଗଳିକ ସ୍ୱାଗତରେ।୯।

ଶିକ୍ଷୟିତ୍ରୀ, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ମଧୁସ୍ମିତା ସାହୁ

ଇଂରାଜୀ ଗଣନାରେ ଆସି ନବବର୍ଷ
ଦେଇଅଛି ସଭିଙ୍କ ମନରେ ହର୍ଷ
ଖୁସି କୋଳାହଳ  ଜାଗୃତି ହୋଇଛି
ପୁଲ୍ଲକିତ ଭାବ ମହକ ଭରିଛି।।
ନୂତନତ୍ୱ ଅନୁଭୂତି ପାଇବାକୁ
ଆଗ୍ରହ ହୃଦୟେ ମୌଜ କରିବାକୁ
ପରିଭ୍ରମଣ ମନୋରଞ୍ଜନ କରି
ବନ୍ଧୁ ମିଳନ ପରିବାର ବର୍ଗକୁ ଧରି ।।
ବିଭିନ୍ନ ପ୍ରଜାତି କାର୍ଯ୍ୟ କ୍ରମ ସାଥେ
ଆନନ୍ଦ ଉପଭୋଗ କରିବା ଅର୍ଥେ
ଛୁଟିଦିନ କୁ ଅପେକ୍ଷା କରିଥାନ୍ତି
ଏକତ୍ରିତ ହୋଇ ସମୟ କଟାନ୍ତି ।।
କଥାଚିତ୍ର ଭାବେ ପର ନକରିବା
ଓଡ଼ିଆ ସଂସ୍କୃତି ଆଭିଜାତ୍ୟ ସବୁ
ଓଡ଼ିଆ ନବବର୍ଷ କୁ ଭୁଲି ବସନ୍ତି
ଇଂରାଜୀ ପରମ୍ପରା ମାନି ନିଅନ୍ତି ।।
ସ୍ୱାଗତ ଅଭିମୁଖେ ଆତୁର ରୂପେ
ପାଶ୍ଚାତ୍ୟ ରୀତିନୀତି ଭସ୍ମିତ ଆପେ
କେବଳ ମାନିବା ରୁପରେ ରହିଲା
ଉପହାସ ମାତ୍ରକେ ହୋଇ ଚାଲିଲା ।।
ନୂତନ ପାଇବା ଇଛାରେ ପୁରୁଣା
ସ୍ମୃତିକୁ କିଞ୍ଚିତ ଅର୍ଥରେ କରୁଣା
ମାନବ ଜୀବନ ଭାବରେ ଧାରଣା
ଇଂରାଜୀ ସଭ୍ୟତା ଲାଗି ବାଟବଣା।।

ବ୍ରହ୍ମା ନଗର, ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ---୯୩୪୮୨୮୫୪୧୬

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ନୂତନ କୁମାର ବେହେରା

ସ୍ୱାଗତ ହେ ନବ ବର୍ଷ ଦୁଇ ହଜାର ଚବିଶ

ଅତିଥି ହୋଇ ଶୁଭ ତିଥିରେ ଆସ

ନାଆଁ ନେଇ ତୁମେ ନୂଆ ବରଷ

ମନଛୁଆଁ ଆକର୍ଷଣୀୟ ତୁମ ପ୍ରୀତିର ହସ

ମନେ ଭରି ଦିଏ ଆନନ୍ଦ ଉଲ୍ଲାସ

ଆବେଗେ ସ୍ପନ୍ଦିତ ହୁଏ ହୃଦୟ ଦେଶ

ସ୍ୱାଗତ ହେ ନବ ବର୍ଷ ଦୁଇ ହଜାର ଚବିଶ

ଝରି ପଡୁ ପ୍ରାଣରୁ ପ୍ରୀତିର ପୀୟୂଷ

ଦିଅ ତୁମେ ମହତ ଲକ୍ଷ୍ୟର ଶୁଭ ସନ୍ଦେଶ

ଚିନ୍ତା ଚେତନା ହେଉ ମଧୁର ସରସ

ଆଶା ଆକାଂକ୍ଷା କରିବାକୁ ପରିପ୍ରକାଶ

ସ୍ୱଚ୍ଛ ସୁନ୍ଦର ଲାଗେ ପରିମଳ ପରିବେଶ

ସ୍ୱାଗତ ହେ ନବ ବର୍ଷ ଦୁଇ ହଜାର ଚବିଶ

ମନୋରଞ୍ଜନ କାର୍ଯ୍ୟକ୍ରମର ଦିବସ

ଭୋଜି ଭାତ ନାଚ ଗୀତ ହୁଏ ବିଶେଷ

ଭ୍ରାତୃଭାବ ବନ୍ଧୁମିଳନେ ଆସେ ସନ୍ତୋଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିନନ୍ଦନର ସୁଅ ଛୁଟେ ଅଶେଷ

ଦିଆହୁଏ ହାର୍ଦ୍ଦିକ ଶୁଭେଚ୍ଛା ଓ ଆଶିଷ

ସ୍ୱାଗତ ହେ ନବ ବର୍ଷ ଦୁଇ ହଜାର ଚବିଶ

ତୁମେ ଆସ ବୋଲି ହୃଦେ ଜାଗେ ବିଶ୍ୱାସ

ସଂକଳ୍ପ କରେ ମନ ପ୍ରତିଭା କରିବାକୁ ବିକାଶ

ତିକ୍ତତା ଭୁଲି ଜୀଇଁବାକୁ କରେ ସାଲିସ

ନୂଆ ଉତ୍ସାହ ଉଦ୍ଦୀପନାର ଆସେ ସାହସ

ସ୍ୱାଭାବିକ ଜୀବନଧାରା ଚଳାଇବାକୁ କ୍ରମଶଃ

ସ୍ୱାଗତ ହେ ନବ ବର୍ଷ ଦୁଇ ହଜାର ଚବିଶ

ପବିତ୍ର ନିର୍ମଳ କର ମନ ହେ ନବ ବରଷ

ଦୂର ହେଉ ଜୀବନର ଯେତେ ଦୁଃଖ କ୍ଲେଶ

ସାରା ସଂସାର ପାଉ ଶାନ୍ତିର ପରଶ

ଅମାନୁଷିକତାର ହେଉ ସମୂଳେ ନାଶ

ସତ୍ୟ ପଥେ ସଭ୍ୟତାର ଘଟୁ କ୍ରମବିକାଶ


ସ୍ୱାଗତ ହେ ନବ ବର୍ଷ ଦୁଇ ହଜାର ଚବିଶ...।

କୋହି, ବାରିପଦା, ମୟୂରଭଞ୍ଜ।

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ବିଦ୍ୟୁତପ୍ରଭା ମିଶ୍ର

ସ୍ୱାଗତ ହେ ଦୁଇହଜାର ଚବିଶ
ଧୀର ପଦ ପାତେ ଆସ,
ବିଗତ ବର୍ଷର ଦୁଃଖ ଶୋକ ନାଶି
ମନେ ଭରିଦିଅ ହର୍ଷ ।
ଆୟୁଷ ତୁମର ମାତ୍ର ବାରମାସ
ତିନିଶ ପଞ୍ଚଷଠି ଦିନ ,.
କେତେ ଆଶା ରଖି ଚାହିଁ ବସି ଅଛୁ
ମନୁ ନାଶ ଗ୍ଲାନି ମାନ ।
କାନ୍ଦିବନି କେଉଁ ମାଆଟିଏ ତାର
ସନ୍ତାନଟିକୁ ହରାଇ,
ଛୋଟ ପରୀ କାହିଁ ପଡିବେନି ଶୋଇ
ମୃତ୍ୟୁର ଯନ୍ତ୍ରଣା ପାଇ ।
ଭୂତାଣୁର ଜ୍ୱାଳା ଦୁରେଇ ଦେବ ହେ
ରୋଗ ଶୋକ ଦେବ ହରି,
ବିଭୁଙ୍କର କୃପା ସଭିଙ୍କର ମାଥେ
ପଡୁଥାଉ ସଦା ଝରି ।,
ନହେଉ ଆଉ ବାହାନଗାର ପରି
ରେଳ ଦୁର୍ଘଟଣା କିଛି,
ନ ବହୁ କାହାର ନୟନୁ ଲୋତକ
ଦିଅବାରେ ମନୁ ପୋଛି ।
ଜୀବନଓ ଜୀବିକା ରକ୍ଷା କରିବ
ତୁମେ ହେ ନୂଆ ବରଷ,
ଅର୍ଥାଭାବ ଆଉ ରହିବନି ଦେଶେ
ହୋଇବେ ସର୍ବେ ସନ୍ତୋଷ ।
ଶସ୍ୟ ଶ୍ୟାମଳା କରିବ ଧରଣୀ
ଅଭାବ ରହିବ ନାହିଁ,.
ଭୋକ ବିକଳରେ ଏଦେଶ ଜନତା
ରହିବେନି କେହି କାହିଁ ।
ଦେଶ ଦେଶ ମଧ୍ୟେ ଯୁଦ୍ଧ ଅଶାନ୍ତିକୁ
କରିଦିଅ ବାରେ ଦୂର,
ବିଶ୍ୱ ଭାତୃତ୍ୱ ଆଉ ସ୍ନେହ ପ୍ରେମର
ବୁହାଇ ଦିଅ ନିର୍ଝର ।
ଶାନ୍ତିର ସ୍ଥାପନା ପ୍ରେମର ଭାବନା
ଶିଖାଇବ ସର୍ବ ଜନେ,
ଅଶାନ୍ତି ଅନୀତି ଦୂର କରି ଦେଇ
ପ୍ରୀତି ଭାବଭର ମନେ ।।

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଗତ ହେ ନବବର୍ଷ



ଶୁଭଲକ୍ଷ୍ମୀ ସେଠି

ସ୍ୱାଗତ କରୁଛୁ ହେ ନବ ବରଷ

ଆଶା ଅସୁମାରୀ ନେଇ

ଆଗମନେ ତୁମେ ରାଗ ଅଭିମାନ

ଯାଉ ସବୁ ଦୂର ହୋଇ

ଲିଭି ଯାଉ  ଯେତେ ଅଶାନ୍ତି ଅନଳ

ତୁମ ପ୍ରେମର ବର୍ଷାରେ

ନୂତନ ଆଲୋକ ଉଦ୍ଦୀପନା ନେଇ

ଆସ ତୁମେ ଖୁସି ମନରେ

ସଭିଙ୍କ ହୃଦୟେ ଭରିଦିଅ ତୁମେ

ନୂଆ ଚିନ୍ତା ଓ ଚେତନା

ପୋଛିଦିଅ ତୁମେ ସଭିଙ୍କ ହୃଦରୁ

ଦୁଃଖ ଶୋକ ଓ ବେଦନା

ଖୁସିର ବନ୍ୟାରେ ଭାସିଯାଉ ଯେତେ

ଦୁଃଖ ଶୋକ ରୋଗ କଷ୍ଟ

ରାଗ ହିଂସା ଦ୍ୱେଷ ଅହଂକାର ଧରି

ନ ହୁଅନ୍ତୁ ଲକ୍ଷ୍ୟଭ୍ରଷ୍ଟ

ଅସରା ଅସରା ଖୁସିର ପସରା

ଆସ ହେ ସାଥିରେ ଧରି

ମନେ ଅଛି ଯେତେ ଅହଂଭାବ ନୀତି

ଦ୍ୟନ୍ତୁ ସଭିଏଁ ପାଶୋରି

ନ ରହୁ କାହା ମନେ  ଦୁଃଖ ଯାତନା

ସୁଖ ର ଝରଣା ଝରୁ

ନୂତନ ଆଶା ଓ ଉଦ୍ଦୀପନା ସାଥେ

ଶାନ୍ତି ମୈତ୍ରୀ ପ୍ରୀତି ଭରୁ

ଅତୀତ ର ଯେତେ କଳଙ୍କିତ ଛିଟା

ସବୁ ଦୂର ହୋଇ ଯାଉ

ସ୍ନେହ ପ୍ରେମ ଶାନ୍ତି ମୈତ୍ରୀ ଓ ସୌହାର୍ଦ୍ଦ୍ୟ

ହୃଦେ ଅଙ୍କୁରିତ ହେଉ

ନ ରହୁ ଛଳନା ଶୋଷଣ ଯାତନା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନବବଧୂ ଅତ୍ୟାଚାର

ଦୋଷୀ ଦଣ୍ଡ ପାଉ ନ୍ୟାୟ ରହିଥାଉ

ଦୂର ହେଉ ଭ୍ରଷ୍ଟାଚାର

ସାକାର ଭାବନା ଜାଗିଉଠୁ ମନେ

ଅଂହିସାର ଗୀତି ଗାଇ

ସବୁରି ମନରେ ରହୁ ଦୟା ଭାବ

ଜଗତ କଲ୍ୟାଣ ପାଇଁ

ନବ ବରଷର ନୂତନ ସକାଳ

ଶାନ୍ତି ବାର୍ତ୍ତା ଆଣି ଦେଉ

ହୃଦେ ହୃଦ ଯୋଡ଼ି ସ୍ନେହ ପ୍ରେମ କରି

ଶାନ୍ତିରେ ବଞ୍ଚିବା ହେଉ ।

ହାଉସିଂ ବୋର୍ଡ଼ କଲୋନୀ, ଷ୍ଟାଡିୟମ ନଗର ଆଠଗଡ଼.

୮୯୭୨୩୬୦୯୩୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବବର୍ଷ



ଅଲେଖ ମେହେର

ଭୁଲିଛି ମୋ ଯଶକୀର୍ତ୍ତି ବଇଭବ ଗୀତି,
ପାଶ୍ଚାତ୍ୟ ମୋହରେ ସତେ ସମ୍ମୋହନ ପ୍ରୀତି ।
ରୀତି ନୀତି ଭାବ ଭଙ୍ଗୀ ରହଣି ଚଳଣି,
ଉଚ୍ଛନ୍ନ ରତୀ ସମାନ ବହଇ ଉଜାଣି ।
ହିନ୍ଦୁ ନବବର୍ଷ ଯୁବାବର୍ଗ ଗଲେ ଭୁଲି ,
ଖ୍ରୀଷ୍ଟିୟ ନବ ବରଷ  କରି ଜପାମାଳି ।
ପଣା ସଂଙ୍କରାନ୍ତି ମନ ମାରି କୋଣେ ବସେ,
ଜାନୁଆରୀ  ପହିଲାଟା ତାସ୍ସଲ୍ୟରେ ହସେ ।
ପଶ୍ଚିମ ପିରତୀ ବଶେ ବେଶଭୂଷା ହୋଇ,
ଧରମ ସଂସ୍କୃତିବାଣୀ ବନ୍ୟାନିଏ ଧୋଇ ।
ଆପଣା ବାସ ମହକ ଯେବେ ଲାଗେ ପିତା,
ପର ପରମ୍ପରା ହୁଏ ଅତି ମହାନତା ।
ଭରତ ଭୂମିର ଯଶ ଜଗତେ  ବିଦିତ,
ସ୍ୱର୍ଣ୍ଣାକ୍ଷରେ ବସ୍ତ୍ରଦେଶେ ହୋଇଛି ଖୋଦିତ ।
ଆହେ ପ୍ରିୟ ସନାତନୀ ନ ହୁଅ ବିମୁଖ,
ଆର୍ଯ୍ୟାବର୍ତ୍ତ ସସ୍କାରରେ ହୁଅ ଶତମୁଖ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରବାସୀ ହେଲେ ନର ପାଏ କୋଟି ଦୁଃଖ,

ପରଗୃହେ ଯୋଜନାରେ ଥାଏ କେଉଁ ସୁଖ ?

ନିଜ ବାସ ସାଗ ଭାତ ଭୁଞ୍ଜି ଆନନ୍ଦରେ,

ଭାରତ ମାତାଙ୍କ  ଗୀତି ଗାଇବା ଛନ୍ଦରେ।

ଅଲେଖ ମେହେର

ବରପଦର, ଗୋବିନ୍ଦପୁର, ବରଗଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆଁ ବର୍ଷ



ବାଲାଜି ସେଠୀ

ବଦଳିନି କିଛି ବଦଳି ନାହିଁ ତ
ନିୟତି ବିଧାନ କାର୍ଯ୍ୟ
ଉତ୍ତର ଦକ୍ଷିଣ ପଶ୍ଚିମରେ କାହିଁ
ଉଇଁ ତ ନାହାନ୍ତି ସୂର୍ଯ୍ୟ ।।
ବଦଳିନି କିଛି ବଦଳି ନାହିଁ ତ
ମାଟି ମଥାନର ଛାତ
ଋତୁ ବଦଳିନି ପଳାସ ଫୁଟିନି
ବହୁନି ମଳୟ ବାତ ।।
ଯାଇନି ଅଟକି ସମୟର ଗତି
ଘଟଣା ପ୍ରବାହ ଦେଖି
ଚିରନ୍ତନ ସମ ରୀତିରେ ଚଳନ
ରହିଛି କେବଳ ସାକ୍ଷୀ ।।
ବଦଳିବ ଯଦି ବଦଳିବା ନିଜେ
ନିଜକୁ ସୁଧାରି ଖାଲି
ଉନ୍ନତିର ପଥ ପଡ଼ିଛି ଉନ୍ମୁକ୍ତ
ଲୟ ଥାପି ଯିବା ଚାଲି ।।

କ୍ଷଣ ପରେ କ୍ଷଣ ଦିନ ପରେ ଦିନ
ମାସ, ବର୍ଷ ଯିବ ବିତି
କାନ୍ଥ କ୍ୟାଲେଣ୍ଡର କଡ଼ ଲେଉଟାରେ
ମିଳିବ କି ଯଶ ଖ୍ୟାତି !!
କ୍ଷୁଧାର୍ତ୍ତରେ ଅନ୍ନ ତୃଷିତରେ ଜଳ
ଦୟା ମାୟା ରଖି ଜୀବେ
ଅସହାୟ ହିତେ ସହାୟତା ହାତ
କୃପଣ ନଥିବ କେବେ ।।
ନୂଆଁ ବରଷରେ ନୂଆଁ କିଛି ନାହିଁ
ନୂଆଁ ସ୍ଥିର ହେଉ ଲକ୍ଷ୍ୟ
ଇତିହାସ ହେବ ମହତ ଉଦେଶ୍ୟ
ସମୟର ଦୃଢ଼ ସାକ୍ଷ୍ୟ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆବର୍ଷର ନୂଆ ପରଶ



ଡଃ ବି. ପ୍ରକାଶ
ଚନ୍ଦ୍ର ପାତ୍ର

ନୁଆ ବର୍ଷ କହିଲେ

ଶୋରିଷ ଫୁଲର ସୁନେଲି କ୍ଷେତ

କଜଳପାତିର ମୁକ୍ତ ଉଡାଣ

ଏ' ଧାନ ଗଦାରୁ ସେ' ଗଦାକୁ

ହଳଦୀ ବସନ୍ତର ଶୁଭାଗମନ

କୃଷକର ଆସ୍ୱସ୍ତି ହେବାର ସମୟ । ।

ନୁଆ ବର୍ଷ କହିଲେ

ହାଡ ଫଟା ଜାଡ, ନିଆଁ ଉମ୍ମେଇ

ରେଜଇ, କମ୍ବଳ ଓ ଘନ କୁହୁଡ଼ିର କାକର

ଭିଡି ଭିଡି ଲାଗୁଥିବା ମର୍ଣ୍ଣିଂଵାକ । ।

ନୁଆ ବର୍ଷ କହିଲେ

ପୁଳାପୁଳା ଫୁଲ, ମାଳମାଳ ଅତିଥି ରଙ୍ଗବେରଙ୍ଗର ଉପଢ୍ୌକନ

ସମ୍ଭ୍ରାନ୍ତ ଆଉ ଆଭିଜାତ୍ୟର ଉତ୍ସବ

ଅଭିନନ୍ଦନ ଖାଲି ଅଭିନନ୍ଦନ----

ନୁଆ ବର୍ଷ କହିଲେ କବିତା ଆସର

ପୁଞ୍ଜା ପୁଞ୍ଜା କବି/କବୟତ୍ରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଦା ଗଦା କବିତା--

ହାତଗଣତି ଶ୍ରୋତା ଓ ପାଠକ ମନରେ

ସୃଷ୍ଟି ହେଉଥିବା ନୁଆ ସମ୍ଭାବନା । ।

ନୁଆ ବର୍ଷ କହିଲେ ଭୋକିଲା ପେଟ

ସରକାରୀ ସ୍କୁଲର ମଧ୍ୟାହ୍ନ ଭୋଜନ

ଛତା, ଯୋତା, ରାସନକାର୍ଡ

କାଳିଆ, ବଳିଆର ଅସରନ୍ତି ଯୋଜନା

ଯୋଜନା ଖାଲି ଯୋଜନା--

ନୁଆ ବର୍ଷ କହିଲେ ଜିରୋନାଇଟ୍

ପିକନିକ୍ ଖେଳକୁଦ, ବାଣ ପଟୁଆର

ଘର ପୋଡି, ସଡକ ଦୁର୍ଘଟଣା

ଆତ୍ମହତ୍ୟା, ଜଳ ସମାଧି ଆଉ

ହତ୍ୟା, ଲୁଣ୍ଠନ, ରାହାଜାନୀର ଏକ

ସମ୍ମିଳିତ ପ୍ରାରମ୍ଭ ଦିବସ । ।

ନୁଆ ବର୍ଷ କହିଲେ ପାଣିପାଗ

ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ

ବୁଡି ଯାଇଥିବା ରାସ୍ତା ହଜି ଯାଇଥିବା ଘର

ବିଛିନ୍ନ ହୋଇ ପଡ଼ି ଥିବା କୁଢ଼ କୁଢ଼ ମଢ଼

ମାଗଣା ବଣ୍ଟା ଯାଉଥିବା ରିଲିଫ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୁଚି ପାଇଁ ସଂଘର୍ଷ କରୁଥିବା ଇଶ୍ୱର

ୟେଲୋ, ଅରେଞ୍ଜ, ରେଡ୍ ଙ୍ଘାର୍ଣ୍ଣିଙ୍ଗର ଆଶ୍ୱାସନାରେ ଥୟ୍ୟ ହେଉଥିବା ମଣିଷ । ।

ନୁଆ ବର୍ଷ କହିଲେ ପୂଜାର୍ଚ୍ଚନା

ଘଣ୍ଟି, ଘଣ୍ଟା, ଧୂପ, ଦୀପ, ନୈବେଦ୍ୟ

ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁ ଦ୍ୱାର

ବୁଦ୍ଧ, ଯିଶୁ, ଇଶ୍ୱର, ଆଲ୍ଲାଙ୍କ ନବଉନ୍ମାଦନା । ।

ନୁଆ ବର୍ଷ କହିଲେ ଯୁଦ୍ଧର ଘନଘଟା

ରୁଷ୍, ୟୁକ୍ରେନ୍, ଇସ୍ରାଇଲ୍, ପାଲେଷ୍ଟାଇନ

ଚୀନ୍, ପାକିସ୍ତାନୀଙ୍କ ଯୁଦ୍ଧଂଦେହି ଡାକରା

ଗୁଳିଗୋଳା, ଡ୍ରୋନ୍, କ୍ଷେପଣାସ୍ତ୍ର, ପରମାଣୁ

ପ୍ରୟୋଗର ଲୋମହର୍ଷକ କାହାଣୀ । ।

ନୁଆ ବର୍ଷ କହିଲେ ପ୍ରତିଶତିର ଦିନ

ମାଟି, ପାଣି, ବଣ, ପାହାଡ଼ ପାଇଁ

ସଶକ୍ତିକରଣର ଆହ୍ୱାନ

ଅତୀତର ସ୍ମୃତିଚାରଣ

ନୁଆ ଦିଶାର ଭବିଷ୍ୟତ ବାର୍ତ୍ତା

ଚାତକ ପରି ଚାହିଁ ରହିଥବା ବେକାରୀଙ୍କ

ଜୀବନ ଜୀବୀକାର ନୁତନ ଆକ୍ଷାଂକା

ନେତା ମନ୍ତ୍ରୀଙ୍କ ଗମ୍ଭୀର ତୁଣ୍ଡର ପ୍ରତିଶୃତି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ପ୍ରତିଶୃତି ଖାଲି ପ୍ରତିଶୃତି । ।

ନୁଆବର୍ଷ କହିଲେ ଆମଷ୍ଟାରଡାମଙ୍କ

ଭବିଷ୍ୟତ ବାଣୀ, ସାତଦିନ ସାତରାତି ଗୋଟିଏ ଦିନହେବା, ପର୍ବତରେ କଇଁଫୁଟିବା

ସମୁଦ୍ର ମାଡି ଆସିବାର ଭୟ

ଛତିଆ ଶ୍ରୀକ୍ଷେତ୍ର ହେବା, ଭୈରବୀ ଡାକିବା

ବାଇଶି ପାହାଚ୍ରେ ମିନ ଖେଳିବା

ମାଳିକାର ଚରମ ସୁଚନାରେ

ସ୍ତମ୍ଭିଭୁତ ଜନତାଙ୍କ ତ୍ରାହି ତ୍ରାହିଡାକ

ପ୍ରହେଳିକା ଖାଲି ପ୍ରହେଳିକା । ।

ସଭାପତି
"ଘୁମୁସରର ସ୍ୱର"
ବାଲିପଦର-ଗଞ୍ଜାମ-୭୬୧୧୧୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆ ବରଷ



ଡଃ ମନୋରଞ୍ଜନ ବିଷୋୟୀ

ଦିନ ପରେ ମାସ
ଆଉ ମାସରୁ କେତୋଟି ନେଇ
ଏ ବର୍ଷକୁ ପଛରେ ପକାଇ
ଆଗେଇ ଆସିଛୁ ଆମେ
କିନ୍ତୁ ଆମ ସାଥେ
ମୋତେ କିଛି ନାହିଁ ।
ପୁରୁଣା କ୍ଷତାକ୍ତ ସ୍ମୃତିଟାରୁ ମୁଠେ
ପକେଟର ମଇଳା କନ୍ଦରୁ
ମୁହଁ କାଢ଼ି ନିକୁଟି ହସୁଛି ।
ମଲମରେ ଶୁଖିଯାଏ ନାଲିଆ କ୍ଷତଟା,
ଦାଗଟାକୁ ପଛେ ଛାଡ଼ି ଦେଇ
ରଖିଯାଏ ତା' ସ୍ମୃତିରୁ ମୁଠାଏ ।

ସେପରି ଏ ପୁରୁଣା ବର୍ଷଟା
ମୁଠାରୁ କେବେ ଯେ ଖସିଛି,
ସେସବୁ ମନେ କିଛି ନାହିଁ ।
ଦିନ ଗଡ଼ି ଚାଲିଗଲା ପରେ
ହଠାତ୍ ପଛକୁ ଫେରି
ଏକୁଟିଆ ପାଇ
ମନେ ହେଲା ଏ ବର୍ଷଟା
ଗଲାକି ପଳାଇ ?

ଦାମୋଦରପୁର, ଗଂଜାମ
ମୋ:୮୮୯୫୦୪୦୭୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇପତ୍ରିକା

 Magazine Downloaded from www.aahwaan.com

# ମକର ପର୍ବ



ସନ୍ତୋଷ କୁମାର ସାହୁ

ମକର ପରବ ଜାନୁଆରୀ ମାସେ
ଚଉଦ ପନ୍ଦର ମଧ୍ୟରେ ହୁଏ
ଉତ୍ତରାୟଣରେ ଗତି କରି ସୂର୍ଯ୍ୟ
ମକର ରାଶିରେ ପ୍ରବେଶି ଯାଏ...

ମକର ପରବ ଆମ ଭାରତରେ
ଭିନ୍ନ ଭିନ୍ନ ନାମେ କରି ପାଳନ
ପୁରପଲ୍ଲୀ ସତେ ଉତ୍ସବ ମୁଖର
ମହା ଆନନ୍ଦରେ କଟାନ୍ତି ଦିନ...

ଅତି ଶୁଭମୟ ମକର ଦିନଟି
ଶୁଭ କାର୍ଯ୍ୟ ସବୁ ଆରମ୍ଭ ହୁଏ
ସୂର୍ଯ୍ୟ ଦେବତାଙ୍କୁ ଜଳଦାନ କଲେ
ମହାପୁଣ୍ୟ ଫଳ ନିଶ୍ଚିତ ପାଏ...

ମକର ପରବ ଅପୂର୍ବ ଆନନ୍ଦ
ପିତା ଘରୁ ଲକ୍ଷ୍ମୀ ଆସନ୍ତି ଫେରି
ପ୍ରଭୁ ଜଗନ୍ନାଥ ଚାହିଁ ବସିଥାନ୍ତି
ମନ୍ଦିରେ ଲକ୍ଷ୍ମୀଙ୍କୁ ମନେ ସୁମରି...

ନୂଆ ଚାଉଳରେ କ୍ଷୀର ଛେନା ଆଖୁ
ରସାଳିତ ଫଳ ଅଦା ମିଶାଇ
ପ୍ରତି ଘରେ ଘରେ ପୂଜା କରାଯାଏ
ମକର ଚାଉଳ ପ୍ରସ୍ତୁତ ହୋଇ....

ଠାକୁର ନିକଟେ ଭୋଗାର୍ପଣ ପରେ
ମକର ଚାଉଳ ଖାଆନ୍ତି ମିଶି
ମକର ଆସିଲେ ମାଘର ଆରମ୍ଭ
ଶୀତ ଧୀରେ ଧୀରେ ଯିବବି ଖସି...

ସାଙ୍ଗସାଥୀ ମେଳେ କଉତୁକ ଖେଳ
ଗୁଡ଼ି ଉଡ଼ାଣରେ ଥାଆନ୍ତି ମାତି
ଜାତି ଧର୍ମ ବର୍ଣ୍ଣ ସବୁ ଭୁଲିଯାଇ
ବନ୍ଧୁଙ୍କ ମିଳନେ ଅପୂର୍ବ ପ୍ରୀତି....

*ଗାନ୍ଧୀ ନଗର,କୋରାପୁଟ*

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମକର ସଂକ୍ରାନ୍ତି



ନଳିନୀପ୍ରଭା ମିଶ୍ର

ଶିଶିର ଋତୁର ଆଦ୍ୟ ମାସର
ଏ ସଂକ୍ରାନ୍ତି ମକର ନାମେ
ବିଭିନ୍ନ ନାମରେ ନାମିତ ହୋଇଛି
ପାଳନ ବିଭିନ୍ନ ଧାମେ ।
ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି
ହୋଇଥାଏ ମକର ସଂକ୍ରାନ୍ତି ପର୍ବ
ଜଗନ୍ନାଥଙ୍କର ମହାନ୍ ସଂସ୍କୃତି
ବଢ଼ାଇଛି ଗୌରବ ।
ନୂଆଁ ଚାଉଳକୁ ବାଟି ସେଇଥିରେ
ମକର ଚାଉଳ ଭୋଗ
ଜଗନ୍ନାଥଙ୍କର ପାଶେ ବିଧି ଭରେ
ଅର୍ପଣ ହୁଏ ନୈବେଦ୍ୟ ।
କେଉଁଠି ପୋଙ୍ଗଲ କେଉଁଠି ମକର
ସ୍ଥାନ ବିଶେଷେ ପାଳିତ
ତାମିଲ ନାଡୁର ଗୁଡ଼ି ଉଡା ପର୍ବ
ରହିଛି ହୋଇ ନାମିତ ।
ମକର ମିଳନ କବିତା ଆସର
ମକର ସଂକ୍ରାନ୍ତି ଦିନ
ଫକୀର ମୋହନ ସେନାପତିଙ୍କର
ଜୟନ୍ତୀ ହୁଏ ପାଳନ ।
ପ୍ରୟାଗ ତୀର୍ଥରେ ପବିତ୍ର ସେ
କୁମ୍ଭ ମେଳାର ହୁଏ ବିଧାନ
ଶ୍ରଦ୍ଧାଳୁ ଜନତା ଭକ୍ତି ସହକାରେ
କରନ୍ତି ଅବଗାହନ ।
ତେଲୁଗୁ ଲୋକଙ୍କ ହୁଏ ପିତୃଶ୍ରାଦ୍ଧ
ମକର ମାସ ବିଶେଷ
ପାଳନର ଏହି ମହା ପରମ୍ପରା
ଆନନ୍ଦ ଦିଏ ଅଶେଷ ।
ଓଡ଼ିଆ ସଂସ୍କୃତି ଓଡ଼ିଆ ଗୌରବ
ବିଶ୍ୱରେ ଅଟେ ମହାନ୍
ପର୍ବପର୍ବାଣୀର ପାଳନ ଦିଗରେ
ଦେଉଥିବା ସଦା ଧ୍ୟାନ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୭୯୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମକର ସଂକ୍ରାନ୍ତି



ଶକ୍ତିଦା ବିଷୋୟୀ

ଧନୁ ପରେ ଆସେ ମକର ସଂକ୍ରାନ୍ତି
ସୂର୍ଯ୍ୟ ଅବସ୍ଥାନ ଗତି
ଉତ୍ତରାୟଣକୁ ବକ୍ର ହୋଇଥାନ୍ତି
ସମୟର ଚକ ନୀତି ।।

ଛୋଟଥିଲା ଦିନ ବୃଦ୍ଧି ହୋଇଜିବ
କ୍ରମେ ଗ୍ରୀଷ୍ମ ପରିଯନ୍ତ
ଶୀତର ପ୍ରକୋପ ଅପସରି ଯିବ
ଆସିବ ଋତୁ ବସନ୍ତ ।।

ଦେହରୁ ମଳିନ ହୋଇଯିବ ସଫା
ପ୍ରସନ୍ନ ହେବ ବଦନ
ସଙ୍ଗଇତ ସାଙ୍ଗ ବଉଳ ମକର
ବନ୍ଧୁ ସମ୍ପର୍କ ସୁମନ।।

ପ୍ରୀତି ମନ୍ଦାକିନୀ ମକର ଆଣଇ
ସରବେ ଚଳ ତଞ୍ଚଳ
ମୁଆଁ ବଣ୍ଟା ବଣ୍ଟି ସୌହାର୍ଦ୍ଦ୍ୟରେ ଭରା
ପୂଜା ମକର ଚାଉଳ ।।

ତେଲୁଗୁମାନଙ୍କ ଏହି ବଡପର୍ବ
ପୋଙ୍ଗଲ୍ ନାମେ ବିଖ୍ୟାତ
ଗୃହ ଲିପା ଧୁଆ ନବବସ୍ତ୍ର ପିନ୍ଧି
କରନ୍ତି ଶ୍ରାଦ୍ଧ ତର୍ପଣ ।।

ଖିରି, ପିଠା ଅନ୍ନ ବ୍ୟଞ୍ଜନରେ ଘର
ମହ ମହ ବାସ୍ନା ପୁରେ
ଯେତେ ସାଥି ସାଙ୍ଗ ପଡୋଶିଙ୍କୁ ଡାକି
ଆନନ୍ଦ ଖୁଆଇବାରେ ।।

ଧନୁ ସଂକ୍ରାନ୍ତିଠୁ ପହିଲି ଭୋଗର
ଲାଗିଥିଲା ଖିଆ ପିଆ
ମକରରେ ଅନ୍ତ ସଂସ୍କୃତି ଆମର
ଉଜ୍ଜୀବିତ ପର୍ବ ସାହା ।।

ଉତ୍ତର ବାଙ୍କରେ ତୀର୍ଥ ନଦୀ ନୀରେ
ଚନ୍ଦ୍ରଭାଗା ମୋହଦଧି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୂର୍ଯ୍ୟୋଦୋୟ ପୂର୍ବୁ କରିଲେ ସ୍ନାହାନ

ଖଣ୍ଡେ ପାପ ତାପ ବ୍ୟାଧି ।।

କୋଠର ତପସ୍ୟା ଭଗୀରଥ କରି

ପିତାମହ ପୂର୍ବଜଙ୍କୁ

ଏହିଦିନ ମୁକ୍ତ ଶାପ ପାପତାପୁ

ମର୍ତ୍ତ୍ୟକୁ ଆଣି ଗଙ୍ଗାଙ୍କୁ ।।

ପର୍ବର ମହତ୍ୱ ମହନୀୟ କେତେ

ପରମ୍ପରା ନୀତି କାନ୍ତି

ଗତାନୁ ଗତିକ ଚାଲୁ ରହିଅଛି

ରଖିବାକୁ କେତେ ସ୍ମୃତି ।।

ସୋରଡା, ଗଞ୍ଜାମ୍

ଦୂରଭାଷ : ୭୫୩୭୦୪୭୫୩୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଜ୍ଞାନ ଦେଇଛି କେତେଯେ ଖୁସି



ନାରାୟଣ ଚନ୍ଦ୍ର
ସେନାପତି

ଆକାଶେ ଉଡୁଛି ସାଗରେ ବୁଡୁଛି
ବାୟୁରେ କରୁଛି ଖେଳ
ତିନି ଭୁବନରେ ବିଜ୍ଞାନ କ୍ଷମତା
କଳିଛି କି କେଉଁ ବଳ ?

ପ୍ରଶ୍ୱାସ ଦେଇଛି ନିଃଶ୍ୱାସ ଦେଇଛି
ଦେଇଛି ସ୍ପନ୍ଦନ ପ୍ରାଣ
ବଞ୍ଚାଇ ବଢ଼ାଇ ମଣିଷ କରିଛି
ସେ ପରା ହରି ଚନ୍ଦନ ।

ସରଳ କରିଛି ସହଜ କରିଛି
ଦୂରକୁ କରିଛି ପାଖ
ଲୁଚି ଲୁଚି ଯାଇ ଦେଖି ଆସୁଅଛି
ଜହ୍ନ ମାମୁଁର ମୁଖ ।

ଜିନିଷ ପାଇଛି ଜିନିଷ ଗଢ଼ିଛି
କରିଅଛି ଅନ୍ୱେଷଣ
ଗୂଢ଼ ତତ୍ତ୍ୱ ଜାଣି କାମ କରିବାକୁ
କରିଛି ପର୍ଯ୍ୟବେକ୍ଷଣ ।

ବସନ ଦେଇଛି ଭୂଷଣ ଦେଇଛି
ଦେଇଛି ରଙ୍ଗ ମହଲ
ମନ ମତାଣିଆ ଆହାର ଭୁଂଜାଇ
କରିଛି କେତେ ଯେ ଗେହ୍ଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଷଣ ଫେଡ଼ିଛି ଖୁସି ମିଶେଇଛି
ରୋଗୀକୁ କରିଛି ସୁସ୍ଥ
ଅସମ୍ଭବ କଷ୍ଟ ଲିଭେଇ ଦେଇଛି
ଦେଖିଛି ସଫଳ ମୁଖ ।

ସୃଷ୍ଟି କରୁଛି ଦୃଷ୍ଟି ଦେଉଛି
ବୃଷ୍ଟିକୁ କରିଛି ସାଥି
ମୁଷ୍ଟି ବଳରେ ଶତ୍ରୁ ହଟାଇ
ଶକ୍ତ କରିଛି ଛାତି ।

କାଳ ରାତ୍ରୀକୁ ମାଳ ପିନ୍ଧାଇଛି
ପାଳରେ ଖୁନ୍ଦିଛି ପ୍ରେମ
ଜୀବନ ଯାତ୍ରାକୁ ସ୍ୱଚ୍ଛନ୍ଦ କରିଛି
ଥରୁଛି ରାକ୍ଷସ ଯମ ।

ସଡ଼କ ଗଢ଼ିଛି ଚଡକ ରୋକୁଛି
ପୀଡ଼କ ଛେଦୁଛି କଳେ
ସକଳ ଶକ୍ତିକୁ ବୁଦ୍ଧିରେ ବାନ୍ଧିଛି
ଆନନ୍ଦର ଅନ୍ତରାଳେ ।

ଦୁଃସ୍ୱପ୍ନକୁ ଚିପି ସରଗ ସିଂଚୁଛି
ବିଜୟ ଦାଣ୍ଡରେ ବସି
ବିଜ୍ଞାନ ଦେଉଛି କେତେ ଯେ ଖୁସି
ମୁରୁକି ମୁରୁକି ହସି ।

ଜମ୍ବୁରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇତ ଦୁନିଆଁ



ଅଂଶୁମାନ ସ୍ୱାଇଁ

ସତ୍ୟ ଧର୍ମ ଶାନ୍ତି ନ୍ୟାୟ
ସବୁଠି ମହାନ
ଅଧର୍ମ ପଥରେ ଗଲେ
ଲାଗେରେ ଶ୍ରୀହୀନ
ମାତା ପିତା ଗୁରୁ ବ୍ରାହ୍ମଣ
ଏ ଚାରି ଦେବତା
ମନେ ରଖି ଚାଲୁଥିଲେ
ତୁଟିବନି ଆସ୍ଥା
ଭାବ ଭକ୍ତିରେ ଲୟ ଥିଲେ
ହସିବ ସଂସାର
ଅଭାବରେ ଥାଇ ମଧ୍ୟେ
ସୁଖି ପରିବାର
ଅନ୍ୟାୟ ଅନୀତି ଠାରୁ
ଦୂରରେ ରହିବା
ସୁନ୍ଦର ଭାବରେ ଆମେ
ଜୀବନ ବଞ୍ଚିବା

ଭିତ୍ତିହୀନ ମନ୍ତବ୍ୟରେ
ଦେବା ନାହିଁ ଧ୍ୟାନ
ଯୁକ୍ତି କରି କାହା ସଙ୍ଗେ
ହେବାନି ଦହନ
ବଡ଼ଙ୍କୁ ଦେବା ସମ୍ମାନ
ସବୁରି କ୍ଷେତ୍ରରେ
ସାନଙ୍କୁ ଆଦର କରି
ଚାଲିବା ମଝିରେ
ମନକୁ ରଖି ନିର୍ମଳ
କରୁଥିଲେ କର୍ମ
ସର୍ବ ମୋକ୍ଷ ପ୍ରାପ୍ତି ହୁଏ
ଏହା ହିଁ ତ ଧର୍ମ

କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି ଫରୁଆରେ ୨୩



ରଶ୍ମିତା ରାଉତ

ନୂଆ ଆଶା ଆଉ ଉଦ୍ଦୀପନା ନେଇ
ଆସିଲ ଜୀବନେ ମୋର
ଭରିଦେଲ ମନେ  ଆକାଂକ୍ଷା ଅନେକ
କେତେ ଖୁସି ର ସମ୍ଭାର ।
ଦୁଃଖ ସୁଖ ସାଥେ ଭଲମନ୍ଦ ଘେନି
ଗଢିବ ସଂସାର ରଥ
ସେ ରଥର ତୁମେ ସାରଥୀ ସାଜିଣ
ଧରିଥିବ ମୋର ହାତ ।
କର୍ମମୟ ଏଇ ଜୀବନେ ମୋହର
ସଦା କର୍ମେ ଥିବି ରତ
ଯେତେ ଝଡ ଆସୁ ସବୁ ସହିଯିବି
ସାହା ତୁମେ ଏକା ନାଥ ।
ଚାଲୁଅଛି କର୍ମ ପଥରେ ମୁଁ ଏକା
ହାରି କେବେ ଯିବିନାହିଁ
ଜୀବନ ଯୁଦ୍ଧରେ ଯୁଦ୍ଧ ମୁଁ କରୁଛି
କେବେ ଥକି ପଡ଼ିନାହିଁ ।

ଦିନ ପରେ ଦିନ ମାସ ପରେ ବର୍ଷ
ବିତି ଯାଉଅଛି ସତେ
ସ୍ମୃତି ମୋ ସାଉଁଟେ ସୁଖ ଦୁଃଖ ସବୁ
ପାଇଛି କେତେ ମୁଁ ହାରିଛି କେତେ ।
କେବେ କିଏ ସତେ ଟୋକି ନେଇଅଛି
ସ୍ନେହ, ଶ୍ରଦ୍ଧା, ପ୍ରେମ ଢ଼ାଳି
ଆଉ କେତେବେଳେ ଶୁଣିଛି କାହାର
ନିନ୍ଦା, ଅପମାନ ଗାଳି ।
ସହିବା ଶକତି ଦେଇଥିବ ପ୍ରଭୁ
ଚାଲିବାକୁ ଅଛି ବାକି
କର୍ତ୍ତବ୍ୟରେ ବ୍ରତୀ ଥିବି ସଦାକାଳେ
ବିଭୁ ପଦେ ଲୟ ରଖି ।

ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସକାଳୁ ସଅଳ ଉଠ



ବିକାଶ କୁମାର
ହୋତା

କାଉ ରାବିଲାଣି କାଆ କାଆ ପରା
ଉଠ ଉଠ କୁନା କୁନି
ସକାଳୁ ସଅଳ ନ ଉଠିବ ଯଦି
ଲାଭ ତା'ର ପାଇବନି ।।(୧)
ପ୍ରଭାତୁ ଉଠିଣ କରିବ ଜଣାଣ
ସଅଳ ଛାଡ଼ିକି ଶେଯ
କରିଲେ ବ୍ୟାୟାମ ମିଳିବ ଆରାମ
ମନରେ ଏ କଥା ହେଜ ।।(୨)
ସକାଳୁ ଉଠିଣ ପିତା ମାତା ପାଦେ
ହେଉଥିବ ଦଣ୍ଡବତ
ଗୁରୁ ଗୁରୁଜନ ଆଶୀର୍ବାଦ ମିଳେ
ଏହି କଥା ସଦା ସତ ।।(୩)
ନିତ୍ୟକର୍ମ ସାରି ଜଳଖିଆ ଖାଇ
କରିବ ତୁମରି କାମ
ମନ ଦେଇ ପାଠ ପଢ଼ିଦେବ ସବୁ
କରିବ ଯେ ପରିଶ୍ରମ ।।(୪)
ଠିକ୍ ସମୟରେ ବିଦ୍ୟାଳୟ ଯିବ
ଖାଇଦେଇ ଭଜା ରୁଟି
ପାଠ ପଢ଼ି ସାରି ଘରକୁ ଫେରିବ
ହେଲେ ବିଦ୍ୟାଳୟ ଛୁଟି ।।(୫)
ଆଜିର ପାଠକୁ ଆଜି କରିଦେବ
ହୋଇଯିବ ସୁନାପିଲା
ପାଠକୁ ତୁମର ବାକିଆ ରଖିଲେ
ଅଳସୁଆ ହେବ ଭଲା ।।(୬)
ପାଠ ବେଳେ ପାଠ ଖେଳ ବେଳେ ଖେଳ
ସମୟରେ ସବୁ କର
ଗୁରୁ ଗୁରୁଜନ କଥା ମାନି ସଦା
ହୋଇବ ଜଗତେ ସାର ।।(୭)
ଅନ୍ୟପାଇଁ ସଦା ନିଜେ ତ୍ୟାଗୀ ହୁଅ
କରିଣ ସମାଜ ସେବା
ଦୁଃଖୀ ଜନ ମୁଖେ ହସ ଫୁଟେଇକି
ବିଭୁକୃପା ଲଭିଯିବା ।।(୮)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ଜାଣେ...



ଶାଶ୍ୱତୀ ନନ୍ଦ

ମୁଁ ଜାଣେ....

ତୁମେ ବାଟ ଭୁଲି

କେବେ ନା କେବେ ଫେରିବ,

କିନ୍ତୁ ସେତେବେଳେ ସ୍ମୃତି ସବୁ

ସମାଧି ପାଲଟି ଯାଇଥିବ।

ମୁଁ ଜାଣେ.....

ତୁମେ ଅତୀତର ଗର୍ଭ ଚିରି

କେବେ ନା କେବେ କାନ୍ଦିବ,

କିନ୍ତୁ ସେତେବେଳେ ସମୟଟା

ହାତ ପାପୁଲିରୁ ଚାଲି ଯାଇଥିବ।

ମୁଁ ଜାଣେ.....

ତୁମେ ଅନୁତାପ ନିଆଁରେ

କେବେ ନା କେବେ ଜଳିବ,

କିନ୍ତୁ ସେତେବେଳେ ମୋ' ପ୍ରେମ ସବୁ

ଲୁହ ହୋଇ ବୋହି ଯାଇଥିବ।

ମୁଁ ଜାଣେ.....

ତୁମେ ବେସାହାରା ହେଲା ପରେ

କେବେ ନା କେବେ ମୋ' ଠିକଣା ଖୋଜିବ,

କିନ୍ତୁ ସେତେବେଳେ ଲଫାପାରୁ

ମୋ' ଠିକଣା ହଜି ଯାଇଥିବ।

ମୁଁ ଜାଣେ....

ତୁମେ ନୀରବତା କେବେନା କେବେ ଭାଙ୍ଗିବ,

କିନ୍ତୁ ସେତେବେଳେ ତୁମେ ଦେଇଥିବା ଏ

ଯନ୍ତ୍ରଣାର ଉପହାର  ସହ୍ୟ କରିପାରିବ  ?

ଆଉ ମୁଁ ଏହା ବି ଜାଣେ....

ତୁମେ ମୋର ଜୀବନର ଅପ୍ରାପ୍ୟ କାମନା,

ଯାହାକୁ ପ୍ରାପ୍ତିର ଆକାଂକ୍ଷା ନେଇ

କେବେ ନିଜର କରି ହୁଏନା।

(କଳାପଥର,ବାଙ୍କୀ, କଟକ)

ଦୂରଭାଷ- ୮୯୨୬୨୦୭୬୦୭.

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନୀ ପ୍ରେମିକା



ଜୟଦେବ ମାଝୀ

ଫୁଲର ଗଜରା ପ୍ରେମିକା ମୋର
ଆଖିରେ ତା' ଫିକା କଜଳ ଗାର

ଅଦେଖା ସପନେ ଭଅଁର ହୋଇ
ହୃଦୟ ଚୋରାଏ ଫୁଲରେ ବସି

ମିଛି ମିଛିକା ଆଖି ହୃଦୟ ଛୁଏଁ
ତାର କଥା ଭାବି ଦିନ ସରିଯାଏ

ପ୍ରୀତି ଛୁଇଁଛି ତାର ମଧୁର ହସରେ
ସପନ ସଜାଏ ଉଆଁସୀ ରାତିରେ

ଶୂନ୍ୟତାକୁ ପଚାରେ କିଏ କାହାର
କୁହେ ଅଭିମାନୀ ପ୍ରେମିକା ତୋର

ରୂପସୀ ଜହ୍ନର ସେ ମନ ପ୍ରଜାପତି
ନିତି ଆସୁଛି ପ୍ରେମ ଜୁଆର ନେଇ

ପ୍ରେମ ଆହ୍ଲାଦ ଭରା ଚାନ୍ଦର ତାରା
ପାଗଳ କରେ ବିପଟ ହୃଦୟ ପରା

ଆଖି ପଲକରେ ଲଗେଇଛି ପ୍ରେମ
ଫୁଲର ସମ୍ଭାର ମଧୁ ଚନ୍ଦ୍ରିକା ସମ

ପ୍ରୀତି ଭରା ଚୋରା ଚାହାଣୀ ତାର
ହୃଦୟକୁ ଲୋଡ଼ା ପ୍ରେମ ହସ୍ତାକ୍ଷର

ପ୍ରେମ ମନ୍ଦିରେ ଫୁଟଇ ରଜନୀ ଗନ୍ଧା
ଅଭିମାନିନୀର ମନ ଶିକୁଳିରେ ବନ୍ଧା

ମିଠା ମିଠା ହସର ଗୋଲାପି ଓଠ
ଅଭିମାନୀ ପ୍ରେମିକା କେତେ ଅଝଟ

କଲେଜ ଛକ୍, କଟକ, ପିନ୍- ୭୫୩୦୦୩
ଦୂରଭାଷା - ୮୧୧୪୩୧୨୬୬୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରେମ



ସୁଶୀଲ କୁମାର
ଛଟୋଇ

ଆଖିରେ ନାଚି ଉଠେ ତା ଚେହେରା ବାର ବାର
ଯେବେଠୁ ତା ପ୍ରେମରେ ପଡ଼ିଛି ମନଟି ମୋହର
ତାର ସେଇ ଗୋରା ମୁହଁକୁ ଆଖିର କଜଳର ଗାର
ମୋ ଛାତିରେ ଭରି ଦେଉଛି ନୂତନ ଉନ୍ମାଦନା ହଜାରେ ଥର

ଦେଖିବାକୁ ତା'ର ଏକ ନଜର
ମନ ମୋର ହୁଏ ଭାରି ଆତୁର
ସେ ଯେବେ ମୋ ପାଖ ଦେଇ ଯାଉଛି
ମନରେ ନୂତନ ଉନ୍ମାଦନା ଭରି ଯାଉଛି

ମନ ମୋର ଚାହେଁ କରିବାକୁ ତାକୁ ପ୍ରେମ ନିବେଦନ
ହେଲେ ଭୟରେ ଛାତି ଥରି ଯାଉଛି ହେବ କାଳେ ପ୍ରତ୍ୟାଖାନ !
ଏମିତି ଆଶଙ୍କା ରେ ଦିନରାତି ମୋର ସବୁ ବିତୁଛି
ସେ ବି ମୋତେ ଭଲ ପାଉଛି ଏମିତି ପ୍ରଶ୍ନ ଉଙ୍କି ମାରୁଛି

ଡାକସେକ, ବଲାଙ୍ଗୀର ସର୍ଟିଙ୍ଗ୍ , ବଲାଙ୍ଗୀର - ୭୬୭୦୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ



ଶକୁନ୍ତଳା ମିଶ୍ର

ମାଆ ମାଆ ମାଆ
ପ୍ରେମର ଝରଣା ମାଆ
ବାତ୍ସଲ୍ୟମୟୀ ମୋ ମାଆ
କରୁଣା ମୟୀ ମୋ ମାଆ
ମାଆ ମାଆ ମାଆ
ପ୍ରେମର ଝରଣା ମାଆ
ତା ପଣତ କାନି ସୁରକ୍ଷା କବଚ
ତା କୋଳ ଅଟେ ଝୁଲଣା
ତା ସ୍ନେହ ମମତା ମନ୍ଦାକିନୀ ଧାର
ଅମୃତ ତା ହାତରନ୍ଧା
ଉଦାର ହୃଦୟ ମାଆ
ମହିୟସୀ ମୋର ମାଆ
ମାଆ -----
ହାସ୍ୟମୟୀ ପୁଣି ଲାସ୍ୟମୟୀ ମାଆ
ସର୍ବସଂହା ଅଟେ ମାଆ
ନିଃସ୍ୱାର୍ଥପର ତା ସେବା ଓ ଯତନ
ଦେଖି ଘୁରିଯାଏ ମଥା
ଆଶାର କିରଣ ମାଆ
ସପନ ରାଇଜ ମାଆ
ମାଆ ------

ହୃଦେ ରଖି ତାର ଅନ୍ତର ବେଦନା
ଢାଳିଦିଏ ସ୍ନେହ ଶ୍ରଦ୍ଧା
ସ୍ୱର୍ଗଠୁ ମହାନ ଅଟେ ତାର ମନ
କେ କରି ପାରେ କଳନା
ନିଦର କୋଳ ମୋ ମାଆ
ତ୍ୟାଗର ପ୍ରତୀକ ମାଆ
ମାଆ----
ମାଆ ଙ୍କର ଋଣ ଶୁଝି କେ ପାରେନା
ଯେତେ କଲେ କମ ହେବ
ମାଆ ମନେ କେବେ ଦେବାନି ରେ କଷ୍ଟ
ସେ କଥା ମନେ ସ୍ମରିବ
ପ୍ରେରଣାଦାୟୀ ମୋ ମାଆ
ଅବାଟ ର ବାଟ ମାଆ
ମାଆ ମାଆ ମାଆ
ପ୍ରେମର ଝରଣା ମାଆ

ଜଟଣୀ, ଖୋରଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା ପରି କିଏ ହେବ



ତାନଶ୍ରୀ ପାଣିଗ୍ରାହୀ

ମଧୁଠାରୁ ମିଠା ଫୁଲଠୁ କୋମଳ
ମାଆ ଡାକଟି ମଧୁର
ତ୍ୟାଗ ତପସ୍ୟାର ମନ୍ଦାକିନୀ ଧାର
ମାଆର ସ୍ନେହ ଆଦର...

ତା ପାଇଁ ଦେଖିଲି ପ୍ରଥମ ଆଲୋକ
ତା କୋଳ ସ୍ୱର୍ଗ ସମାନ
ତା ବକ୍ଷର ସୁଧା ଅମୃତ ସମାନ
ତା ପାଇଁ ଜୀବନ ଧନ୍ୟ...

ମାଆର ପରଶ ସ୍ୱର୍ଗୀୟ ପୀୟୂଷ
ଖୁଆଏ କେତେ ଆଦରି
ଦିବା ରାତ୍ର ଲାଗି ସେବା ଯତ୍ନ ନିଏ
ମନେ ମାନସିକ କରି...

ମାଆ ଉପଦେଶ ଗୀତା ଭାଗବତ
ସ୍ନେହବୋଳା ତା ବଚନ
ହୃଦୟ ତାହାର ହିମାଳୟ ପରି
ବିଶାଳ ଅଟେ ତା ମନ...

ମାଆ ପାଇଁ ଲାଗେ ଘର ଦେବାଳୟ
ମରତେ ସାକ୍ଷାତ ଦେବୀ
ଏ ସାରା ସଂସାରେ ମାଆ ଆଦ୍ୟ ଗୁରୁ
ତା ଦୁଇ ପାଦ ପୂଜିବି...

ମାଆଠାରୁ ବଡ଼ ଜଗତେ କେ ନାହିଁ
ମମତା ଭରା ତା କୋଳ
ବିପଦେ ଆପଦେ ତା ସ୍ନେହ ପଣତ
ଅଭୟ ଆଶ୍ରୟ ସ୍ଥଳ...

ଅନାବିଳ ସ୍ନେହ ତା ହୃଦେ ସଞ୍ଚିତା
ମାଆ ଯେ ମମତାମୟୀ
ମାଆଠାରୁ ବଡ଼ ଜଗତେ କେ ନାହିଁ
ଗଙ୍ଗୋତ୍ରୀ ସେ ପୁଣ୍ୟମୟୀ ॥

ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା ପରି କିଏ ହେବ



ପ୍ରଭାତୀ ବରାଳ

ତୁହି ମା' ଜନନୀ
ଗରଭ ଧାରିଣୀ
ସ୍ନେହ ପ୍ରେମ ସ୍ରୋତସ୍ୱିନୀ
ମମତା ସାଗର
କରୁଣାର ଝର
ଶାନ୍ତିପ୍ରିୟ ତପସ୍ୱିନୀ ।୧।

ସନ୍ତାନ ପାଇଁ ମା'
ସଂସାର ଗରଳ
ପିଉ ହସି ହସି ତୁହି
ସଦା ହସୁ ତୋ'ର
ସୁଖର ସଂସାର
ନିଜେ ଲୁହ ଯାଉ ପିଇ ।୨।

ଦଶ ମାସ ଦଶ
ଦିନ ଗର୍ଭେ ଧରି
ସହି ଯେ କେତେ କଷଣ
ଈଶ୍ୱରଙ୍କ ଦାନ
କହି ତୃପ୍ତି ଲଭୁ
ଏହି ମୋ ଗର୍ଭଧାରଣ ।୩।

ନିଜେ ନ ଖାଇ ତୁ
ମୋତେ ଖୁଆଇଛୁ
ଭାବୁଛି ଆଜି ଯେ ମୁହିଁ
ରୋଗ ବଇରାଗେ
ପାଶେ ଜଗିରହୁ
ରାତ୍ର ଉଜାଗର ରହି ।୪।

ମୋ' ପାଇଁ ତୁହି ମା
କଳ୍ପବଟ ପରା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଇଛା କରୁ ପୁରା
ଅମା ଅନ୍ଧକାରେ
ତୁହି ମା' ଆଲୋକ
ବାତ୍ସଲ୍ୟର ମଧୁ ଧାରା ।୪।

ଯେତେ ଝଡଝଞ୍ଜା
ଆସିଲେ ଡ଼ରୁନା
ମଥା ଟେକି ଯାଉ ସହି
ଦୁଃଖ ଜଞ୍ଜାଳ ତୋ'
ଚିର ସହଚର
ଧୈର୍ଯ୍ୟର ପାହାଡ଼ ତୁହି ।୬।

ଆକାଶଠାରୁ ତୁ
ଉଚ୍ଚତର ପରା
ସାଗରଠାରୁ ବିଶାଳ
ଜହ୍ନଠାରୁ ତୁହି
ଆହୁରି ଶୀତଳ
ଫୁଲଠୁ' ତୁହି କୋମଳ ।୭।

ଛାଇଠୁ' ନିଜର
ରକ୍ତଠୁ' ପ୍ରିୟ ମୋ
ମଧୁଠୁ' ମଧୁର ତୁହି
ତୋ' କୋଳ ମୋ' ପାଇଁ
ଆନନ୍ଦ ଝୁଲଣା
ସରଗ ଭୁଲଇ ମୁହିଁ ।୮।

ମଙ୍ଗଳମୟୀ ମା'
ବରଦାୟିନୀ ମା'
ତୁହି ମା' କଲ୍ୟାଣମୟୀ
ତୋ' ଆଶିଷ ଭିକ୍ଷା
କରୁଅଛି ମାତା
ଆଗକୁ ଚାଲିବା ପାଇଁ ।୯।

ମାଆ ମାତୃଭୂମି
ଦୁହେଁ ଯେ ସମାନ
ଦୁହେଁ ଯେ ସହନଶୀଳା
ସେନେହ ମମତା
ସମାନେ ବାଣ୍ଟନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଟନ୍ତି ଯେ ସ୍ନେହଶୀଳା ।୧୦।

ତୋ'ର ଦାନ ମାଆ
ଅମୂଲ ମୂଲ ଲୋ
ସୁଝି କି ପାରିବ କିଏ ?
ଶପଥ ନେଉଛି
ସେବିବି ତୋତେ ମୁଁ
ଏ ଜୀବନ ଥିବା ଯାଏଁ ।୧୧।

ଯେତେ ବଖାଣିଲେ
ଭାଷା ପାଏ ନାହିଁ
ତୋ' ଗୁଣ ଗାଇବା ପାଇଁ
ଯେତେ ପ୍ରଣମିଲେ
ପୁଣି ଇଛା ହୁଏ
ତୋ' ପାଦ ଯାଆନ୍ତି ଛୁଇଁ ।୧୨।

ମାଆ ପରି କିଏ
ହେବ ଏ ଜଗତେ
ଭାବି ତ ପାରଇ ନାହିଁ
ତା' କାନି ପଣତ
ଶ୍ରୀମନ୍ଦିର ନେତ
ନ ଭୁଲ ଏକଥା କେହି ।୧୩।

ମା'ର ବିକଳ୍ପ
ନାହିଁ ଏ ସଂସାରେ
ସୁଧୀଜନେ ମନେରଖ
ମାତୃପୂଜା କରି
ତା' ଚରଣେ ବନ୍ଦି
ଲଭିବା ଅମାପ ସୁଖ ।୧୪।

ଶେଷ ଇଛା ମାତା
ପୁରଣ କରିବୁ
ହେଉଥିବୁ ମୋତେ ସାହା
ଯେତେ ଥର ଏହି
ସଂସାରେ ଜନ୍ମିବି
ତୁହି ହେବୁ ମୋର ମାଆ ।୧୫।

ଶିକ୍ଷୟିତ୍ରୀ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଅଲଗୁମ
ନିମାପଡ଼ା, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା ପରି କିଏ ହେବ



ରୀନା ସେଠି

ପୃଥିବୀଠୁ ବଡ ତାର ନାଁଟି ଯେମିତି
ଗୁଣରେ ରୂପରେ
ସଦା ପୂଜାପାଏରେ ସେମିତି
ସେ ମା, ମା
ମା ପରି କିଏ ହେବ (୧)

ଗାଳି ତାର ଦାଣ୍ଡଧୂଳି
ଦେହେ ବୋଳିହୋଇ
ମାଟିପରି ଧୋଇଯାଏ
ପ୍ରତି କ୍ଷଣେ ସେହି
ସେ ମା, ମା
ମା ପରି କିଏ ହେବ (୨)

ଦରଦୀ ମୁହଁରେ ସେ
ଯେ ଫୁଟାଏ ହସ
ଦୁଃଖ ବେଳେ କାନ୍ଦି ଥାଏ
ସୁଖରେ ଯେ ବଶ
ସେ ମା, ମା
ମା ପରି କିଏ ହେବ (୩)

ତାର ସେଇ ପଣତ ଟି
ସବୁରି ଝୁଲଣା।
ତାର ପିଲା ପାଇଁ ସିଏ
ସହେ ରେ ବୋଲ ଣା।
ସେ ମା, ମା
ମା ପରି କିଏ ହେବ (୪)

ମା'ର ଅଟେ ପୁଣି
ଚାରି ରୂପ ଶ୍ରେଷ୍ଠ
କେବେ ସେ ଲକ୍ଷ୍ମୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି କେବେ ସରସ୍ୱତୀ
ସେ ମା, ମା
ମା' ପରି କିଏ ହେବ (୫)

ବେଳେବେଳେ ମା
ଦୁର୍ଗା ସର୍ବସଂହା
ଆଉ ବେଳେ ଖର୍ପ
ଧରିଣ କାଳିକା
ସେ ମା, ମା
ମା ପରି କିଏ ହେବ (୬)

ଦୁନିଆର ଶ୍ରେଷ୍ଠ ସ୍ଥାନେ
ଯିଏରେ ବସିଛି
ବସି ବସି ଧରା ଧାମ
ସେ ସଜାଡୁଛି
ସେ ମା, ମା
ମା ପରି କିଏ ହେବ (୭)

ମା'କୁ ଦେଉଥାଅ ସଭିଏଁ ସମ୍ମାନ
ମା' ମନେ ନଦିଅ
କେବେରେ କଷ୍ଟ ଣ
ସେ ପରା ଜନ୍ମଦାତ୍ରୀ
ସେ ମହୀୟସୀ
ସେ ମା, ମା
ମା ପରି କିଏ ହେବ (୮)

ମା ପରା ଯୁଗେ ଯୁଗେ
ଚିର ବନ୍ଦନୀୟା
ମା ପରା ଚାରି ଯୁଗେ
ସଦା ସମ୍ମାନୀୟା
ସେ ଆମ ମା, ମା
ମା ପରି କିଏ ହେବ (୯)

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜନନୀ



ନିରୁପମା ପଣ୍ଡା

ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି
ରହି ଯାଇଛି ଲେଖାରେ
ଆତ୍ମୀୟତା ଖୋଜୁଅଛି ଜନ୍ମଦାତ୍ରୀ
ସନ୍ତାନ ର ଅନ୍ତରରେ।।

ପ୍ରସବ ବେଦନା ଲୁହ ଲହୁ ପିଇ
ସଂସାରକୁ ଆଣିଥିଲା
ଗରଭେ ଗୋଇଠା ଖାଇଥଲା ମାଆ
ଆନନ୍ଦ ମନରେ ଥିଲା।।

ତେଲ ହଳଦୀ ସେ ମାଖି ଦେଉଥିଲା
ଅଙ୍ଗରୁ ଅମୃତ ଦେଇ
ମନର ବେଦନା କହି ପାରେ ନାହିଁ
ରହୁଅଛି ଲୁହ ପିଇ।।

ଗଙ୍ଗା ଜଳ ପରି  ମଳ ମୁତ୍ର ସବୁ
ଦେହରେ ସେ ବୋଳି ଥିଲା
ଆଖିରେ ଆଖିଏ ସପନ ରଖି ସେ
ସନ୍ତାନ ବଡ଼ କରିଲା।।

ଘଣ୍ଟା କଣ୍ଟା ପରି ଗତିଶୀଳ ହୋଇ
ଅବିଶ୍ରାନ୍ତେ ଥିଲା ଧାଇଁ
କଣ୍ଟକିତ ପଥେ କେତେ ସେ ଚାଲିଛି
ନିଶ୍ୱାସ ରେ ନିଆଁ ସହି।।

କୁସୁମିତ କଣ୍ଟକିତ ମା ଦେଖେନି
ଛୁଆ ଲାଗି ଧାଇଁ ଯାଏ
ଭାତହାଣ୍ଡି ପରି ରଢ ନିଆଁରେ ବି
ମାଆଟିଏ ସିଝିଥାଏ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେସର ପରି ସେ ବାଟି ହୋଇଥାଏ
ଚୁନା ପରି ପେଶି ହୁଏ
ନିଜ ଯନ୍ତ୍ରଣାକୁ ଘୋଡ଼େଇ ଦେଇ ସେ
ତା ଛୁଆକୁ ଚାହୁଁଥାଏ।।

ଆଜି ତା ମନ ଟା ଜଞ୍ଜିରରେ ବନ୍ଧା
ମିଛ ଏଇ ସଂସାରରେ
ସ୍ୱପ୍ନ ସବୁ ତାର ମିଳାଇ ଯାଉଛି
ସନ୍ତାନ ଙ୍କ  ଔଦ୍ଧତ୍ୟ ରେ।।

ବାଲ୍ୟ ଚପଳତା ବୁଝି ପାରୁଥିଲା
ମାତା ପିତାଙ୍କର ମନ
ନିଶ୍ୱାର୍ଥ ମନରେ ସ୍ୱାର୍ଥ ସୃଷ୍ଟି ହେଲା
ମାଆ କାନ୍ଦେ ରାତି ଦିନ।।

ସାତ ପର ଆଜି ମାଆ ହୋଇଯାଏ
ରକ୍ତ ସମ୍ପର୍କ ରେ ଭାଗ
ପରିବାର ମଧ୍ୟେ ଅଙ୍କ କଷା ହେଲା
ତୋ ମୋ ଭିତିରି ଭାବ।।

ତଥାପି ସେ ମାଆ ବଞ୍ଚିଥିବା ଯାଏ
ଆଶିଷ ଅଜାଡ଼ି ଥାଏ
ଅସୁମାରୀ କୋହ ଛାତିରେ ଚାପି ସେ
ମୋ ସନ୍ତାନ ଭଲ କୁହେ।।

ଅରେହିକଣା, ଆଳି, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚୁମା



ଅଜିତ କୁମାର ପାଢ଼ୀ

ଡିସେମ୍ବର ତୁମ ଶେଷ ଚୁମା
ନିର୍ବାଣ ହେବଟି କାଲି
ଶେଷ ସକାଳ ଶେଷ କିରଣେ
ତୁଷାରରେ ଦୁର୍ବାଦଳେ ଦେବଟି ଢାଳି
ଡିସେମ୍ବର ତବ ଚୁମା ଶେଷକାଲି

ସ୍ମୃତି ହୋଇ ନା  ଅବଶୋଷ
ମୁଁ ଥିଲି କଅଁଳିଆ ଘାସ
ଶୀତରେ ସଅଁଳିଆ ସଅଁଳିଆ
ମୋ ଘାସ
ତୁଷାରର ଶ୍ୱେତ ଚାଦରରେ
ଡିସେମ୍ବର ମୁଁ ତୁମ ହୃଦୟରେ
ଥିଲି ମୁଁ ସାଉଁଳି
ତୁମ ଲୋହିତକିରଣ ଚୁମାରେ
ଲୁଚିଯାଏ ଶ୍ୱେତ ଚାଦର
ମୁ ଦୁର୍ବାଦଳ ହସି ହସି ଯାଏଁ ଖେଳି
ଡିସେମ୍ବର ତୁମ ଚୁମା ଶେଷ କାଲି

ମୋ ପାଇଁ
ନୁଆଁହୋଇ ଆସିବ ତୁମେ ସୂର୍ଯ୍ୟ
ଜାନୁଆରୀ ମୋ  ପାଇଁ ଭାରିକଷ୍ଟ
ଶୀତର ଠୁଠୁର ଠୁଟୁର ଭିତରେ
ରାତ୍ରିସାରା  ଶ୍ୱେତଶିଶିର ଘେରାରେ
ମୋ ସାଉଳିଆ " ଘାସ " ଥିବ ମଉଳି
ତୁମ ଉଇଁବା  ଭିତରେ ମୋ ଚେଇଁବା
ତୁମ କିରଣର ଚୁମା ହେବଟି ବିଳମ୍ବ
ସ୍ମୃତି ହୋଇରହିଯିବ ଡିସେମ୍ବର
ତୁମ ଚୁମା ମୋ" ଘାସେ " ଶେଷ କାଲି
ତୁମ ଚୁମା ଶେଷ କାଲି. ,,,,
ଡିସେମ୍ବର ତୁମ ଚୁମା ମୋ ପାଇଁ
ଶେଷ କାଲି

ନୂଆପଡା, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବଦାନ



ପୂର୍ଣ୍ଣଚନ୍ଦ୍ର ମେହେର

ଧନ୍ୟ ପିତୃଦେବ ଅବଦାନେ ତୁମ
ମାତୃ ଗର୍ଭେ ପାଇ ସ୍ଥାନ
ଭୂମିଷ୍ଠ ହୋଇ ମୁଁ ଏ ଅବନୀ ପୃଷ୍ଠେ
ଦେଖିଲି ସୃଷ୍ଟି ଭିଆଣ ।     ( ୧ )

ପୂରୁବ ଜନମେ କି ଜନମ ମୋର
ଜ୍ଞାତେ ନାହିଁ ଅତୀତର
ତୁମରି ଔରସୁ ପୁତ୍ର ଜନମିଲି
ଧ୍ୟାନେ ଥିବି ନିରନ୍ତର ।     ( ୨ )

ଶାନ୍ତି,ଦୟା, କ୍ଷମା, ଶିକ୍ଷା ଓ ସଂସ୍କାର
ଗୁଣ ସ୍ଥାପିଅଛ ଗୁଣେ
ତୁମ ଶିକ୍ଷା ବଳେ ମଧୁ ଭାଷା ଭାଷି
ରହୁଥିବି ଜନମନେ ।     ( ୩ )

ଚାରି ତୀର୍ଥଧାମ ତୁମ ଶ୍ରୀଚରଣେ
ତୀର୍ଥ କ୍ଷେତ୍ର କିମ୍ପା ଯିବି
ତୁମରି ଆଶିଷ ମୁଣ୍ଡେଇ ଚାଲିବି
ଯେତେକାଳ ବଞ୍ଚିଥିବି ।     ( ୪ )

ମାନସ ମନ୍ଦିରେ ହୃଦ ସିଂହାସନେ
ଭଗବାନ ହୋଇଥାଅ
ଆଶିଷ ମାଗୁଛି କରଙ୍କେ ହେ ପିତା
ଆଶୀର୍ବାଦ ଢାଳିଦିଅ ।     ( ୫ )

ଲାଳନେ ପାଳନେ ଯତନେ ଗଢ଼ିଛ
ବାପା ତୁମେ ମହିୟାନ
ପୁତ୍ର ପାଇଁ ତୁମେ କେଡ଼େ ତ୍ୟାଗୀ ଅଟ
ଶୁଝିକି ପାରିବି ଋଣ ।     ( ୬ )

ଜଲିଆ ଦର୍ହ ( ସଇନ୍ତଲା ), ଜିଲ୍ଲା - ବଲାଙ୍ଗୀର
ମୋ. ନ. : ୯୪୩୮୦୬୮୮୨୫

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଖୁସି କାହିଁ ପାଇଁ



ବିଷ୍ଣୁ ପ୍ରସାଦ ମିଶ୍ର

ମଣିଷ ଜୀବନ ଏମିତିକା ଏକ
ଅଦ୍ଭୁତ ଶୈଳୀରେ ଲେଖା ,,
ତାହାରି ନିକଟେ ରହିଥାଏ ସଦା
ଅଭୁଲା ଦୁଇଟି ରେଖା ।୦।

ନିଜ ଅଙ୍ଗ ଭଳି ଗଠିତ ଜୀବନ
ପ୍ରତ୍ୟେକ ଦୁଇଟି ତାର ,,
ଜନମ ମରଣ ମଝିରେ ଆସଇ
ପ୍ରତି ପାଦେ ଦୁଇ ଧାର ।୧।

ବାମ ଓ ଡାହାଣ ଆଗ ଆଉ ପଛ
ପାଦରୁ ମସ୍ତକ ପରି ,,
ଉପର ଓ ତଳ ସବୁଠି ତାହର
ଦୁଇଟି ରହିଛି ଭରି ।୨।

ହଁ-ନାହିଁ, ଜ୍ଞାନ-ଅଜ୍ଞାନ,କୁ ନେଇ
ଗତ-ଆଗତ, ସାଥିରେ ,,
ପାପ-ପୁଣ୍ୟ, ଲାଭ-କ୍ଷତି, ହସ-କାନ୍ଦ,
ଲୋଡ଼ା-ଅଲୋଡ଼ା, ଭିତରେ ।୩।

ଦେବା-ନେବା,, ଜଣା-ଅଜଣା, ଆହୁରି
କିଣା-ବିକା, ଖାଲି-ଭରି ,,
ମୋର ଓ ତାହାର, ରୋଗ-ପ୍ରତିକାର,
ମୁଁ-ସିଏ, ଉଶ୍ୱାସ-ଭାରି, ।୪।

ନିଜର ଓ ପର, ତ୍ୟାଗ ଓ ବନ୍ଧନ
ବିଶ୍ୱାସ ଓ ଅବିଶ୍ୱାସ ,,
ଚେଇଁବା-ଶୋଇବା, ଖାଇବା-ପିଇବା
ନିଶ୍ୱାସ ଆଉ ପ୍ରଶ୍ୱାସ ।୫।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୀର୍ତ୍ତି-ଅପକିର୍ତ୍ତି, କର୍ମ ଓ ବିରତି
ନିନ୍ଦା-ପ୍ରଶଂସା, ଯେ ପୁଣି ,,
ଖ୍ୟାତି-ଅପମାନ, ମାନ-ଅଭିମାନ,
ଆଦର ଓ ହିଂସା ବେନି ।୬।

ସ୍ୱାଗତ-ବିଦାୟ, ଦୟା-ନିରିଦୟ ,
ବିଚାର ଓ ଅବିଚାର ,,
କୁଣ୍ଠିତ ଓ ଅକୁଣ୍ଠିତ, ଲାଭ-କ୍ଷତି
ଖାତିର ଓ ବେଖାତିର ।୭।

ପ୍ରତିକ୍ଷା-ତିତୀକ୍ଷା, ଅପେକ୍ଷା-ଉପେକ୍ଷା
ସହିତ ଭାବ-ଅଭାବ ,,
ଗର୍ବ-ଅହଙ୍କାର, ପ୍ରତ୍ୟକ୍ଷ-ପରୋକ୍ଷ
ସତ-ମିଛ, ଭୟ-ଦମ୍ଭ ।୮।

ଦୁଃଖ-ସୁଖ, ସହ୍ୟ-ଅସହ୍ୟ ତ ପୁଣି
ପ୍ରୀତି-ଅପ୍ରୀତି ସହିତ
ଜଡିତ- ବିଛିନ୍ନ ଘାତ-ପ୍ରତିଘାତେ
ଏ ମାନବ ଆତଯାତ।୯।


ଆସିବା ଓ ଯିବା ଭିତରେ ରହିଛି
ଏମିତି କେତେ ବରଷ ,,
ଗଲା ତ ତେଇଶି ଆସିଲା ଚବିଶି
ଏଥିକୁ କିପାଇଁ ଲେସ ।୧୦।

ରଥଶର୍ମା କଲୋନୀ, କୋରାପୁଟ
୯୧୨୪୦୪୯୧୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଈଶ୍ୱର



ଭାରତୀ ହୋତା

ମୁଁ ତ ଆକୁଳ ହୋଇ ହାତ ପତେଇ
ମାଗିନେଇଥିଲି ତୁମ ଅନୁମତି
ଟାଙ୍ଗି ଦେବାକୁ ନିଜ ନାମାଙ୍କିତ ଫଳକ
ତୁମ ହୃଦୟର କାନ୍ଥରେ ।

କିନ୍ତୁ ମୋ ହାତ ମାଗିବା ଆଗରୁ ହିଁ
ତୁମେ ସ୍ୱାକ୍ଷର କରି ସାରିଥିଲ
ଆଉ କାହା ଅବେଦନ ପତ୍ରର ।

ମୋ ଆତ୍ମାଭିତରୁ ନିସୃତ  ଅହଂ
ଆକାଶରୁ ଖସି ଝୁଲୁଥିଲା ଶୂନ୍ୟରେ
ତୁମ ନୀରବ ଉପେକ୍ଷା ଲାଗି ।

ତଥାପି ବି କେଉଁ ଏକ ନିଭୃତ କୋଣରେ
ଉଙ୍କି ମାରୁଥିବା ବିଶ୍ୱାସରେ
ମୁଁ ଥିଲି ଅନ୍ଧ
ତୁମ ବଦାନ୍ୟତା ପିପାସାରେ
ଅନବରତ ପ୍ରଲମ୍ବିତ ମୋ ଦୁଇ ହାତ ।

ତୁମେ ଦିବ୍ୟ ଦେବତା ବୋଲି ତ
ତୁମ ଉଚ୍ଚାରିତ ପ୍ରତିଟି ଶବ୍ଦ
ମୋ ପାଇଁ ଥିଲା ଅଭୟ ବରଦାନ।

ଅମାପ ଶୂନ୍ୟତାକୁ ଖୁବ୍ ଡର ମୋର
ତଥାପି ପୂର୍ଣ୍ଣତା ସହ ଯୋଡ଼ି ହୋଇପାରେନି ।

ଈଶ୍ୱର ଏବେ ମୋ ପୂଜା ଘରେ
ମୋ ଧୂପବାସ୍ନା ଓ ସଞ୍ଜବତିରେ
ମୋ ପ୍ରାର୍ଥନା ଓ ଚିନ୍ତନରେ
ତାଙ୍କ କରୁଣାର ଶୁଭାଶିଷ
ସବୁ ଝରୁଛି ମୋ ଭିକ୍ଷା ପାତ୍ରରେ ।

ଖରିଆର୍ ରୋଡ଼, ନୂଆପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅତୀତକୁ ଭୁଲି ଆଗକୁ ବଢ଼ିବା



ପଙ୍କଜ କୁମାର
ମଙ୍ଗଳ

ବିତିଥିବା ଦିନ ସ୍ମୃତିରେ ଥାଉ
କିଛି ଅନୁଭୂତି ସାଥିରେ ରହୁ,
କାଲିର ଶିକ୍ଷାକୁ ପାଥେୟ କରି
ଭବିଷ୍ୟ ଯୋଜନା କାର୍ଯକାରୀ ହେଉ।
ନ ଫେରିବ କେବେ ବିତିଲା ସମୟ ଏ କଥାକୁ ସଦା ମନେ ରଖିବା,
ନୂଆ ବରଷରେ ନୂଆ ଲକ୍ଷ୍ୟ ପାଇଁ ଅତୀତକୁ ଭୁଲି ଆଗକୁ ବଢ଼ିବା।

ସମୟ ସ୍ରୋତରେ ବହିବାକୁ ହେବ
ଅଟକିବ ଯଦି ନିଶ୍ଚିତ ହଜିବ,
ସ୍ରୋତ ଅନୁକୂଳ ବେଗ ବଢ଼ାଇବ
ପ୍ରତିକୂଳ ଥିଲେ ଧର୍ଯ୍ୟ ନ ହରେଇବ।
ସମୟ ଅନୁରୂପ କର୍ମକୁ କରି ସମୟ ଗର୍ଭରୁ ଲକ୍ଷ୍ୟ ସାଉଁଟିବା,
ନୂଆ ବରଷରେ ନୂଆ ଲକ୍ଷ୍ୟ ପାଇଁ ଅତୀତକୁ ଭୁଲି ଆଗକୁ ବଢ଼ିବା।

କାଲିର ବିଶାଦ ଅସ୍ତ ହୋଇଯାଉ
ଆଜିର ସୂର୍ଯ୍ୟ ଉଲ୍ଲାସ ଆଣି ଦଉ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଲିପାଇଁ ଆଜି ବ୍ୟର୍ଥ ନ ଯାଉ

ଭବିଷ୍ୟ ପାଇଁ ସଦା ପ୍ରୟାସ ରହିଥାଉ।

ବିଫଳତା ସ୍ୱାଦ ତିକ୍ତ ହେଲେବି ନିରନ୍ତର କର୍ମ କରି ଚାଲିବା,

ନୂଆ ବରଷରେ ନୂଆ ଲକ୍ଷ୍ୟ ପାଇଁ ଅତୀତକୁ ଭୁଲି ଆଗକୁ ବଢ଼ିବା।

ମାନବ ଚିହ୍ନିବାରେ ତ୍ରୁଟି ଯଦି ହୁଏ

ଅଭିଜ୍ଞ ଚକ୍ଷୁରେ ପରକ୍ଷୀ ନିଅ,

ଗୋଟିଏ ତ୍ରୁଟିକୁ ବାରମ୍ବାର ନ କରି

ସଚେତ ହୋଇ ସଦା ବଢୁଥାଅ।

ପ୍ରତିଶୋଧ ଭାବନା ମନରେ ନ ରଖି ସବୁ ସ୍ଥିତିରେ ନିଜକୁ ସୁଧାରିବା,

ନୂଆ ବରଷରେ ନୂଆ ଲକ୍ଷ୍ୟ ପାଇଁ ଅତୀତକୁ ଭୁଲି ଆଗକୁ ବଢ଼ିବା।

ପଙ୍କଜ କୁମାର ମଙ୍ଗଳ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର

ଦୂରଭାଷ-୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସମ୍ପର୍କର ଇସ୍ତାହାର



ଅଭିଷେକ
ମହାପାତ୍ର

ପୁରୁଣା ବ୍ୟାଗ୍ ରୁ ସୂତା ବାହାରିଲେ
ତାଳିପକା ପ୍ୟାଣ୍ଟରୁ ହୁକ ଛିଣ୍ଡିଗଲେ
ସମ୍ପର୍କର ଅଡୁଆ ସୂତା ସବୁ
ଖିଅ ହେଇ ଘୁରିବୁଲନ୍ତି ଜୀବନର ପାମ୍ପରା ନଟେଇରେ ।

ଅହେତୁକ ପ୍ରେମ କରୁଥିବା ପ୍ରେମିକା
ଫି ସନ ଫେଲ୍ ହେଲେ ସ୍ନାତକରେ
ଦୁଇ ଚାରିଥର ;
ମୁହଁ ମୋଡ଼େ ସ୍ମୃତିର ମରୁଭୂମି ଆଡେ ।

କଲେଜର ସୁନ୍ଦରୀ ଅଧ୍ୟାପିକା ଆଖି ମାରେ
ଯୁକ୍ତ ତିନି ବିଜ୍ଞାନ ଛାତ୍ରର ନିପାରିଲା ପଣକୁ।

ପ୍ରେମିକାର ପ୍ରତ୍ୟାଖ୍ୟାନ ଅସଂଯତ ହେଲେ ଛାତିରେ;
ଆଖିରୁ ଲୁହ ଗଡ଼େ,
ବେଶି ହେଲେ ଖାତାର ଦି ଧାଡ଼ି ଅକ୍ଷରରେ ବନ୍ଧା ପଡେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖିର ବୁନ୍ଦା ବୁନ୍ଦା ଲୁଣିଆ ରସ

ଖସିପଡ଼େ ଗାଲ ଦେଶର ଶୁଷ୍କ ଅନୁର୍ବର କ୍ଷେତ ଆଡେ ।

ଏ ସମ୍ପର୍କ ବେଶିରେ ଲୁହ ଦେଇ ଜାଣେ ,

ଦେଇ ଜାଣେ କୋହ ,

ଅନାସ୍ଥା ପ୍ରସ୍ତାବରେ ହଟ୍ଟଗୋଳ କରି ଜାଣେ ,

ଇସ୍ତାହାର ଲେଖିଦେଲେ -

ପଛୁ ଡାକେ ରହରହ - ଅହରହ !

ଅଭିଷେକ ମହାପାତ୍ର

ଗ୍ରାମ - ରାମଦାସପୁର, ପୋଷ୍ଟ- କୋଲଣଗିରି

ଭାୟା - ଇନ୍ଦୁପୁର, ଜିଲ୍ଲା - ଯାଜପୁର

ପିନ୍ -୭୫୪୨୧୪, ଦୂରାଭାଷ - ୮୭୩୭୨୧୦୩୭୪

ଇ-ମେଲ୍- abhisekmohapatra0167@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛାତ୍ରୀ



ସୁଶ୍ରୀ ସମ୍ଭାବନା
ସେଠୀ

ମୁଁ ସେଇ ଛାତ୍ରୀ
ହେବି ସଭିଙ୍କ ଆଦରର ପାତ୍ରୀ
ମୋ ଜୀବନକୁ ସଫଳ କରିବା ପାଇଁ
ମୁଁ ଯିବି ଉଚିତ୍ ମାର୍ଗରେ ଧାଇଁ
ହସି ହସି ମୁଁ ପାଠ ପଢ଼ିବି
ବଡ ହେଲେ ଭଲ ମଣିଷ ହେବି
ଖରାପ କଥାରେ ପଶିବି ନାହିଁ
ବୁଦ୍ଧି ମୋହର ହଜାଇବି କାହିଁ
ସ୍ୱପ୍ନର ଦୁନିଆକୁ କରିବି ମୁଁ ସତ
ବାସ୍ତବିକତାକୁ ଆଣି ହେବି ମୁଁ ଉନ୍ନତ

ବାପାମା'ଙ୍କ କଥା ମାନି ମୁଁ ଚଳିବି
ତେବେ ଯାଇ ସୁନା ପିଲାଟେ ହୋଇବି
ଭାଙ୍ଗିବିନି ମୁଁ କାହାର ଆଶା
ପୂର୍ଣ୍ଣ କରିବି ସବୁରି ଇଚ୍ଛା
ଛାଡ଼ିବିନି ଜୀବନେ ମୁଁ କେବେ ସେବା
ପ୍ରକୃତି ମା'କୁ ଭଲପାଇବା ଦେବା
ସମସ୍ତଙ୍କୁ କରି ମୁଁ ନିଜର
ସ୍ୱପ୍ନକୁ ମୋର କରିବି ସାକାର।

ଢେଙ୍କାନାଳ, ଓଡିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଲାଦିନ



ଶୁଭ ସାର୍ଥକ

ଗୋଟିଏ ଆଖିର କୋଟିଏ ସପନ, ଭାବିଲେ ମଉଳେ ମନ
ନିଶି ନିରୋଳାରେ ମନ ପଡ଼ିଲେ ମୋ, ପରଲଗା ପିଲାଦିନ

ନ ମାସ ନାଭୀରେ ନିବୁଜୀ ନାରୀଟେ, ବେଦନା ବିସ୍ଫୋଟ ବୋହି
ଜଳାଞ୍ଜଳି ଦେଲା ଜରାୟୁ ଯାତନେ, ମହି ନେଲା ମତେ ମୋହି

ମମତାର ମୂଲ ଲାଳନେ ପାଳନେ, ପୋଷି ମତେ କଲା ବଡ଼
ପିତୃପ୍ରେମ ପରା ଶିକ୍ଷା ସଂସ୍କାରରେ, ଗଢିତୋଳି କଲେ ଦୃଢ଼

ଚାଟଶାଳୀ ପାଠ ନପଢ଼ିଲେ ଥିଲା, ବେତ ପାହାର ଅଲୋଡ଼ା
ତଥାପି ସପନ ଦେଖୁଥିଲି ଦିନେ, ଚଢ଼ିବି କାଳିଆଘୋଡ଼ା

ବୁଧବାର ହାଟ ହଟଚମଟର, ମୁକସାକ୍ଷୀ ପୁଣି ନଭ
ପୁନେଇ ପରବ ଜାନି ଯାତରାରେ, କମ୍ପୁଥିଲା କଳରବ

ମନେପଡେ ସେହି ଫେରିବାଲା ଡାକ, ଶୁଣି କରିଥିବା ଅଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଂସାବାସନରେ ମନ ପୁଣି କେବେ, କାଠଘୋଡ଼ା ପାଇଁ କଳି

ମନେପଡେ ସେହି ଲୁଚକାଳୀ ଖେଳ, ଅବା ଛକିସୁନ ଦିନ
ବରଗଛ ଡ଼ାଳେ ମାରୁଥିଲୁ ଡ଼ିଆଁ, ଆନନ୍ଦରେ ହେଇ ଲୀନ

ବେହେରା ବାଡ଼ିରୁ ଲୁଚି କରୁଥିଲି, ଆମ୍ବ ଓ ପଣସ ଚୋରି
ନିନ୍ଦା ଅପବାଦ ଶୁଣିଥିଲି ସବୁ, ମଥା ପାତି କାନ ଡେରି

ସାଙ୍ଗ ସାଥି ମେଳେ କଟୁଥିଲା କାଳ, ବାଜିଲା ଯମର ଆରୀ
ଅକାଳେ ଝଡିଲେ ଦୁଇ ସଜଫୁଲ, ମାରଣକୁ ହାତଠାରି

ଆଶ୍ୱସ୍ତିର ଝଙ୍କା ବରଗଛ ଛାଇ, ତଳେ କରୁଥିଲୁ ମେଳି
ସମ୍ବେଦନା ସିକ୍ତ ସମୀରରେ ଥିଲା, ଖୁସି ଓ ଖେଦର ଭେଳି

ଝମ୍ପାଝାଲରିଆ ଝରଣା ଝୁଲଣା, ଝୁଲୁଥିଲେ ନଇଁ କୂଳେ
ଗୁରୁ ଗମ୍ଭୀର ସେ ଗିରିର ଗୁଞ୍ଜନ, ଗୁଞ୍ଜୁଥିଲା ତଟ ତଳେ

ପ୍ରୀତି ପ୍ରଦାୟିନୀ ଭୁବନ ମୋହିନୀ, ଥିଲା ଭାଗବତ ଘର
ସତ୍ୟ ତ୍ରେତୟା ଦ୍ୱାପର କଳିର, ଗାଥା ଶୁଣୁଥିଲେ ନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୈଜୟନ୍ତ ବାନା ବିଜୟ ବାଦନା, ବାଜୁଥିଲା ବୀରଘରେ
ପାଇକ ପୁଅର ଗୌରବ ଗୁଞ୍ଜନ, କରୁଥିଲୁ ନିଦାଘରେ

ବନ୍ଧୁବାନ୍ଧବଙ୍କ ସଙ୍ଗେ ବିହରଣ, କରି ହରଷରେ କେତେ
ଆଳାପେ ବିଳାପେ ନାଚି ଉଠୁଥିଲେ, ସୁନେଲି ସପନ ସେତେ

ଆତସବାଜିର ଆତିଶଯ୍ୟ ବଳେ, ଆକାଶରେ ଲାଞ୍ଜତାରା
ନବଜାଗରଣ ଉନ୍ମେଷ କରାଇ, ତୋଷୁଥିଲେ ଏହି ଧରା

ଛଅ ଖଣ୍ଡ ହୁଏ ଛାତିଟା ଭାବିଲେ, କୈଶୋରର କଥା ବସି
ସ୍ମୃତିମିଶା ଚିତା ନିଆଁକୁ ତେଜିଲେ, ସୁଷମାରେ ଟିକେ ନେସି

ଜୀବନଟା ଜପେ ମହା ମୃତୁଞ୍ଜୟ, ନିର୍ବାଣ ଖୋଜେ ଏ ଦୀନ
ନିଶି ନିରୋଳାରେ ମନ ପଡ଼ିଲେ ମୋ, ପରଲଗା ପିଲାଦିନ

ଶୁଭ ସାର୍ଥକ
ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ର
ଫୁଲବାଣୀ, କନ୍ଧମାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ସ୍ୱାଗତିକା ସାହୁ

ବୋଉ !
ତୁ ଏମିତି ନାଁ ଟିଏ
ଦୁନିଆଁର ଯେତେ ସମ୍ପର୍କ
ତୋ ଆଗରେ ତୁଚ୍ଛ
ସମ୍ପର୍କର ଆରମ୍ଭ
ଆଉ ଶେଷ ତୋ ଠାରୁ..

ବୋଉ,
ତୁ ଏମିତି ଡାକ୍ତରଟିଏ
ଏମ ବି ବି ଏସ ଡିଗ୍ରୀଧାରୀ ଠାରୁ ଅଧିକା ଅନୁଭବ ତୋର..
ତୋର ପଣତର ସ୍ପର୍ଶରେ,
ଅଧା ରୋଗ ଭଲ ହୋଇଯାଏ...

ଡାକ୍ତର ଠାରୁ ଅଧିକା ମହୋଷଧି
ତୋ ପାଖରେ
ସେବିକା ଠାରୁ ଅଧିକା ଅଭିଜ୍ଞତା ତୋର..
ବୋଉ,  ତୁ ଏମିତି ହାତଟିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହାର ହାତ ଥରମୋମିଟର ଠାରୁ ଅଧିକା ବାସ୍ତବ ତାପମାତ୍ରା ମାପିପାରେ...

ଆଉ  ତୋ ହାତରେ ମୁଣ୍ଡ ସାଉଁଳି ଦେଲେ ୧୦୪ ଜର ବି ଉଭାନ ହୋଇଯାଏ  କ୍ଷଣକରେ...

ବୋଉ,

ତୁ ଏମିତି ବାସ୍ନାଟିଏ

ମହକାଇଦିଏ

ଘରର କୋଣ ଅନୁକୋଣ

ସ୍ନେହଁର ସ୍ନିଗ୍ଧ ପବନରେ..

କେତେବେଳେ

କାହାର କଣ ଦରକାର ?

ଜାଣିପାରୁ ତୁ

ନକହିବା ପୂର୍ବରୁ

ସମାଧାନ ହୋଇଯାଏ ସବୁ ଆଶା...

ବୋଉ !

ତୁ ବୁଝିପାରୁ ମନର ଅଳି

ଅଶାନ୍ତ ଭିତରେ ସନ୍ଧାନ କରୁ ଶାମୁକାର ମୁକ୍ତା...

ଅଳି ଅଝଟକୁ ସହିଯାଉ

ପେଟରେ ଓଦାକନା ପକାଇ

ସମସ୍ତଙ୍କ ପେଟ କୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଶାଶ୍ୱନା ଦେଉ ତୁ...

ଛାତିରେ କୋହକୁ ଚାପି ଧରି

ବାହାରେ ହସିବା

ଆଉ ହସାଇବାର ଅଭିନୟ

ତତେ ବେଶ ଜଣା...

ବୋଉ,

ମୋର କେତେ ଗୋଇଠା ମାଡ଼

ଅଳି ଅଝଟ ସହିଛୁ

କେତେ ରାତ୍ରି ଉଜାଗରେ କଟେଇଛୁ

କେତେ ମାନସିକ କରିଛୁ

କେତେ ମିଛ କହିଛୁ ମୋପାଇଁ

ସହିଛୁ ବି ମୋ ପାଇଁ....

ବୋଉ ତୁ ଏମିତି ରାସ୍ତାଟିଏ ଲୋ

ପଥିକର ଶୋଷ ମେଣ୍ଟାଇଦେଉ

ତୋ କାନି ପଣତରେ..

ତୁ ପ୍ରେମର ସାଗର

ଅନଳ ଠାରୁ ଅଧିକ ତେଜସ୍ୱିନୀ

ଧର୍ଯ୍ୟର ସୀମାଠାରୁ  ବେଶୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ଠାରୁ ଆହୁରି କ୍ଷିପ୍ର

ତୋର ଗତି

ତୁ ଜାୟା, ଜନନୀ ଭଗିନୀ

ତୁ ବୋଉ ସବୁ ସମସ୍ୟାର ସମାଧାନ

ସବୁ କବିତାର ଉପପାଦ୍ୟ

ସବୁ ନାଆର ନାଉରୀ ଲୋ ବୋଉ

ତୋ ବିନା ଏ ଜୀବନ ତୁଚ୍ଛ

ସବୁ କ୍ଷେତ୍ରେ ଅସମର୍ଥ

କେବଳ ତୋର ଆଶୀର୍ବାଦ ଲୋଡ଼ା ବୋଉ...

ଚଢ଼ିଯିବି ଗିରୀଶୃଙ୍ଗ

ଲଙ୍ଘିଯିବି ସାତ ଦରିଆ

ଖାଲି ତୋର ହାତ

ମୋ ମଥାରେ ଥାଉ

ଆଶିଷର ମହୁ ଝରୁଥାଉ

ପ୍ରେମର ବନ୍ୟା ପ୍ରବାହିତ ହେଉଥାଉ

ଅନଳରେ ଦିବ୍ୟତା ମିଳୁଥାଉ ଲୋ ବୋଉ...

ଲୋଡ଼ାନାହିଁ କିଛି ଆଉ...


ଅଧ୍ୟାପିକା, କନ୍ଧମାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମକୁ ଖୋଜୁଛି ଭିଡ଼ ଭିତରେ



ବିନତା ଜେନା

ନିଶାର୍ଦ୍ଧରେ ତୁମ ସ୍ପର୍ଶ
ନିଦ୍ରାରେ ତୁମ ସ୍ଥିତି
ଅନିଦ୍ରା ରଜନୀ ଯାଏ ବିତି
ଅସୁସ୍ଥ ମନ ଚାହେଁ ତୁମରି କାଉଁରୀ ଛୁଆଁ
ଅମାନିଆ ମନ ଖୋଜେ
ତୁମ ପ୍ରୀତି ସାନିଧ୍ୟ.
ସ୍ୱପ୍ନ କି ସତ ହୁଏ.....
କାହିଁ ଭାବେ ସତେ ଏତେ
ମନ ଗହୀରରେ ଉଙ୍କେ
ତୁମ ପ୍ରତିଛବି.
ଦୂର ଆକାଶର ଜହ୍ନ ତୁମେ
ମୁଁ କୁଆଁରୀ କଇଁ
ପାଇବନି ହାତ କେବେ
ପାରିବିନି ଛୁଇଁ

ଦୂରେଥାଇ ଢାଳ ସିନା ପ୍ରୀତିସୁଧା ଜୋସ୍ନା......
ତଥାପି ମୁଁ ଚାହିଁ ରହେ
ସୁଢଳ ନୟନେ
ତୁମ ନୀଳ ଇଲାକାରେ ମନ ମଜ୍ଜି ରହେ....
ପାଇବିନି ଯାଣିଛି ମୁଁ
ହେଲେ ମନ ଖୋଜେ
ଅସୁମାରୀ ଭିଡର ତରଙ୍ଗେ
କାଳେ ମୋତେ ମିଳିଯିବ
ମୋ ପ୍ରେମ ପୀୟୂଷ
ଆନ ଆଢୁଆଳେ..।

ବାଗୁରାଇ, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୃତ୍ୟୁ ମୋର କାଲି ସୁନିଶ୍ଚିତ !



ପ୍ରଭାସ କୁମାର
ମହାପାତ୍ର

ମୃତ୍ୟୁ ମୋର କାଲି ସୁନିଶ୍ଚିତ ଭାଇ
ମୃତ୍ୟୁ ମୋର ସୁନିଶ୍ଚିତ ।
ହସି ହସେଇବି ଆଜି ପୁରା ଦିନ
କାଲିକି ନଥିବି ସତ ॥
ମୃତ୍ୟୁ ମୋର ସୁନିଶ୍ଚିତ ଭାଇ, ମୃତ୍ୟୁ ମୋର ସୁନିଶ୍ଚିତ ॥।

ମିଶିବି ଆଜିମୁଁ ସଭିଙ୍କ ସାଥିରେ
ମିତ୍ର ହେଉ ଅବା ଶତ୍ରୁ ।
କାଲିକି ନଥିବି ଏଇ ଦୁନିଆଁରେ
ନାହିଁ କେହି ମୋର ଶତ୍ରୁ ॥
ମୃତ୍ୟୁ ମୋର ସୁନିଶ୍ଚିତ ଭାଇ, ମୃତ୍ୟୁ ମୋର ସୁନିଶ୍ଚିତ ॥।

ସାରିବାକୁ ହେବ ଆଜି ବହୁ କାମ
ଅଛି କେତେ କାମ ବାକି ।
ସମୟ ମୋହର ନିକଟ ହେଉଛି
ଅଛି କିଛି କ୍ଷଣ ବାକି ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୃତ୍ୟୁ ମୋର ସୁନିଶ୍ଚିତ ଭାଇ,ମୃତ୍ୟୁ ମୋର ସୁନିଶ୍ଚିତ ।।।

କିଛି ଯଦି ବାକି କହିବାର ଅଛି

କହିଦିଅ ଆଜି ଡାକି ।

କାଲିକି ନଥିବି ଏଇ ଦୁନିଆରେ

ଶୁଣିପାରିବିନି ବାକି ।।

ମୃତ୍ୟୁ ମୋର ସୁନିଶ୍ଚିତ ଭାଇ, ମୃତ୍ୟୁ ମୋର ସୁନିଶ୍ଚିତ ।।।

ପଢିବାକୁ ଅଛି ଅନେକ ବହିକୁ

ନପାରିବି ପଢି କାଲି ।

ସମୟ ମୋହର ଘନେଇ ଆସୁଛି

କାଲିକି ଯିବିମୁଁ ଚାଲି ।।

ମୃତ୍ୟୁ ମୋର ସୁନିଶ୍ଚିତ ଭାଇ, ମୃତ୍ୟୁ ମୋର ସୁନିଶ୍ଚିତ ।।।

ମୟୁରଭଞ୍ଜ, ଓଡିଶା

ଦୂର ଭାଷ -୯୮୬୧୬୦୮୩୦୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାୟାବିନୀ



ବାସନ୍ତୀ ଲତା ଜେନା

ନୀଳ ନୟନୀ ତୁ ଚମ୍ପା ଫୁଲ ତନୁ
ଚନ୍ଦ୍ରମୁଖୀ ତୁ ରମଣୀ
ତୋ ଲାବଣ୍ୟା ଠାଣି ମୋତେ ନେଲା କିଣି
ତୋ ପ୍ରେମେ ହେଲି ବନ୍ଦିନୀ ।୧।

ଭାବ ଦିଆ ନିଆ ମୋ ଠାରେ କରିଲୁ
କରି ନେଲୁ ଆପଣାର
ମନ ଚୋରି କଲୁ ଚିତ୍ତକୁ ତୁ ଦେଲୁ
ଦିନ ଲାଗିଲା ସୁନ୍ଦର ।୨।

ନାଲି ଅଧରରେ ସ୍ମିତ ହସ ତୋର
ମୋତେ କରିଲା ବିଭୋର
ଶୟନେ ସପନେ ତୋ କଥା ଭାବିଲି
ମୋ ହୃଦେ କରିଲୁ ଘର ।୩।

ସରଳ ମନରେ ବିଶ୍ୱାସ ଭରିଲୁ
ଭରସାର ସ୍ନେହ ଦେଇ
ଆଗାମୀ ଜୀବନେ ସାଥି ହେବା ପାଇଁ
ରାଣ ଦେଇ ଥିଲୁ କହି ।୪।

ସମୁଦ୍ର କୂଳରେ କେତେ ବୁଲି ଥିଲେ
ପାହାଡ଼ ପର୍ବତ ନଈ
ଜୀବନ ସାଥୀର କଳ୍ପନା କରିଲେ
ହାତ ଧରାଧରି ହୋଇ ।୫।

ଦଉଲତ ଲୋଭ ତୋହର ଯେ ଥିଲା
ମାୟାବିନୀ କଳା ଛାଇ
ସ୍ୱାର୍ଥ ଜଡିତ ଯେ ତୋର ପ୍ରେମ ଥିଲା
ବୁଝି ମୁଁ ଯେ ନ ପାରଇ ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱାସ ଭରସା ତୋତେ ମୁଁ କରିଲି
ଜହର ପିଆଇ ଦେଲୁ
ଅନ୍ୟ ହାତ ଧରି ପର କରି ଦେଲୁ
ଟାଇମ୍ ପାଶ୍ କହି ଦେଲୁ ।୭।

ମାୟାବିନୀ ତୁହି କପଟି ନାଇକା
ମୋତେ ବୁଝିଲୁନି ତୁହି
ଭୁଲିବାକୁ ଚାହିଁ ଭୁଲି ପାରୁନାହିଁ
ଅନ୍ତରେ ଜଳୁଛି ଜୁଇ ।୮।

ଯେଉଁଠାରେ ଥାଅ ଭଲରେ ଥାଅ ତୁ
ଧୋକ୍କା ତାଙ୍କୁ ଦିଅ ନାହିଁ
ମନ ଯୋଡିବାକୁ ଶକ୍ତି ଯେବେ ନାହିଁ
ମନ ଭାଙ୍ଗ କାହିଁ ପାଇଁ ।୯।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ନୁହେଁ



ରାହୁଲ ଚନ୍ଦ୍ର
ଘଡ଼େଇ

ତୁମ ସହ ପ୍ରତ୍ୟେକ୍ ଟି ଦେଖା
ଚୀର ସ୍ମରଣୀୟ "କିନ୍ତୁ"
ତୁମେ ନୁହେଁ.......।

ମୋ ହୃଦୟରୁ ନୀଶୃତ ପ୍ରତ୍ୟେକ୍ ଟି ଶବ୍ଦ
କେବଳ ତୁମରି ସଂସ୍ପର୍ଶରେ "କିନ୍ତୁ"
ତୁମେ ନୁହେଁ........।

ମୋ ଆଖିରେ ଦେଖୁଥିବା ପ୍ରତ୍ୟେକ୍ ଟି ସ୍ୱପ୍ନ
କେବଳ ତୁମରି ପାଇଁ "କିନ୍ତୁ"
ତୁମେ ନୁହେଁ........।

ତୁମ ଆଖିରେ ପ୍ରତ୍ୟେକ୍ ଟି ସ୍ୱପ୍ନ
ମୋ ଜୀବନର ଗୋଟିଏ ଲକ୍ଷ୍ୟ "କିନ୍ତୁ"
ତୁମେ ନୁହେଁ........।

ତୁମ ଓଠରୁ ନିଶୃତ ପ୍ରତ୍ୟେକ୍ ଟି ଶବ୍ଦ
ମୋ ହୃଦୟ ସ୍ପର୍ଶୀ "କିନ୍ତୁ"
ତୁମେ ନୁହେଁ........।

ମୋ ସ୍ମୃତିର ଶିନ୍ଧୁକରେ ସାଇତା
ପ୍ରତ୍ୟେକ୍ ଟି ଜିନିଷ ତୁମ ସହ ଜଡ଼ିତ "କିନ୍ତୁ"
ତୁମେ ନୁହେଁ.........।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତି ମୁହୂର୍ତ୍ତରେ ହାରି ହାରି ବଞ୍ଚିବାର କାରଣ

ତୁମ ଭାବନା "କିନ୍ତୁ"

ତୁମେ ନୁହେଁ.........।

ତୁମଓଠରୁ ଝରୁଥିବା ପ୍ରତ୍ୟେକ ହସର ମୋତି

ମୋ ଜୀବନ ଯନ୍ତ୍ରଣା ର ଔଷଧ "କିନ୍ତୁ"

ତୁମେ ନୁହେଁ........।

ତୁମ ସହ ମୋର ସାକ୍ଷାତ୍

ସୌଭାଗ୍ୟ କଥା ମୋ ପାଇଁ "କିନ୍ତୁ"

ତୁମେ ନୁହେଁ.......।

ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ

୮୪୫୫୯୫୯୫୯୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାମରାଜ୍ୟ ହେବ ଧନ୍ୟ



ପ୍ରଶାନ୍ତ କୁମାର ନାଥ

ରାମ ନାମ ଆଜି ପଡୁଛି ଉଚ୍ଛୁଳି
ଭାରତ ଭୂଖଣ୍ଡେ ଦେଖ
ଫେରିଛି ସତେକି ପୂରୁବ ଗୌରବ
ଧରି ତା'ର ସର୍ବ ସୁଖ।

ପୌଷ ନବମୀରେ ହୋଇବ ପ୍ରତିଷ୍ଠା
ଶ୍ରୀରାମ ଭବ୍ୟ ମନ୍ଦିର
ଅଯୋଧ୍ୟା ନଗରୀ ହେଉଛି ସଜେଇ
ଦେଖାଇ ରୂପ ସତର।

ନବମୀ ଦିନର ଶୁଭ ସକାଳରୁ
ବଜାଇବା ଶଙ୍ଖ ଧ୍ୱନି
ରାମଙ୍କ ନାମରେ ସଜାଇବା ଗୃହ
ଭକ୍ତି ଭାବ ମନେ ଘେନି।

ସର୍ବ ଗୃହ ମୁଖେ ପୂର୍ଣ୍ଣ କୁମ୍ଭ ସ୍ଥାପି
ପୋତିବା ରମ୍ଭା ପାଦପ
ସାୟଂ କାଳେ ମିଶି ଜଳାଇବା ଆମେ
ପଞ୍ଚ ଗୋଟି ଘୃତ ଦୀପ।

ନଗର କିର୍ତ୍ତନ କରିବା ମିଶିକି
ରାମ ନାମ ଗାଇ ଗାଇ
ଜୟ ଜୟ କାର ରାମଙ୍କ ନାମରେ
ଉଚ୍ଛୁଳି ଉଠିବ ମହୀ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାତ୍ତ୍ୱିକ ଭୋଜନ କରିବା ଗ୍ରହଣ

ଏହି ପୂଣ୍ୟ ନବମୀରେ

ରାମଙ୍କ ଚରଣେ ରଖିଲେ ଭତି

ସର୍ବ ଦୁଃଖ ପରା ହରେ ।

କପି ଧ୍ୱଜ ଉଡି ଦେଖାଏ ଚମକ

ମିଳିଅଛି କୋଟି ପୂଣ୍ୟ

ଶ୍ରୀରାମଙ୍କ ପ୍ରାଣ ହୋଇଲେ ପ୍ରତିଷ୍ଠା

ରାମରାଜ୍ୟ ହେବ ଧନ୍ୟ।

ଯେଉଁ ନାମ ରସେ ମୁନି ଋଷି ରସେ

ନିତି ପ୍ରତି ହୃଦେ କଷେ

ତାଙ୍କରି ଚରଣେ ପଶିଲେ ସରଣ

ଧର୍ମ ପଥ ପରା ଦିଶେ।।

(ଜୁଣଗଡି) ରାଜନଗର, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଃଖ



ଆଲୋକ
ମେହେର

ଏ ଦୁଃଖ ବଡ଼ ବିଚିତ୍ର
କେବେ ହସିକି କନ୍ଦାଏ
କେବେ କାନ୍ଦିକି  ହସାଏ
ମନକୁ କରେ ପବିତ୍ର
ଏ ଦୁଃଖ ବଡ଼ ବିଚିତ୍ର ।

ଜନ୍ମରୁ ଆରମ୍ଭ ଯାଏ
ମଣିଷ ସାଥିରେ ଥାଏ
କେବେ ସୁଖର ପସରାରେ
ତ କେବେ ଆଖିର ଲୁହରେ
କଥା କହୁଥାଏ ସବୁ ପବିତ୍ର
ଏ ଦୁଃଖ ବଡ଼ ବିଚିତ୍ର ।

ପ୍ରେମର ହାଭ ଭାବ
ବନ୍ଧୁର ବନ୍ଧୁତା
ପରିଜନଙ୍କ ଆଦର ମମତା
ସବୁ କହିଦିଏ ସତ ସତ
ଏ ଦୁଃଖ ବଡ଼ ବିଚିତ୍ର ।

ସବୁ ସାଥେ ରହିଥାଏ ଆତ୍ମା ରୂପ ଧରି
କିଏ ତାକୁ ଡାକି ଦେଲେ ଆସେ ଯେ ବାହାରି
ଏ ଦୁଃଖ ସିଏ ତ  ?
କେତେ ଆଶା ଅଭିଳାଷା ସଭିଙ୍କର ଥାଏ
ବାପା ଛେଉଣ୍ଡ ମା ଛେଉଣ୍ଡ କରି
କେତେ ଶିକ୍ଷା ଦିଏ ତ  ?
ଏ ଦୁଃଖ ବଡ଼ ବିଚିତ୍ର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପତି ବିହୁନେ ନାରୀ କେଡେ ଦୁର୍ବଳା
ଏହି ଶିକ୍ଷା ଭ୍ରମେ ଭ୍ରମେ ପୂରିତ
ଦୁର୍ବଳା ଥାଇ ମଧ୍ୟ କେଡେ ଶିକ୍ଷା ଦିଏ ଯିଏ
ଶିଶୁ ପାଲୁଥାଏ ଭେଣ୍ଡିଆ ପରାଏ
ଏହି ନାରୀ ସିଏ ତ ?
ଏ ଦୁଃଖ ବଡ଼ ବିଚିତ୍ର ।

କଥାରେ ଲୋକଙ୍କୁ କରେ ମୋହିତ
ଲୋକ ନୁହେଁ ସେଜେ କଳଙ୍କ
କଥା ତାହାର ବାଇଶ କୋଷ ବ୍ୟାପେ ତ ?
କର୍ମରେ ଦେଖିଲେ ଅଳସୁଆ ପଣ
ଜନ୍ମେ ଜନ୍ମେ ନାମ ରଖେ ତ'
ଏ ଦୁଃଖ ବଡ଼ ବିଚିତ୍ର ।

ସଂସାରକୁ ଆସି ସଂସାରରେ ରହି
କରିଥ ଜନ ମହତ
ଗଲାବେଳେ ଯିବ ତୋହରି ସାଥିରେ
କା'ଣ କା'ଣ କହିତ

ଯାହା ଅର୍ଜିବୁ କର୍ମରେ ଅର୍ଜୁ
ଧନରେ ଆର୍ଜିବୁ କେତେକ
ପାପରେ ଅରଜି ପୁଣ୍ୟ ମିଳେ ବୋଲି
ସବୁ ପାପ ସାଉଁଟି ନେଉ ତ !
ଏ ଦୁଃଖ ବଡ଼ ବିଚିତ୍ର ।

ବିଚିତ୍ର ଏ ସଂସାର ଭବରଙ୍ଗ ଭୂଇଁ ଏହି
ଭବେ ଭାବିତବ୍ୟ ଅବଶ୍ୟ ମିଳଇ
କଷଣ କରେ ଜେ ସେହି ତ'
ଏହି ସଂସାର ତା' ହିଁ ତ ?
ଏ ଦୁଃଖ ବଡ଼ ବିଚିତ୍ର ।

ଦୁଃଖକୁ ଜିଁଲେ ଲାଗେ ପବିତ୍ର
ଦୁଃଖ ବି ଲାଗେ ନିଜର ମିତ୍ର
ଏ ଦୁଃଖ ବଡ଼ ବିଚିତ୍ର,
ଏ ଦୁଃଖ ବଡ଼ ବିଚିତ୍ର.... !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଣ୍ଡୱିଚ୍



ବିଶ୍ୱରଞ୍ଜନ ମହାନ୍ତି

ଗୃହ ପ୍ରବେଶ ପରେ ଦେଖିଲି
ଅଛି ଏଠି ବଡ ବଡ ବୃକ୍ଷ ।
ଚାରିପଟେ ବୁଲି ଆସିଲି
ଘରକୁ କରି ଅକ୍ଷ ।
ବୟସ ହେଲାଣି ଖେଳିବି କିପରି
ଏଠି ଡାଳ ମାଙ୍କୁଡ଼ି ।
ଭାବିଲି ଲଗାଇବି ଏଠି
କଖାରୁ କଲରା କାକୁଡି ।
କରିବି ଶ୍ରମ କରି ସାର୍ଥକ
ଓ ସମୟକୁ ବିଞ୍ଚି ।
କିଣିବାକୁ ପଡିବନି ପରିବା
ରଖିବି ପଇସାକୁ ସଞ୍ଚି ।
ଭାବିଲି ଟଙ୍କା ଦେଇ
ବାହାରେ ବହୁତ ଖାଇଛି ।
ବାରିରୁ ନେଇ ପିଆଜ କାକୁଡି
ମଜାରେ ଖାଇବି sandwitch ।

**ପରେ ପରେ**
ଲାଗିଗଲି କାମରେ
ସମୟକୁ ନକରି ଖାତିରି ।
କାର୍ଯ୍ୟାଳୟ ସମୟ କାଟି
ମୁଣ୍ଡ ଝାଳ ତୁଣ୍ଡେ ମାରି ।
କର୍ମକ୍ଷେତ୍ର ଧର୍ମକ୍ଷେତ୍ର
ଅବହେଳା ସାଙ୍ଘାତିକ ।
ଘରେ ନକରି ସହଯୋଗ
ହୋଇଗଲି ଆଗନ୍ତୁକ ।
କାର୍ଯ୍ୟାଳୟେ ମନେ ପଡେ
ଗୃହକାର୍ଯ୍ୟ ତାଲିକା ।
ଘରେ ଥିଲେ ମନେ ପଡ଼ିଲା
ତୁଳ ନ ପତ୍ରର ଫଳିକା ।
ଯିଏ ଦେଖିଲା ପଚାରିଲା
କଣ ତୋର ହେଇଛି ।
ଘରକାମ ଅଫିସ କାମ ମଧ୍ୟରେ
ହେଇଯାଇଛି sandwitch ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଦ୍ଭୁତ ଅତିଥି



ଦଣ୍ଡାସି ପ୍ରଧାନ

ହେ ଅତିଥି ! ସ୍ୱାଗତ କରୁଛି ଯେଣୁ
ଆସିଯାଏ ତୁମେ ଡାକରା ନ ଥାଇ ।
ଅପେକ୍ଷା କାହାରେ ନାହିଁ -
ଉପେକ୍ଷା କାହାରେ ନାହିଁ-
ଏକା ଏକା ଚାଲିଛ
ନିରବତା ଭଜି ଭଜି
ମୃଦୁ ମୂର୍ଚ୍ଛନାର ତାଳେ ତାଳେ
ନିରବ ଗୀତିକା ଗାଇ ;
ମନରୁ ମନ୍ୱନ୍ତର ଯାଏ  ଯୁଗେ ଯୁଗେ ।।

ଦେଖିଛ କେତେକେତେ ଅଭିନବ ରୂପ ରୂପାନ୍ତର -
ସହିଛ ନିର୍ଭୟ ଦର୍ପେ ତୁଳନା ନାହିଁତ ତା'ର ।
ବଳବାନ ତୁମେ ନୀରବ ନିର୍ବିଶେଷ ନାୟକ ।
କେଉଁ ରଙ୍ଗେ ରଙ୍ଗାଇବି ତୁମ ଛବି ଅହେତୁକ ।
ନିର୍ବିବାଦ ତୁମେ ଅପରୂପ, ଅଭିନ୍ନ ଅତୂଳନୀୟ
ଆଉ ସବୁ ନଶ୍ୱର ଅନିତ୍ୟ ଭଙ୍ଗୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବଳ ଶାଶ୍ୱତ ତୁମେ ସତ୍ୟ, ଶିବ,ସୁନ୍ଦର ।।

ହେ ଅତିଥି ! ନିବେଦନ
ଅନୁଭବ ଗନ୍ତାଘରେ, ସାଇତା ଶାନ୍ତିର ବିଭବକୁ
ଏ ଧରା ପୃଷ୍ଠେ ଦିଅ ବାଣ୍ଟି
ସମନ୍ୱୟ ବିଚାର ଧାରା ଧାରେ
ସମସ୍ତେ ସମସ୍ତେ ବଞ୍ଚିବେ ଏଠି
ଅନ୍ୟକୁ ବଞ୍ଚିବାକୁ ଦେଇ,
ଶାନ୍ତିର ସହାନୁଭୂତିଶୀଳ ଶ୍ରଦ୍ଧା,
କର୍ତ୍ତବ୍ୟ କର୍ମ ପ୍ରବଣତାର
ପ୍ରେମ ମହକେଇ, ବିକାଶ ସଙ୍ଗୀତ ଗାଇ ।

ସ୍ୱାଗତ କରୁଛି ଆହେ ଅଦ୍ଭୁତ ଅତିଥି !
ହେ କାଳଜୟୀ ପୁରୁଷ
ଶ୍ରେଷ୍ଠ ଜ୍ଞାନ ବିଜ୍ଞାନ ଓ ପ୍ରାଦ୍ୟୋଗିକ ପ୍ରଯୁକ୍ତିର
ଏକ ନୂତନ ପୃଷ୍ଠାରେ
ଅଭିନବ ଅଧ୍ୟାୟ ହେଉ ଅଙ୍କୁରିତ,
ନବୀନ ଉତ୍ସାହ ନେଇ
ଜଗତେ ଜୀବନ ଜୀଇଁବାର ପାଇଁ ;

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଣେ ପ୍ରାଣେ ଭରିଦିଅ ତୃପ୍ତିପ୍ରଦ ଶୁଭାଶିଷ।

ଢାଳିଦିଅ ସୁଖ ସ୍ୱାଚ୍ଛନ୍ଦ୍ୟ- ସ୍ୱଚ୍ଛ ବିଚାର -

ନବ ଅରୁଣିମା ଆଭା ପ୍ରକାଶର

ନିଯୁତ ଭାବାବେଗ ଉତ୍ସର୍ଗ ଉତ୍ସାହ ପରିପୂର୍ଣ୍ଣତାର।

ହେ ଅଦ୍ଭୁତ ଅତିଥି  !

ସ୍ୱାଗତ କରୁଛି ପୃଥ୍ୱୀ ସ୍ୱାଗତ ଗୀତିକା ଗାଇ,

ତମସୋ ମା ଜ୍ୟୋତିର୍ଗମୟ ।।

ସାହିତ୍ୟ ସମ୍ପାଦକ ,

ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ୍,

ପାତ୍ରପୁର ଗଞ୍ଜାମ ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭିନ୍ନ ଏକ ପରାଧୀନତା



ଅମୃତ ନାରାୟଣ
ଶତପଥୀ

ଫୋନ୍ ଯେତେବେଳେ ତାରରେ ବନ୍ଧା ଥିଲା ମନୁଷ୍ୟ ଥିଲା ସ୍ୱାଧୀନ,
ଫୋନ୍ ପୁଣି ଯେବେ ମୋବାଇଲ୍ ହେଲା ବ୍ୟକ୍ତି ହେଲା ପରାଧୀନ।(୧)
ସମୟ କଟିଲା ମୋବାଇଲ୍ ଧରି ମନୁଷ୍ୟ ହେଲା ଏକଲା,
ବନ୍ଧୁବାନ୍ଧବ ସାଙ୍ଗ ସାଥି ଛାଡି ଆଭାସୀ ଦୁନିଆରେ ମତୁଆଲା।(୨)
ପାନ ବିଡି ହେଲା ଛୋଟିଆ ନିଶା ମୋବାଇଲ୍ ନିଶା ଚଢିଲା ମୁଣ୍ଡ,
ଆତ୍ମହତ୍ୟା ପ୍ରବଣତା ବଢିଯାଉଛି ହେଲେ ନିଜ ଲୋକ ପାଖେ ଖୋଲେନି ତୁଣ୍ଡ।(୩)
କେତେ ପୁଣି ଘର ସଂସାର ଉଜାଡି ସନ୍ଦେହ ମନୁଷ୍ୟ ମନରେ ଘାରି,
ସ୍ମାର୍ଟ ଯୁଗରେ ସ୍ମାର୍ଟ ଫୋନ୍ ଧରି ଅଭାବ ସମୟ ମନୁଷ୍ୟ ଭିକାରୀ।(୪)
ପରାଧୀନ ହେଲା ମନୁଷ୍ୟ ଆଉ ମୋବାଇଲ୍; ଘଣ୍ଟା,ରେଡ଼ିଓ,ଟର୍ଚ୍ଚ ଆଦି ଖାଇ,
ପିଲାମାନେ ପୁଣି ବହି ଛାଡିଲେଣି ମୋବାଇଲ୍ ନିଶାରେ ହୋଇଣ ବାଇ।(୫)
ଖେଳ ହେଉନାହିଁ କସରତ ଊଣା ମନୋରଞ୍ଜନ ନାହିଁ ପର୍ବପର୍ବାଣୀ,
ଆଭାସୀ ମାଧ୍ୟମ ସବୁ ସାରିଦେଲା ମିଛରେ କାହିଁ ମାରିବା ଫୁଟାଣି।(୬)
ଏଥିପାଇଁ ଯିଏ ଅଟେ ଜ୍ଞାନୀ ଗୁଣୀ ଛାଡି ଦିଅ ବନ୍ଧୁ ମୋବାଇଲ୍ ନିଶା,
ପଶାପାଲି ଠାରୁ ପୁଣି ଏହା ଭୟଙ୍କର ବୁଡାଇଲାଣି ଯେ କେତେ ବେଉସା।(୭)
ମନକୁ ସଂଯତ କର ହେ ସଭିଏଁ ଡିଜିଟାଲ ନିଶାରୁ ରୁହ ଯେ ଦୂର,
ମନ ଯେ ପ୍ରସନ୍ନ ରହିବ ସର୍ବଦା ପୃଥିବୀ ହୋଇବ ସରଗପୁର।(୮)
ପୁସ୍ତକକୁ କର ସର୍ବଦା ଯେ ବନ୍ଧୁ ଅଟଇ ତାହା ଅମୂଲ୍ୟ ସମ୍ପଦ,
ପ୍ରକୃତ ଜ୍ଞାନକୁ ପାଇଗଲେ ପୁଣି ବଢିଯିବ ନିଜ ମୂଲ୍ୟ ଓ ଟଳିବ ସବୁ ବିପଦ।(୯)
ଏହି ସବୁ ଛୋଟଛୋଟ କଥା ପୁଣି ଆଣିଦିଏ ସରସତା,
ସ୍ୱାଧୀନ ଚେତନା ମନରେ ଭରି ଦୂର କର ଭିନ୍ନ ଏକ ପରାଧୀନତା।(୧୦)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଥିଲି ମୋ ପରି



କିରନ୍ ସ୍ୱାଇଁ

ତୋର ଗୋଟିଏ ଦିନର କପଟତାରେ
ଦେଖ୍ ଆଙ୍କୁରି ଥିବା
ଏ ଛୋଟ ଗଛଟି
ହଜାର୍ ବର୍ଷର ବିଷପାନ କରି
ଆଜି ଅଜଣା ଓ ଅଚେତ୍ ।

ହୃଦୟର ସବୁ ସରଳତା,
ସବୁ ଚପଳାମୀ, ସବୁ ନିରୀହତା
ଆଜି ଅପହୃତ ।
କଉ ବସନ୍ତର ମାୟାରେ
ଛନ୍ଦି ହେଇ ଭୁଲିଗଲୁ ସବୁ,
କ'ଣ ଜାଣି ପାରିଲୁନି ?
ଆଗକୁ ଗ୍ରୀଷ୍ମ ଅଛି ବୋଲି ।

ଛଳନାରେ ଛନ୍ଦି ଦେଇ
ଚୋରି କରିନେଲୁ ସବୁ କୋହକୁ
ଦେଖ୍ ଆଜି ମୁଁ ଆବେଗ ଶୂନ୍ୟ ।

ଛଳନା କ'ଣ ଜାଣି ତ ନଥିଲି
ମୁଁ ଥିଲି ମୋ ପରି ।
ବୈଶାଖର ଚଣ୍ଡ କିରଣେ
ଜାଳି ଦେଇ ସବୁ ଅନ୍ଧାରକୁ
ତୋ ଆଘାତରେ ନୀରବିଥିବା
ସେ ମଉନୀ ଫୁଲଟି
ଦେଖ୍ ନୂତନତାରେ ଆଜି ସ୍ୱାଧୀନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋହନଦାସ କରମଚାନ୍ଦ ଗାନ୍ଧୀ



ପ୍ରହ୍ଲାଦ ସାହୁ

(ରାଗ : ପୋଇ ବା ଗୌରୀ)

ଦେଶ ମାତୃକାର, ହେ ବୀର ସନ୍ତାନ
ଘେନ ମୋ ପ୍ରଣତି, ମହାମାନ ।
ଦେଶ ଲାଗି ପ୍ରାଣ, କଲ ବଳିଦାନ
ଅହିଂସା ପୂଜାରୀ, ପ୍ରୀୟଜନ ।।

ତୁମେ ଦୟା କ୍ଷମା, ତୁମେ ତ ମହିମା
ସତ୍ୟ ଅହିଂସରେ, ସମର୍ପିତ ।
ତୁମେ ଜାତି ପିତା, ତୁମେ ତ ମହାତ୍ମା
ନିତ୍ୟ ନିରନ୍ତରେ, ଶାନ୍ତିଦୂତ ।।

ଅଠର ଶହ ଯେ, ଅଣସ୍ତୋରୀ ବର୍ଷେ
ମାସ ଅକ୍ଟୋବର, ଦୁଇ ଦିନ ।
ରାଜ୍ୟ ଗୁଜୁରାଟ, ସେ ପୋର ବନ୍ଦର
ଜନ୍ମିଥିଲ ଆହେ, ଶ୍ରଦ୍ଧାବାନ ।।

ମା ପୁତୁଲି ବାଈ, କୋଳେ ଜନ୍ମ ନେଇ
ଶୋଭା ବଢାଇଲ, ଗାନ୍ଧି ବଂଶ ।
କରମ ଚାନ୍ଦ ସେ, ପିତା ତୁମର ଯେ
ପ୍ରୀତ ଶୁଣି ତୁମ, କୀର୍ତ୍ତି ଯଶ ।।

ପିଲାଦିନେ ନାମ, ଯେ ମୋହନଦାସ
ମୋହିଥିଲା ପରେ, ସର୍ବ ବିଶ୍ୱ ।
ମହାତମା ନାମ, ମହାନତା ତୁମ
ଗୁଣ କର୍ମ ପ୍ରତି  ପ୍ରାଣେ ବଶ ।।

ସାବରମତୀର, ସନ୍ଥ ପୂଜ୍ୟ ପ୍ରାଣ
ସତ୍ୟାଗ୍ରହ ତୁମ, ସହଚର ।
କସ୍ତୁରବା ଗାନ୍ଧୀ, ଯେ ଜୀବନସାଥୀ
ତାଙ୍କ ପ୍ରେରଣାରେ, କର୍ମରତ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାତେ ଲମ୍ବା ଲାଠି, ପାଦରେ କଠଉ
ଦେହରେ ଅରଟ, ବୁଣା ଧୋତି ।
ଅଣ୍ଟାରେ ଘଡିଟା, ଆଖିର ଚଷମା
ନିର୍ବିକାର ନିର୍ବିକଳ୍ପ ମୂର୍ତ୍ତି ।।

ଜାତିର ଜନକ, ବାପୁଜୀ ତୁମେ ତ
ମନେପଡେ ତୁମ, କଥା ଆଜି ।
ଏ ଦେଶ ସ୍ୱାଧୀନ, ତୁମ ବଳିଦାନ
ଭୁଲିନାହୁଁ ଆମେ, ମର୍ତ୍ତ୍ୟବାସୀ ।।

କାଟି ପିନ୍ଧି କୁଟି, ଖାଇବାର ନୀତି
ନିଜ କାମ ନିଜେ, କର ବାର୍ତ୍ତା ।
କହିବା ଆଗରୁ, କରିବା ଯେ ନିତି
ଶିକ୍ଷା ଦେଲ ଜୀବେ, ମାନବତା ।।

ଅହିଂସା ରକ୍ତରେ, ଶାଣିତ ଅସ୍ତ୍ରରେ
ଅସହଯୋଗରେ, ଆନ୍ଦୋଳନ ।
ଫିରିଙ୍ଗି ଶାସନ, ହଟାଇ ଦେଶରେ
ପରାଧୀନତାରୁ, ଉଦ୍ଧାରିଲ ।।

ସ୍ୱଚ୍ଛତାର ମନ୍ତ୍ର, ଶିକ୍ଷା ଦେଇ ତୁମେ
ନିଜେ ସଫା କଲ, ଶୌଚାଳୟ ।
ବିନା ଅସ୍ତ୍ରଶସ୍ତ୍ରେ, ବିତାଡିତ କଲ
ସ୍ୱେଚ୍ଛାଚାରୀଙ୍କୁ ଘ,ଉଡେଇଲ ।।

ଜାତି ଧର୍ମ ବର୍ଣ୍ଣ, ନିର୍ବିଶେଷେ ତୁମେ
ଦେଶ ମାତୃକାର, ସେବା କଲ ।
ପରାଧୀନ ଅବା, ଅବହେଳିତରେ
ପ୍ରେରଣାର ଉତ୍ସ, ହୋଇଗଲ ।।

ବାପୁ ତୁମ ତ୍ୟାଗ, ସଦା ପରାହତ
ତୁମେ ଅହିଂସାର, ବୋଧିଦ୍ରୁମ ।
ସଂକଳ୍ପର ସିଦ୍ଧି, ମହାନ ପୁରୁଷ
ଚିନ୍ତା ଚେତନାର, ଜାଗରଣ ।।

ତୁମେ ସଂଗ୍ରାମର, ସ୍ୱରବର୍ଣ୍ଣାକ୍ଷର
ଝଡର ଝଙ୍କାର, ଋଦ୍ଧିମନ୍ତ ।
ତୁମେ ସତ୍ୟନିଷ୍ଠ, କ୍ଷମା ପାରାବାର
ମାଟିର ପୁରୁଷ, ସିଦ୍ଧିବନ୍ତ ।।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଓକିଲାତି ଶିଖି, ଆସି ଥିଲ ତୁମେ
ସାଉଥ ଆଫ୍ରିକା, ଦେଶରୁ ଯେ ।
ଦେଖି ଦୁଃଖ ସେଠି, ଭାରତୀୟ ଗୋଷ୍ଠୀ
ଲଢିଲ ଇଂରେଜ, ବିରୁଦ୍ଧରେ ।।

ଭୁଲିନାହିଁ ଦେଶ, ସେ ମାନବ ବାଦ
ଯାହାଲାଗି ତୁମେ, ଚିରଞ୍ଜୀବି ।
ଏବେବି ଦିଶୁଛି, ସେ କର୍ତ୍ତବ୍ୟବୋଧ
ତୁମ ସହିଷ୍ଣୁତା, ନିତିକାନ୍ତି ।।

କଳାଗୋରା ଭାବ, ମନରେ କଟାକ୍ଷ
ଟାଣିଦେଲା ରେଖା, ସେହିଦିନ ।
ଯେଉଁଦିନ ତୁମେ, ଲଜ୍ଜିତ ହେଲ ଯେ
ଟ୍ରେନରେ ଭର୍ତ୍ସିଲେ, ଗୋରା ଜନ ।।

ତୁମେ ସଂଘର୍ଷର, କ୍ରାନ୍ତିକାରୀ ସ୍ରୋତ
ପାଇଅଛ କେତେ, ପ୍ରତାରଣା ।
ଲଙ୍ଗଳା ଫକୀର, ନାମେ ଗଣା ହେଲ
ତଥାପି ହୋଇନ, ବାଟବଣା ।।

ପ୍ରାର୍ଥନା ସଭାରେ, ଭକ୍ତି ଜ୍ଞାନ ଭରେ
ଭଜୁଥିଲ ପ୍ରଭୁ ନାମ ଚିତ୍ତେ ।
ହାୟ ରାମ୍ କହି, ଟଳିଗଲ ସେଠି
ନାଥୁରାମ ଗଡସେ ଗୁଳରେ ।।

ସେହି ଦିନ ଠାରୁ, କ୍ରୋଧେ ଲଢେ ଭୀରୁ
ଭୁଲି ଗଣତନ୍ତ୍ର, ଦେଶ ପ୍ରୀତି ।
ସବୁଆଡେ ଖାଲି, ହତ୍ୟା, ଚୋରି, ନାରୀ
ନାହିଁ ଏଠି ଆଉ, ସେ ସଂହତି ।।

ଧନ୍ୟ ଧନ୍ୟ ବାପୁ, ମହାତ୍ମା ସ୍ୱୟଂଭୁ
ହେ ଜାତୀୟ ପିତା, ପୂଣ୍ୟ ଆତ୍ମା ।
ସ୍ୱର୍ଗେ ଥାଇ ଦିଅ, ଆଶିଷ ଆମ୍ଭଙ୍କୁ
ଉଡୁ ଏଠି ସତ୍ୟ, ଶାନ୍ତି ଧ୍ୱଜା ।।

ନିଉଦିଲ୍ଲୀ
୯୫୪୦୫୩୧୨୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା କଥା



ସୁକୁମାରୀ
ମେହେର

ଯାଉଥିଲି ଦିନେ ଅସରା ପଥରେ
ମଳୟ ପବନ ବାଜିଲା ଦେହରେ ।
ଶିହରୀ ଉଠିଲା ମୋ ଦେହର ଅଙ୍ଗ
ଟଳମଳ ହୋଇଗଲା ମୋର ପାଦ ।
ଭାବିଲି ମନେ କରୁଥିବେ ମୋ ପ୍ରିୟ
ସେଥିପାଇଁ ବୋଧେ ଆସିଲା ମଳୟ ।
ସେ ସମୟର ମୃଦୁ ପବନ
ଆଣିଦିଏ ମତେ ତୁମ ସନ୍ଧାନ ।
ପକ୍ଷୀ ମାନଙ୍କର କାକଳିର ସ୍ୱର
ମନେ ଭରିଦିଏ ଖୁସିର ଜୁଆର ।
ତୁମ ପାଇଁ ମନେ ମୋର ଭରିଛି ଭାବନା
କହିବି କହିବି ଭାବି ହୁଏ ବାଟବଣା ।
କେମିତି କହିବି ସେ ଅକୁହା କଥା
କହିବା ଆଗରୁ ବୁଝିଯାଅ ପରିଭାଷା ।
ତୁମ ପାଇଁ ମନେ ଅଛି ଆଦର ସମ୍ମାନ
ମୋ ମନ ମନ୍ଦିରେ ତୁମେ ସଦାବିଦ୍ୟମାନ ।
ବେଶି କିଛି ଲୋଡ଼ା ନାହିଁ ତୁମଠାରୁ ସାଥି
ତୁମ ବାହୁରେ ବାକି ଜୀବନଟା ଯାଉ ବିତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ପାଖେ ଥିଲେ ସବୁ ଖୁସି ଯେ ପାଇବି
ସବୁଠାରୁ ଭାଗ୍ୟବତୀ ନିଜକୁ ମଣିବି ।
କୋଠାଘର ସୁନା ରୂପା ଚାହେଁ ନାହିଁ କିଛି
ତୁମ ଛୋଟ କୁଡ଼ିଆ ବି ମୋ ପାଇଁ ସମ୍ପତ୍ତି ।
କହିବି କେମିତି ଏ ମନର ଭାଷା
ତୁମ କଥା ଭାବିଦେଲେ ଲାଗିଯାଏ ନିଶା ।
କହିବା ଆଗରୁ ବାଛିନିଅ ମୋ ପ୍ରେମକୁ
ମନ ଚାହେଁ ତୁମ ସାଙ୍ଗେ ଘର କରିବାକୁ ।
ତୁମ ମୁଖ ତୁମ କଥା କରିଛି ବିଭୋର
ଭୁଲିବାକୁ ଚାହିଁଲେବି ମନେପଡ଼େ ବାରବାର ।
ଭାବେ ପ୍ରଭୁ ଗଢ଼ିଛନ୍ତି ମୋ ପାଇଁ ତୁମକୁ
ସାତ ଜନ୍ମ ପାଇଁ ମୋର ହାତ ଧରିବାକୁ ।
ଭାବିଯାଏ କେତେ କଥା ସମୀର ସୁଅରେ
କହି ପାରିବିନି କେବେ ତୁମରି ଆଗରେ ।
ଶୁଣିବାକୁ ତୁମଠାରୁ ଅପେକ୍ଷା କରିବି
ସେଇ ପଦେ କଥା ଖୁସିରେ ଶୁଣିବି ।
କେଉଁ ଦିନ ଆସି ମୋ ହାତଧରି କହିବ
ତୁମେ ମୋର ପ୍ରିୟତମା ମୋ ଗର୍ବ ଗୌରବ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ
ଅମୃତ ବିହାର,ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଳ୍ପ ପୁରୁଷ



ଡଃ ଆର୍ଯ୍ୟକୁମାରୀ
ପ୍ରଜ୍ଞା ପାରମିତା

ଜୀବନର ବ୍ୟର୍ଥ ଅସହାୟତା ମଧ୍ୟରେ
ଭାବଜିଜ୍ଞାସାର
ନୀରବ ନିସ୍ତବ୍ଧ ହୃଦୟର ସ୍ପନ୍ଦନ
ଶେଷ ଶବ୍ଦ ମସ୍ତିଷ୍କର
ଏମିତି ବସି ବସି ଭାବୁଛି
ଏବେ କ'ଣ ବଞ୍ଚିବା ବାକି ଅଛି ?
ନା କିଛି ମୃତ୍ୟୁ ବାକି ଅଛି ??
ଭେଣ୍ଟିଲେଟର୍ ନିଃସଙ୍ଗ ମୁହୂର୍ତ୍ତଗୁଡ଼ିକ
ମନର ଅନ୍ତଦ୍ୱର୍ନ୍ଦ୍ୱକୁ ଜୀବନ୍ତ କରି
ଆତ୍ମିକ ପୃଥିବୀର ସ୍ୱର ଖୋଜୁଛି
ଅନିଚ୍ଛା ସତ୍ୱେ୍ୱ ନିର୍ବାଣ ଖୁଣ୍ଟିଆ
ମୃତ୍ୟୁ ଚେତନାରେ ବେଦନା କ୍ଲିଷ୍ଟ
ଅସହାୟ ଅଦେଖା ଅଚିହ୍ନା ପୃଥିବୀର
ପ୍ରତିଟି ଚେହେରା ବ୍ୟଥିତ, ଅପୂର୍ଣ୍ଣ !!
ଜୀବନର ସୂକ୍ଷ୍ମ ଅନୁଭୂତି
ନିର୍ବାକ ଅସହାୟ ମୁହୂର୍ତ୍ତର
ଆତ୍ମ ଜିଜ୍ଞାସାଗୁଡ଼ିକ
ବଳିଷ୍ଠ କାହାଣୀରେ ପରିଣତ ହୋଇଯାଉଛି
ସତେ ଯେମିତି ଅହଂ ଆଭିମୁଖ୍ୟଟି
ନିଜସ୍ୱ ଦୃଷ୍ଟିଭଙ୍ଗୀରେ
ଶରୀର ସଙ୍ଗିନୀ ଉପଭୋଗ୍ୟା
ପତ୍ନୀର ବହୁରୂପୀ
ବାସ୍ତବିକ୍ ମୁଖା ପିନ୍ଧା ଚେହେରାଟି
ଝାପ୍ସା ହୋଇ ଆସୁଛି
ନିଜ ଉପରେ ଆଶ୍ରୟ ଶରୀରଟି
ବନ୍ଧ୍ୟା ଗାନ୍ଧାରୀ ପରି
ଅନ୍ଧ ବିଶ୍ୱାସର ଡାଏରୀ ମଧ୍ୟରୁ
ବିପନ୍ନ ଆତ୍ମ ବିଶ୍ୱାସକୁ
ମୂଲ୍ୟବୋଧର ନିକିତିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତଉଲିବାର ପ୍ରଚେଷ୍ଟା କରୁଛି
ନିର୍ଜନ ଅଦୃଷ୍ଟ ମୁହୂର୍ତ୍ତର ଗଣ୍ଠିଲିଟିକୁ
ମନେ ମନେ ନିଜକୁ ପ୍ରଶ୍ନ କରେ ?
ଯେଉଁ ଜୀବନ ଆମେ ବଞ୍ଚିଛେ
ତାହା କ'ଣ ସହଜ ?
ତଥାପି ବି ବଞ୍ଚିବାକୁ ପଡ଼େ !
ପଳାୟନ ବାଦୀ ଖାଲି ଏକ ପୋଥିଶବ୍ଦ
ଅତୀତର କିଛି ନିଃସଙ୍ଗ ମୁହୂର୍ତ୍ତ
ହେବା ପାଇଁ ଥିଲା ସମୟ ବାଧ୍ୟ
ସମାଜର ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ
ଅନ୍ତଃକରଣର ବିକଳାଙ୍ଗ ଚେତନା
ମନୁଷ୍ୟର ବୌଦ୍ଧିକ ପ୍ରତାରଣା
ଅସହାୟ ଜୀବନ ପ୍ରତି ସମ୍ବେଦନା
ଧୂଳି ଧୂସରିତ ଜୀବନର
ସମସ୍ତ ଦହଗଞ୍ଜ ସତ୍ତ୍ୱେ
ବଞ୍ଚିବାର ଯେଉଁ ଆକାଂକ୍ଷା
ପରିବର୍ତ୍ତିତ ପ୍ରବୃତ୍ତିର ବାହୁଲ୍ୟ ମାତ୍ର ।

ଅଧ୍ୟାପିକା, କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେଶପୁର, ଗଞ୍ଜାମ
smartrupa2012@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତ୍ୟପଥରେ ରୁହ



ହରେରାମ ପଣ୍ଡା

ବେଦ ପୁରାଣ ଉପନିଷଦ
ସଭିଏଁ ଏକମତ ,
ବଡ଼ ହେବାର ଗୋଟିଏ ମନ୍ତ୍ର
ତାହା ହିଁ ଅଟେ ସତ୍ୟ ।
ସତ୍ୟ ପାଳିଲେ ପ୍ରଭୁ ଶ୍ରୀରାମ
ତେଜିଲେ ସିଂହାସନ ,
ଚଣ୍ଡାଳ ସାଜି ଶ୍ରୀହରିଶ୍ଚନ୍ଦ୍ର
ଭୋଗିଥିଲେ କଷଣ ।
ସତ୍ୟ ପଥରେ ଆସଇ ବାଧା
ଆସେ ଯେ କେତେ ଦୁଃଖ ,
ସେ ସବୁ ସହି ସତ୍ୟବାଦୀ ଯେ
ଦିଏ ଆନକୁ ସୁଖ ।

ଜୀବନ ପଛେ ଯାଉ ତାହାର
ସତ୍ୟକୁ ଆପଣେଇ ,
ସବୁ ଦୁଃଖକୁ ମୁଣ୍ଡେଇ ନିଏ
ଯାଏ ମହାନ ହୋଇ ।
ଶପଥ କର ସତ୍ୟ ପଥକୁ
କେବେ ଛାଡ଼ିବ ନାହିଁ ,
ଜୀବନ ନିଶ୍ଚେ ମହାନ ହେବ
ସତ୍ୟ ପଥରେ ରହି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ,
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ଆଳାପ - ୯୪୩୮୦୭୫୯୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧିକ୍ ତୋର୍ ପୋ ପନ୍ କେ



ବର୍ଷାରାଣୀ
ମହାମଲ୍ଲିକ

କରିଥିଲା ଯେ ଜନମ୍ ତତେ
କେତେ ଦରଦ୍ କେ ଆବରି,
ଦେଖବାର୍ ନାଇଁ ତାର୍ ମୁହୁଁକେ
ଦଉଛୁ ତ ସବୁ ପାସରି
ତୋର୍ ଲାଗି ଯେ ଏତେ ସହିଥିଲା
ଦୁଖ୍ ଦଉଛୁ ତାହାକେ
ଧିକ୍ ତୋର୍ ପୋ ପନ୍ କେ।।

ନିଜେ ନାଇଁ ପିନ୍ଧି ପିନ୍ଧାଲା ତତେ
ନିଜେ ନେ ଖାଇ ଖୁଆଲା
ନିଜେ ନାଇଁ ହସି ହସାଲା ତତେ ଯେ
ତୋର୍ ଲାଗି ଫିଦିନ୍ ଖଟଲା,
ତାହାକେ ଆଏଜ୍ ତୁଇ ଥିର୍ ଟିକେ ଦେଲେ
କେତେ କଥା କହୁ ବୁଆକେ
ଧିକ୍ ତୋର୍ ପୋ ପନ୍ କେ।।

ଦୁନିଆ କାନା ତତେ ଚିହ୍ନାଲା
ଯେ ଭାବୁଥିଲା ତତେ ଦୁନିଆ
ଆଏଜ୍ ଉଷୋ ଟିକେ ମାଗଲେ ତତେ
କେତେ କରୁଥୁସୁ ବାହାନା,
ତୋର୍ ଖୁସି ଲାଗି ସହେସି ସବୁ ଯେ
ତୁଇ ପର୍ କରସୁ ତାହାକେ
ଧିକ୍ ତୋର୍ ପୋ ପନ୍ କେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଲଉ ଥିଲା ତାର୍ ଖନେ ବସେଇ ଯେ
ଦେଖଉଥିଲା ଯାତରା,
ଇଛେନ୍ ଦେଖ୍ ତ ତାକର୍ ଲାଗି ତୋର୍ ନୁ
ଥିର୍ ଟିକେ ନାଇଁ ଆସରା
କେତେ କରିଥିଲା ତୋର୍ ଲାଗି ସେ
ପାସରି ଦେଉଛୁ ଯାହାକେ
ଧିକ୍ ତୋର୍ ପୋ ପନ୍ କେ ।

ରକତ୍ ଢାଲି ଗଢ଼ଲା ଯିଏ
ଶକତ୍ ତତେ କରଲା,
ତାକର୍ ଲାଗି ଦରଦ୍ ନାଇଁ
ମନ୍ ଟିକେ ନାଇଁ ଝୁରଲା।
ତୋର୍ ମନ୍ ବୁଝି ଖନ୍‌ଜି ଦେଉଛେ ଯେ
ନାଇଁ ବୁଝୁ ତାର୍ ମନ୍ କେ
ଧିକ୍ ତୋର୍ ପୋ ପନ୍ କେ ।

ପାଠ୍ ପଢ଼ଲା ଯେ ମୁନୁଷ୍ କରଲା
କରଲା ପୂରନ୍ ସପନ୍,
ନିଜେ ମରି ମରି ଜୀବନ୍ ଦେଲା
ତୁଇ ଥିଲୁ ଯାର୍ ଜିବାର୍ କାରନ୍
ବୁଆ ମାଁ ଲାଗି କରସି ସବୁ ବଲି
ଖାଲି ଦେଖେଇହେସୁ ନାଁ କେ
ଧିକ୍ ତୋର୍ ପୋ ପନ୍ କେ ।

ପୁଇନ୍ କମାବି ବଲି ଯାଏସୁ ମନ୍ଦିର
କରସୁ କେତେ ପୂଜା
ଘରର୍ ମାଁ ବୁଆ ବି ହେ ଦେବାଦେବୀ
କେଁ ଯେ ଦେସୁ ସଜା,
ଭୁଲସୁ କେନ୍ତା ତୁଇ ବି ତ ଗା
ବୁଆ ହେବୁ କାହାର୍ କେଲକେ
ଧିକ୍ ତୋର୍ ପୋ ପନ୍ କେ।।

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତି



ସୁନୀଲ କୁମାର
ଅଗସ୍ତି

ମୁନୁଷ୍ ଜୀବନର୍ ଦରବାରେ
ହର୍ ମୁନୁଷ୍ ମୁଁଇ ଗଲେ ତମେ ଗଲେ
ଇ' "ଉତା ଉତି"ର୍ ପାଲେ,
ଠାନ୍ ଯାନି ସମ୍ପିଆ
ଇଫାଲେ ମନ୍ ବତରେ
ଯାଏସନ୍ ସଭେ ଉତି,
ଇ' ଉତାର୍ ପଛ୍ ଫାଲେ
କାଏ ଭେଦ୍ କେନ୍ ଗୁମାନ୍
ଆଏଜ୍ ପତେକ୍ କେନ୍
ପାରଲେ ନ' ଭାଏଲ୍ ହନ୍ଦଲେଇ ?
ନି' ଉତି ଯା' ରେ ବାବୁ
ପଡବୁ ଖାଲେ ଅରକଲେ
ଉତରଉର୍ ଜ୍ଞାନ୍ ଯହକରି,
ହେଲେ.........ସେମାନେ
ଉଠିଥିସନ୍ ଖାଲୁ ଗାଡୁ
ଭେଦ୍ ଅଭେଦ୍ ନୁ ଧରସକଲେ,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୬୮ ୪୮୨ ୯୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମାଆ



ଇଂ ସୌମ୍ୟରଞ୍ଜନ ଲେଙ୍କା

ମା, ଏହି ଦୁନିଆର ସବୁଠାରୁ ନିଃସ୍ୱାର୍ଥପର ବ୍ୟକ୍ତି ଯିଏ ନିଜ ପିଲାମାନଙ୍କୁ ଏହି ଦୁନିଆକୁ ଆସିବା ପୂର୍ବରୁ ଭଲ ପାଇବା ଆରମ୍ଭ କରନ୍ତି । ଏହି ଦୁନିଆରେ ମା'ର ପ୍ରେମ ସହିତ କୌଣସି ଜିନିଷକୁ ତୁଳନା କରାଯାଇ ପାରିବ ନାହିଁ କାରଣ ଏହା ପ୍ରେମର ଶୁଦ୍ଧ ରୂପ ଅଟେ । ମା' ନିଜ ସନ୍ତାନ ପାଇଁ ଜଣେ ଦୂତ ପରି, ଯିଏ ସର୍ବଦା ନିଜ ପିଲାକୁ ଭଲ ପାଆନ୍ତି ଏବଂ ତାଙ୍କୁ ସମର୍ଥନ କରନ୍ତି ।

ଭଗବାନଙ୍କ ଦ୍ୱାରା ସନ୍ତାନ ପାଇଁ ମା' ହେଉଛି ସବୁଠାରୁ ବଡ଼ ଉପହାର । ସେହି ମା' ଯିଏ ପ୍ରତିବଦଳରେ ସେମାନଙ୍କଠାରୁ କିଛି ଆଶା ନକରି ନିଜ ପିଲାମାନଙ୍କୁ ସର୍ବଦା ଭଲ ପାଆନ୍ତି । ଏହା କହିବା ଭୁଲ୍ ହେବ ନାହିଁ ଯେ ମହିଳାମାନେ ଅନ୍ତର୍ନିହିତ ଭାବରେ ଭଲ ମା' ଅଟନ୍ତି, କିନ୍ତୁ ସେମାନେ ଯେତେବେଳେ ମା' ହୁଅନ୍ତି ସେତେବେଳେ ସେମାନେ ମାତା-ପ୍ରେମର ଶକ୍ତି ଅନୁଭବ କରନ୍ତି । ଜଣେ ମା' ନିଜ ସନ୍ତାନର ସୁରକ୍ଷା ପାଇଁ କିଛି କରିପାରିବ, ଏବଂ ସେ ଏକ ଶିଶୁର ପ୍ରାଥମିକ ସମର୍ଥନ । ସେ କେବଳ ଶିଶୁକୁ ନୈତିକ ଭାବରେ ସମର୍ଥନ କରନ୍ତି ନାହିଁ ବରଂ ନିଜ ପିଲାଙ୍କୁ ଜୀବନରେ ଜଣେ ଭଲ ମଣିଷ ହେବାକୁ ମଧ୍ୟ ପ୍ରସ୍ତୁତ କରନ୍ତି । ଜଣେ ମା' ନିଜ ସନ୍ତାନର ପ୍ରଥମ ବନ୍ଧୁ ହେବା ଠାରୁ ଆରମ୍ଭ କରି ଜଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାର୍ଗଦର୍ଶକ ପର୍ଯ୍ୟନ୍ତ ଅନେକ ସମୟରେ ତାଙ୍କ ପିଲାଙ୍କ ଜୀବନରେ ଅନେକ ଭୂମିକା ଗ୍ରହଣ କରିଥାଏ, ଏବଂ ସେ ଉତ୍ସର୍ଗୀକୃତ ଭାବରେ ସମସ୍ତ ଖେଳନ୍ତି । ଅଭିଯୋଗ କିମ୍ବା ଦ୍ୱିଧାବୋଧ ନକରି ଏହି ଭୂମିକା ।

ଜଣେ ମା ହେଉଛି ତାଙ୍କ ସନ୍ତାନର ପ୍ରଥମ ସର୍ବୋତ୍ତମ ବନ୍ଧୁ ଯିଏ ତୁରନ୍ତ ତାଙ୍କ ଜନ୍ମ ପରେ ପିଲା ସହିତ ଏକ ସ୍ୱତନ୍ତ୍ର ବନ୍ଧନ ସୃଷ୍ଟି କରେ । ସେ ନିଜ ପିଲାମାନଙ୍କର ସମସ୍ତ ଆବଶ୍ୟକତା ବୁଝନ୍ତି ଏବଂ ସବୁବେଳେ ସେଗୁଡିକ ପୂରଣ କରିବାକୁ ଚେଷ୍ଟା କରନ୍ତି । ମୋ ମା ମଧ୍ୟ ମୋର ସର୍ବୋତ୍ତମ ବନ୍ଧୁ । ବାସ୍ତବରେ, ମୁଁ ମୋର ସମସ୍ତ ରହସ୍ୟ ଏବଂ ଇଚ୍ଛା ତାଙ୍କ ସହିତ ବାଣ୍ଟିପାରେ । ସେ ମୋତେ ସବୁବେଳେ ବୁଝନ୍ତି ଏବଂ ମୋତେ ସମର୍ଥନ କରନ୍ତି । ଆମେ ଏକାଠି ଅନେକ ଖେଳ ଖେଳୁ, ଏବଂ ଆମର ପ୍ରିୟ ଖେଳ ହେଉଛି ଲୁଡୋ । ଅନେକ ଥର ସେ ଖୁସିରେ ଖେଳ ହରାନ୍ତି ତେଣୁ ମୁଁ ଜିତିବି । ସେ ଜାଣନ୍ତି ମୁଁ କ'ଣ ପସନ୍ଦ କରେ ଏବଂ ମୋର ପ୍ରିୟ ଖାଦ୍ୟ ରାନ୍ଧିବା ଦ୍ୱାରା ମୋତେ ସବୁବେଳେ ଖୁସି କରେ । ମୋ ସୌଭାଗ୍ୟ ବଶତଃ ମୋ ମା'ଙ୍କୁ ମୋ ଜୀବନରେ ମୋର ସର୍ବୋତ୍ତମ ବନ୍ଧୁ ଭାବରେ ପାଇଥାଏ ।

ଜଣେ ମାତା କେବଳ ଶିଶୁର ପ୍ରଥମ ସର୍ବୋତ୍ତମ ବନ୍ଧୁ ନୁହଁନ୍ତି ବରଂ ତାଙ୍କର ପରାମର୍ଶଦାତା ମଧ୍ୟ ଯିଏ ନିଜ ପିଲାମାନଙ୍କୁ ଜୀବନର ସମସ୍ତ ସଫଳତା ହାସଲ କରିବାକୁ ସର୍ବଦା ସାହାଯ୍ୟ କରନ୍ତି ଏବଂ ମାର୍ଗଦର୍ଶନ କରନ୍ତି । ଜଣେ ମହାନ ପରାମର୍ଶଦାତା ହେଉଛନ୍ତି ଯିଏ ସର୍ବଦା ତୁମକୁ କେଉଁଟି ଠିକ୍ ଏବଂ କେଉଁଟି ଭୁଲ୍ ଶିଖାଏ । ଜଣେ ପରାମର୍ଶଦାତା କେବଳ ଆପଣଙ୍କୁ ସମର୍ଥନ କରନ୍ତି ନାହିଁ କିନ୍ତୁ ଆବଶ୍ୟକ ସମୟରେ ଆପଣଙ୍କ ସହିତ କଠୋର ମଧ୍ୟ ହୁଅନ୍ତି । ଏବଂ ଆମେ ସମସ୍ତେ ଏହି ଗୁଣଗୁଡିକ ଆମ ମାମାନଙ୍କରେ ଦେଖିପାରିବା । ମୋ ମା ପ୍ରକୃତରେ ମୋର ପରାମର୍ଶଦାତା କାରଣ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେବଳ ମୋ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ମୋତେ ମାର୍ଗଦର୍ଶନ କରନ୍ତି ନାହିଁ, ଯେତେବେଳେ ବି ମୁଁ ତାଙ୍କୁ ଆବଶ୍ୟକ କରେ ମୋତେ ସାହାଯ୍ୟ କରେ । ଯେତେବେଳେ ମୁଁ କୌଣସି ଭୁଲ କରେ, ସେ ମୋ ଭୁଲକୁ ବୁଝାଇବା ପାଇଁ ମୋ ସହିତ କଠୋର ହୁଅନ୍ତି । କିନ୍ତୁ ଶୀଘ୍ର ସେ ମୋ ଉପରେ ତାଙ୍କ ପ୍ରେମ ଦେଖାନ୍ତି ଏବଂ ମୋ ନିଷ୍ପତ୍ତିରେ ମୋତେ ସର୍ବଦା ସମର୍ଥନ କରନ୍ତି । ସେ ମୋତେ ମୋର ଅଧ୍ୟୟନରେ ସାହାଯ୍ୟ କରନ୍ତି ଏବଂ ମୋତେ ମୋ କ୍ୟାରିୟର ବିଷୟରେ ଗମ୍ଭୀର ହେବାକୁ କୁହନ୍ତି । ସେ ମୋତେ ଉଭୟ ସାଂସ୍କୃତିକ ଏବଂ ନୈତିକ ମୂଲ୍ୟବୋଧ ଶିଖାନ୍ତି । ଜଣେ ମା ଅପେକ୍ଷା ଜଣେ ଭଲ ପରାମର୍ଶଦାତା ରହିପାରିବେ ନାହିଁ କାରଣ ସେ ଜାଣନ୍ତି ଆପଣଙ୍କ ପାଇଁ କ'ଣ ଠିକ୍ ଏବଂ ସେ ସର୍ବଦା ଆପଣଙ୍କ ପାଇଁ ସର୍ବୋତ୍ତମକୁ ପସନ୍ଦ କରନ୍ତି ।

ଜଣେ ମା ପରି ଆମ ପାଇଁ କେହି ଯତ୍ନ ନେଇପାରିବେ ନାହିଁ । ସେ ଜନ୍ମ ଦିନଠାରୁ ନିସ୍ୱାର୍ଥପର ଭାବରେ ନିଜ ସନ୍ତାନର ଯତ୍ନ ନିଅନ୍ତି । ସେ ନିଜ ସନ୍ତାନର ସମସ୍ତ ଆବଶ୍ୟକତା ଜାଣନ୍ତି ଏବଂ ସେଗୁଡିକ ପୂରଣ କରିବା ପାଇଁ କିଛି କରିପାରିବେ । ସେ ନିଜ ପିଲାମାନଙ୍କ ପାଇଁ ସର୍ବଦା ଥାଆନ୍ତି । ଯେତେବେଳେ ବି ଆମେ ଅସୁସ୍ଥ କିମ୍ବା ଅସୁସ୍ଥ ହୋଇଥାଉ, ଆମ ମା ହିଁ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ନକରି ଆମର ଯତ୍ନ ନିଅନ୍ତି । ଜଣେ ମା ପାଇଁ, ତାଙ୍କ ପିଲାମାନଙ୍କର କଲ୍ୟାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏବଂ ସେ ସର୍ବଦା ସୁନିଶ୍ଚିତ କରନ୍ତି ଯେ ତାଙ୍କ ପିଲାମାନେ ଯେଉଁଠାରେ ବି ଥାଆନ୍ତି ସୁରକ୍ଷିତ ଏବଂ ସୁରକ୍ଷିତ ରୁହନ୍ତି । ଜଣେ ମାତା ନିଜ ସନ୍ତାନକୁ ସମସ୍ତ ଆରାମ ପ୍ରଦାନ କରନ୍ତି । ମା ହିଁ ଘରକୁ ଖୁସି ଏବଂ ପିଲାମାନଙ୍କ ପାଇଁ ନିରାପଦ କରିଥାଏ । ସେ ଜଣେ ସୁପରମ୍ୟାନଙ୍କ ପରି, ଯିଏ ଉଭୟ ଘରୋଇ କାର୍ଯ୍ୟ ଏବଂ ପିଲାମାନଙ୍କ ପ୍ରତି ତାଙ୍କର ଦାୟିତ୍ୱ ପରିଚାଳନା କରିପାରନ୍ତି । ମୋ ମା ବିଷୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାବାର୍ତ୍ତା, ସେ ଆଦରକାରୀ ଏବଂ କରୁଣାମୟୀ । ସେ ମୋର ସମସ୍ତ ସାଙ୍ଗ ଏବଂ ମୋତେ ଭଲ ପାଆନ୍ତି । ଯେତେବେଳେ ବି ମୁଁ ଅସୁସ୍ଥ ହୁଏ, ସେ ମୋ ବିଷୟରେ ଚିନ୍ତିତ ହୁଅନ୍ତି । ସେ ସବୁବେଳେ ମୋର ସ୍ୱାସ୍ଥ୍ୟ ଏବଂ ମୋର ଆବଶ୍ୟକତାର ଯତ୍ନ ନିଅନ୍ତି । ମୁଁ ତାଙ୍କୁ ଅଧିକ ଭଲ ପାଏ ଏବଂ ତାଙ୍କ ବିନା ମୋ ଜୀବନକୁ କଳ୍ପନା କରିପାରିବି ନାହିଁ ।


ମା'ଙ୍କର ପ୍ରେମ ହେଉଛି ଏହି ଦୁନିଆରେ ପ୍ରେମର ଶୁଦ୍ଧ ରୂପ ଏବଂ ଭଗବାନଙ୍କ ଦ୍ୱାରା ଏକ ସନ୍ତାନ ପାଇଁ ମା' ହେଉଛନ୍ତି ସବୁଠାରୁ ବଡ ଆଶୀର୍ବାଦ । ପିଲାଦିନେ, ଆମ ମା'ଙ୍କ ବଳିଦାନ ଏବଂ ଉଦ୍ୟମକୁ ମୂଲ୍ୟ ଦେବା ଆମର ଦାୟିତ୍ୱ କାରଣ ସେ ଯାହା ଚାହାଁନ୍ତି ତାହା ହେଉଛି ତାଙ୍କ ସନ୍ତାନର ଉନ୍ନତି । ଆମ ଜୀବନରେ ଜଣେ ମା' ହେବାର ଆମେ ବହୁତ ଭାଗ୍ୟବାନ, ଏବଂ ଆମେ ଆମ ମା'ଙ୍କୁ ସମ୍ମାନ କରିବା ଆବଶ୍ୟକ । ଆମେ ତାଙ୍କୁ ସମସ୍ତ ସୁଖ ଏବଂ ପ୍ରେମ ଦେବା ଉଚିତ କାରଣ ସେ ଆମ ପ୍ରତି ନିସ୍ୱାର୍ଥପର ପ୍ରେମ ପ୍ରତିବଦଳରେ ସେ ସମସ୍ତଙ୍କର ଯୋଗ୍ୟ ଅଟନ୍ତି ।

ଇଂ. ସୌମ୍ୟ ରଞ୍ଜନ ଲେଙ୍କା
ପାଳଧୂଆ ପଲ୍ଲୀ, ବାଣପୁର, ଖୋର୍ଦ୍ଧା - ୭୫୨୦୩୧
ମୋ-୭୯୭୮୨୪୪୯୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଦୋଷ କାହାର ?



ଶୁଭଶ୍ରୀ ପୃଷ୍ଟି

ଆମେ ସବୁବେଳେ କର୍ମ ଫଳ ଅନ୍ୟ ଉପରେ ଲଦି ଦେଉଛନ୍ତି । ହେଲେ ଭୁଲି ଯାଉଛନ୍ତି ଯେ, ଆମେ ବି କିଛି ନା କିଛି, କେବେ ନା କେବେ କାହାର ଅନିଷ୍ଟ କରିଥିବା । ଆମେ ଏତେ ଶୁଦ୍ଧ କିମ୍ବା ପବିତ୍ର ନୁହେଁ ଯେ ସବୁବେଳେ ସମସ୍ତଙ୍କର ମଙ୍ଗଳ ଚିନ୍ତା କରିପାରିବା । ଯେତେବେଳେ କଷ୍ଟ ଆସୁଛି, ସେଇଟାକୁ ଆମ କର୍ମଫଳ ବୋଲି ନ ଭାବି ଆମେ ଭଗବାନଙ୍କୁ ଦୋଷ ଦେଉଛନ୍ତି । ଏହା କି ପ୍ରକାର କଥା ?

ଭଗବାନ ତ ତାଙ୍କ ପାଖକୁ ଯିବାକୁ କହୁଛନ୍ତି ଆଉ ଏହି ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି ଯେ, ତାଙ୍କ ନିକଟରେ ଆତ୍ମ-ସମର୍ପଣ କରିଲେ ସେ ନିଜେ ଆମକୁ ସବୁ ପାପରୁ ମୁକ୍ତ କରିଦେବେ । ତଥାପି ଆମେ ଯଦି ତାଙ୍କ କଥା ଶୁଣିବାନି ଏବଂ ପରେ ତାଙ୍କୁ ହିଁ ସବୁ କଥାରେ ଦୋଷ ଦେବା, ଏଇଟା କ'ଣ ଠିକ ? ? ?

ଯଦି ଗୋଟିଏ ପୁଅ ତା' ବାପାର କଥା ଶୁଣିବନି ତେବେ ତା'କୁ ଏମିତି ହିଁ ଦଣ୍ଡ ଭୋଗିବାକୁ ପଡ଼ିଥାଏ ! ସେତେବେଳେ ସମାଜ କହିଥାଏ ଯେ, ପିଲାଟି ବାପାର କଥା ମାନିଲା ନାହିଁ, ତେଣୁ ଦଣ୍ଡ ପାଇଲା । ତେବେ ପୁଣି ଭଗବାନଙ୍କଠାରେ ଥିବା ଏହି ନିୟମଟି ଯିବ କୁଆଡ଼େ ?

ସେ ଆମ ବାପା; ଆମେ ଯାହା ନାହିଁ ତାହା ତାଙ୍କ ଠାରୁ ମାଗି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଉଛନ୍ତି, ନ ଦେଲେ ପୁଣି ତାଙ୍କ ଉପରେ ରାଗି ଯାଉଛନ୍ତ । କିନ୍ତୁ ଆମ ଅପେକ୍ଷା ସେ ଭଲଭାବେ ଜାଣିଛନ୍ତି ଯେ ଆମ ପାଇଁ କେଉଁଟା ଭଲ ଏବଂ କେଉଁଟା ଖରାପ, ଯେପରି ଆମ ବାପା-ମା' ଜାଣନ୍ତି ।

- ଶୁଭଶ୍ରୀ ପୃଷ୍ଟି (ବ୍ରହ୍ମପୁର, ଗଞ୍ଜାମ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାଭି ରଜ୍ଜୁର ଗଣ୍ଠି



କୁମାରୀ ସସ୍ମିତା

କୁହାଯାଏ ମା ଓ ଛୁଆ ଭିତରେ ସହଜୀବୀ ସମ୍ପର୍କ ରହିଥାଏ କାରଣ ମା ପାଇଁ ସନ୍ତାନ ଓ ସନ୍ତାନ ପାଇଁ ମା । ପ୍ରସିଦ୍ଧ ଲେଖକ ଏରିକ ଫର୍ମ ପ୍ରେମର ବିଭାଜନ କରି କହିଥିଲେ, ପ୍ରେମ ତିନି ପ୍ରକାରର ଯଥା, ସର୍ତ୍ତମୂଳକ ପ୍ରେମ (conditional love), ନିଃସର୍ତ୍ତ ପ୍ରେମ (unconditionl love ), ସହଜୀବୀ ପ୍ରେମ (simbiotic love) । ସର୍ତ୍ତମୂଳକ ପ୍ରେମ ଓ ନିଃସର୍ତ୍ତ ପ୍ରେମର ଅନେକ ଉଦାହରଣ ଦେଖିବାକୁ ମିଳେ କିନ୍ତୁ ସହଜୀବୀ ପ୍ରେମ କେବଳ ମା ଓ ମା ପେଟରେ ଥିବା ଛୁଆ ମଧ୍ୟରେ ରହିଥାଏ, କାରଣ ମା'ର ନିଶ୍ୱାସ ଛୁଆର ନିଶ୍ୱାସ ହୁଏ । ମା'ର ଖାଦ୍ୟ ଛୁଆର ଖାଦ୍ୟ ହୁଏ, ମା'ର ରକ୍ତ ଛୁଆର ରକ୍ତ ହୁଏ । ସେହିପରି ମା ମଧ୍ୟ ପେଟରେ ଥିବା ଛୁଆର ଗତିବିଧିକୁ ଅନୁମାନ କରି ସ୍ୱର୍ଗୀୟ ସୁଖ ଅନୁଭବ କରେ । କିନ୍ତୁ ଆଲୋଚ୍ୟ ବିଷୟ ହେଲା ମା ଓ ଛୁଆ ଏହି ସମୟରେ କିପରି ସମ୍ପର୍କ ସ୍ଥାପନ କରନ୍ତି ? ଏହାର କେବଳ ଗୋଟିଏ ମାତ୍ର ଉତ୍ତର ମିଳିବ ତାହା ହେଲା ନାଭି ଦଉଡି ବା Umbilical Cord ।

ଗର୍ଭ ଧାରଣର ୩/୪ ମାସ ଭିତରେ ଭ୍ରୁଣ ଚାରିପାଖରେ ଥିବା ଭ୍ରୁଣ ଥଳିଟି ଆସ୍ତେ ଆସ୍ତେ ପରିବର୍ତ୍ତନ ହେବାକୁ ଲାଗେ ଓ ନିଜର ରୂପ ବଦଳାଏ । ଏହି ଭ୍ରୁଣ ଥଳିଟି ନାଭିରଜ୍ଜୁ ବା umbilical cordରେ ପରିଣତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବା ଆରମ୍ଭ କରେ । ଗର୍ଭରେ ଥିବା ଛୁଆର ପାରିପାକ ତନ୍ତ୍ର, ରେଚନ ତନ୍ତ୍ର, ରକ୍ତ ସଂଚାଳନ ତନ୍ତ୍ର, ଶ୍ୱସନ ଆଦି ସମସ୍ତ ନିତ୍ୟାନ୍ତ ଆବଶ୍ୟକ ପ୍ରକିୟା ଗୁଡିକ ଏହି ନାଭିରଜ୍ଜୁ ଦେଇ ସମ୍ପାଦନ ହୋଇଥାଏ । ଏଥିରେ ଦୁଇଟି ଧମନୀ ଓ ଗୋଟିଏ ଶିରା ଥାଏ । ଅମ୍ଳଜାନ ଯୁକ୍ତ ରକ୍ତ ମା ଶରୀରରୁ ଭୃଣ ଶରୀରକୁ ଓ ଅଙ୍ଗାରକାମ୍ଳ ଯୁକ୍ତ ରକ୍ତ ଭୃଣ ଶରୀରରୁ ମା ଶରୀରକୁ, ଏହି ନାଭିରଜ୍ଜୁ ଦ୍ୱାରା ଯିବା ଆସିବା କରିଥାଏ ।

ନାଭି ରଜ୍ଜୁ ପ୍ରାୟ ୫୦ସେମି ଲମ୍ବ ଓ ୨.୫ ସେମି ବ୍ୟାସ ବିଶିଷ୍ଟ ହୋଇଥାଏ । ଏହା ଦେଖିବାକୁ ହାଲକା ହଳଦିଆ ରଙ୍ଗର ଓ ଜେଲ୍ଲି ପଦାର୍ଥରେ ତିଆରି । ମାତୃ ଗର୍ଭରେ ଶିଶୁ ଓ ମା ମଧ୍ୟରେ ଭାବ ଓ ଆବେଗର ଆଦାନ ପ୍ରଦାନ ଏହି ରଜ୍ଜୁ ଦ୍ୱାରା ହୋଇଥାଏ । ନାଭି ରଜ୍ଜୁ ଦ୍ୱାରା ତିଆରି ହୋଇଥିବା ସମ୍ପର୍କ ଆଜନ୍ମ ଅଟେ ଓ ଏହା ମଲା ପର୍ଯ୍ୟନ୍ତ ଏହା ଅତୁଟ ରହିଥାଏ ।

ମା ର ମମତା, ସରେନାହି କେବେ,

ମରିଗଲା ବେଳେ ମା, ପିଲା କଥା ଭାବେ"

୭-୮ ମାସ ବେଳକୁ ଭୃଣର ହାତ, ଗୋଡ଼, ଆଖି, ନାକ, କାନ ଆଦି ବିକଶିତ ହୋଇଯାଇଥାଏ । ପେଟ ମଧ୍ୟରେ ପିଲାର କୌଣସି ମନୋରଞ୍ଜନର ମାଧ୍ୟମ ନଥାଏ । ତେଣୁ ପିଲା ସମୟ ସମୟରେ ନାଭି ରଜ୍ଜୁ ସହିତ ଖେଳିବାକୁ ଲାଗେ । ଖେଳିବା ସମୟରେ ପିଲା ବେଳେବେଳେ ଏହାକୁ ବେକରେ ଗୁଡ଼ାଇ ଦିଏ, ଯାହା ଫଳରେ ନାଭି ରଜ୍ଜୁରେ ଗଣ୍ଠି ପଡ଼ିଯାଏ । ନାଭି ରଜ୍ଜୁରେ ଗଣ୍ଠି ପଡିଯିବା ଦ୍ୱାରା ପିଲାର ସଠିକ ବିକାଶ ହୋଇପାରେ ନାହିଁ । ଶିଶୁକୁ ଆବଶ୍ୟକ ପରିମାଣର ଅମ୍ଳଜାନ, ରକ୍ତ, ପୋଷକ ମିଳିପାରେ ନାହଁ । ତେଣୁ ଗର୍ଭଧାରଣର ୩୫ ସପ୍ତାହ ଆଡକୁ ଶବ୍ଦ ତରଙ୍ଗ (ULTRA SOUND) ପରୀକ୍ଷା କରାଯାଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥାଏ । ଏହା ବ୍ୟତୀତ ମା ଶିଶୁର ଗତିବିଧିକୁ ଅନୁଭବ କରି ମଧ୍ୟ ଶିଶୁର ଏହି ସମସ୍ୟାକୁ ଜାଣିପାରିବ । ଶିଶୁ ହଟାତ ଖସି ଆସି ଅଟକି ଯିବା, ଶିଶୁ ଲାତ ମାରିବା କମ କରିଦେବା, ଜୋର ଜୋର ଖସିବା ପୁଣି ଅଟକି ଯିବା ଆଦିକୁ ଆଧାର କରି ମା, ଚିକିତ୍ସକଙ୍କ ସହ ପରାମର୍ଶ କରିବା ଆବଶ୍ୟକ ।

ଏହି ସମୟରେ ମା ଭୟ କରିବା ଆଦୌ ଆବଶ୍ୟକ ନାହିଁ, କାରଣ ପ୍ରକୃତି ଏହି ରଜ୍ଜୁକୁ ଏପରି ତିଆରି କରିଛି ଯେ, ଏଥିରେ ଥିବା ଜେଲ୍ଲି ପଦାର୍ଥ ସମ୍ପୂର୍ଣ ଅବରୋଧ କରିପାରେ ନାହିଁ । ବାରମ୍ବାର ହୃଦସ୍ପନ୍ଦନ ପରୀକ୍ଷା କରିବା, ଆବଶ୍ୟକ ହେଲେ ମା'କୁ ଅମ୍ଳଜାନ ଥଳି ଦ୍ୱାରା ଅମ୍ଳଜାନ ପ୍ରଦାନ କରିବା, କୃତ୍ରିମ ଗର୍ଭ ଜାଳ ଗର୍ଭାଶୟରେ ଛାଡ଼ିବା ଆଦି କାର୍ଯ୍ୟ କରି କୌଣସି ବଡ ବିପତ୍ତିକୁ ରୋକି ପାରିବା ।

କୁମାରୀ ସସ୍ମିତା
୮୯୮୪୦୪୯୫୨୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାତୃଭାଷା ଆମପାଇଁ ଅମୃତ ସମାନ



ବସନ୍ତ କୁମାର
ବାରିକ

ଉପକ୍ରମ--

ପୁରାତନ ପ୍ରସ୍ତର ଯୁଗରେ ମାନବ ବଣମଣିଷ ଭାବେ ବଣ ଜଙ୍ଗଲରେ ଯାଯାବର ଜୀବନ ବିତାଇବା ପରେ ସଭ୍ୟତା ଗଢ଼ିଉଠିଲା । ଆର୍ଯ୍ୟ ସଂସ୍କୃତିର ଉଦ୍ଭବ ଏବଂ ସନାତନ ଧର୍ମାବଲମ୍ବୀ ହୋଇ ବସତି ସ୍ଥାପନ କଲା । ବଣ ଜଙ୍ଗଲରେ ପୋଡ଼ା ମାଂସ ଛାଡି, ଚାଷ କରି ଜୀବିକା ନିର୍ବାହ କଲା । ପ୍ରସ୍ତର ଯୁଗର ପ୍ରଥମେ ହିସାବ ପାଇଁ ପଥର ଉପରେ ଗାର ଟାଣି, ଠାରଦ୍ୱାରା ମନର ଭାବ ଦ୍ୱାରା ଭାଷା ପରିପ୍ରକାଶ କରୁଥିଲା । ସ୍ଥାୟୀ, ବସତି ପରେ, ସମାଜ ଗଢ଼ି ମନର ଭାଷା, ହିସାବ ନିକାଶ, ନୀତିନିୟମ, ସମୟ, ସାମାଜିକ ମୂଲ୍ୟବୋଧ ପାଇଁ ଅକ୍ଷର ଶିଖି, ଜ୍ଞାନ ଆହରଣ କରିବାକୁ ଚେଷ୍ଟାକରି ସଫଳ ହେଲା । ସମାଜରେ ହିଁ ଭାଷାର ଜନ୍ମ, ସମାଜ ମଧ୍ୟରେ ଭାବର ଆଦାନ ପ୍ରଦାନ ନିମନ୍ତେ ମନୁଷ୍ୟ ଯେଉଁ ଚିରନ୍ତନ ସଠିକ ପ୍ରଚେଷ୍ଟା କଲା, ତହିଁରୁ "ଭାଷା" ସୃଷ୍ଟି । ଭାଷାକୁ ସୁନ୍ଦର, ମାର୍ଜିତ, ସୁରୁଚି ସମ୍ପନ୍ନ, ସରଳୀକରଣ, ପ୍ରସାର, ପ୍ରଚାର ଓ ସୁଷମ କରିବାକୁ ଯାଇଁ ସାହିତ୍ୟର ଜନ୍ମ ।

ଭାରତ ଏକ ସାର୍ବଭୌମ, ଧର୍ମନିରୋପକ୍ଷ ରାଷ୍ଟ୍ର, ଏଠାରେ ବିଭିନ୍ନ ଭାଷାଭାଷୀ, ଧର୍ମାବଲମ୍ବୀ ବାସ କଲେ ହେଁ ସମସ୍ତେ ଭାରତୀୟ ଠିକ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହିପରି ଉତ୍କଳରେ ବିଭିନ୍ନ ଧର୍ମାବଲମ୍ବୀ, ଖାଦ୍ୟପେୟ, ବେଶପୋଷକରେ ବିଭିନ୍ନତା ପରିଲିକ୍ଷିତ ହେଲେହେଁ ଆମେ ଓଡ଼ିଶାବାସୀ, ଆମ ଭାଷା ଓଡ଼ିଆ । ଧନୀ ଗରିବ, ଜ୍ଞାନୀ ଅଜ୍ଞାନୀ, ପରିବାର, ସମାଜ ଭିତରେ ଯେଉଁ ପ୍ରଚଳିତ କଥିତଭାଷାରେ କଥାବାର୍ତ୍ତା, ଭାବର ଆଦାନ ପ୍ରଦାନ କରନ୍ତି, ତାହାହିଁ "ମାତୃଭାଷା" ।

ମୋ ମାତୃଭାଷାର ଜନ୍ମ--

୧୮୦୩ ମସିହା ବେଳକୁ ଓଡ଼ିଶା ଥିଲା ଇଂରେଜ ଅଧୀନରେ । ୧୮୬୮ ମସିହାରେ ବାଲେଶ୍ୱର ତତ୍କାଳୀନ କଲେକ୍ଟର ଜର୍ଜ ବିନସ ଥିବାବେଳେ ତାଙ୍କ ଅଧୀନରେ କାର୍ଯ୍ୟରତ ବଙ୍ଗୀୟ ଶିକ୍ଷାବିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଉଲ୍ଲେଖ କଲେଯେ, "ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନହେଁ" । ଓଡ଼ିଶାରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ସ୍କୁଲ, କଲେଜ, କାର୍ଯ୍ୟାଳୟରେ ପ୍ରଚଳିତ ହେବ । ଜର୍ଜ ବିନସ ଏହାକୁ ଗ୍ରହଣ କଲେ କିନ୍ତୁ ବ୍ୟାସକବି ଫକୀରମୋହନ ସେନାପତି, ଗୌରିଶଙ୍କର ରାୟ ପ୍ରଭୃତି ଓଡ଼ିଆ ଭାଷାର ସୁରକ୍ଷା, ନିରାପଦ ପାଇଁ କଲେକ୍ଟରଙ୍କୁ ପ୍ରଶ୍ନ ପଚାରି ସଂଗ୍ରାମ କରିଥିଲେ, ଓଡ଼ିଆଭାଷା ବଙ୍ଗଳାରୁ ସୃଷ୍ଟି ନୁହେଁ । ଓଡ଼ିଶାର ଏହା ନିଜସ୍ୱ ଭାଷା । ପରେ ପରେ କଲେକ୍ଟର ଜର୍ଜ ବିନସ୍ ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳକୁ ଇଂଗ୍ରାଜୀରେ ଅନୁବାଦ କରି waves of delants ପୁସ୍ତକ ରଚନା କରିଥିଲେ ଏବଂ ଉଲ୍ଲେଖ କରିଥିଲେ when oriya was fixed and settle language in india. The Bengali language didn't exist. ପରିଶେଷରେ ଓଡ଼ିଆ ଭାଷା ପ୍ରଚଳିତ ହୋଇଥିଲା । ଫକୀର ମୋହନଙ୍କ ଭାଷାରେ

" ପଢିଲି ନାନା ଦେଶ ଭାଷା

କାହୁଁ ନ ପୂରିଲା ଆଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉ ପଛକେ ସେ ନିକୃଷ୍ଟ

ମୋ ମାତୃଭାଷା ମୋତେ ଶ୍ରେଷ୍ଠ"

ଏବଂ

"ଭ୍ରମିଲି ତହିଁ ବହୁଦୂର

କାଞ୍ଚି, କାମାକ୍ଷା, କାନପୁର

ପାଇଲି ନାହିଁ ଘୂରିଘୂରି

ମୋ ମାତୃଭାଷାର ମାଧୁରୀ"

ପାଲି, ପ୍ରାକୃତି, ଚର୍ଚ୍ଚାପଦ, ବୌଦ୍ଧଗାନ ଦୋହାରୁ ଓଡ଼ିଆ ଭାଷା ଉତ୍ପତ୍ତି । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ, ଭରତମୁନିଙ୍କ ନାଟକ "ଓଡ୍ରୌ ମାଗଧି"ରୁ ଓଡ଼ିଆଭାଷା ସୃଷ୍ଟି । ଆଦିକବି ସାରଳା ଦାସ, ପଞ୍ଚସଖା କବି, ରୀତିଯୁଗ, ସବୁଜ ଯୁଗରେ ଓଡ଼ିଶା ଭାଷାର ପ୍ରଚାର, ପ୍ରସାର ହୋଇଥିଲା । ଯେଉଁ ମାନଙ୍କର ଚେଷ୍ଟା, ପ୍ରଚେଷ୍ଟା, ଅକ୍ଲାନ୍ତ ପରିଶ୍ରମ, କର୍ତ୍ତବ୍ୟ ନିଷ୍ଠା ଫଳରେ ଓଡ଼ିଆଭାଷା ବିଶ୍ୱ ଦରବାରରେ ୨୩ ଗୋଟି ଭାଷା ମଧ୍ୟରୁ, ଶାସ୍ତ୍ରୀୟ ମାନ୍ୟତା, ସରକାରୀ ଭାଷାରେ ନିଜର ସ୍ଥାନ ସୁରକ୍ଷିତ କରି ଉଚ୍ଚ ପ୍ରଂଶସିତ ହୋଇପାରିଛି । ସେମାନଙ୍କ ପାଇଁ ୧୯୩୬ ମସିହା ଅପ୍ରେଲ ୪ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରାଜ୍ୟ ଭାବରେ ପରିଗଣିତ ହୋଇଛି । ସେମାନେ ନମସ୍ୟ, ଚିରପୂଜ୍ୟ, ଅମର ଓ ଉତ୍କଳର ଯୋଗ୍ୟ ସନ୍ତାନ ।

ସମାଜରେ ମାତୃଭାଷାର ସ୍ଥାନ–

ମାତୃଭାଷା ସାମାଜିକ ବନ୍ଧନକୁ ଦୃଢ଼ ରଖେ, ଯାହାଫଳରେ ଭାଇଚାରା, ମମତାର ବନ୍ଧନ, ପାରିବାରିକ ସେହ୍ନ, ଶ୍ରଦ୍ଧା ଅତୁଟ ଥାଏ । ସମାଜ ମାତୃଭାଷାର ବାର୍ତ୍ତାବହ । ଭାଷାର ମର୍ଯ୍ୟାଦା ବଢାଏ ସାହିତ୍ୟ । ସମାଜର ମର୍ଯ୍ୟଦା ବଢାଏ ସାହିତ୍ୟ । ସମାଜ ନଥିଲେ ସାହିତ୍ୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୃଷ୍ଟି ଓ ବିକାଶ ସମ୍ପୂର୍ଣ୍ଣ ଅସମ୍ଭବ । ମାତୃଭାଷା ଜାତିର ପରିଚୟ । ମାତୃଭାଷାକୁ ଆଧାର କରି ସାହିତ୍ୟର ସୃଷ୍ଟି, ଅତଏବ: ମାତୃଭାଷା, ସାହିତ୍ୟ ଓ ସମାଜ ପରସ୍ପର ଜଡ଼ିତ, ଅବିଚ୍ଛେଦ୍ୟ ଅଙ୍ଗ ଏବଂ ତ୍ରିଭୂଜାକାର ଭଳି ଆବଦ୍ଧ । ରାଜତନ୍ତ୍ର ହେଉ କି ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ମାତୃଭାଷା ବିଦ୍ୟମାନ । ପରିବର୍ତ୍ତନ ସମାଜରେ ସମୟ, ଯୁଗ, ଖାଦ୍ୟ, ବସ୍ତ୍ର, ବାସଗୃହ ବଦଳୁଥିବା ବେଳେ ମାତୃଭାଷା ନିର୍ଦ୍ଧିଷ୍ଟ, ଚିରନ୍ତନ ସତ୍ୟ । ମାତୃଭାଷା ପାଇଁ ସମାଜ ହୁଏ ସଂସ୍କାର, ନୀତି ନିୟମଯୁକ୍ତ । ଅବସରକାଳୀନ ସମୟରେ ଆବାଳବୃଦ୍ଧବନିତା ଅଧ୍ୟୟନ କରି, ଶ୍ରବଣ କରି, ଦେଖି ହୁଅନ୍ତି ଆନନ୍ଦ, ଖୁସି ବିଭିନ୍ନ ମାଧ୍ୟମରେ ଯଥା-ଓଡ଼ିଆ ଭାଷାରେ କାବ୍ୟ କବିତା, ଗୀତି କବିତା, ଦେଶାତ୍ମବୋଧକ ଗୀତ, ପୁରାଣ, କ୍ଷୁଦ୍ରଗଳ୍ପ, ଦୀର୍ଘଗଳ୍ପ, ପ୍ରବନ୍ଧ, ନାଟକ, ଉପନ୍ୟାସ, ବ୍ୟଙ୍ଗସାହିତ୍ୟ ଓ ବିଦ୍ରପାତ୍ମକ ଚେତନା ରଚନା, ଅନୁବାଦ୍ୟ, ପାଲା, ଦାସକାଠିଆ, କଣ୍ଢେଇନାଚ, ଯାତ୍ରା, ଏକକ ଅଭିନୟ ଇତ୍ୟାଦି ମାତୃଭାଷାରେ ସାହିତ୍ୟ ଜରିଆରେ । ମୋ ମାତୃଭଷାର କୃତିତ୍ୱର ଗାଥା, କିମ୍ବଦନ୍ତୀ, ବଣମଲ୍ଲୀ ପରି ନୁହେଁ, ଏହା ପ୍ରଚାରି ପ୍ରସାରୀ ସର୍ବତ୍ର ସୁଗନ୍ଧ । ସଭିଁଙ୍କୁ କରେ ଆମୋଦିତ, ବିମୋହିତ ।

ଜୀବନରେ ଓଡ଼ିଆ ସାହିତ୍ୟକୁ ସାଥୀ କରି, ବ୍ରତୀ ହୋଇ, ବିଭୁକୃପା ଲାଭକରି ଆଦିକବି ସାରଳା ଦାସ, ପଞ୍ଚସଖାର କବିଗଣ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର, ଗାଳ୍ପିକ ଫକିର ମୋହନ ସେନାପତି, କବିସୂର୍ଯ୍ୟ ବଳଦେବ ରଥ, ଘଣ୍ଟକବି ଯଦୁମଣି ମହାପାତ୍ର, ଉପନ୍ୟାସିକ ଗୋପୀନାଥ ମହାନ୍ତି, ନାରୀକବି କୁନ୍ତଳା କୁମାରୀ ସାବତ, କଥାକାର ବାଗ୍ମୀ ପ୍ରସିଦ୍ଧ ଲେଖକ ଓ କବି ମନୋଜ ଦାସ, ସଚ୍ଚି ରାଉତରାୟ, ପଦ୍ମଶ୍ରୀ ପ୍ରତିଭା ରାୟ ଏବଂ ରଜତ କର ଇତ୍ୟାଦି ବିଭିନ୍ନ ସମ୍ମାନ, ମାନପତ୍ର, ଉପଢୌକନ, ଉପାଧି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରସ୍କାରରେ ଭୂଷିତ ହୋଇ ଓଡ଼ିଶା ପାଇଁ ଗର୍ବ, ଗୌରବ, ଖ୍ୟାତି, ଯଶ, ସୁନାମ ଅର୍ଜନ କରିଛନ୍ତି । ସାହିତ୍ୟ ପାଇଁ ଅମର ହୋଇଛନ୍ତି।

ଅମୃତର ସଂଜ୍ଞା--

ପୌରାଣିକ କିମ୍ବଦନ୍ତୀକୁ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ସାଗର ମନ୍ଥନରୁ ଯେଉଁ ଅମୃତ ଉଦଗୀରଣ ହୋଇଥିଲା, ସେହି ଅମୃତକୁ କେନ୍ଦ୍ର କରି ଦେବତା ଓ ଅସୁରଗଣ ମଧ୍ୟରେ ତ୍ରୀବ ଅସନ୍ତୋଷ ଏବଂ କଳହ ସୃଷ୍ଟି ହୋଇଥିଲା । ଦେବତାଗଣ ଅମୃତ ପାନ କରି ଅମରତ୍ୱ ହାସଲ ବେଳେ, ମହାଦେବ ଶିବ ହଳାହଳ ବିଷ ପାନକରି ନୀଳକଣ୍ଠ ସାଜିଥିଲେ । ଯାହା ଫଳରେ ମର୍ତ୍ତ୍ୟରେ ମାନବ ସଭ୍ୟତା ଗଢି ଉଠିଛି । ଅମୃତ କହିଲେ ସାଧାରଣତଃ "ନ-ମୃ+ତ"କୁ ବୁଝାଏ । ଅର୍ଥାତ ମରଣହୀନ, ଦେବତା, ଜଳ, ସୁଧା, ଦୁଗ୍ଧ, ବଚନକୁ ଅମୃତ କୁହାଯାଏ । ଭାଗବତରେ-

ଅମୃତ ବିନୟ ବଚନ

କହି ତୋଷିବ ପ୍ରାଣୀମନ"

ପ୍ରକୃତରେ ଯେଉଁ ଅମୃତ ପାନକଲେ ମାନବ ଅମର ହାସଲ କରିବ, ଏଯାବତ କେହିବି ନା ଅମୃତ ଦେଖିଛନ୍ତି, ନା ପାନ କରିଛନ୍ତି । ତେଣୁ-

ମର୍ତ୍ତ୍ୟ ମଣ୍ଡଳେ ଦେହବହି

ଦେବତା ହେଲେବି ମରଇ"

କଳିଯୁଗରେ ଅମୃତ ପ୍ରାପ୍ତି ପାଇଁ ବିଭିନ୍ନ ମାଧ୍ୟମରେ ଯଥା-ମାତୃଭାଷାରେ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର, ସେବା, କଳା, ଶିକ୍ଷା, ସଂସ୍କୃତି, ବିଜ୍ଞାନ, ତ୍ୟାଗ ଇତ୍ୟାଦିରେ ଜନମାନସରେ, ବିଶ୍ୱ ଦରବାରରେ ସମ୍ମାନ, ଉପାଧି, ଖ୍ୟାତି, ଯଶ, ବିଖ୍ୟାତ, ଅମର ହିଁ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅମୃତ ପ୍ରାପ୍ତି । ଯାହାକି ଚିରକାଳ ଅମର ରଖେ, ଅମୃତପାନ ପରି।

ମାତୃଭାଷା କିପରି ଅମୃତ--

ମଣିଷ ନିଜର ଶିକ୍ଷା, ଦୀକ୍ଷା, ବ୍ୟବହାର, ଚାଲିଚଲଣି, କର୍ତ୍ତବ୍ୟ, ଅଧିକାର, ମାନବିକତାରେ ଭବିଷ୍ୟତ ଉଜ୍ଜ୍ୱଳମୟ କରିବାର୍ଥେ ମହାନ ପୁରୁଷଙ୍କ ଆତ୍ମଜୀବନୀ, ଉପଦେଶ, ବିଭିନ୍ନ ପୌରାଣିକ ବହି ଯଥା-ମହାଭାରତ, ରାମାୟଣ, ବେଦ, ଉପନିଷଦ, ବାଇବେଲ, ଗ୍ରନ୍ଥ, ଭାଗବତ ନିଜ ମାତୃଭାଷାରେ ରଚିତରୁ ପଢି, ବୁଝି କାମରେ ଲଗାଇଲେ ଜୀବନ ହେବ ସୁଖମୟ, ମଧୁମୟ, ଆନନ୍ଦମୟ, ଅମୃତମୟ । ମୋ ମାତୃଭାଷାର ସରଳ ଅର୍ଥ, ଭାବାର୍ଥ, ବିନ୍ୟାସ, ସନ୍ଧିବିଚ୍ଛେଦ, ଭାବଧାରା ଅନନ୍ୟ, ଶ୍ରେଷ୍ଠ । ସମସ୍ତେ ବୁଝିବାକୁ ଓ ବ୍ୟକ୍ତ କରିବାକୁ ସମର୍ଥ । ମାନବ ସମାଜ ମାତୃଭାଷାକୁ ପୁଞ୍ଜିକରି ମନୋନିବେଶ କରି ହୋଇପାରିବ ବିତ୍ତଶାଳୀ, ବିଖ୍ୟାତ, ବରିଷ୍ଠ, ବରେଣ୍ୟ, ବଳବନ୍ତ । ପ୍ରାପ୍ତି ହେବ ଅମରତ୍ୱ, ଆତ୍ମସନ୍ତୋଷ, ଅଗ୍ରାଧିକାର, ଆତ୍ମପରିଚୟ ଯାହା "ଅମୃତ"ରୁ ମିଳିଥାଏ । ମାତୃଭାଷା ଦ୍ୱାରା ଅମୃତ ମିଳିପାରିବ, ଏଥିରେ ସନ୍ଦେହ ନାହିଁ । ଜାତିରେ କନ୍ଧ, ଜନ୍ମାନ୍ଧ ସନ୍ଥକବି ଭୀମଭୋଇଙ୍କ ଓଡ଼ିଆ ଭାଷାରେ ସେହି ଗର୍ବ, ଗୌରବର କାଳଜୟୀ ପଦଦ୍ୱାରା ସେ ଅମର , ଏହା ସରକାର ଭବନରେ ଏବେବି ସୁଦ୍ଧା ସ୍ଥାନିତ

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କିବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ"।

ମାତୃଭାଷାର ରକ୍ଷା ଓ ବିକାଶ--

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାମ୍ପ୍ରତିକ ଯୁଗରେ ଆମ ମାତୃଭାଷାରେ ଓଡ଼ିଆ ସାହିତ୍ୟର ସ୍ଥିତି, ଅବସ୍ଥିତି, ଅଗ୍ରଗତି ଅତି ନିମ୍ନତର, ମନ୍ଥର । ପାଶ୍ଚାତ୍ୟ ସଭ୍ୟତାରେ ବଶବର୍ତ୍ତୀ ହୋଇ ଆମ୍ଭେ ଭୁଲି ଗଲେଣି ମାତୃଭାଷା, ଶିକ୍ଷା, ସଂସ୍କାର, ଚାଲି ଚଲଣି, ଐତିହ୍ୟ, ପରମ୍ପରା, ଯାହାର ପୁନରୁଦ୍ଧାର ଏବେ ଆବଶ୍ୟକ । ଯାହା ସମାଜ ପାଇଁ ହେବ ମଙ୍ଗଳମୟ, ଶୁଭଙ୍କର । ଯିଏ ଯେତେ ଉଚ୍ଚଶିକ୍ଷିତ, ଉଚ୍ଚ ଅଭିଳାଷୀ, ଉଚ୍ଚକାଂକ୍ଷୀ, ଉଚ୍ଚପଦବୀରେ ଥିଲେ ମଧ୍ୟ ନିଜର "ମାତୃଭାଷା" ପ୍ରତି ମମତା, ସମତା, ସଚେତନତା, ଆଦର ନାହିଁ ସେଇ ବ୍ୟକ୍ତି ଉତ୍କଳବାସୀର ମହାନ ଜନନାୟକର ପଦବାଚ୍ୟ ନୁହେଁ । ଭର୍ତ୍ତୃହରିଙ୍କ ମତରେ ଓଡ଼ିଆ ସଙ୍ଗୀତ, ସାହିତ୍ୟ ଦୁଇଟି କଳା ପାଇବାରେ ଯେଉଁମାନେ ଅପାରଦର୍ଶୀ, ଅନଭିଜ୍ଞ ସେମାନେ ଦୁଇ ଗୋଡ଼ ବିଶିଷ୍ଟ ଲାଙ୍ଗୁଡ, ଶୃଙ୍ଗ ବିହୀନ ପଶୁ । ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ମତରେ ମାତୃଭାଷା ପ୍ରତି ମମତା ନଥିବା ମଣିଷ ଦେଶଭକ୍ତ ହୋଇ ପାରିବ ନାହିଁ । ମାତୃଭାଷାର ଉନ୍ନତି ପାଇଁ କବି ଗଙ୍ଗାଧର ମେହେରଙ୍କ ମତରେ--

"ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚକର ଆଗେ ନିଜ ମାତୃଭାଷା"

ଏବଂ

ମାତୃଭୂମି, ମାତୃଭାଷାରେ ମମତା
ଯା'ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ"।

ଓଡ଼ିଆଭାଷାର ବିଲୋପ ନଘଟୁ, ପ୍ରଗତି, ଉନ୍ନତି, ଅଭିବୃଦ୍ଧି ଘଟି ସମସ୍ତ ସରକାରୀ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେସରକାରୀ, ଅଫିସ୍, କଲେଜ, କାର୍ଯ୍ୟାଳୟ, ବିଦ୍ୟାଳୟ ମାନଙ୍କରେ କାଗଜପତ୍ରରେ ଓଡ଼ିଆ ସ୍ଥାନ ପାଉ । ସରକାରୀ ଓଡ଼ିଆ ବିଦ୍ୟାଳୟରେ ଉତ୍ତମ ଶିକ୍ଷାସହ, ତାଲିମପ୍ରାପ୍ତ ଶିକ୍ଷକ, ନବୀକରଣ ଶିକ୍ଷା ପଦ୍ଧତି, ବିଭିନ୍ନ ପୋତ୍ସାହନ, ବୃତ୍ତି, ବିଭିନ୍ନ ଯୋଜନାମାନ ସରକାରଙ୍କ ଅନୁମୋଦନ କଲେ ପୂର୍ବଭଳି ଓଡ଼ିଆ ସାହିତ୍ୟରେ ବିକାଶ ଘଟିବ । ମାତୃଭାଷାକୁ ଆଧାର କରି ଓଡ଼ିଆ ସାହିତ୍ୟରେ ଗବେଷଣା କରି ନୂତନତ୍ୱ ରଚନା, ରୂପଲେଖ ଦେଇ ଜଣେ କଥାକାର, ସମ୍ପକାର, ଗୀତିକାର, ସାହିତ୍ୟକାର, ନାଟ୍ୟକାର, କବି, ପ୍ରାବନ୍ଧିକ, ଉପନ୍ୟାସିକ, ଗାୟକ, ବ୍ୟାଙ୍ଗକାର, ପ୍ରବଚକ ପ୍ରଭୃତି ବିଶ୍ୱ ଦରବାରରେ ଅମର, ଯଶସ୍ୱୀ, ସମ୍ମାନନୀୟ, ଆପଣାର ମଣିଷ, ପ୍ରିୟ ଭାଜନ, ବିଭିନ୍ନ ଉପାଧିରେ ମଣ୍ଡିତ ହୋଇ ପାରିବ । ସୁତରାଂ ମାତୃଭାଷାର ରକ୍ଷା ହେବା ସଙ୍ଗେସଙ୍ଗେ ବିକାଶ ମଧ୍ୟ ଘଟିବ।

ଶେଷକଥା--

ମାତୃଭାଷା ପ୍ରତି ସମ୍ମାନ, ଆନ୍ତରିକତା, ଆଦର, ମୋହ ରହିବା ବାଞ୍ଛନୀୟ । ଏହାର ପ୍ରଗତି, ଉନ୍ନତି, ଲୋକାଭିମୁଖୀ, ବିକାଶ ଓଡ଼ିଶାବାସୀଙ୍କ ହସ୍ତରେ ନ୍ୟସ୍ତ, ହୋଇ ତତ୍ପର, ଆଗଭର, ଶୁଭଚିନ୍ତକ ବିଶ୍ୱସ୍ତରରେ ଶ୍ରେଷ୍ଠ, ମହାନ ଭାଷାରୂପେ ମାନ୍ୟତା ଆଣିବା ଆମର କାମ୍ୟ । ମୋ ପାଇଁ ମୋ ମାତୃଭାଷା ସର୍ବ ଶ୍ରେଷ୍ଠ କୋଷ, ମହାନ ଅଭିଧାନ, ଅସରନ୍ତି ଶବ୍ଦ ଭଣ୍ଡାର, ଅମୃତ, ପରିଚୟ, ପ୍ରବିତ୍ର, ଶ୍ରେଷ୍ଠ ଏବଂ ମୁଁ କରେ ପ୍ରଣିପାତ । ମୋ ମାତୃଭାଷାର ବିକାଶ ସାମୁହିକ ଉନ୍ନତିର ସୂତ୍ରଧାର ଏବଂ ଓଡ଼ିଶା ହେବ ଶ୍ରେଷ୍ଠ ରାଜ୍ୟ ବିଶ୍ୱରେ।...

ଏଚ-୧୩୮, ସେକ୍ଟର-୨
ରାଉରକେଲା, ସୁନ୍ଦରଗଡ଼
ଦୂରାଭାଷ -୮୩୨୭୭୪୭୭୭୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃଭାଷା ଆମପାଇଁ ଅମୃତ ସମାନ



ପ୍ରାଣବନ୍ଧୁ ରାଉତ

ଧୋରେ ବାଇଆ ଧୋ, ଯେଉଁ କିଆରିରେ ବହଳ ମାଣ୍ଡିଆ, ସେଇ କିଆରିରେ ସୋ । ଆ ଜହ୍ନମାମୁଁ ଶରଦଶଶୀ, ମୋ କାହ୍ନୁ ହାତରେ ପଡରେ ଖସି । ପିଲା ବେଳର ମୋ ମା'ର ଗୀତ, ଶୋଇଲା ବେଳେ, ଅଝଟ ହେଲା ବେଳେ, ମା ଜହ୍ନ ଦେଖେଇ କୁହେ ଜହ୍ନମାମୁଁରେ ଜହ୍ନମାମୁଁ ମୋ ପୁଅ ହାତରେ ଆ ଆ ଧରା ଦେ, ମୋ ପୁଅ ଖେଳିବ । ଆହାଃ କେଡେ ମଧୁର, ପାଠ ପଢି ନଥିବା ମୋ ମାର *ପ୍ରହେଳି*, କେଡେ ମଧୁର ଅମୃତ ମୟ ଭାଷାର ଲାଳିତ୍ୟ, କାହିଁ ମିଳିବ ସେ ମଧୁରତା । ମା ମାଟି ଭାଷାର ମହକ ଅନନ୍ୟ ।

୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ ଓଡିଆ ଭାଷାକୁ କେନ୍ଦ୍ର ସରକାର *ଶାସ୍ତ୍ରୀୟ* ଭାଷାର ମାନ୍ୟତା ଦେଇଥିଲେ । ଓଡିଶାର ସଂସ୍କୃତି ବିଭାଗ, ସାହିତ୍ୟ ଏକାଡେମୀ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଏହି ଦିନ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଓଡିଆ ଭାଷାର ଅସ୍ମିତା ଓଡିଆ ଭାଷାର ଶାସ୍ତ୍ରୀୟତା ପ୍ରତିପାଦନ କରିବାପାଇଁ ।

ଓଡିଆ ଏକ ଭାରତୀୟ ଭାଷା, ଯାହା ଏକ ଇଣ୍ଡୋ-ଇଉରୋପୀୟ ଭାଷାଗୋଷ୍ଠୀ ଅନ୍ତର୍ଗତ ଇଣ୍ଡୋ-ଆର୍ଯ୍ୟ ଭାଷା, ଏହା ଭାରତ ଦେଶର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡିଶା ପ୍ରଦେଶରେ ସର୍ବାଧିକ ବ୍ୟବହାର କରାଯାଉଥିବା ମୁଖ୍ୟ ସ୍ଥାନୀୟ ଭାଷା, ଯାହା କି ୯୧.୮୫% ଲୋକ ବ୍ୟବହାର କରନ୍ତି । ଓଡିଶା ସମେତ ଏହା ପଶ୍ଚିମ ବଙ୍ଗ, ଛତିଶଗଡ଼, ଝାଡଖଣ୍ଡ, ଆନ୍ଧ୍ର ପ୍ରଦେଶ ଓ ଗୁଜରାଟ (ମୁଖ୍ୟତ ସୁରଟ)ରେ ବ୍ୟବହାର କରାଯାଏ । ଏହା ଓଡିଶା ସରକାରୀ ଭାଷା, ଏହା ଭାରତ ସମ୍ବିଧାନ ସ୍ୱୀକୃତି ପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ଗୋଟିଏ ଓ ଝାଡଖଣ୍ଡର ୨ୟ ପ୍ରସାଶନିକ ଭାଷା, ଓଡିଆ ଷଷ୍ଠ ଭାରତୀୟ ଭାଷା ଭାବରେ ଏକ ସ୍ୱତନ୍ତ୍ର ଓ ଅନ୍ୟ ଭାଷାଦ୍ୱାରା ପ୍ରଭାବିତ ହୋଇନଥିବାରୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି ।

ମୋ ଭାଷା ମୋ ପାଇଁ ମଧୁର ସୁନ୍ଦର ଷୋଡ଼ଶ ଯୁଗୀୟ ପଞ୍ଚସଖା ରଚନା ବଳି, ଶ୍ରୀମଦ ଭାବଗତ, ଟୀକା ଗୋବିନ୍ଦଚନ୍ଦ୍ର, ମାଳିକା, ଲକ୍ଷ୍ମୀ ପୁରାଣ, ସାରଳା ଦାସଙ୍କ ସାରଳା ମହାଭାରତ ଜୟଦେବଙ୍କ ଛନ୍ଦ ପରିପୂର୍ଣ୍ଣ କରେ ମୋ ଭାଷା ସାହିତ୍ୟକୁ, ଆଧୁନିକ ଓଡିଶାର ବିନ୍ଧାଣୀ ଗୋପବନ୍ଧୁ ରଚନା ବଳି, ମଧୁବାବୁଙ୍କ ଅବଦାନ ଛବିଳ ମଧୁ ବର୍ଣ୍ଣବୋଧ, ଫକିର ମୋହନଙ୍କ କାଳଜୟୀ ଲେଖା, ଗୋପାଳ ପ୍ରହରାଜଙ୍କ ଶବ୍ଦ ପୁଞ୍ଜି, ଓଡିଆ ମା'ର ବୀରପୁତ୍ର ସୁଭାଷଚନ୍ଦ୍ର ବୋଷ, ଜୟୀ ରାଜ ଗୁରୁ, ବକ୍ସି ଜଗବନ୍ଧୁ, ରାଜା ରାମଚନ୍ଦ୍ର ଭଞ୍ଜଦେଓ ମୋ ମାଟି ମୋ ଭାଷାର ଗର୍ବ ଗୌରବ ।

ମୋ ଭାଷା ଭାବର ଠାକୁର ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଭଜନ, ମା ତାରିଣୀଙ୍କ ଭଜନ ସତେ କି ମନୋହର, ଭିକାରୀ ବଳ, ବାଣୀ କଣ୍ଠ ନିମାଇଁ ହରିଚନ୍ଦନ, ସୁଭାଷ ଦାସ, ଅକ୍ଷୟ ମହାନ୍ତିଙ୍କ ସୁମଧୁର ତାନ କରେ ଆନ ମନ ମୋ ଭାଷାର ଲାଳିତ୍ୟ, ଏଣୁ ମୋ ଭାଷା ମୋତେ ବଡ ବହୁତ ବଡ ଅମୃତ ତୁଲ୍ୟ ।

ମୁଁ ଓଡିଆ ମୋ ଭାଷା ଓଡିଆ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡିଆ ମାର ପୋଡ ନଡିଆ*,

ଚକୁଳିଆ ପଣ୍ଡା ଧୁଡୁକିନାଚ*,

ପାଲା ଦାସକାଠିଆ ଚଉତିଶା*,

ଜୀବନେ ଆଣେ ଅପାର ଆନନ୍ଦ,*

ଅମୃତମୟ ମୋ ଭାଷା ବଢିଆ*।।

ଜୟ ଶ୍ରୀ ଜଗନ୍ନାଥ, ବନ୍ଦେ ଉତ୍କଳ ଜନନୀ* ।।


ପ୍ରାଣବନ୍ଧୁ ରାଉତ, ପିଙ୍ଗୁଆ ,ଢେଙ୍କାନାଳ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃଭାଷା ଆମପାଇଁ ଅମୃତ ସମାନ



ବିଦ୍ୟୁତପ୍ରଭା ମିଶ୍ର

ମାଆ ଠାରୁ ଶୁଣିଥିବା ଓ କହି ଶିଖିଥିବା ଭାଷା ହିଁ ଆମ ମାତୃଭାଷା ଅଟେ । ମୋ ଭାଷା ମୋ ପାଇଁ ଅମୃତ ସମ, ତାର ପ୍ରତ୍ୟେକ ଶବ୍ଦ ମୋ ମନକୁ ପୁଲକିତ କରେ ।

"ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ।"

ଗଙ୍ଗାଧର ମେହେରଙ୍କ ଅନୁସାରେ କଥା କହି ଶିଖିବା ପର ଠୁ ଆଜିଯାଏଁ ଯେଉଁ ସାମାଜିକ ଓ ସାଂସ୍କୃତିକ ପରିବେଶ ଦେଇ ଗତି କରିଛୁ ତାହା ଆମର ଭାଷା ଜ୍ଞାନକୁ ଅଧିକରୁ ଅଧିକ ଶାଣିତ ମାର୍ଜିତ ଓ ସମୃଦ୍ଧ କରିଛି ।

ଭାଷାର ଦୁଇଟି ରୂପ ଥାଏ ଯଥା କଥିତ ଓ ଲିଖିତରୂପ, ଲିଖିତ ଭାଷା ହେଉଛି ଶୁଦ୍ଧ ଓ ମାର୍ଜିତ ଏହାର ବିଶେଷ ପରିବର୍ତ୍ତନ ନଥାଏ ମାତ୍ର କଥିତ ଭାଷା ଅହରହ ବଦଳୁଥାଏ ।

ବେଦ ଆମର ପ୍ରାଚୀନ ତମ ଭାଷାର ନମୁନା । ବେଦ ରଚନା ହେବାପରେ ସେଇ ଭାଷାକୁ ବୈଦିକ ଭାଷା କୁହାଗଲା, ଏଇ ବୈଦିକ ଭାଷାର ସଂସ୍କାର କରାଯାଇ ଯେଉଁ ନୂତନ ଭାଷା ସୃଷ୍ଟି ହେଲା ତାହାର ନାମ ସଂସ୍କୃତ । ଏବଂ ଏହା ହେଲା ବୈଦିକ ଭାଷାର ମାର୍ଜିତ ଲିଖିତ ରୂପ, କିନ୍ତୁ ଲୋକ ମୁଖରେ ବୈଦିକ ଭାଷା ପ୍ରଚଳିତ ରହିଥିଲା ତାକୁ ପରବର୍ତ୍ତୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ପ୍ରାକୃତ ନାମରେ ନାମିତ କରାଗଲା ।

ପ୍ରକୃତି ଶବ୍ଦର ଅର୍ଥ ବା ସାଧରଣ ଲୋକ, ସାଧାରଣ ଲୋକଙ୍କ ଭାଷା ଯୋଗୁଁ ଏହାକୁ ପ୍ରାକୃତ କୁହାଗଲା । ଏହି ପ୍ରାକୃତ ବିଭିନ୍ନ ଅଞ୍ଚଳକୁ ନେଇ ଭିନ୍ନ ଭିନ୍ନ ନାମରେ ଯଥା ମହାରାଷ୍ଟ୍ରୀ, ସୌରସେନୀ, ମାଗଧୀ, ପୈଶାଚି । ସମଗ୍ର ଉତ୍ତର ପୂର୍ବ ଭାରତରେ ମାଗଧୀ ପ୍ରାକୃତ ପ୍ରଚଳିତ ଥିଲା, ଏହି ପ୍ରାକୃତ ପୁଣି ନଗରାଞ୍ଚଳ ଓ ପଲ୍ଲୀଞ୍ଚଳ ଭେଦରେ ଦୁଇ ପ୍ରକାର ଥିଲା, ପଲ୍ଲୀ ଅଞ୍ଚଳରେ କଥିତ ଭାଷାକୁ ପାଲୀ କୁହାଯାଉଥିଲା ।

ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗ ବିଜୟ ପରେ ଓଡିଶା ମଗଧ ଶାସନଧୀନ ହେଲା ଏବଂ ମଗଧ ସଂସ୍ପର୍ଶରେ ଆସି ସେତେବେଳେ ଓଡ଼ିଶାରେ ପ୍ରଚଳିତ ଥିବା ପ୍ରାକୃତ ଭାଷା ଅର୍ଦ୍ଧ ମାଗଧୀ ନାମରେ ନାମିତ ହେଲା ।

ଏହି ଅର୍ଦ୍ଧ ମାଗଧୀ ଭାଷାରୁ ଓଡ଼ିଆଭାଷାର ସୃଷ୍ଟି ବୋଲି ଆଲୋଚକ ମାନେ କହନ୍ତି । ଅଷ୍ଟମ ନବମ ଶତାବ୍ଦୀ ବେଳକୁ ମିଳିଥିବା କିଛି ଲେଖା ଯାହା ଚର୍ଯ୍ୟାଗୀତିକା ନାମରେ ପରିଚିତ ତହିଁରୁ ସେ ସମୟର ଓଡ଼ିଆ ଭାଷାର ନମୁନା ଆମେ ପାଇଥାଉ ।

ଉଦାହରଣ

କା ତରୁବାର ପଞ୍ଚ ବିଡାଲ

ଚଞ୍ଚଳ ଚିଏ ପୈଠ କାଳ

ଦିଧ କରିଅ ମହା ସୁହ ପରିମାଣ

ଲୁଇ ଭଣଇ ଗୁରୁ ପୁଛିଅ ଜାଣ ।

ଏହାର ଭାଷା ସଂସ୍କୃତ ଭାଷାରୁ ବହୁଦୂରକୁ ଚାଲିଆସିଥଲେ ବି ସଂସ୍କୃତକୁ ଛାଡି ପାରିନି ଏବଂ ଓଡ଼ିଆ କ୍ରିୟା ପ୍ରତ୍ୟୟ ର ପ୍ରୟୋଗ ଏଥିରେ ଦେଖିବାକୁ ମିଳେ ।

ଏହି ପରମ୍ପରା ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ନାନା ପରିବର୍ତ୍ତନ ଭିତର ଦେଇ ଶାରଳା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାଭାରତ ରେ ପୂର୍ଣ୍ଣ ରୂପ ଲାଭ କରିଥିଲା । ଏହା ପୂର୍ବରୁ ଏକାଦଶ ଶତାବ୍ଦୀର ଉରଜାମ ଶିଳାଲେଖରେ ବର୍ଣ୍ଣିତ ପନ୍ଦର ଓ ଭିତର ପରି ଶବ୍ଦର ଓଡ଼ିଆ ରୂପ ଦେଖିବାକୁ ମିଳିଥିବାରୁ ଏହି ସମୟକୁ ଓଡ଼ିଆ ଭାଷା ସୃଷ୍ଟିର କାଳ ବୋଲି ନିର୍ଣ୍ଣୟ କରାଯାଏ । ଏକାଦଶ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ଓ ତାପରେ ପଞ୍ଚସଖା ଯୁଗର ସାହିତ୍ୟରେ ଓଡ଼ିଆ ଭାଷା ଆହୁରି ବିକଶିତ ହୋଇ ପୂର୍ଣ୍ଣତା ଲାଭ କରିଥିଲା । ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ଭାଷାର ଏକା ମାର୍ଜିତ ଏବଂ ସମ୍ପୂର୍ଣ୍ଣତାର ପ୍ରତୀକ ହୋଇ ରହିଛି । ଏହାପରେ ବିଦେଶୀ ଶାସନର ପ୍ରଭାବ ଯୋଗୁଁ ଓଡ଼ିଆ ଭାଷାରେ ବୈଦେଶିକ ଶବ୍ଦର ପ୍ରୟୋଗ ଆରମ୍ଭ ହୋଇଛି । ମୋଟ ଉପରେ ଓଡ଼ିଆ ଭାଷାରେ ଚାରି ପ୍ରକାର ଶବ୍ଦ ଦେଖିଥାଉ । ତତ୍ସମ ତଦ୍ଭବ, ଦେଶଜ ଓ ବୈଦେଶିକ ।

ଆମ ଓଡ଼ିଆ ଭାଷାର ଲାଳିତ୍ୱ ସବୁ ଭାଷାରୁ ମଧୁର ଓ ଏହାର ଲେଖନୀ ଶୈଳୀପ୍ରାୟତଃ ବର୍ତ୍ତୁଳାକାର । ଏହି ଭାଷା ପଞ୍ଚସଖା ଯୁଗରେ ଯଥା ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ଆଦି ସମୃଦ୍ଧ କରିଥିଲେ ସଂସ୍କୃତଗ୍ରନ୍ଥର ଛାୟାରେ ରଚନା କରି ।

ତତପରେ ରୀତି ଯୁଗୀୟ କବି ଓ ଆଧୁନିକ ଯୁଗରେ ଆମରି ଓଡିଶା ଭାଷା ବିଭିନ୍ନ କବି ଓ ଲେଖକଙ୍କ ଦ୍ୱାରା ଆହୁରି ସମୃଦ୍ଧ ଆହୁରି ଦିବ୍ୟ ଓ ଭବ୍ୟ ହୋଇଛି ପ୍ରକୃତି, ଚରିତ୍ର ଓ ବିଷୟ ବସ୍ତୁ ବର୍ଣ୍ଣନାରେ ଓ ରଚନା ଶୈଳୀରେ । ଯଥା ଭଞ୍ଜଙ୍କର ଲାବଣ୍ୟବତୀ, ବୈଦେହୀଶ ବିଳାସ ଆଦି । ଦୀନକୃଷ୍ଣଙ୍କର ରସ କଲ୍ଲୋଳ, ବ୍ରଜନାଥ ବଡ଼ଜେନାଙ୍କର ଚତୁର ବିନୋଦ, ଅଭିମନ୍ୟୁଙ୍କର ବିଦଗ୍ଧ ଚିନ୍ତାମଣି, ବଳଦେବ ରଥଙ୍କର କିଶୋର ଚନ୍ଦ୍ରାନନ୍ଦ ଚମ୍ପୁ ।

ଏକ ସମୟରେ ବଙ୍ଗାଳି ଭାଷାର ଆଧିକ୍ୟତା ଦୃଷ୍ଟିରୁ ଓଡ଼ିଆ ଭାଷାର ଆଦର କମିଯାଇଥିଲା ଏପରିକି ଓଡ଼ିଆ ଏକ ଭାଷା ନୟ ବୋଲି ଯୁକ୍ତି ବାଢିଥିଲେ ସେମାନେ । ମଧୁବାବୁ, ଫକୀର ମୋହନ, ଗଜପତି କୃଷ୍ଣ ଚନ୍ଦ୍ରଦେବ, ଗୌରୀଶଙ୍କର ରାୟ ଆଦିଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଚେଷ୍ଟା ବଳରେ ଓଡ଼ିଆ ସମ୍ମିଳନୀ ଗଠିତ ହେଲା ଓ ୧୯୩୬ରେ ଓଡିଶା ରାଜ୍ୟ ସ୍ୱତନ୍ତ୍ର ଓ ଓଡ଼ିଆ କୁଭାଷାର ମାନ୍ୟତା ମିଳିପାରିଥିଲା ।

""ଉଚ୍ଚ ହେବା ପାଇଁ କରଯେବେ ଆଶା

ଉଚ୍ଚ କର ଆଗେ ନିଜ ମାତୃଭାଷା "

ତାପରେ ଫକୀର ମୋହନ, ରାଧାନାଥ, ମଧୁସୂଦନ, ଗଙ୍ଗାଧର,ଗୋପବନ୍ଧୁଙ୍କ ରଚନାରେ ପୃଷ୍ଟ ହେଲା ଓଡ଼ିଆ ଭାଷା ସାହିତ୍ୟ ଓ ଗଠନ ହେଲା ଭାଷା ଭିତ୍ତିକ ଓଡିଶା ସ୍ୱତନ୍ତ୍ରରାଜ୍ୟ ।

ପ୍ରାୟ ୨୨ଟି ସ୍ୱୀକୃତି ପ୍ରାପ୍ତ ଭାଷା ମଧ୍ୟରୁ ଆମ ଓଡ଼ିଆ ଭାଷା ଷଷ୍ଠ ସ୍ଥାନ ପାଇ ଅଛି । ଆମ ଭାଷା ୧୯୧୪ମସିହା ଫେବୃଆରୀ ୨୦ରେ ସ୍ୱତନ୍ତ୍ର ଭାଷା ମାନ୍ୟତା ପାଇଥିଲା ।

ତାପରେ କାଳନ୍ଦୀ ଚରଣ, ସଚ୍ଚି ରାଉତରାୟ, ସୁରେନ୍ଦ୍ର ମହାନ୍ତି, ରମାକାନ୍ତ ରଥ, ପ୍ରତିଭା ରାୟ, ମନୋଜ ଦାସ ଆଦି ସ୍ମରଣୀୟ ବ୍ୟକ୍ତିମାନେ ଓଡ଼ିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିଛନ୍ତି ।

ଓଡ଼ିଆ ଭାଷାର ଏକ ସୁଦୀର୍ଘ ପରମ୍ପରାକୁ ସାହିତ୍ୟର ବିଭିନ୍ନ ବିଭାଗ ଦ୍ୱାରା ପରିପୂର୍ଣ୍ଣ କରି ଓଡ଼ିଆ ଭାଷାକୁ ମହାନ କରି ତୋଳିଛନ୍ତି, ଅନ୍ୟ ଭାଷା ସହିତ ସମକକ୍ଷ କରିଛନ୍ତି । ଏହି ମହାନ ଭାଷାକୁ ଆମେ ମାତୃଭାଷା ଭାବରେ ପାଇ ଆମେ ଗର୍ବିତ ହେବା ଉଚିତ ଓ ଏହାର ସମ୍ମାନ ବଜାୟ ରଖିବାକୁ ଆମେ ଚେଷ୍ଟିତ ରହିବାକୁ ଆମର କର୍ତ୍ତବ୍ୟ ଭାବିବା ଉଚିତ । ଯେଉଁଠାରେ ବି ଯାଇ ରହିଲେ ମଧ୍ୟ ଆମଭାଷା ଓଡ଼ିଆ ଆମର ପ୍ରିୟ ଓ଼ ତାର ପ୍ରତ୍ୟେକ ପଦ ଅମୃତସଦୃଶ ॥

ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାତୃଭାଷା ଆମପାଇଁ ଅମୃତ ସମାନ



ଦେବେନ୍ଦ୍ର ନାୟକ

ଉତ୍କଳ ଭାରତୀର ରମ୍ୟ କୁଞ୍ଜବନରେ ଯେଉଁ ମାନେ ଦିନେ ମୂରଲୀ ମୂର୍ଚ୍ଛନା ଖେଳାଇ ଅମର ଭାରତୀର ମହାକାବ୍ୟକୁ ମୁହୁଃ ର୍ମୁହୁଃ ତାଳରେ ଝଙ୍କୃତ କରୁଥିଲେ ସେମାନେ ହେଉଛନ୍ତି ଏହି ଉତ୍କଳ ମାଟିରେ ମରି ମଧ୍ୟ ଅମର ହୋଇ ଥିବା ଉତ୍କଳମଣୀ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, କବିବର ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ, କୁନ୍ତଳାକୁମାରୀ ସାବତ, ଗୋଦାବରୀଶ ମହାପାତ୍ର, କବିବର ରାଧାନାଥ ରାୟ, ସରୋଜିନୀ ନାଇଡୁ, ସ୍ୱଭାବ କବି ଗଙ୍ଗାଧର ମେହେର, ମଧୁସୂଦନ ରାଓ ଜାତୀୟ କବି ବୀରକିଶୋର,ସାରଳା ଦାସ, ସୁକାମିନୀ ନନ୍ଦ, ପ୍ରତିଭା ରାୟ, ବିଭୁତି ଭୁଷଣ ପଟ୍ଟନାୟକ ଏମିତି ଆହୁରି ଅନେକ ଭାଷା ପ୍ରେମୀଙ୍କ ଲେଖନୀ ଚାଳନା ଫଳରେ ଆମ ମାତୃଭାଷା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ମୋ ମାତୃଭାଷା ମୋ ପାଇଁ ଅମୃତ ସମାନ ! କହିବାର ତାତ୍ପର୍ଯ୍ୟ - ମାତୃଗର୍ଭରୁ ଭୂମିଷ୍ଟ ହେବା ପର ଠାରୁ ମୋ କର୍ଣ୍ଣରେ ବାଜୁଥିଲା କେତେ ଢାଞ୍ଚାର କଥାବାର୍ତ୍ତା କିନ୍ତୁ ସେତେବେଳେ ମୁଁ ଖାଲି ମୁକ ସାକ୍ଷୀ ପରି ହାତଗୋଡ ହଲେଇ ଅବୁଝା ଭାଷାରେ କରିଯାଉଥିଲି ହସ ଓ କାନ୍ଦ ମାଧ୍ୟମରେ ମୋ ଭାଷାକୁ । ଅଭ୍ୟାସ ବଳେ ଶିଶୁ ଯଥା ଶିଖଇ କ୍ରମେ କହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଥା । ଏପରି ଅବସ୍ଥା ଆସିଯିବା ପରେ ମୁଁ ଯେତେବେଳେ ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ୱର ମୋ କୁଳଗୁରୁ ମୋର ହାତ ଧରି ଲେଖା ଶିଖାଇଲେ ବିଦ୍ୟାଳୟରେ ବାଗ୍ ଦେବୀଙ୍କ ସମ୍ମୁଖରେ ସତରେ ସେ ସମୟର ଆନନ୍ଦ ମୋ ଠାରୁ ଅଧିକ ଥିଲା ମୋ ପିତା ମାତାଙ୍କର ! ତତ୍ ପରେ ମୋ ବାପା ଧିରେ ଧିରେ ଶିଖେଇଲେ ଛବିଳ ମଧୁ ବର୍ଣ୍ଣବୋଧର ଶବ୍ଦ, ବାକ୍ୟ, ସଂଖ୍ୟା, ପଣକିଆ, ମଧୁର ବାଣୀ ଇତ୍ୟାଦି ଇତ୍ୟାଦି ଅନେକ କିଛି । କାଳକ୍ରମେ ମୋ ଭାଷାରେ ମୁଁ ପଢି ଚାଲିଲି ଶ୍ରେଣୀ ପରେ ଶ୍ରେଣୀ ନାନାଦି କାବ୍ୟ କବିତା ନାଟକ, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ ବହୁତ କିଛି । "ଆମ ମାତୃଭୂମି ଓଡ଼ିଶା ହୋଇଲେ ମାତୃଭାଷା ଆମ ଓଡ଼ିଆ, କହିବା ଲେଖିବା ପଢି ପଢ଼ାଇବା ତେବେ ତ ବଢ଼ିବ ଓଡ଼ିଆ ।"

ତେଣୁ ପ୍ରତ୍ୟେକ ଓଡ଼ିଆ ନିଜ ମାତୃଭାଷାକୁ ଉପେକ୍ଷା ନ କରି ସମ୍ମାନର ସହିତ ପଢିବା, ଲେଖିବା, ଶିଖିବା ଓ ଶିଖେଇବାର ପ୍ରୟାସ ଜାରି ରଖିବା ଏକାନ୍ତ କାମ୍ୟ । ଏମିତି କି ଲଜ୍ଜା ବୋଧ ହୁଏ ଆମ ମୁଖ୍ୟ ମନ୍ତ୍ରୀ ଦୀର୍ଘଦିନର ଶାସନ ଗାଦିରେ ରହି ମଧ୍ୟ ଓଡିଆ ଭାଷାକୁ ଠିକ୍ ଭାବରେ ଉଚ୍ଚାରଣ କରିପାରୁ ନାହାଁନ୍ତି । ଏ କଥା ମୁଁ କହୁନି ଆଜିକାର ମୋବାଇଲ ଚାଳକ ମାନେ ଆମ ଓଡ଼ିଆ ହୋଇ ମଧ୍ୟ ତାଙ୍କର ଆଚରଣ ଉଚ୍ଚାରଣକୁ ବ୍ୟଙ୍ଗ କରି ଲୋକଙ୍କୁ ଜଣାଉଛନ୍ତି । କେତେ ଦୁଃଖର ବିଷୟ ସତରେ !

ଅନ୍ୟ ରାଜ୍ୟମାନଙ୍କରେ ନିଜ ନିଜର ଭାଷାରେ ପ୍ରତ୍ୟେକ ସରକାରୀ ହେଉ ଅବା ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ଆମ ରାଜ୍ୟରେ ତାହାର ବ୍ୟତିକ୍ରମ ଦେଖାଯାଏ । ଏଥିରୁ ସ୍ପଷ୍ଟ ଜଣାପଡ଼ୁଛି ଆମ ରାଜ୍ୟର ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କର ଆମ ମାତୃଭାଷା ପ୍ରତି କେତେ ଭଲପାଇବା ରହିଛି । ମାତୃଭୂମି ମାତୃ ଭାଷାରେ ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନି ଗଣରେ ଗଣିବା ଅଜ୍ଞାନୀ ରହିବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାହିଁ !

ଏଭଳି ମନୋଭାବ ରଖି କାର୍ଯ୍ୟ କଲେ ମୋ ମାତୃଭାଷା ଦିନେ ରସାତଳକୁ ଖସି ଯିବ । ତେଣୁ ପ୍ରତ୍ୟେକ ଓଡ଼ିଆ ନିଜ ମାତୃଭାଷାକୁ ଅମୃତ ସମାନ ଭାବି ଲେଖନୀ ଚାଳନାକୁ ମଜଭୂତ କରିବାକୁ ପଡିବ । ଏଥିପାଇଁ ନିଜ ନିଜ ଲେଖନୀ ଚାଳନାକୁ ସାରା ରାଜ୍ୟରେ ପ୍ରଚାର ପ୍ରସାର କରି ପ୍ରତ୍ୟେକ ସରକାରୀ ଠାରୁ ବେସରକାରୀ ସଂସ୍ଥା ପର୍ଯ୍ୟନ୍ତ ଆମ ଭାଷାରେ କାର୍ଯକାରୀ ହେବା ନିତ୍ୟାନ୍ତ ଆବଶ୍ୟକ ।

ଭାଷା ବଞ୍ଚିଲେ ମୁଁ ବଞ୍ଚିବି, ସାଢ଼େ ଚାରି କୋଟି ଓଡ଼ିଆ ଗର୍ବ ଅନୁଭବ କରିବେ କି ମୁଁ ସ୍ୱତନ୍ତ୍ର ଆଜି ମୋ ଭାଷାର ବିକାଶ ପାଇଁ ।

ଶେଷରେ ଏତିକି କହିବି ଓଡ଼ିଶାର ପୁରପଲ୍ଲୀରେ ଫୁଟିଉଠିଥିବ ନିଜ ମାତୃଭାଷାକୁ ଅମୃତ ସମାନ ଭାବୁଥିବା କଳାର ପୂଜାରୀ ମାନଙ୍କୁ ଅନୁରୋଧ ଏଥିପାଇଁ ଆବଶ୍ୟକ ସ୍ଥଳେ ସକାରାତ୍ମକ ଭାବନା ରଖି ଆଉଏକ ନିଜ ମାତୃଭାଷା ପାଇଁ ବାପୁଜୀଙ୍କ ନୀତିରେ ଆନ୍ଦୋଳନର ଆବଶ୍ୟକତା ରହିଛି । ଆଉ ଯେତେ ଭାଷା ଶିଖୁଛ ଶିଖ ଆଗ ନିଜ ଭାଷା ମହତ୍ୱ ରଖ । ଏହି ଉକ୍ତିର ଯଥାର୍ଥତାକୁ ବୁଝି କାର୍ଯ୍ୟରେ ପରିଣତ କରିପାରିଲେ ମୋ ମାତୃଭାଷା ମୋ ପାଇଁ ଅମୃତ ହୋଇ ଚିରଦିନ ପାଇଁ ରହିଥିବ । ବନ୍ଦେ ଉତ୍କଳ ଜନନୀ ।

ଦେବେନ୍ଦ୍ର ନାୟକ,

ମିଟୁଆଣି, ଠାକୁରମୁଣ୍ଡା, ମୟୂରଭଞ୍ଜ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମାତୃଭାଷା ଆମପାଇଁ ଅମୃତ ସମାନ



ସ୍ୱାଗତିକା ସାହୁ

ଶବ୍ଦ ଭାରତୀରେ ପରିପୂର୍ଣ୍ଣା ମୋ ଭାଷା ଓଡ଼ିଆ । ନିର୍ଲିପ୍ତରେ ଭରେ ତପ୍ତଭାନୁର ସାହିତ୍ୟ ସବୁଜିମା । ଅପୂର୍ବ ସରୋବ ଘନକେଶୀ ନୂତନ ପୁରାତନ ଶବ୍ଦ ସମ୍ଭାରେ ଚିର ତୃପ୍ତା ସେ । ଆମ ଭାଷା ହିଁ ଜନନୀ ମଧୁ ତରଙ୍ଗିଣୀ । ଅସ୍ତିତ୍ୱ ଗାରିମା ନୁହେଁ ସେ ଅଛୁପା ସାହିତ୍ୟର ସ୍ରୋତସ୍ୱିନୀ । ମୋ ଭାଷା ଓଡିଆ ନାନା ବିଧି ସେ ଅପରୂପା ଉଠାଏ ସମ୍ଭାବନାମୟ ଜାତୀୟ ଭାବନା କରେ ଜାଗ୍ରତ । ଏହା ସହ ଶବ୍ଦମୟ ପ୍ରତି ତୁଣ୍ଡେ, ହୃଦେ ଶୋଭାବନ୍ତ ବିରାଜେ ମଳୟର ସ୍ୱର୍ଶନେଇ ଭରି ଅନେକ ମିଠା ମହୁଆ ଶବ୍ଦ ତେଣୁ ତ ଷଷ୍ଠ ଭାଷା ରୂପେ ବିଶ୍ୱେ ପ୍ରସିଦ୍ଧ । ଶାସ୍ତ୍ରୀୟ ମାନ୍ୟତା ଏହାର ଗୌରବ, ଦୁଇ ହଜାର ବର୍ଷର ପୁରାତନ ଅଥଚ ବହେ ବିଶ୍ୱ ପ୍ରୀତି । ଯୋଡି ଭଷା ଆବେଗକୁ ନେଇ କ୍ଳାନ୍ତ ଜୀବନେ ପ୍ରାପ୍ତିର ଅନୁଭବ । ଭାଷା ମହାରଥୀ ମଧୁସୂଦନଙ୍କ ମଧୁ ବର୍ଣ୍ଣବୋଧର ଛାପ, ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଦିଏ ସୃଜନୀର ନବ ସଂଜୀବନୀ । ଫକୀର ମୋହନ, ଗଙ୍ଗାଧର, କବିବର ରାଧାନାଥ କରନ୍ତି ଓଡ଼ିଆ ଭାଷାର ପ୍ରମାଣ ।

ବଢ଼ାଇ ଆତ୍ମ ବିଶ୍ୱାସର ହସ୍ତ ରଖିବା ତାହାରି ଯଶ ମାନ । ଭାଷା ଦୁର୍ଗାଙ୍କ ଆହ୍ୱାନେ ଗର୍ଜିବ ଧରଣୀ ହେବ ଶବ୍ଦର କମ୍ପନ । ହଁ ଏବେ ଏକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବାର ସମୟ । ମନ୍ତ୍ର ବୀଜ ବୁଣି ବୁଣି ଚାଲିବା । ଲିଭିଜିବା ପୂର୍ବରୁ ମଥାନତ ପୂର୍ବରୁ ଉଡେଇ ମାତୃଭଷା ଧ୍ୱଜା ଲିଖନୀ ମୁନରେ କରିବା ଆହ୍ୱାନ । ହେଉ ସେ ବିଶ୍ୱ ବିଦିତ, ଆମ ସ୍ୱାଭିମାନ ଜୀବନର ଧାରା ମାତୃଭଷା ଆମ ଧନ,ପ୍ରାଣ ଜାଗ ହେ ଉତ୍କଳ ସନ୍ତାନ ।

ଆମେ ଜନ୍ମ ହେଲାପରେ ପ୍ରଥମେ ଯେଉଁ ଭାଷାରେ କଥା କହିବା ଆରମ୍ଭ କରୁ ତାହା ହେଉଛି ଆମର ମାତୃଭାଷା । ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ହିଁ ମାତୃଭାଷା । ଭାଷା ଆମ ମନର ଭାବନାକୁ ଅନ୍ୟ ପାଖରେ ପହଞ୍ଚାଇବାର ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ଭାଷା । ମାତୃଭାଷା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଆମ ମାତୃଭାଷା ସତେ ଆମ ପାଇଁ ଅମୃତ । ଭାଷା ହେଉଛି ଜୀବଜଗତରେ ମାନବର ସର୍ବୋତ୍ତମ ପରିଚୟ । ମାତୃଭାଷା ହିଁ ଭାବ ଓ ଭାବନାକୁ ବ୍ୟକ୍ତ କରିବାର ସର୍ବୋତ୍କୃଷ୍ଟ ମାଧ୍ୟମ।ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମତରେ:-

ଉଚ୍ଚ ହେବା ପାଇଁ କର ଯେବେ ଆଶା*

ଉଚ୍ଚ କର ଆଗ ନିଜ ମାତୃଭାଷା*

କବିଙ୍କର ଏହି ପଂକ୍ତିଟି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ବିଶେଷ ବାର୍ତ୍ତା ବହନ କରେ । ବାସ୍ତବରେ ମାତୃଭାଷାର ବିକାଶରେ ହିଁ ଗୋଟିଏ ଜାତିର ବିକାଶ ସମ୍ଭବ ହୋଇଥାଏ । ମାତୃଭାଷା ମାନବର ମନରେ ଜାତୀୟତା ଭାବ ସୃଷ୍ଟି କରିବାରେ ପୂର୍ଣ୍ଣ ରୂପେ ସକ୍ଷମ ହୋଇଥାଏ । ଆମ ମାତୃଭାଷା ହିଁ ଆମ ପରିଚୟର ମୂଳଦୁଆ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁ ଭାଷା ପଣ ପ୍ରଚାର ନିମନ୍ତେ ପାଳିତ ଆଜି ପର୍ଯ୍ୟନ୍ତେ ପାଳନ ହୋଇ ଆସୁଅଛି ।

ଓଡ଼ିଆର ସେହି ପରିଚିତ ପଂକ୍ତି:-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମାତୃଭୂମି ମାତୃଭାଷାରେ ମମତା*
ଯା ହୃଦେ ଜନମି ନାହିଁ,*
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା*
ଅଜ୍ଞାନ ରହିବେ କାହିଁ"।*

ଏହାର ଅର୍ଥ ଯିଏ ମାତୃଭାଷାକୁ ସମ୍ମାନ ଦେଇ ଜାଣି ନାହିଁ ତାହାଠାରୁ ଅଜ୍ଞାନ ସଂସାରରେ କେହି ବୋଧେ ଆଉ ନାହିଁ । ଭାଷାର ବିକାଶରେ ସାଧାରଣ ମଣିଷଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଏହି କଥାଟି ଭାବିବା ନିହାତି ଜରୁରୀ । ଏହା ଧ୍ରୁବ ସତ୍ୟ ଯେ ନିଜ ମାତୃଭାଷାରେ ଭାବପ୍ରକାଶ କଲେ ବ୍ୟକ୍ତି ଚେତନାକୁ ଯେତେ ସହଜରେ ଆନ୍ଦୋଳିତ କରେ ତାହା ଅନ୍ୟ ଭାଷା କିମ୍ବା ବିଦେଶୀ ଭାଷା ଦ୍ୱାରା କଦାପି ସମ୍ଭବ ନୁହେଁ । ଯେଉଁ ଓଡ଼ିଆ ଭାଷାକୁ ନେଇ ଗର୍ବ କରିବା ପାଇଁ ଆମ ପାଖରେ ଅସଂଖ୍ୟ କାରଣ ରହିଛି । ସେହି ଓଡ଼ିଆ ଭାଷାର ବିକାଶ ନିମନ୍ତେ ଆମେ କିପରି ଯତ୍ନବାନ ନୁହେଁ ତାହା ହିଁ ଚିନ୍ତାର ବିଷୟ । ସମସ୍ତେ କହୁଛନ୍ତି ଓଡ଼ିଆ ଭାଷା ଏବେ ଘୋର ସଙ୍କଟରେ ଅଛି ଆଉ କିଛି ବର୍ଷ ପରେ ଓଡ଼ିଆ ଅକ୍ଷର ଚିହ୍ନିବା ବି ମୁସ୍କିଲ ହୋଇପଡିବ ଆଗାମୀ ଦିନରେ... ଏହା କ'ଣ ପ୍ରକୃତରେ ସତ ? ? କବି ଗଙ୍ଗାଧର ମେହେର ମାତୃଭାଷାର ଅବହେଳା ଜନିତ ପରିଣତି ସଂପର୍କରେ ସତର୍କ କରାଇ ଲେଖିଛନ୍ତି :–

ଭାଷା ଯୋଗୁଁ ସିନା ଦମି ଜୀବଗଣ*
ମାନବ କରଇ ବି ବିଶ୍ୱେ ରାଜପଣ*
ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ*
କାହିଁହେବ ଆନ ପ୍ରତିଯୋଗେ କ୍ଷମ*

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡିଆ ଭାଷାର ପ୍ରାଚୀନତା ଓ ବର୍ଣ୍ଣାଢ୍ୟ ସାହିତ୍ୟ ଯୋଗୁଁ ଏହା ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିସାରିଛି ସତ । ଆଜି ସାରା ଓଡ଼ିଶାରେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ସଂରକ୍ଷଣ କରି ରଖିବା ପାଇଁ ତଥା ଏହାର ସୁରକ୍ଷା ଲାଗି ଚିନ୍ତା ହେଉଛି ।

ଭାଷା ଭିତ୍ତିରେ ଗଠିତ ହୋଇଥିବା ଓଡିଶା ପ୍ରଦେଶ ଥିଲା ମଧୁବାବୁ ଓ ଗୋପବନ୍ଧୁଙ୍କ ଜୀବନର ସ୍ୱପ୍ନ ।  ସାରଳା ଦାସଙ୍କ ଠାରୁ ଆରମ୍ଭ କରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ମଧୁସୂଦନ, ଗଙ୍ଗାଧର ମେହେର, ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଆଦି ସାହିତ୍ୟ ସାଧକମାନେ । ଆମ ସାଢେ ଚାରିକୋଟି ଓଡ଼ିଆ ଯିଏ ଯେଉଁଠି ଅଛେ ଯଦି ଓଡ଼ିଆ ଭାଷାର ବହୁଳ ଭାବରେ ବ୍ୟବହାର କରିବା ତେବେ ଆମ ମାତୃଭାଷା କାଳକାଳକୁ ଅଜର ଅମର ହୋଇ ରହିଥିବ ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ।  ଭାଷାକୁ କରିବା ସମ୍ମାନିତ ସଂଗୋପିତ ବଂଚିବା ପ୍ରେମ ଆବେଗ ଭରା ଅନୁନୟ ନେଇ ।

ଉମରକୋଟ,ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାତୃଭାଷା ଆମପାଇଁ ଅମୃତ ସମାନ



ଗୌରୀ ପଣ୍ଡା

ମାଆ ଠାରୁ ଶିଖୁ ଆମେ ମାଆ କହିବାର । ମାଆ ଆମ ସାହା ପରା ଟିକି ଜୀବନର ।

ଏଣୁ ମାତୃଭାଷା ସବୁ ଭାଷାଠାରୁ ଊର୍ଦ୍ଧ୍ୱରେ । ଯିଏ ମାତୃଭାଷାରେ ଭାବ ବିନିମୟ, ଭାବପ୍ରକାଶ କରି ପାରୁନାହିଁ ସେ ଅନ୍ୟ କୌଣସି ଭାଷାରେ ପାରଦର୍ଶିତା ଲାଭ କରିପାରିବ ନାହିଁ ।

ଜାପାନ ପରି ଏକ ଉନ୍ନତ ଦେଶ, ଚୀନ ପରି ପ୍ରଭାବଶାଳୀ ଦେଶକୁ ଯଦି ଦେଖିବା ତାହେଲେ ମାତୃଭାଷାର ମହତ୍ତ୍ୱ ଜାଣିପାରିବା ।

ଯଦି ଦକ୍ଷିଣ ଭାରତର ରାଜ୍ୟମାନଙ୍କୁ ଦେଖିବେ ଆପଣମାନେ ଜାଣିବେ ସେମାନେ ଏତେ ଉନ୍ନତ କେଉଁ କାରଣରୁ ।

ସେମାନେ ନିଜ ଭାଷାକୁ ଛାଡି ଅନ୍ୟ ଭାଷାରେ କଥା ହେବା ଏକ ପ୍ରକାର ହୀନମନ୍ୟତା ମନେ କରନ୍ତି । ସେମାନଙ୍କ ହୁଡିଙ୍ଗ, ନାମ ଫଳକ ଇତ୍ୟାଦି ମାତୃଭାଷାରେ ହିଁ ଲେଖନ୍ତି । ନିଜ ମାତୃଭାଷା କହୁଥିବା ଜଣେ ବ୍ୟକ୍ତିଙ୍କୁ ଦେଖିଲେ ସେମାନେ ଆନନ୍ଦ ପ୍ରକାଶ କରନ୍ତି ।

ଏପଟେ ଓଡିଶା ଏଭଳି ଏକ ରାଜ୍ୟ । ଯେଉଁଠାରେ ମାତୃଭାଷା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ଓଡିଆରେ କଥା ହେବା, ପାଠ ପଢିବାକୁ ଓଡିଶାର ଲୋକ ପସନ୍ଦ କରୁନାହାନ୍ତି । ହିନ୍ଦୀଭାଷାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଦରି ନେଲେଣି ।

କିନ୍ତୁ ଓଡିଶାର ଓଡିଆମାନେ ବୁଝିବା ଦରକାର ଯେ ଯେଉଁ ମହାପୁରୁଷମାନେ ଏ ଓଡିଶା ଭାଷାକୁ ବଞ୍ଚାଇ ରଖିବା ପାଇଁ କେତେ ଯେ ବିଦ୍ରୋହ, ଆନ୍ଦୋଳନ କରିଛନ୍ତି, ତାର ସମ୍ମାନ ତ ରଖିବା ଆବଶ୍ୟକ ।

ମୁଁ ବେଳେବେଳେ ଭାବେ ଏ ଭାଷାକୁ ବଞ୍ଚାଇ ରଖିବା ପାଇଁ କଣ କରିବାକୁ ପଡିବ ? କେମିତି ବଞ୍ଚିବ ଏ ଭାଷା ? ଓଡିଆ ଯଦି ଏ ପ୍ରକାର ମନୋଭାବ ରଖେ ତାହେଲେ ଆମ ମାତୃଭାଷା ଓଡ଼ିଆ ରହିବ ତ ?

ମୁଁ ମୋ ଭାଷାକୁ ଭଲ ପାଏ ।  ଏ ଭାଷାର ଉନ୍ନତି ପାଇଁ ମୁଁ ସର୍ବଦା ଚେଷ୍ଟିତ ।  କିନ୍ତୁ ମୁଁ ସମର୍ଥ ତ ?

କିନ୍ତୁ ବର୍ତ୍ତମାନ ସମୟରେ ସାହିତ୍ୟ ଏକାଡେମୀ, ସାହିତ୍ୟ ପରିବାର, ସାହିତ୍ୟକୁ ଭଲପାଇବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି ।  ତେଣୁ ବର୍ତ୍ତମାନ ପରିସ୍ଥିତିରେ ଆମେ ଆମ ମାତୃଭାଷାକୁ କିପରି ଲୋକ ଲୋଚନକୁ ଆଣିବା, ଲୋକପ୍ରିୟ କରିବା ସେଥିପ୍ରତି ଉଦ୍ୟମ କରିବା ଆବଶ୍ୟକ ।

ଏହା ଅବଶ୍ୟ ସତ୍ୟ ଯେ ଯାହାର ମାତୃଭାଷା ଯେତେ ସୁଦୃଢ଼ ସେ ଜାତି, ସେ ରାଜ୍ୟ ସେତେ ଉନ୍ନତ ।  ଏହି ମାତୃଭାଷାକୁ ଲୋକପ୍ରିୟ କରିବାପାଇଁ ସବୁ ଓଡ଼ିଆକୁ ସଂଗଠିତ ହେବାକୁ ପଡିବ ।  ଅନ୍ୟ ଭାଷାକୁ  ପ୍ରଶ୍ରୟ ଦେବାକୁ ବିରୋଧ କରିବାକୁ ପଡିବ ।  ମଧୁସୂଦନ ଦାସ, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, ସଚ୍ଚିଦାନନ୍ଦ ରାଉତରାୟ, ଅନ୍ନଦା ଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଭଗବତୀ ଚରଣ ପାଣିଗ୍ରାହୀ, କୁନ୍ତଳା କୁମାରୀ ସାବତ, ରମାଦେବୀଙ୍କ ପରି ଭାଷା ପ୍ରେମୀଙ୍କ ତ୍ୟାଗକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ ଭୁଲିବାନି । ଏ ଭାଷା, ଏ ସାହିତ୍ୟ ଆମ ଜୀବନ । ଏ ମାଟି, ଏ ପାଣି, ଏ ପବନରେ ଅଛି ଆମ ଭାଷା । ଆମ ନିଶ୍ୱାସରେ ଅଛି ଏ ଭାଷା । ଯାକୁ ଛାଡି ବଞ୍ଚିପାରିବା ତ ?

ଶେଷରେ ଏତିକି ଏ ଭାଷା, ଏ ସାହିତ୍ୟ ହିଁ ଆମ ପରିଚୟ । ଏ ଭାଷା ଆମ ଗୌରବ । ଆମ ଗର୍ବ । ମାତୃଭାଷାକୁ ଛାଡି ଆମେ ପରିଚୟହୀନ । ଏ ଭାଷାରେ ବଞ୍ଚିବା, ଏ ଭାଷାରେ ମୃତ୍ୟୁକୁ ଆପଣେଇବା ହିଁ ଆମରଧର୍ମ ।

ବନ୍ଦେ ଉତ୍କଳ ଜନନୀ

ଜୟ ଓଡ଼ିଆ

ଗୌରୀ ପଣ୍ଡା

ଜୟପୁର , ଜିଲ୍ଲା +++କୋରାପୁଟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝିଅ ହେବା କଣ ଭୁଲ



ଯଯାତି କେଶରୀ
ମହାକୁଡ଼

।। ଝିଅ ହେବା କଣ ମୋର ଭୁଲ ଥିଲା ।।

ଏତେ ବଡ଼ ଦୁନିଆରେ ମୁଁ ଗୋଟେ ଝିଅ ଜନ୍ମ ପାଇ ବହୁତ୍ ଖୁସି ହୋଇଯାଇଥିଲି, ଭାବିଥିଲି ଏତେ ସୁନ୍ଦର ଧରାପୃଷ୍ଠରେ ମୁଁ ଜନ୍ମ ପାଇଛି, ହେଲେ ମୁଁ କଣ ଜାଣିଥିଲି ଏ ଦୁନିଆ ଏତେ କଳୁଷିତ ବୋଲି, ଆଉ ଏ ଦୁନିଆର ଲୋକ ମାନେ ବି.... । ଏ ଦୁନିଆରେ ମୋର ପରିଚୟ ପାଇବା ପୂର୍ବରୁ ମୋତେ ମୋର ଜନ୍ମିତ ବାପା ମାଆ ନିଜଠାରୁ ଏତେ ଦୂରକୁ ପଠାଇଦେଲେ ଯେ ଭାବିଲେନି ନବ ଜନ୍ମିତ ଶିଶୁ କନ୍ୟାଟି ବଞ୍ଚିବ କି ମରିବ ? ଯଦି ବଞ୍ଚିବ ସେ ଏ ଦୁନିଆରେ କଣ ପରିଚୟ ପାଇବ ?

ସତରେ କଣ ଝିଅ ହେବା ମୋର ଭୁଲ ଥିଲା, ମୋର କଣ ମନ ନଥିଲା କି ମୁଁ ବଡ଼ ହେବି, ପାଠ ପଢ଼ିବି ଆଉ ଚାକିରି କରିବି । କାହିଁକି ? କାହିଁକି ଏ ଦୁନିଆ ମୋ ପ୍ରତି ଏତେ ଅତ୍ୟାଚାର କରୁଛି । ଗୋଟେ ପୁଅ ଜନ୍ମ ହେଲେ ସାରା ପରିବାର ଖୁସିରେ ପାଗଳ ହୋଇଯାଉଛନ୍ତି, ହେଲେ ଗୋଟେ ଝିଅ ଜନ୍ମ ହେଲେ କାହିଁକି ତା'ପ୍ରତି ଏତେ ଅତ୍ୟାଚାର । କେତେବେଳେ ପୌରପାଳିକା ନାଳରେ, ତ କେତେବେଳେ ଅଳିଆ ଆବର୍ଜ୍ଜନା କୁଣ୍ଡରେ, ତ ପୁଣି କେତେବେଳେ କଉ ବୋରୱେଲ ପାଇପ ଭିତରେ । କାହିଁକି ? କାହିଁକି ମୋ ପ୍ରତି ଏତେ ଅତ୍ୟାଚାର, ମୁଁ ପଡ଼ିଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ଜାଗାରୁ କିଏ ମୋତେ ଉଠାଇ ଆଣି ନିଜର ସ୍ୱାର୍ଥ ପାଇଁ ମୋତେ ବେଶ୍ୟାକୋଠିରେ ବିକ୍ରି କରିଦେଉଛି ମୁଁ କିଛି ଜାଣେନା । ମୁଁ ଯେତେବେଳେ ଏ ଦୁନିଆକୁ ଜାଣୁଛି ଆଉ ମୋର ପରିଚୟ ଖୋଜୁଛି ସେତେବେଳେ ଏ ଦୁନିଆ ମୋତେ ମୋର ପରିଚୟ ଦେଉଛି, ମୁଁ ହେଉଛି ଗୋଟେ ଚରିତ୍ରହୀନା । ଏ ଦୁନିଆ ଆଗରେ ମୋର ପରିଚୟ ମୁଁ ହେଉଛି ଗୋଟେ ବାରଙ୍ଗନା ବେଶ୍ୟା । ମୁଁ କଣ କେବେ ଭାବିଥିଲି ଏଇ ବେଶ୍ୟା ଶବ୍ଦ ମୋର ପରିଚୟ ହେବ ବୋଲି । ହେଲେ ଏ କଳୁଷିତ ଦୁନିଆରେ ପରିଚୟ ପାଇନଥିବା ଝିଅ ଆଜି ପରିଚୟ ପାଇଛି ବେଶ୍ୟା । କାହିଁକି ? କାହିଁକି ମୋ ପ୍ରତି ଏତେ ଅତ୍ୟାଚାର । ମୁଁ ଜାଣିପାରୁନି ଝିଅ ଜନ୍ମ ହେବା ମୋର ଭୁଲ ଥିଲା, ନା ମୋତେ ଜନ୍ମ ଦେଇ ଏ ଦୁନିଆକୁ ଆଣିଥିବା ସେଇ ବାପା ଆଉ ମାଙ୍କର...। ମୋତେ ଜନ୍ମ ଦେଇଥିବା ସେଇ ବାପା ଆଉ ମାଆଙ୍କୁ କହିବାକୁ ଚାହୁଁଛି କି ମୁଁ କି ଭୁଲ କରିଥିଲି ମୋତେ ମୋର ପରିଚୟ ନଦେଇ ମୋତେ ଅଳିଆ ଡବାରେ ପକେଇ ଚାଲିଗଲ ।

ତୁମେତ ମୋର ନିଜର ? କାହିଁକି ମୋତେ ମୋର ପରିଚୟ ନଦେଇ ମୋତେ ଫୋପାଡି ଦେଲ, ଥରୁଟେ ବି ଭାବିଲନି ଏ ଦୁନିଆରେ କିଛି କଳୁଷିତ ଲୋକ ମୋତେ ନେଇ ନିଜର ସ୍ୱାର୍ଥ ପାଇଁ ମୋତେ ବ୍ୟବହାର କରିବେ, ତୁମେ ତ ତୁମ ସ୍ୱାର୍ଥ ପାଇଁ ମୋତେ ଫିଙ୍ଗି ଦେଇଗଲ, ଯଦି ମୁଁ ଝିଅ ନହୋଇ ପୁଅ ହୋଇଥାନ୍ତି, କଣ ମୋତେ ଏମିତି ଫୋପାଡି ଦେଇଥାନ୍ତ ? ପ୍ରଶ୍ନ କରିବାକୁ ଚାହୁଁଛି ମୋତେ ଜନ୍ମ ଦେଇଥିବା ସେଇ ମାଆକୁ, ତୁ ତ ଗୋଟେ ଝିଅ ? ମୋତେ ନଅ ମାସ ଗର୍ଭରେ ଧରି ଏ ଦୁନିଆକୁ ଆଣିଲୁ ହେଲେ ମୁଁ ତୋର କଣ ଅପରାଧ କରିଥିଲି, ମୁଁ ଝିଅ ହେଲି ବୋଲି ମୋତେ କାହିଁକି ମୋ ପରିଚୟ ନଦେଇ ଫିଙ୍ଗି ଦେଲୁ, ତୋତେ ଯଦି ତୋ ବାପା ମାଆ ସେମିତି ଫିଙ୍ଗି ଦେଇଥାନ୍ତେ ତୁ କଣ ଆଜି ଏ ଦୁନିଆ ଦେଖିପାରିଥାନ୍ତୁ ? ତୁମେ ମାନେ ମୋର ପରିଚୟ ନଦେଇ ଚାଲିଗଲ, ହେଲେ ଏ କଳୁଷିତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁନିଆରେ ମୋର ପରିଚୟ ପାଇଛି, ମୁଁ ହେଉଛି ଗୋଟେ ବାରଙ୍ଗନା ବେଶ୍ୟା ।

ମୋତେ କଣ ଜନ୍ମ ଦେଇ ଏଇ ଧରାପୃଷ୍ଠକୁ ଆଣିଥିଲ ବେଶ୍ୟାର ପରିଚୟ ଦେବାପାଇଁ, ତାଠୁ ଶହେଗୁଣରେ ଭଲ ହୋଇଥାନ୍ତା ଯଦି ମୋତେ ଜନ୍ମ ଦେଇ ନିଜ ହାତରେ ମାରିଦେଇ ଫିଙ୍ଗି ଦେଇଥାନ୍ତ । କମସେ କମ୍ ତ ଏଇ ବେଶ୍ୟା ଶବ୍ଦ ମୋର ପରିଚୟ ହୋଇନଥାନ୍ତା । ମୁଁ ଭାବିନେଇଥାନ୍ତି ହୁଏତ ମୁଁ ମୋ ବାପା ମାଆଙ୍କ ପାଇଁ ଯୋଗ୍ୟ ନଥିଲି, ସେଥିପାଇଁ ସେମାନେ ମୋତେ ମାରିଦେଲେ । ହେଲେ ତୁମେମାନେ କଣ କଲ ? ମୋତେ ବେଶ୍ୟା ସଜେଇଦେଲ । ଆଉ ଏ କଳୁଷିତ ଦୁନିଆର କିଛିଟା ଅସାମାଜିକ ଲୋକ ମାନଙ୍କ ପାଇଁ ଆଜି ମୁଁ ସାଜିଗଲି ବେଶ୍ୟା ।

ମୁଁ ସେଇ ବାପା ମାଆଙ୍କୁ ହାତଯୋଡି ନେହୁରା ହେଉଛି ଦୟା କରି ନିଜ ସ୍ୱାର୍ଥ ପାଇଁ ମୋଭଳି ନିରୀହ ଶିଶୁ କନ୍ୟାମାନଙ୍କୁ ଏମିତି ନାଳନର୍ଦ୍ଦମାରେ ପକାନ୍ତୁ ନାହିଁ, କାହିଁକି ନା ଆମର ବି ଇଚ୍ଛା ଅଛି ଏ ଦୁନିଆରେ ନିଜର ବାପା ମାଆଙ୍କ ପରିଚୟ ନେଇ ବଞ୍ଚିବାପାଇଁ । ଯଦି ତୁମେମାନେ ଜନ୍ମଦାତା ହୋଇ ନିଜର ନହେବ, କଣ ଏ କଳୁଷିତ ଦୁନିଆର ଲୋକମାନେ ନିଜର ହେବେ । ଏ ଦୁନିଆର ଲୋକମାନେ ନିଜର ସ୍ୱାର୍ଥ ପାଇଁ ବଞ୍ଚିଛନ୍ତି, ଏମାନେ ନିଜ ସ୍ୱାର୍ଥ ପାଇଁ ବହୁତ ତଳକୁ ଖସିଯାଇ ପାରନ୍ତି । ମୁଁ ହାତଯୋଡି ନେହୁରା ହେଉଛି ଆମ ଶିଶୁକନ୍ୟା ମାନଙ୍କୁ ସଚ୍ଚୋଟ ଭାବରେ ବଞ୍ଚିବାକୁ ଦିଅନ୍ତୁ, ଚରିତ୍ରହୀନା ଭାବରେ ନୁହଁ । ଆମ ପାଇଁ ଜାଗା ଘରେ ରଖନ୍ତୁ ନାଳନର୍ଦ୍ଦମାରେ ନୁହଁ । ମୁଁ ହାତଯୋଡି ନେହୁରା ହେଉଛି, ଆମକୁ ବଞ୍ଚିବାର ହକ୍ ଦିଅନ୍ତୁ...., ଆମକୁ ବଞ୍ଚିବାର ହକ୍ ଦିଅନ୍ତୁ...., ଆମକୁ ବଞ୍ଚିବାର ହକ୍ ଦିଅନ୍ତୁ....।

ବାଲେଶ୍ୱର, ଭ୍ରାମ୍ୟଭାଷ :-୭୩୮୧୭୭୦୨୦୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାଆଁ ଆଉ ଶୀତ



ଅନନ୍ତ କୁମାର

ସତରେ ଗାଁ ଶବ୍ଦଟି ଶୁଣିଦେଲେ ଯିଏ ଯେଉଁଠି ଥାଉ ନା କାହିଁକି ତା ଆଖି ସାମ୍ନାରେ ଛୋଟ ବେଳୁ ଏ ଯାଏଁ ଗାଁର ଟିକି ନିକି ଘଟିଥିବା ଘଟଣା ଏବଂ ପ୍ରତ୍ୟେକଟି ଛବି ଝଲସି ଯାଏ ଆଉ ମନ ଭିତରେ କେତେ କଥା ମନକୁ ଆସି ଫେରିଯାଏ । ପ୍ରତ୍ୟେକଟି ଋତୁ ପ୍ରତ୍ୟେକଟି ପର୍ବ ଗାଁରେ ନିଆରା, ଶରତର ପରେ ପରେ ଶୀତ ଥିରି ଥିରି ପାଦ ପକାଇ ଆସେ ଏ ଧରା ବକ୍ଷକୁ ଆଉ ସମସ୍ତଙ୍କୁ ଭିଜେଇ ଦିଏ ତା ଟୋପା ଟୋପା କାକର ବିନ୍ଦୁରେ । ଗାଁ ଆଉ ଶୀତ ସତେ ଯେପରି ଦୁଇ ଭାଇ ଜଣେ ଜଣଙ୍କ ବିନା ଅଧୁରା, ସଂନ୍ଧ୍ୟା ହେଇ ଆସିଲେ ରବିର କିରଣ ଧିରେ ଧିରେ ନିସ୍ତେଜ ହେଇଯାଏ ଚନ୍ଦ୍ରମା ଧୀରେ ଧୀରେ ଶୀତଳ କିରଣ ଧରି ମାଡି ଆସେ ସବୁଜ କ୍ଷେତରେ ପରିପୂର୍ଣ୍ଣ ଥିବା ଛୋଟ ଗାଆଁଟିକୁ ଯେତେ ରାତି ବଢୁ ଥାଏ ଛୋଟ ଗାଁ କୋଳାହଳ ଶୂନ୍ୟ ହେଇଯାଏ, ଶୀତ ଆସିଲେ ଗାଁକୁ ସମସ୍ତଙ୍କୁ ଥରାଇ ଦିଏ ତା ସ୍ପର୍ଶରେ ଆଉ ଦେହକୁ ଢାଙ୍କି ଦେଇଥାଏ ଶୀତ ବସ୍ତ୍ର । ସତରେ ଶୂନ ଶାନ ରାତିରେ ଗାଁ ବିଲ ବାଡି ସବୁ କାକର ଟୋପା ଆଉ କୁହୁଡ଼ିରେ ଏତେ ଧବଳ ମୟ ଦିଶେ ତାହା କଳ୍ପନାର ବାହାରେ ଅନ୍ଧକାର ଶୀତୁଆ ରାତିରେ କେବଳ ଗାଁରେ ବ୍ୟବହୃତ ଲଣ୍ଠନ ଏକ ମାତ୍ର ବାଟ ଦେଖେଇବାର ସାହା ଭରସା ଯେବେ ରାତି ପାହି ପାହି ଆସେ ଶୀତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆହୁରି ଥରାଏ ଆଉ କାକର ବିନ୍ଦୁ ଠପ ଠପ ହେଇ ମାଟିରେ ପଡି ଭିଜାଏ, ଆଉ ରାତି ପାହି ଯେବେ ଗାଁର ସକାଳ ଆସେ ବିଲ ବାଡି କୁହୁଡ଼ିମୟ ହେଇ ବୁଢିଆଣୀ ବସାର ଜାଲ ପରି ସଜେଇ ହେଇ ଧାନ କ୍ଷେତରେ ଏଣେ ତେଣେ ପଡିଥାଏ କି ସୁନ୍ଦର ମନୋହର ଦୃଶ୍ୟ ସେ ସମୟରେ କହିଲା ବେଳକୁ ମନ ପ୍ରଫୁଲ୍ଲିତ ହେଇ ଉଠୁଛି । ଆଉ ମନ ଚାହୁଁଛି ସେହି ଗାଁକୁ ଫେରି ଯାଆନ୍ତି ସେହି ସମୟକୁ ଫେରି ଯାଇ ସବୁ ଦେଖନ୍ତି, ଶୀତ ସକାଳ ଆଉ ଗାଁ ସତରେ ଏକ ନିଆରା ଯୋଡି ଶୀତ ସମୟରେ ।

ଅନନ୍ତ କୁମାର,

ତିହିଡି, ଭଦ୍ରକ

କାର୍ଯ୍ୟକାରୀ ସମ୍ପାଦକ

ଜାତୀୟ କବି ଲେଖକ ସଂଗଠନ

ମୋବାଇଲ-୮୩୩୯୯୩୯୯୭୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱ ବ୍ରେଲି ଦିବସ



ଅସିତ ମହାନ୍ତି

ଦୃଷ୍ଟିହୀନ ଲୋକଙ୍କ ପାଇଁ ବ୍ରେଲିର ଗୁରୁତ୍ୱକୁ ଆଲୋକିତ କରିବା ପାଇଁ ପ୍ରତିବର୍ଷ ୪ ଜାନୁଆରୀରେ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଏ । ଦୃଷ୍ଟିହୀନମାନଙ୍କ ପାଇଁ ବ୍ରେଲି ସ୍କ୍ରିପ୍ଟ ଡିଜାଇନ୍ କରିଥିବା ଲୁଇ ବ୍ରେଲିଙ୍କ ସମ୍ମାନାର୍ଥେ ଏହି ଦିନ ପାଳନ କରାଯାଏ । ୨୦୧୯ରେ ମିଳିତ ଜାତିସଂଘ ୪ ଜାନୁଆରୀକୁ ଲୁଇ ବ୍ରେଲିର ଅବଦାନ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ବ୍ରେଲି ଦିବସ ଭାବରେ ପାଳନ କରିଥିଲା । ଆଜି ଯେତେବେଳେ ଲୋକମାନଙ୍କୁ ପଚରାଯାଏ ଅନ୍ଧମାନଙ୍କ ପାଇଁ କେଉଁ ସ୍କ୍ରିପ୍ଟ ଅଛି, ଯଥା କେଉଁ ସ୍କ୍ରିପ୍ଟରେ ସେମାନେ ଲେଖିପାରିବେ କିମ୍ବା ପଢି ପାରିବେ, ସେତେବେଳେ ଏହାକୁ ବ୍ରେଲି ସ୍କ୍ରିପ୍ଟ କୁହାଯାଏ । କିନ୍ତୁ ଏକ ସମୟ ଥିଲା ଯେତେବେଳେ କଳ୍ପନା କରିବା ମଧ୍ୟ ଅସମ୍ଭବ ଥିଲା । ବାସ୍ତବତା ହେଉଛି ଯେ ସ୍କ୍ରିପ୍ଟଟି ତିଆରି ହେବାର ଶହେ ବର୍ଷ ପରେ ମଧ୍ୟ ଯେତେବେଳେ ଏହାକୁ ସ୍ୱୀକାର କରାଯାଇପାରିଲା ନାହିଁ ଏବଂ ଆଜି ଯେତେବେଳେ ଏହାକୁ ସ୍ୱୀକାର କରାଗଲା, ସେହି ଦିନଠାରୁ, ବିଶ୍ୱ ବ୍ରେଲି ଦିବସ ପ୍ରତିବର୍ଷ ଜାନୁୟାରୀ ୪ରେ, ତାଙ୍କ ଜନ୍ମଦିନରେ, ଏହାର ଉଦ୍ଭାବକ ଲୁଇ ବ୍ରେଲିଙ୍କ ସମ୍ମାନାର୍ଥେ ପାଳନ କରାଯାଏ ।

ବ୍ରେଲି ସ୍କ୍ରିପ୍ଟ କ'ଣ ? ବ୍ରେଲି ପ୍ରକୃତରେ ଏକ ପ୍ରକାର କୋଡ୍ । ଏହା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାୟତଃ ଏକ ଭାଷା ଭାବରେ ଦେଖାଯାଏ । ଏହା ଅଧୀନରେ, ୬ଟି ଉଠାଯାଇଥିବା ବିନ୍ଦୁଗୁଡ଼ିକର ତିନୋଟି ଧାଡିରେ ଏକ କୋଡ୍ ତିଆରି କରାଯାଏ । ଏଗୁଡ଼ିକରେ ସମଗ୍ର ସିଷ୍ଟମର କୋଡ୍ ଲୁକ୍କାୟିତ । ଏହି ଟେକ୍ନୋଲୋଜି ବର୍ତ୍ତମାନ କମ୍ପ୍ୟୁଟରରେ ମଧ୍ୟ ବ୍ୟବହୃତ ହୋଇଛି ଯାହାର ଗୋଲାକାର ଏବଂ ଉପରକୁ ଉଠାଯାଇଥିବା ବିନ୍ଦୁ ଅଛି । ଏହି କାରଣରୁ, ଅନ୍ଧ ଲୋକମାନେ ବର୍ତ୍ତମାନ ଟେକ୍ନିକାଲ୍ କାମ କରିବାରେ ସକ୍ଷମ ହେଉଛନ୍ତି । ପିଲାଦିନରୁ ସଂଘର୍ଷ - ଲୁଇ ବ୍ରେଲି, ଜାନୁଆରୀ ୪, ୧୮୦୯ରେ ଫ୍ରାନ୍ସର କୁପ୍ରେ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଲୁଇସ୍‌ଙ୍କ ପିତା ସାଇମନ୍ ରେଲି ବ୍ରେଲି ରାଜକୀୟ ଘୋଡା ପାଇଁ କାଠି ଏବଂ ଜିନ ନିର୍ମାତା ଭାବରେ କାର୍ଯ୍ୟ କରିଥିଲେ । କିନ୍ତୁ ତାଙ୍କ ପରିବାର ଶୀଘ୍ର ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଯେଉଁଥିପାଇଁ ଲୁଇସ୍ ତାଙ୍କ ପିତାଙ୍କୁ ତାଙ୍କ କାର୍ଯ୍ୟରେ ସାହାଯ୍ୟ କରିବା ଆରମ୍ଭ କରିବାକୁ ପଡିଲା ।

ଲୁଇସ କିପରି ଆଖି ହରାଇଲେ ?

ଖେଳନା ସହିତ ଖେଳିବା ବୟସରେ, ଲୁଇ ବ୍ରେଲି ଖେଳନା ପାଇପାରି ନଥିଲେ, ଯେଉଁ କାରଣରୁ ସେ ତାଙ୍କ ଚାରିପାଖରେ ଉପଲବ୍ଧ ଜିନିଷ ସହିତ ଖେଳୁଥିଲେ, ଯେଉଁଥିରେ କାଠ, ଦଉଡି, ଘୋଡା ନାଲ, ଲୁହା ଉପକରଣ ଥିଲା । କିନ୍ତୁ ଦିନେ ଗୋଟିଏ ଆଖିରେ ଗୋଟିଏ ଛୁରୀ ପ୍ରବେଶ କଲା ଯାହା ହେତୁ ତାଙ୍କ ଦୃଷ୍ଟି ଶକ୍ତି ନଷ୍ଟ ହୋଇଗଲା । ଧୀରେ ଧୀରେ, ତାଙ୍କ ଅନ୍ୟ ଆଖିରେ ଥିବା ଦୃଷ୍ଟିଶକ୍ତି ମଧ୍ୟ ଖରାପ ହେବାକୁ ଲାଗିଲା ଏବଂ ଉପଯୁକ୍ତ ଚିକିତ୍ସା ଅଭାବରୁ ଲୁଇସ୍ ୮ ବର୍ଷ ବୟସରେ ସମ୍ପୂର୍ଣ୍ଣ ଅନ୍ଧ ହୋଇଗଲେ । ଅଶାର କିରଣ - ଏହା ପରେ ଲୁଇସ୍ ଦୃଷ୍ଟିହୀନଙ୍କ ପାଇଁ ବିଦ୍ୟାଳୟରେ ଆଡମିଶନ ପାଇଲେ । ଯେତେବେଳେ ତାଙ୍କୁ ୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ଷ ହୋଇଥିଲା, ସେତେବେଳେ ସେ ଜାଣିବାକୁ ପାଇଲେ ଯେ ସେନା ପାଇଁ ଏକ ସ୍ୱତନ୍ତ୍ର କୁଟଲିପି ତିଆରି କରାଯାଇଛି ଯାହା ଦ୍ୱାରା ଅନ୍ଧକାରରେ ମଧ୍ୟ ବାର୍ତ୍ତା ପଢ଼ା ଯାଇପାରିବ । ଏହି ଖବର ଶୁଣି ଲୁଇଙ୍କ ମନରେ ଏକ ଆଶାର କିରଣ ଜାଗ୍ରତ ହେଲା ଯେ ଏହି ପ୍ରକାର ସ୍କ୍ରିପ୍ଟ ଅନ୍ଧମାନଙ୍କ ପାଇଁ ଉପଯୋଗୀ ହୋଇପାରେ । ୮ ବର୍ଷର କଠିନ ପରିଶ୍ରମ ପରେ - ଲୁଇସ୍ ତୁରନ୍ତ ତାଙ୍କ ବିଦ୍ୟାଳୟର ଅଧକ୍ଷଙ୍କୁ ଭେଟି କ୍ୟାପଟେନ୍ ଚାର୍ଲ୍ସ ବାରବରଙ୍କୁ ଭେଟିଥିଲେ, ଯିଏ କୋଡ୍ ବିକଶିତ କରିଥିଲେ । ଯାହା ପରେ ଅନ୍ଧମାନଙ୍କ ପାଇଁ ସ୍କ୍ରିପ୍ଟ ବିକାଶର କାର୍ଯ୍ୟ ଆରମ୍ଭ ହେଲା । ୮ ବର୍ଷର କଠିନ ପରିଶ୍ରମ ଏବଂ ଅନେକ ସଂଶୋଧନ ପରେ, ୧୮୨୯ ସୁଦ୍ଧା ଛଅ ପଏଣ୍ଟ ଉପରେ ଆଧାରିତ ତାଙ୍କ ସ୍କ୍ରିପ୍ଟ ପ୍ରସ୍ତୁତ ଥିଲା, କିନ୍ତୁ ତାଙ୍କ ସ୍କ୍ରିପ୍ଟକୁ ସ୍ୱୀକୃତି ମିଳିଲା ନାହିଁ । ସ୍ୱୀକୃତି ପାଇଁ ଦୀର୍ଘ ସମୟ - ଲୁଇ ବ୍ରେଲିଙ୍କ ଏହି ସ୍କ୍ରିପ୍ଟକୁ ସ୍ୱୀକୃତି ପାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା । ତାଙ୍କର ବ୍ରେଲି ସ୍କ୍ରିପ୍ଟ ଏକାଡେମିକ୍ସ ଦ୍ୱାରା ଗ୍ରହଣ କରାଗଲା ନାହିଁ । ଏହି ସ୍କ୍ରିପ୍ଟ ଧୀରେ ଧୀରେ ଅନ୍ଧମାନଙ୍କ ମଧ୍ୟରେ ଲୋକପ୍ରିୟ ହେବାକୁ ଲାଗିଲା । ଲୁଇସ୍ ଏହି ସ୍କ୍ରିପ୍ଟକୁ ସରକାରୀ କିମ୍ବା ସରକାରୀ ମାନ୍ୟତା ପାଇବାକୁ ଦେଖିପାରିଲେ ନାହିଁ । ତାଙ୍କ ମୃତ୍ୟୁର ଶହେ ବର୍ଷ ପରେ ତାଙ୍କ ଭାଷା ସ୍ୱୀକୃତି ପାଇଲା । ଲୁଇସ ବ୍ରେଲିଙ୍କ ମୃତ୍ୟୁର ଶହେ ବର୍ଷ ପରେ ତାଙ୍କ ମୃତ୍ୟୁ ବାର୍ଷିକୀକୁ ତାଙ୍କ ସମ୍ମାନର ଦିନ ଭାବରେ ମନୋନୀତ କରାଯାଇଥିଲା । ଶହେବର୍ଷ ପୂର୍ବେ ତାଙ୍କ ଗାଁରେ ପୋତି ଦିଆଯାଇଥିବା ତାଙ୍କ ମୃତଦେହକୁ ପୂର୍ଣ୍ଣ ରାଜ୍ୟ ସମ୍ମାନରେ ବାହାର କରାଯାଇଥିଲା । ତାଙ୍କୁ ଅବହେଳା କରିଥିବାରୁ ସେନା ଏବଂ ସ୍ଥାନୀୟ ପ୍ରଶାସନ କ୍ଷମା ମାଗିଥିଲେ ଏବଂ ତାଙ୍କ ମୃତଦେହକୁ ସମ୍ମାନିତ କରାଯାଇଥିଲା, ଜାତୀୟ ପତାକା ସହିତ ତାଙ୍କର ଶରୀରକୁ ଗୁଡ଼ାଇ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ନଭେମ୍ବର ୨୦୧୮ରେ ମିଳିତ ଜାତିସଂଘର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଧାରଣ ସଭା ଆନୁଷ୍ଠାନିକ ଭାବରେ ୪ ଜାନୁଆରୀକୁ ବିଶ୍ୱ ବ୍ରେଲି ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ।

ଗୁରୁତ୍ୱ

ଆନ୍ତର୍ଜାତୀୟ ଏଜେନ୍ସି ଫର ପ୍ରିଭେନସନ୍ ଅଫ୍ ବ୍ଲାଇଣ୍ଡନେସ (IAPB) ଭିଜନ୍ ଆଟଲାସର ତଥ୍ୟ ଅନୁଯାୟୀ, ୨୦୧୫ରେ ୨୫୩ ନିୟୁତରୁ ଅଧିକ ଲୋକଙ୍କର କିଛି ପ୍ରକାରର ଦୃଷ୍ଟି ଶକ୍ତି ଦୁର୍ବଳ ହୋଇଥିଲା ।  ଏଥିମଧ୍ୟରୁ ଅଧିକାଂଶ ମଧ୍ୟମରୁ ଘୋର ଦୃଷ୍ଟି ଶକ୍ତି ଦୁର୍ବଳତା (MSVI) ରେ ପୀଡିତ ହୋଇଥିଲେ । ପ୍ରାୟ ୩୬ ନିୟୁତ ଲୋକ ଅନ୍ଧ ବୋଲି ବିବେଚନା କରାଯାଉଥିଲା ।  ସମସ୍ତ ପ୍ରକାରର ନିକଟ କିମ୍ବା ଦୂର ଦୃଷ୍ଟି ଶକ୍ତି ହ୍ରାସ କରିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ବିଶ୍ୱ ସ୍ତରରେ ରେ ପ୍ରଭାବିତ ହୋଇଥିବା ୨.୨ ବିଲିୟନ ବ୍ୟକ୍ତିବିଶେଷଙ୍କୁ ଗଣନା କରେ । ଭିନ୍ନକ୍ଷମ (PWD) ଲୋକଙ୍କୁ ଦାରିଦ୍ର୍ୟ, ହିଂସା, ଅବହେଳା ଏବଂ ଅପବ୍ୟବହାରର ସମ୍ଭାବନା ଅଧିକ । ଫଳସ୍ୱରୂପ, ଏହି ବ୍ୟକ୍ତିବିଶେଷଙ୍କ ପାଇଁ ସାକ୍ଷରତା, ସ୍ୱାୟତ୍ତତା ଏବଂ ନିଯୁକ୍ତି ପାଇଁ ବ୍ରେଲି ଏକ ଉପକରଣ ଭାବରେ ବ୍ୟବହୃତ ହେବା ନିଶ୍ଚିତ କରିବା ଜରୁରୀ ଅଟେ ।

ଅସିତ ମହାନ୍ତି, ଆବାହକ
ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ , ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଐତିହାସିକ ବାଲିଯାତ୍ରା



ପ୍ରହ୍ଲାଦ ସାହୁ

## ଓଡ଼ିଶାର ନୌବାଣିଜ୍ୟ ଓ ଐତିହାସିକ ବାଲିଯାତ୍ରା

ବାଲିଯାତ୍ରା, ଡଙ୍ଗା ଭସା, ବୋଇତ ବନ୍ଦାଣ ଓଡ଼ିଶାର ଏକ ଗଣ ପର୍ବ ଯାହା ଉତ୍କଳର ଅତୀତ ହୃତ ଗୌରବ ଓ ଏହାର ନୌବାଣିଜ୍ୟକୁ ସ୍ମରଣ କରାଇଦିଏ । ବାଲିଯାତ୍ରା ଆମ ଓଡ଼ିଶାର ଗୋଟିଏ ଗୌରବପୂର୍ଣ୍ଣ ଐତିହ୍ୟର ଯାତ୍ରା । ଏହା ଇଂରାଜୀ ଅକ୍ଟୋବର - ନଭେମ୍ବର ମାସରେ ପାଳିତ ହୋଇ ଥାଏ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଠାରୁ ଏହା ଆରମ୍ଭ ହୋଇଥାଏ । ପୂର୍ବେ କାଳରେ ଉତ୍କଳର ସାଧବପୁଅ ମାନେ ବୋଇତ ମେଲି ଜାଭା, ବାଲି,  ସୁମାତ୍ରା, ବୋର୍ଣ୍ଣିଓ ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉ ଥିଲେ । ଏହି ସ୍ମୃତିରେ ଉପକୂଳ ଅଞ୍ଚଳରେ ବାଲି ଯାତ୍ରା ଉତ୍ସବ ମହା ସମାରୋହରେ ପାଳିତ ହୁଏ ।

କାର୍ତ୍ତିକ ପୂର୍ଣ୍ଣିମା ଦିନ ଓଡ଼ିଆମାନେ ଆ-କା-ମା-ବୈ ଗୀତ ବୋଲି ଜଳାଶୟ ମାନଙ୍କରେ ଓଡ଼ିଶାର ଗୌରବ ମୟ ଐତିହ୍ୟକୁ ସ୍ମରଣ ପୂର୍ବକ ଡଙ୍ଗା ଭସାଇଥାନ୍ତି । ଏହି ସମୟରେ ଉତ୍କଳର ସାଧବ ପୁଅ ମାନେ ବାୟୁର ଅନୁକୂଳ ଗତି ପାଇଁ ଦରିଆ ପାରି ଦେଶମାନଙ୍କୁ ବୋଇତ ମେଲି ଦେଉଥିଲା । ପବନର ଗତି ସେମାନଙ୍କ ଅଝାଲ ଟଣା ବୋଇତ ଯାତ୍ରାକୁ ସହଜ କରୁଥିଲା ।

କଟକ ଆମ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର । ଏଠାରେ ପାଳିତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଥିବା ବାଲିଯାତ୍ରା ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସ୍ମୃତିରେ ପାଳିତ ହେଉଛି ଏହା ସର୍ବଜନବିଦିତ । ପ୍ରଥମେ କଟକରେ ଆୟୋଜିତ ହେଉଥିବା ଏହି ଯାତ୍ରା ଏବେ ବହୁସ୍ଥାନରେ ପାଳିତ ହେଉଛି ।

ଶ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲା ବେଳେ ଆରମ୍ଭ ହୋଇଥିବା ପାରାଦ୍ୱୀପର ଏବଂ ଗୋପାଳପୁରର ବୋଇତ ବନ୍ଦାଣ ଉତ୍ସବ ଏବେ ଏକ ଗଣ ଉତ୍ସବରେ ପରିଣତ ହୋଇଛି ।

କଟକରେ ବାଲିଯାତ୍ରା ପ୍ରତି ବର୍ଷ ଗଡ଼ଗଡ଼ିଆ ଘାଟ ଏବଂ ବାରବାଟି ଦୁର୍ଗ ନିକଟ ପ୍ରାନ୍ତରରେ ଅନୁଷ୍ଠିତ ହୋଇଥାଏ । ଏଠାକୁ ଓଡ଼ିଶାରୁ ଓ ବାହାରୁ ବହୁ ବ୍ୟବସାୟୀ ଆସିଥାନ୍ତି। ଦେଶର ବିଭିନ୍ନ ପ୍ରାନ୍ତର ହସ୍ତଶିଳ୍ପର ବିପଣି ମେଳି ଯାଏ ।

ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ ଏ ଯାତ୍ରା ଏବେ ବହୁତ ଶୃଙ୍ଖଳିତ ହୋଇପାରିଛି ଏ ଯାତ୍ରା । ସମଗ୍ର ରାଜ୍ୟରେ ପୁର ପଲ୍ଲୀରେ କାର୍ତ୍ତିକ ପୂର୍ଣ୍ଣିମାର ବଡ଼ି ଭୋରରୁ ଉଠି ନଦୀ ପୁଷ୍କରିଣୀ ମାନଙ୍କରେ ଡଙ୍ଗା ଭସାଇ, ଦେବ ଦର୍ଶନ ଏକ ନିଆରା ପରମ୍ପରା । କାଠ, ସୋଲ, ପ୍ଲାଷ୍ଟିକ ଓ କାଗଜ ତିଆରି ଡଙ୍ଗା ଭସାଇ ସେହି ଐତିହାସିକ ବୋଇତଯାତ୍ରା ମନେ ପକାଇବାଦିନ ହେଉଛି ଏହି ଉତ୍ସବ । ଏହା ଏବେ ବାହାରେ କଲିକତା, ବାଙ୍ଗାଲୋର, ସୁରତ, ଆଦି ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ସାମୁହିକ ଭାବେ ପାଳନ କରାଯାଉଛି ।

ବୋଇତ ବନ୍ଦାଣ ଏବଂ ବାଲିଯାତ୍ରା ଉତ୍ସବ ପାଳନ ଅବସରରେ ସମସ୍ତ ଉତ୍କଳ ବାସୀ ସେହି ଅତୀତର ସ୍ମୃତି ଚାରଣ କରିବା ସହ ପ୍ରତିଜ୍ଞାବଦ୍ଧ ହେବା ଉଚିତ ଏ ଜାତିକୁ ଏକ ସମୃଦ୍ଧ ଜାତି ଭାବେ ଗଢ଼ି ତୋଳିବା ପାଇଁ । ଏହି ପରିପ୍ରେକ୍ଷିରେ ଉତ୍କଳମଣି ଏ ଜାତିକୁ ଉଦବୋଧନ ଦେଇ କହିଛନ୍ତି -

କର୍ପୁର ଉଡ଼ି କନା ଥିଲେ ପଡ଼ି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କନା ରଖିଥାଏ କର୍ପୁର ସ୍ମୃତି ।
କନା ଯାଇ ନାଶ ରହିଲେ ପାଉଁଶ
ଧରିବ ତା ଦେଖି କିଏ ସେ ଧୃତି ॥ (ବନ୍ଦେ ଉତ୍କଳ)

ଆମର ସମୃଦ୍ଧ ସଂସ୍କୃତି ଦଶ ହଜାର ବର୍ଷ ପୁରୁଣା ବୋଲି ଗବେଷକ ମାନେ ମତ ଦିଅନ୍ତି । ଆମର ସାହିତ୍ୟରେ ଖୁଦୁରୁକୁଣୀ ଓ ଖୁଲଣା ସୁନ୍ଦରୀ କାହାଣୀ ଆମର ନୌବାଣିଜ୍ୟ ସଂସ୍କୃତିର ପରିଚୟ ଦିଏ । ଫକୀର ମୋହନଙ୍କ ସାହିତ୍ୟରୁ, ପୂର୍ବେ ବାଲେଶ୍ୱର ଏକ ସମୃଦ୍ଧ ନୌବାଣିଜ୍ୟ କେନ୍ଦ୍ର ଥିଲାବୋଲି ଅନୁମିତ ହୁଏ । ଜଳଯାତ୍ରା ପାଇଁ ବ୍ୟବହୃତ ପୋତ ଦୁଇ ଶ୍ରେଣୀର । ସାମାନ୍ୟ ପୋତକୁ ନାଆ ବା ନୌକା କୁହାଯାଉ ଥିଲାବେଳେ ବଡ଼ ପୋତକୁ ବୋଇତ କୁହାଯାଉ ଥିଲା । ଚିଲିକା ହ୍ରଦ ଏକ ପ୍ରାକୃତିକ ପୋତାଶ୍ରୟ ଭାବେ ପୂର୍ବେ ବ୍ୟବହୃତ ହେଉଥିଲା । ଏଠାରୁ ଶହ ଶହ ପୋତ ସାଗରକୁ ଯିବା ଆସିବା କରୁଥିଲା ।

ଉତ୍କଳର ନୌବାଣିଜ୍ୟ ବିଷୟରେ ବହୁ ପ୍ରାମାଣିକ ଐତିହାସିକ ତଥ୍ୟସବୁ ରହିଛି --- ବ୍ରହ୍ମାଣ୍ଡ ପୁରାଣରେ ଏହାର ବର୍ଣ୍ଣନା ଦେଖିବାକୁ ମିଳିଥାଏ -

'ଚିଲିକାହ୍ରଦେ ସହସ୍ରାଂତୁ ସୁପୋତ ଜଳଗାମିନଃ'।

ଆମର ଉତ୍କଳ ସାହିତ୍ୟ ପୃଷ୍ଠାରେ ମଧ୍ୟ ବୋଇତ ବନ୍ଦାଣ, ପ୍ରାଚୀନ ନୌବାଣିଜ୍ୟ ବିଷୟରେ ସୁନ୍ଦର ବର୍ଣ୍ଣନା ମାନ ରହିଛି ।

କବି ଡ.ମାୟାଧର ମାନସିଂହ ବୋଇତ ବନ୍ଦାଣକୁ ଲକ୍ଷ୍ୟ କରି ଲେଖିଛନ୍ତି -

ଜୟଗୋ ବୋଇତରାଣୀ ସଲିଳ ସୁନ୍ଦରୀ ।
ଆମ୍ଭଲାଗି ଆଣ ଧନ କାହୁଁ ଗର୍ଭେ ଭରି ॥
ପୂର୍ଣ୍ଣକର ଗନ୍ତାଘର,
ତୁମ୍ଭଲାଗି ପୁରିଉଠେ ଭବନ ଆମ୍ଭର ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଣ୍ଡିତ ନୀଳକଣ୍ଠ ଦାସ ନୌବାଣିଜ୍ୟକୁ ମନେ ପକାଇ ଲେଖିଛନ୍ତି –

ତରଙ୍ଗରେ ଖେଳି ତରଣୀ ପୁଣି ଟେକିବ ପାଲ ।

ଶାରଦ ଗଗନେ ବଉଦ ପରି ହେବ ବାହାର ॥

କାହିଁଗଲା କାହିଁ ବୋର୍ଣ୍ଣିଓ କାହିଁ ମସଲା ଦ୍ୱିପେ ।

ଯିବ ଭାଷି ସୁଖସ୍ୱପନେ ମଣି ବହେ ସମୀପେ ॥

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ "ଲାବଣ୍ୟବତୀ କାବ୍ୟରେ" ବୋଇତ ବନ୍ଦାଣ ଓ ସିଂହଳ ଦ୍ୱୀପ ସହ ବୋଇତ କାରବାର ସମ୍ବନ୍ଧରେ ଲେଖିଛନ୍ତି -

ବୋଇତ ଲାଗିଲା ଆସି ସିଂହଳ ଦ୍ୱୀପରେ ।

ସାଧବ ଯୁବତୀମାନେ ଅତି ପ୍ରମୋଦରେ ।

ଗଲେ ବୋଇତ ବନ୍ଦାଇ,

ଅର୍ଘ୍ୟଥାଳି କରେ ସର୍ବେ ହୁଳହୁଳି ଦେଇ ॥

ଦିନ ଚାଲି ଯାଇଛି, ଚିହ୍ନ ପଡ଼ି ରହିଛି । ବୀର ଓଡ଼ିଆ ଜାତି ଆଜି ତାର ସେହି ସମୃଦ୍ଧିଶାଳୀ ଐତିହ୍ୟ ହରାଇ ଭାରତର ଏକ ପଛୁଆ ତଥା ଗରିବ ରାଜ୍ୟରେ ପରିଣତ ହୋଇଛି ।

ଏହାକୁ ଲକ୍ଷ୍ୟ କରି ଅତ୍ୟନ୍ତ ବ୍ୟଥିତ ହୋଇ ଉତ୍କଳମଣି ଗାଇଥିଲେ :-

କାହିଁଗଲା ସେହି ହଜିଲା ଅତୀତ ।

କାହିଁଗଲା ସେହି ଉଦ୍ଦାମ ସଂଗୀତ ॥

ଜଳପଥେ କାହିଁ ବିଦେଶ ଗମନ ।

କାହିଁ ପୂର୍ବ ଖ୍ୟାତି କାହିଁ ପୂର୍ବ ଧନ ॥

କଥାରେ ରହିଛି ସବୁ ଆଜିଯାଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଧବାଣୀ ବୋହୁ ବୋଇତ ବନ୍ଦାଏ ॥

ଏଭଳି ଏକ ଐତିହାସିକ ଓ ସମୃଦ୍ଧଶାଳୀ ଜାତିର ଯଥେଷ୍ଟ ସାମର୍ଥ୍ୟ ରହିଛି ସେହି ଗୌରବକୁ ଫେରାଇ ଆଣିବାପାଇଁ ।

ସେଥିପାଇଁ କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ କହିଛନ୍ତି :-

ଯେ ଜାତି ବୋଇତ ଭସାଇ ସାତ
ସମୁଦର ତେର ନଈରେ ।
ପରଦେଶୁ ଧନ ଦଉଲତ ଆଣୁଥିଲା
ନିଜ ଦେଶେ ବହିରେ ॥
ସେ ଜାତିକି ହତଭାଗା ବୋଲି
ଏଡ଼େ କାର ଛାତି ଦେବ କହିରେ ॥

କର୍ପୁର ଉଡିଯାଇ କନା ପଡ଼ି ରହିଲା ଭଳି ସ୍ମୃତି ଚାରଣ କରିବାକୁଯାଇ କୃତ୍ରିମ ଡଙ୍ଗାରେ ପାନ ଗୁଆ ରଖି ବତୀ ଜାଳି ଆ - କା - ମା - ବୈ, ପାନ ଗୁଆ ଖାଇ, ମାସକ ଧରମ ତୋର, ଦିନକ ଧରମ ମୋର ॥ କହି ଆମେ ଆମର ସେ ଗୌରବମୟ ଐତିହ୍ୟକୁ ମନେ ପକାଉଛୁ ଏହି ବାଲିଯାତ୍ରା ଏବଂ ବୋଇତ ବନ୍ଦାଣ ଉତ୍ସବ ମାଧ୍ୟମରେ ।

ନିୟୁଦିଲ୍ଲୀ
-: ୯୫୪୦୫୩୧୨୭୪ :-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକାଙ୍କିକା ବାଣହରଣ



କିରନ ସ୍ୱାଇଁ

## ଧୈର୍ଯ୍ୟ ଓ କୌଶଳର ସମ୍ଭାଷଣ : ଏକାଙ୍କିକା ବାଣହରଣ

ଆଧୁନିକ ଓଡ଼ିଆ ନାଟ୍ୟ ଜଗତରେ ଭଞ୍ଜକିଶୋର ପଟ୍ଟନାୟକ (୧୯୨୨-୧୯୯୯) ଜଣେ ପ୍ରମୁଖ ପ୍ରତିଭା । ଓଡ଼ିଶାର କଟକ ଜିଲ୍ଲାର ସାଲେପୁର ଅନ୍ତର୍ଗତ ଛାଣିପୁରରେ ନାଟ୍ୟକାରଙ୍କର ଜନ୍ମ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ନାଟକ ଓ ଏକାଙ୍କିକା ରଚନା କ୍ଷେତ୍ରରେ ଭଞ୍ଜକିଶୋରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଆ ନାଟକକୁ ପ୍ରଗତି ପଥରେ ଆଗେଇ ନେବାରେ ତାଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ତାଙ୍କ ରଚିତ ନାଟକଗୁଡ଼ିକ ମଧ୍ୟରେ 'ଝଡ଼ରାତି', 'ପ୍ରେମପୁଷ୍ପ', 'ପରିଣତି', 'ଦେବୀ', 'ମାଣିକ ଯୋଡ଼ି', 'ଜୟମାଲ୍ୟ', 'ଅଗ୍ନି ପରୀକ୍ଷା', 'ସାଆନ୍ତ ଘର', 'ଏ ଯୁଗର ଝିଅ' ଓ 'କାଶ୍ମୀର ବେଗମ୍ ଗୁଲନାର୍' ପ୍ରଭୃତି ଓଡ଼ିଶାର ପୁରପଲ୍ଲୀରେ ମଞ୍ଚସ୍ଥ ହୋଇ ଖୁବ୍ ଲୋକପ୍ରିୟତା ଅର୍ଜନ କରିପାରିଛି । "ଅଗ୍ନି ପରୀକ୍ଷା" ନାଟକ ପାଇଁ ସେ ୧୯୫୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ତାଙ୍କର ଅନେକ ନାଟକ ବେତାର ଓ ଦୂରଦର୍ଶନରେ ମଧ୍ୟ ପ୍ରସାରିତ ହୋଇଛି । ବିଭିନ୍ନ ଚଳଚ୍ଚିତ୍ରର କାହାଣୀ ଓ ସଂଳାପ ମଧ୍ୟ ସେ ରଚନା କରିଛନ୍ତି । ତାଙ୍କର ଏକାଙ୍କିକା ରଚନାଗୁଡ଼ିକ ମଧ୍ୟରେ 'ବାଣ ହରଣ', 'ଅଗ୍ନି ପତଙ୍ଗ', 'ଘରଣୀ', 'ମାଇଲଖୁଣ୍ଟ', 'ବାଜିରାଉତ', 'କୋଣାର୍କ' ପ୍ରଭୃତି ଓଡ଼ିଶାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭିନ୍ନ ନାଟ୍ୟ ସଂସ୍ଥାଦ୍ୱାରା ଅଭିନୀତ ହୋଇ ସଫଳତା ହାସଲ କରିପାରିଛି ।

"ବାଣ ହରଣ" ଏକାଙ୍କିକା ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକଙ୍କ ଏକ ଅନବଦ୍ୟ ରଚନା । ଛଅଟି ଦୃଶ୍ୟ ସମ୍ବଳିତ ଏହି ଏକାଙ୍କିକାଟି ପୌରାଣିକ ବିଷୟବସ୍ତୁ ଆଧାରିତ । ମହାଭାରତର ଗୋଟେ ଘଟଣା ଓ ଦୁର୍ଯ୍ୟୋଧନ, ଶକୁନି, ଭୀଷ୍ମ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ଶ୍ରୀକୃଷ୍ଣ ଓ ରକ୍ଷୀ ଏହି ମହାଭାରତୀୟ ଚରିତ୍ରଙ୍କୁ ନେଇ ଏକାଙ୍କିକାଟି ସୃଷ୍ଟି । ଏହା ଏକ ପୌରାଣିକ ବିଷୟ ହେଲେ ମଧ୍ୟ ଆଧୁନିକ ମଣିଷ ଜୀବନ ସହିତ ଏହାକୁ ସଂଯୋଗ କରି ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ଏକାଙ୍କିକାରେ ପୌରାଣିକ ବିଷୟକୁ ନେଇ ନୂତନ ଶିକ୍ଷା ଦେଇଛନ୍ତି ନାଟ୍ୟକାର, ଯେ ଧୈର୍ଯ୍ୟ ଓ କୌଶଳ ହିଁ ମଣିଷକୁ ସଫଳ ଅବସ୍ଥାରେ ପହଞ୍ଚାଇଥାଏ । ଏକାଙ୍କିକାରେ ସେହି ଧୈର୍ଯ୍ୟ ଓ କୌଶଳ ପ୍ରୟୋଗ ହୋଇଛି ଏକ ଅଭିନବ ଢଙ୍ଗରେ ।

ଅର୍ଜୁନ ଦୁର୍ଯ୍ୟୋଧନର ଛଦ୍ମବେଶରେ ଭୀଷ୍ମଙ୍କଠାରୁ ପାଣ୍ଡବମାନଙ୍କ ମୃତ୍ୟୁବାଣ ହରଣ ହେଉଛି "ବାଣ ହରଣ" ଏକାଙ୍କିକାର ବିଷୟବସ୍ତୁ । ମହାଭାରତର ମହାମାନୀ ଦୁର୍ଯ୍ୟୋଧନ ଏଠାରେ ଦାନୀ ଏବଂ ପୂର୍ଣ୍ଣାତ୍ମା ରୂପରେ ଚିତ୍ରିତ । ଅର୍ଜୁନଙ୍କୁ ମୁକୁଟ ଦାନରେ ତାଙ୍କର ମହାନୁଭବତା ପ୍ରକଟିତ ହୋଇଛି । କୁରୁପତି ଦୁର୍ଯ୍ୟୋଧନଙ୍କୁ ଅନେକ କ୍ଷେତ୍ରରେ ଲୋକେ କୁଚକ୍ରୀ, ସ୍ୱାର୍ଥୀ, ଅତ୍ୟାଚାରୀ ଭାବରେ ଅଭିହିତ କରିଥିବା ବେଳେ ନାଟ୍ୟକାର ଭଞ୍ଜକିଶୋର ଦୁର୍ଯ୍ୟୋଧନଙ୍କୁ ଚିତ୍ରଣ କରୁଛନ୍ତି ଏକ ଭିନ୍ନ ରୂପରେ, ଏକ ଭିନ୍ନ ଢ଼ଙ୍ଗରେ । ଅତୀତରେ ଗନ୍ଧର୍ବମାନେ ଯେତେବେଳେ ରାଜା ଦୁର୍ଯ୍ୟୋଧନଙ୍କୁ ବନ୍ଦୀ କରି ନେଇ ଯାଉଥିଲେ, ସେତେବେଳେ ମଧ୍ୟମ ପାଣ୍ଡବ ଅର୍ଜୁନ ନିଜର ବୀରତ୍ୱ ବଳରେ ଗନ୍ଧର୍ବମାନଙ୍କୁ ଯୁଦ୍ଧରେ ପରାସ୍ତ କରି ଦୁର୍ଯ୍ୟୋଧନଙ୍କ ସମ୍ମାନ ରକ୍ଷା କରି ସେ ଅର୍ଜୁନଙ୍କ ପ୍ରତି ସ୍ନେହଶୀଳ ହୋଇ ତାଙ୍କର କିଛି କାମନା ପୂରଣ କରିବା ପାଇଁ ଦୁର୍ଯ୍ୟୋଧନ ପ୍ରତିଶ୍ରୁତି ଦେଇଥିଲେ । କୁରୁକ୍ଷେତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯୁଦ୍ଧ ଆରମ୍ଭ ହେବା ପର୍ଯ୍ୟନ୍ତ ଅର୍ଜ୍ଜୁନଙ୍କର ସେ କାମନା ଅପୂରଣୀୟ ହୋଇ ରହିଥିଲା । ଏକ ବିଷମ ମୁହୂର୍ତ୍ତରେ ଯେତେବେଳେ ପାଣ୍ଡବମାନଙ୍କର ମୃତ୍ୟୁ ସୁନିଶ୍ଚିତ ହେବାର ଥିଲା, ସେତେବେଳେ ଶ୍ରୀକୃଷ୍ଣଙ୍କ କୌଶଳ ଓ ପରାମର୍ଶରେ ଅର୍ଜ୍ଜୁନ ଧୈର୍ଯ୍ୟ ଧରିଛନ୍ତି । ଅର୍ଜ୍ଜୁନ ତାଙ୍କର କାମନା ପ୍ରକାଶ କରିଛନ୍ତି ଦୁର୍ଯ୍ୟୋଧନ ଆଗରେ ଓ ଦୁର୍ଯ୍ୟୋଧନ ତାହା ପୂରଣ କରିଛନ୍ତି ବିଚଳିତ ନ ହୋଇ । ଦୁର୍ଯ୍ୟୋଧନ ନିଜର ସତ୍ୟରକ୍ଷା କରିଛନ୍ତି ଓ ଅର୍ଜ୍ଜୁନ କୌଶଳରେ ମୃତ୍ୟୁବାଣ ହରଣ କରିଛନ୍ତି ଭୀଷ୍ମଙ୍କଠାରୁ ।

ତୃତୀୟ ପାଣ୍ଡବ ଅର୍ଜ୍ଜୁନ ହେଉଛନ୍ତି "ବାଣ ହରଣ" ଏକାଙ୍କିକାର ମୁଖ୍ୟ ଚରିତ୍ର ଓ ନାୟକ, କାରଣ ସମ୍ପୂର୍ଣ୍ଣ ଏକାଙ୍କିକାରେ ବାଣ ହରଣକୁ ନେଇ ଗଢ଼ି ଉଠିଥିବା ବିଷୟବସ୍ତୁରେ ପ୍ରତିନିଧିତ୍ୱ କରୁଛନ୍ତି ଅର୍ଜ୍ଜୁନ । ଅର୍ଜ୍ଜୁନଙ୍କଦ୍ୱାରା ହିଁ ବାଣ ହରଣ ହେଉଛି । ଶ୍ରୀକୃଷ୍ଣଙ୍କ ଶାନ୍ତ୍ୱନା ଓ କୌଶଳ ହତାଶ ହୋଇ ରହିଥିବା ପାଣ୍ଡବମାନଙ୍କୁ ଆଶାର ଏକ ମାର୍ଗ ଦେଖାଇଛି । ଶ୍ରୀକୃଷ୍ଣ ଜାଣିଛନ୍ତି ଏହାକୁ କେବଳ ଅର୍ଜ୍ଜୁନ ପାରିବେ । ଏଣୁ ଶ୍ରୀକୃଷ୍ଣ କହୁଛନ୍ତି

– "ପାର୍ଥ ! ନିୟତି ନିର୍ଦ୍ଦେଶ ଲଙ୍ଘନ କରିବାକୁ ଅଛି ଏକମାତ୍ର ଉପାୟ । ପାରିଲେ ପାରିବ ତୁମେ" । ପୁଣି ହତାଶ ହୋଇ ପଡ଼ିଥିବା ପାଣ୍‌ତବମାନଙ୍କୁ ବୁଝାଇ କହୁଛନ୍ତି –

"ଶ୍ରୀକୃଷ୍ଣ – ଉଦଯୋଗୀ ପୁରୁଷ ମୁଖରେ ଏ ଉକ୍ତି ଶୋଭା ପାଏନା ଧନଞ୍ଜୟ ! ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଗ୍ରାମ ଲାଗି ରହିଛି । ପ୍ରତିକାର ଅବଶ୍ୟ କର୍ତ୍ତବ୍ୟ" ।

ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଧୈର୍ଯ୍ୟ ରଖିବା ପାଇଁ କହୁଛନ୍ତି, କାରଣ ପିତାମହ ଭୀଷ୍ମଙ୍କ ପାଖରେ ପାଣ୍ଡବମାନଙ୍କ ପ୍ରତି ମୃତ୍ୟୁବାଣ ଅଛି ଓ ପ୍ରଭାତ ହେଲେ ପାଣ୍ଡବମାନଙ୍କ ଜୀବନହାନିର ସମ୍ଭାବନା ଅଛି । ତେଣୁ ରାତ୍ରକ ସମୟ ମଧ୍ୟ ସେମାନଙ୍କ ପାଇଁ ଯଥେଷ୍ଟ । ଇଚ୍ଛା କଲେ ଏହି ମୁହୂର୍ତ୍ତରେ ସେ କୁରୁପତି ଦୁର୍ଯ୍ୟୋଧନଙ୍କୁ ମଧ୍ୟ କରଗତ କରିପାରିବେ । ଏଣୁ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ କୌଶଳ ବତାଇ ଅର୍ଜ୍ଜୁନଙ୍କୁ ନିଜର ଅନୁଗମନ କରିବା ପାଇଁ କହିଛନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ରୀକୃଷ୍ଣଙ୍କ କୌଶଳକୁ ଅନୁସରଣ କରି ଅର୍ଜ୍ଜୁନ ନିଜର ମୃତ୍ୟୁ ଚିନ୍ତା ଛାଡ଼ି ଯାଇଛନ୍ତି କୌରବ ଶିବିରକୁ । ସେଠାରେ ଦୁର୍ଯ୍ୟୋଧନଙ୍କୁ ଅତୀତରେ ଗନ୍ଧର୍ବମାନଙ୍କଠାରୁ ତାଙ୍କର ସମ୍ମାନ ରକ୍ଷା କରିଥିବା ଘଟଣାକୁ ସେ ସ୍ମରଣ କରାଇ ଦେଉଛନ୍ତି । ଗନ୍ଧର୍ବମାନେ ଦୁର୍ଯ୍ୟୋଧନଙ୍କୁ ବନ୍ଦୀ କରି ନେଇ ଯାଉଥିବା ସମୟରେ ଗନ୍ଧର୍ବମାନଙ୍କ ସହ ଯୁଦ୍ଧ କରି ଅର୍ଜ୍ଜୁନ ଦୁର୍ଯ୍ୟୋଧନଙ୍କ ପ୍ରାଣରକ୍ଷା କରିଥିବାରୁ ତାଙ୍କ ପ୍ରତି ପ୍ରୀତ ହୋଇ ଦୁର୍ଯ୍ୟୋଧନ ଅର୍ଜ୍ଜୁନଙ୍କ କୌଣସି କାମନା ପୂରଣ ପାଇଁ ପ୍ରତଶ୍ରୁତି ଦେଇଥିଲେ । କୁରୁକ୍ଷେତ୍ର ମହାଭାରତ ଯୁଦ୍ଧ ଆରମ୍ଭ ହେବା ପର୍ଯ୍ୟନ୍ତ ଅର୍ଜ୍ଜୁନଙ୍କ ସେ କାମନା ଅପୂରଣୀୟ ହୋଇ ରହିଥିଲା । ତେଣୁ ଶ୍ରୀକୃଷ୍ଣଙ୍କ ପରାମର୍ଶ ଓ କୌଶଳରେ ସେ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜ କାମନା ପୂରଣ ପାଇଁ ଦୁର୍ଯ୍ୟୋଧନଙ୍କୁ କହିଲେ ଅର୍ଜ୍ଜୁନ । ଅତି କୌଶଳର ସହିତ ଅର୍ଜ୍ଜୁନ ତାଙ୍କର କାମନାକୁ କୁରୁପତି ଦୁର୍ଯ୍ୟୋଧନଙ୍କ ଆଗରେ ଉପସ୍ଥାପନ କରୁଛନ୍ତି । ସେ ସଂଳାପଟି ହେଲା –

"ଅର୍ଜ୍ଜୁନ – ଭିକ୍ଷା ମୋର ଅତି ସାମାନ୍ୟ ମହାରାଜ ! ସାମ୍ରାଜ୍ୟ ବା ଐଶ୍ୱର୍ଯ୍ୟରେ ପ୍ରୟୋଜନ ନାହିଁ । କୁରୁପତିଙ୍କର ରାଜମୁକୁଟ କେବଳ ଆଜି ରାତ୍ରିଟି ଲାଗି...

ଅର୍ଜ୍ଜୁନ – ପାର୍ଥିବ ଜୀବନ ଭିକ୍ଷା କରିବା ପାର୍ଥର ଶିକ୍ଷା ନୁହେଁ କୁରୁପତି ! ଜନ୍ମ ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ !"

ଏହିଭଳି ବୁଦ୍ଧି ଓ କୌଶଳର ପ୍ରୟୋଗ କରି କୌଶଳ କ୍ରମେ ଦୁର୍ଯୋଧନଠାରୁ ତାଙ୍କ ରାଜମୁକୁଟ ଓ ରାଜପୋଷାକ ନେଇ ଅର୍ଜ୍ଜୁନ ଯାଇଛନ୍ତି ପିତାମହ ଭୀଷ୍ମଙ୍କ ଶିବିରକୁ ।

ପିତାମହ ଭୀଷ୍ମ ତାଙ୍କ କର୍ତ୍ତବ୍ୟ ପଥରୁ କଦାପି ବିସ୍ମୃତ ନୁହନ୍ତି, କିନ୍ତୁ ଶ୍ରୀକୃଷ୍ଣଙ୍କ କୌଶଳ ଓ ଅର୍ଜ୍ଜୁନଙ୍କ ଛଳନାର ଶିକାର ହୋଇ ଯାଇଛନ୍ତି ସେ । ଅର୍ଜ୍ଜୁନ ଦୁର୍ଯୋଧନର ରାଜମୁକୁଟ ଓ ରାଜପୋଷାକ ପିନ୍ଧି ଛଦ୍ମବେଶରେ ଯାଇ ତାଙ୍କଠାରେ ପାଣ୍ଡବମାନଙ୍କ ପ୍ରତି ସ୍ନେହ, ଅନୁରାଗ, ଦୟା, ସନ୍ଧିର ଭାବ ପ୍ରକାଶ କରିଛନ୍ତି । ଯାହାଫଳରେ ଭୀଷ୍ମ ଖୁସି ହୋଇଯାଇ ଅର୍ଜ୍ଜୁନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଥାରେ ପଡ଼ି ମୃତ୍ୟୁବାଣ ଦେଇ ଦେଇଛନ୍ତି ଛଦ୍ମବେଶୀ ଅର୍ଜୁନଙ୍କୁ ରାତ୍ରିର ଅନ୍ଧାରରେ ଦୁର୍ଯୋଧନ ଭାବି ।

"ଭୀଷ୍ମ – ଉତ୍ତମ, ତୁମେ ଅପେକ୍ଷା କର । ମୋର ବା ସେଥିରେ ଆଉ କି ପ୍ରୟୋଜନ । କୁରୁ ପାଣ୍ଡବ ବଂଶର ଶ୍ରୀ ସମୃଦ୍ଧିରେ ମୋର ଆନନ୍ଦ । ପ୍ରଥମରୁ ତ ମୁଁ ଯୁଦ୍ଧରେ ପକ୍ଷପାତୀ ନ ଥିଲି । ତୁମେ ଅପେକ୍ଷା କର ବତ୍ସ ! (ବାଣ ଆଣି ଦେଲେ) ଏଇ ନିଅ ପାଣ୍ଡବର ମୃତ୍ୟୁବାଣ । ଆଜି ଯଦି ତୁମର ସତ୍ ଅଭିପ୍ରାୟ ହୋଇନଥାନ୍ତା, କାଲି ପ୍ରଭାବରେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଆଉ ସହଦେବ ଭଜିଥାନ୍ତେ ଚିର ନିଦ୍ରା । ପାଣ୍ଡବ ବଂଶର ଉଚ୍ଛେଦ କରିଥାନ୍ତା ଏଇ ବୃଦ୍ଧ ପିତାମହ କୌରବ ସେନାପତି ଭୀଷ୍ମ । ଯାଅ ଦୁର୍ଯ୍ୟୋଧନ ! ମୁଁ ତୁମର କଲ୍ୟାଣ କାମନା କରୁଛି – (ଶର ନେଇ ଛଦ୍ମବେଶୀ ଅର୍ଜୁନଙ୍କର ପ୍ରସ୍ଥାନ)"

ଅର୍ଜୁନ ପିତାମହ ଭୀଷ୍ମଙ୍କ ନିକଟରେ ଅନେକ କୌଶଳପୂର୍ଣ୍ଣ କଥା କହି, ଅଭିନୟ କରି, ଭୀଷ୍ମଙ୍କଠାରୁ ଚାଲାକି କରି ବାଣ ହରଣ କରି ନେଇ ଆସିଛନ୍ତି । ସଙ୍କଟ ମୁହୂର୍ତ୍ତରେ ଧୈର୍ଯ୍ୟ ଧରି ଶ୍ରୀକୃଷ୍ଣଙ୍କ କୌଶଳକୁ ସୁଚାରୁ ରୂପେ ପ୍ରୟୋଗ କରିଛନ୍ତି ଅର୍ଜୁନ ଓ ସେ ସଫଳ ମଧ୍ୟ ହୋଇଛନ୍ତି । ବୁଦ୍ଧି, ଧୈର୍ଯ୍ୟ ଓ ବିରତ୍ୱ ପ୍ରଦର୍ଶନରେ ଏକ ସଫଳ ବ୍ୟକ୍ତିତ୍ୱ ହେଉଛନ୍ତି ଅର୍ଜୁନ "ବାଣ ହରଣ" ଏକାଙ୍କିକାରେ ।

ଏହିପରି ଧୈର୍ଯ୍ୟ ଓ କୌଶଳ କ୍ରମେ "ବାଣ ହରଣ" ପ୍ରସଙ୍ଗଟି ଚମତ୍କାର ଭାବରେ ସଫଳ ଭାବେ ସଂଯୋଜିତ ହୋଇଛି । ଗୋଟିଏ ପୌରାଣିକ ପ୍ରସଙ୍ଗ ବା ବିଷୟକୁ ନେଇ "ବାଣ ହରଣ" ଏକାଙ୍କିକାରେ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ ଏକ ନୂତନ ଶିକ୍ଷା ଦେଇଛନ୍ତି । ଧୈର୍ଯ୍ୟ ଓ କୌଶଳ ହିଁ ମଣିଷକୁ ସଫଳ ଅବସ୍ଥାରେ ପହଞ୍ଚାଇ ଥାଏ । ଏକାଙ୍କିକାରେ ପ୍ରତିଫଳିତ ଏ ଧୈର୍ଯ୍ୟ ଓ କୌଶଳ ହିଁ ବାଣ ହରଣ ନିମନ୍ତେ ସହାୟକ ହୋଇଛି । ଗୋଟିଏ ପୌରାଣିକ ଘଟଣା, ବିଷୟ ଓ ଚରିତ୍ର ମାଧ୍ୟମରେ ଆଧୁନିକ ମଣିଷର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରସଙ୍ଗକୁ ମଧ୍ୟ ନାଟ୍ୟକାର ଯୋଡ଼ିଥିବାର ମନେ ହୁଏ । ଏହା ଏକ ପ୍ରତିଶୋଧ ପରାୟଣ ଘଟଣା ନ ହୋଇ ଆଧୁନିକ ଜୀବନ ସହ ସାମ୍ୟ ରକ୍ଷା କରୁଥିବା ଘଟଣା ଭଳି ଲାଗେ, କାରଣ ଏବେ ମଧ୍ୟ ଆମ ଆଖ ପାଖରେ ଶକୁନି, ଦୁର୍ଯ୍ୟୋଧନ, ଯୁଧିଷ୍ଠିର ଭଳି ଚରିତ୍ରମାନେ ଆମେ ଦେଖିବାକୁ ପାଇବା, ସମାଜର ବିଭିନ୍ନ ସ୍ତରରେ । ଏ ଏକାଙ୍କିକାରେ ଅନେକ ନୈତିକତା, ଶିକ୍ଷଣୀୟ କଥା ମଧ୍ୟ ଅଛି ଯେମିତି, ଯିଏ ଅହଙ୍କାର ପ୍ରତିପୋଷଣ କରେ ତା'ର କ୍ଷତିସାଧନ ଘଟେ ଓ ଅହଙ୍କାରକୁ ଯିଏ ପ୍ରୋତ୍ସାହିତ କରେ, ସ୍ୱୀକୃତି ଦିଏ, ସମର୍ଥନ କରେ ବା ପ୍ରତିପାଳନ କରେ ତା'ର ମଧ୍ୟ କ୍ଷତି ଘଟେ । ଯାହା ଘଟିଛି ଦୁର୍ଯ୍ୟୋଧନ, ଶକୁନି ଓ ଭୀଷ୍ମଙ୍କ କ୍ଷେତ୍ରରେ । ପୁଣି ନିଜ ଘର କଥା ଘରେ ସମାଧାନ ନ କରି ବାହାରକୁ ଆଣିଲେ ତୃତୀୟ ବ୍ୟକ୍ତି ତା'ର ସଠିକ୍ ପରାମର୍ଶ ଦିଏ ନାହିଁ, ସେଥିରେ ସେ ନିଜର ଲାଭ ଦେଖେ, ନିଜ ଉଦ୍ଦେଶ୍ୟ ସାଧନ କରେ । ଯାହା ଶକୁନି ଚରିତ୍ର କରିଛି ଏ ଏକାଙ୍କିକାରେ । ପାଣ୍ଡବ ଓ କୌରବ ଦୁଇ ପକ୍ଷ ମଧ୍ୟରେ କଳହର ମଞ୍ଜି ବୁଣି ସେ ଆନନ୍ଦ ଲାଭ କରିଛି । ଏହି ଏକାଙ୍କିକାର ଉଲ୍ଲେଖନୀୟ ବିଷୟ ସଂଯୋଜନା ପରି ଏହାର ସୁଦୃଢ଼ ଚରିତ୍ର ଚିତ୍ରଣ, ଉଚ୍ଚକୋଟୀର ସଂଳାପ ସଂରଚନା ଓ ଅଭିନବ ଉତ୍କଣ୍ଠା ସୃଷ୍ଟି ନାଟ୍ୟକାରଙ୍କର ସଫଳ ପ୍ରତିଭାର ପରିଚାୟକ । "ବାଣ ହରଣ" ଏକାଙ୍କିକାରେ ସବୁଠୁ ବଡ଼ ପ୍ରସଙ୍ଗ ହେଲା ଧୈର୍ଯ୍ୟ ଓ କୌଶଳର ସମ୍ଭାଷଣ । ଧୈର୍ଯ୍ୟ ଓ କୌଶଳରେ ମଣିଷ ଯେ କୌଣସି କାର୍ଯ୍ୟ କଲେ ଅର୍ଜୁନଙ୍କ ଭଳି ସେ ବଡ଼ଠାରୁ ବି ବଡ଼ ସମସ୍ୟାର ସମାଧାନ କରି ପାରିବ । ଏଥିପାଇଁ ମଣିଷ ମନରେ ସବୁ ପରିସ୍ଥିତିରେ ଧୈର୍ଯ୍ୟ ଓ କୌଶଳର ଉପସ୍ଥିତି ନିହାତି ରହିବା ଆବଶ୍ୟକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବାନ ରୂପ କି ଅରୂପ ?



ବିଜୟ କୁମାର ସାହୁ

ଉକ୍ତ ପ୍ରସଙ୍ଗ ଉପରେ ଭାରତୀୟ ସନାତନ ଦର୍ଶନ ଅକୃତ୍ରିମ ଆଲୋଚନା, ପର୍ଯ୍ୟାଲୋଚନା କରି ଆସିଅଛନ୍ତି ବେଦ, ବେଦାନ୍ତ, ଉପନିଷଦ, ଗୀତା, ଭାଗବତ, ରାମାୟଣ, ପୁରାଣାଦି ଗ୍ରନ୍ଥରେ । ତାହା ପୁଣି କେତେବେଳେ ଶ୍ରୁତି ରୂପରେ ତ କେତେବେଳେ ଶିଷ୍ୟ ପରମ୍ପରାନୁସାରେ । ବଶିଷ୍ଠ, ବିଶ୍ୱାମିତ୍ର, ଯାଜ୍ଞବଲକ୍ୟ, ଭାରଦ୍ୱାଜ, ବାଲ୍ମୀକି, ଅଗସ୍ତି, ଚ୍ୟବନ, ଭୃଗୁ, ଯାବାଳ, ଗୌତ୍ତମ, କପିଳ, ଗାର୍ଗୀ, ଜୈମିନୀ, ଅଙ୍ଗିରା, ବ୍ୟାସ, ଶୁକ, ସନତକୁମାର, ନାରଦ, ଶଙ୍କରାଚାର୍ଯ୍ୟ, ନିମ୍ବାକାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ଶ୍ରୀଚୈତନ୍ୟ ଆଦି ମୁନି ଋଷି ନିଜ ନିଜର ଅନ୍ତଃଦୃଷ୍ଟି ଦ୍ୱାରା ଦର୍ଶନ କରିଥିବା ଦିବ୍ୟ ଜ୍ୟୋତି ତଥା ଦିବ୍ୟାନୁଭୂତି ଗୁରୁ ଶିଷ୍ୟ ପରମ୍ପରାନୁସାରେ ପ୍ରସାରିତ ପ୍ରଚାରିତ କରିଅଛନ୍ତି । ସେମାନେ ସମସ୍ତେ ଉପରୋକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରିଅଛନ୍ତି । ବର୍ତ୍ତମାନ ଆମେ ଯାହା କହିବା ତାହା କେବଳ ତାଙ୍କର ଉଚ୍ଛିଷ୍ଟ ବ୍ୟତୀତ ଅନ୍ୟ କିଛି ନୁହେଁ ।

ଆମେ କହିପାରିବା ନାହିଁ ଭଗବାନଙ୍କର ରୂପ ଅଛି ସେ ଅରୂପ ନୁହଁନ୍ତି, କି କହିପାରିବା ନାହିଁ ସେ ଅରୂପ କେବଳ ଅଟନ୍ତି ତାଙ୍କରେ କୌଣସି ରୂପ ନାହିଁ । ଯଦି କାହାକୁ ବି ଗୋଟିକୁ ଆମେ ସ୍ୱୀକୃତି ଦେଉ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହାହେଲେ ତାହା ଆମର ଏକଦର୍ଶୀ ପକ୍ଷପାତ ବିଚାର ହୋଇଯିବ । ଆମର ଜ୍ଞାନ ସଂପୂର୍ଣ୍ଣ ନୁହେଁ ବୋଲି ଜଣାପଡିବ । ଗୋଟିଏ ମୁଦ୍ରାର ଦୁଇ ପାଖ ଏକ ସମାନ ମୂଲ୍ୟ ନିର୍ଦ୍ଧାରଣ କରିଥାଏ, ଗୋଟିକୁ ବାଦ ଦେଇଦେଲେ ତାହା ଅଚଳନ୍ତି ହୋଇଯାଏ । ସେପରି ମୁଦ୍ରାକୁ କେହି ଗ୍ରହଣ କରନ୍ତି ନାହିଁ । ଏହି ପ୍ରସଙ୍ଗ ଆଜିର ନୁହେଁ ଏହା ଅନାଦି କାଳରୁ ଗଡି ଆସିଛି , ଏହା ଏକ ସନାତନ ପ୍ରଶ୍ନ ।

ଏଠାରେ ମୋ ମତ ଜାହିର କରିବାର ଅପଚେଷ୍ଟା ସାଂଘାତିକ ଭାବରେ ବର୍ଜିତ ବରଂ ଶାସ୍ତ୍ର ଏବଂ ଭଗବାନଙ୍କ ମୁଖ ନିସୃତ ବାଣୀ ହେଉଅଛି ପ୍ରାମାଣିକ ଏବଂ ସିଦ୍ଧ ଅଟେ । ଭଗବାନ ରୂପ ଏବଂ ଅରୂପ ଅଟନ୍ତି । ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ । ଦେଖି ସନ୍ତୋଷ ଭଗବାନ ।

ମଣିଷ ଏକ ବିଚାରବନ୍ତ ପ୍ରାଣୀ । ତା'ଭିତରେ ଗୋଟିଏ ବସ୍ତୁ ନାହିଁ ଅନେକ ଉପାଦାନ ଅଛି । ପଞ୍ଚଭୁତ, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ, ଅହଂକାରର ସମଷ୍ଟିଗତ ପ୍ରାଣୀ ହେଉଛି ମନୁଷ୍ୟ । ତା'ଭିତରେ ଚୈତନ୍ୟ ସତ୍ତା ଥିବାରୁ ସେ ଚିନ୍ତା କରେ, କ୍ରିୟା ପ୍ରତିକ୍ରିୟା ପ୍ରକାଶ କରେ । ଭୀମଭୋଇ କହିଲେ ରୂପ ରେଖ ନାହିଁ ହେ ଶୂନ୍ୟ ଦେହୀ । ସେ ଭଗବାନଙ୍କୁ ନିରାକାର ନିର୍ଗୁଣ ନିର୍ବିଶେଷ ଅଲେଖ ଅନାଦି ଅନନ୍ତ ଅରୂପ ଆଦି ବିଶ୍ଳେଷଣ ଦେଇ ନିରକାର ବ୍ରହ୍ମଙ୍କୁ ଉପାସନା କରିବା ପାଇଁ ପ୍ରାର୍ଥନା କରିଅଛନ୍ତି । ବେଦ ବେଦାନ୍ତ ଉପନିଷଦ ମଧ୍ୟ ସେହି ଏକା କଥା କୁହନ୍ତି କିନ୍ତୁ ସେ ସଗୁଣ ସାକାର ଭଗବାନଙ୍କୁ ମଧ୍ୟ ସ୍ୱୀକାର କରନ୍ତି, ଉପାସନା କରନ୍ତି ।

ଉପନିଷଦ ବିଶ୍ୱାସ କରନ୍ତି ସେ ନିର୍ଗୁଣ ସଚ୍ଚିଦାନନ୍ଦ (ସତ ଚିତ ଆନନ୍ଦ) ବ୍ରହ୍ମ ଅରୂପ ହେଲେ ବି ରୂପ ଧାରଣ କରନ୍ତି, ନିରାକାରରୁ ସାକାର ହୁଅନ୍ତି, ନିଗୁଣରୁ ସଗୁଣ ହୁଅନ୍ତି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟକ୍ତରୁ ଅବ୍ୟକ୍ତ ହୁଅନ୍ତି, ଅଚିନ୍ତନୀୟରୁ ଚିନ୍ତନୀୟ ଅବସ୍ଥାରେ ପ୍ରତିଭାତ ହୁଅନ୍ତି । ଗୁଣ ଧରି ସେ ଅବତରଣ କରନ୍ତି । ସେ ଜନ୍ମ ହୁଅନ୍ତି, ତାଙ୍କର ବୃଦ୍ଧି ହୋଇଥାଏ, ସେ ମଧ୍ୟ ମୃତ୍ୟୁ ବରଣ କରନ୍ତି । ଏତେ ସବୁ କ୍ରିୟା ସେ କରୁଥିଲେ ବି ଅକର୍ତ୍ତା ଅଟନ୍ତି, ଅଭୋକ୍ତା ଅଟନ୍ତି । ତାଙ୍କର ଯାବତୀୟ କର୍ମ ଲୀଳା ଏବଂ ମନୁଷ୍ୟମାନଙ୍କର କାର୍ଯ୍ୟ ହେଉଛି କର୍ମ ।

-୨-

ପ୍ରତ୍ୟେକ ରୂପ ପଛରେ ନାମ ଅଛି ଯଥା ଅମୁକ ମଣିଷ ଅମୁକ ବୃକ୍ଷ ଅମୁକ ପର୍ବତ ଅମୁକ ସାଗର ଇତ୍ୟାଦି ଇତ୍ୟାଦି । ଜଳ ଏକ ତରଳ ପଦାର୍ଥ । ତାକୁ ଯଦି ଆମେ ଗରମ କରିଦେବା ତେବେ ତାହା ବାଷ୍ପର ରୂପାନ୍ତରିତ ହୋଇଯିବ, ସେହି ଜଳକୁ ଯଦି ଆମେ ଫ୍ରିଜ ଭିତରେ ରଖିଦେବା ତେବେ ତାହା ବରଫ ହୋଇଯିବ । ଜଳର ତିନୋଟି ଅବସ୍ଥା । ପ୍ରକାର ଭେଦରେ ସେ ତରଳ, ବାଷ୍ପୀୟ ଏବଂ କଠିନ । କାଷ୍ଠ ଭିତରେ ଅଗ୍ନି ଲୁକ୍କାୟିତ ପୁଣି ନିରାକାର ରୂପରେ ଅଛି, କାଷ୍ଠକୁ ଯଦି ଆମେ ଘର୍ଷଣ କରିବା ତେବେ ତା'ଭିତରୁ ଅଗ୍ନି ଉଦଗିରଣ ହେବ ଏବଂ ତାହା ଆମକୁ ଉତ୍ତାପ ପ୍ରଦାନ କରିବ । ନିରାକାର ବା ଅରୂପ ବ୍ରହ୍ମ ବା ଭଗବାନ ନିଷ୍କ୍ରିୟ ଅଟନ୍ତି ତାହା ଯେତେବେଳେ ଭକ୍ତ ହୃଦୟରେ ପ୍ରକାଶିତ ହୁଅନ୍ତି କିମ୍ବା ସେ ଜଗତରେ ଲୀଳା କରିବାକୁ ଆସନ୍ତି ସେତେବେଳେ ସେ ରୂପ ଧାରଣ କରି ଅବତରଣ କରନ୍ତି । ସେ ଉଭୟ ରୂପ ଏବଂ ରୂପାତୀତ ।

ମୁଁ 'ସିଦ୍ଧି ସାର' ଏହା କହିବାର ଯଥାର୍ଥତା ସେତେବେଳେ ଜଣାପଡେ ଯେତେବେଳେ ସିଦ୍ଧି ବୋଲି ଜଣେ ରୁପବନ୍ତ ବ୍ୟକ୍ତି ଅଛନ୍ତି ଯେ କହିପାରୁଅଛନ୍ତି ବା ନିଜର ପରିଚୟ ଦେଇପାରୁଅଛନ୍ତି ମୁଁ ସିଦ୍ଧି ସାର ବୋଲି । ତାଙ୍କୁ ଯଦି କୁହାଯିବ ଆପଣଙ୍କର ଏହି ସମୁଦାୟ ଶରୀର ଭିତରୁ 'ମୁଁ' କେଉଁ ଜଣକ ? ଆପଣଙ୍କର ଯେ ହାତ କ'ଣ 'ମୁଁ ସିଦ୍ଧି' ନା ଏଇ ଚକ୍ଷୁ, ନା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମସ୍ତକ, ନା ହୃଦୟ, ନା କର୍ଣ୍ଣ, ନା ପାଦ କେଉଁଟା 'ମୁଁ'? ସେ ହଡବଡେଇ ଯିବେ, ସେ ଦେଖାଇ ପାରିବେ ନାହିଁ ଅମୁକଟା 'ମୁଁ ସିଦ୍ଧି' ବୋଲି । ଅର୍ଥାତ 'ମୁଁ' ତାଙ୍କ ଭିତରେ ଅଛି କିନ୍ତୁ ସର୍ବବ୍ୟାପକ ହୋଇ ସେତେବେଳେ ସେ ନିରାକାର ନିର୍ଗୁଣ ରୂପହୀନ । ଅଥଚ ସେ ଯେତେବେଳେ ଏହି ଶରୀରରୂପୀ ଗଣ୍ଡିକୁ ଲକ୍ଷ୍ୟକରି କହୁଅଛନ୍ତି 'ମୁଁ ସିଦ୍ଧି ସାର' ସେ ସେତେବେଳେ ଚେତନ ଅବସ୍ଥାରେ ଏବଂ ସାକାର ସଗୁଣକୁ ଚିହ୍ନଟ କରୁଅଛନ୍ତି । ଅବଶ୍ୟ ପିଆଜ ଚୋପା ଛଡାଇ ଛଡାଇ ଅବଶେଷର କିଛି ମିଳେନାହିଁ । ସେହିପରି ଏହି ଶରୀର ଭିତରେ ଯଦି ଏଇ ମନ କଣ ଆତ୍ମା ? ଏଇ ବୁଦ୍ଧି କଣ ଆତ୍ମା ? ଏଇ ଅହଂକାର କଣ ଆତ୍ମା ? ତେବେ ଆମେ ଖୋଜି ଖୋଜି ହାଲିଆ ହୋଇଯିବା ପଛେ ତାହା ପାଇବା ନାହିଁ । ଏହା ହେଉଛି ଜ୍ଞାନ, ଜ୍ଞାନ ଦ୍ୱାରା ଆମେ ନିରାକାର ବ୍ରହ୍ମଙ୍କୁ ଜାଣିପାରିବା ଏବଂ ଭକ୍ତି ଦ୍ୱାରା ସଗୁଣ ସାକାର ରୂପଥିଲା ବାଲା ଭଗବାନଙ୍କୁ କୋଳାଗ୍ରତ କରିପାରିବା, ଯେପରି ସୁଦାମା କରିଥିଲେ, ବିଲ୍ୱମଙ୍ଗଳ କରିଥିଲେ, ମୀରା କରିଥିଲେ, ଚୈତନ୍ୟ କରିଥିଲେ ।

ଭଗବାନ ପ୍ରତ୍ୟେକ ଘଟରେ ଘଟାକାଶ ସଦୃଶ ଅଛନ୍ତି । ପିଣ୍ଡରେ ଭଗବାନ ବ୍ରହ୍ମାଣ୍ଡରେ ବି ଭଗବାନ । ଘଟ ଭିତରେ ଆକାଶ ଘଟ ଭାଙ୍ଗିଗଲେ ଘଟ ସିନା ଲୋପ ହୋଇଯାଏ କିନ୍ତୁ ତା'ଭିତରେ ଥିବା ଆକାଶ ଅନନ୍ତ ଆକାଶରେ ଲୀନ ହୋଇଯାଏ ।

ରୂପ ଭିତରେ ଥିବା ଚୈତନ୍ୟ ସତ୍ତା ଲୋପ ପାଇଗଲେ ରୂପ ଅରୂପରେ ଲୀନ ହୋଇଯାଏ, ଜୀବ ପରମରେ ଲୀନ ହୋଇଯାଏ । ପରଂବ୍ରହ୍ମ ପରମାତ୍ମାଙ୍କର ଦୁଇଟି ରୂପ ଗୋଟିଏ ସଗୁଣ ସାକାର ଅନ୍ୟଟି ନିର୍ଗୁଣ ନିରାକାର । ଅହମାତ୍ମା ଗୁଡାକେଶ ସର୍ବଭୂତାଶୟସ୍ଥିତଃ । ଗୋଟିଏ ରୂପ ଶାନ୍ତ, ଅନନ୍ତ ଏବଂ ମହାବିଭୁତି ସମ୍ପନ୍ନ (ଗୀତାର ଦଶମ ଅଧ୍ୟାୟ ପଠନ ଆବଶ୍ୟକ) ଅନ୍ୟଟି ଅଧିକ ପ୍ରିୟ ଅଧିକ ଆନନ୍ଦମୟ ଅଧିକ ରମଣୀୟ ଅଧିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଧୁର ।

ତୁଳସୀ ଦାସ କହିଲେ ଅରୂପ ବ୍ରହ୍ମଙ୍କଠାରୁ ରୂପ ବ୍ରହ୍ମ ଅଧିକ ଗ୍ରହଣୀୟ ଅଧିକ ସୁନ୍ଦର । ଯିଏ ବି କହୁଛି ଭଗବାନ ଅରୂପ, କେହି ତ ରୂପଥିଲା ବାଲା ବ୍ୟକ୍ତି ବିଶେଷ କହୁଛି ନା ରୂପ ବିହୀନ ବ୍ୟକ୍ତି ବିଶେଷ କହୁଅଛି ? ନିଶ୍ଚିନ୍ତ ରୂପରେ ରୁପ ଥିଲା ବାଲା ବ୍ୟକ୍ତି କେହି ଜଣେ କହୁଅଛି । ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଜ୍ଞାନୀ ଅନୁଭବ କରେ ସର୍ବନିୟନ୍ତା ସର୍ବବ୍ୟାପକ ନିରକାର ନିର୍ଗୁଣ ଅରୂପ ବ୍ରହ୍ମ ବା ଭଗବାନଙ୍କୁ । ଭକ୍ତ ଅନୁଭବ କରେ ତା ଭଗବାନ ସର୍ବ ଘଟଘଟବାସୀ । ସେ ଜଳରେ, ଅଗ୍ନିରେ, ପର୍ବତରେ, ଆକାଶରେ ଅଛନ୍ତି ପୁଣି ତା'ହୃଦୟ ଭିତରେ ବି ଅଛନ୍ତି ।

-୩-

ସୀୟାରାମ ମୟ ସବ ଜଗଜାନି କରହୁ ପ୍ରନାମ ଜୋରି ଯୁଗପାନି ।

ଜଡ ଚେତନ ସମଗ୍ର ଜଗତ ଯେଣୁ ବ୍ରହ୍ମମୟ ବୋଲି ଜାଣିଛି । ତେଣୁ ସବୁରି ପାଦପାଦ୍ମକୁ ଦୁଇହାତ ଯୋଡି ପ୍ରଣାମ କରୁଛି ।

ସ୍ଥାବର ଜଙ୍ଗମ କୀଟ ପରିଜନ୍ତୁ ଚାହିଁଦେଲେ ଅନୁସରି ।

ସକଳ ଘଟରେ ପୁରି ସମାନରେ ନୁହେଁ ସାନ ବଡ କରି ॥

'କ୍ରିଡାର୍ଥାଃ ସୋ ପି ସାଧୁନାଂ ପରିତ୍ରାଣାୟ କଳ୍ପତେ ।'

ଅନନ୍ତ ଯୋଗମାୟା କରି ।

ଷୋଳ ସହସ୍ର ରୂପ ଧରି ॥

ଗୋପୀକେ ଗୋବିନ୍ଦ ଗୋଟିଏ ।

ସ୍ୱର୍ଗେ ଦେଖନ୍ତି ଦେବତାଏ ॥

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକଳ ଜୀବେ ନରହରି ।

ବସଇ ଆତ୍ମା ରୂପ ଧରି ॥

'ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନତନଃ ।'

'ବଦନ୍ତି ତତତତ୍ତ୍ୱ ବିଦସ୍ତତ୍ତ୍ୱ ଯଦ ଜ୍ଞାନ ମଦ୍ୱ୍ୟମ ।

ବ୍ରହ୍ମେତି ପରମାତ୍ମେତି ଭଗବାନତି ଶବ୍ଦ୍ୟେତି ॥'

'ଅଣୋରଣୀୟାନ ମହୋତମହୀୟାନ ।'

ଅଗୁନ ସଗୁନ ଦୁଇ ବ୍ରହ୍ମ ସରୂପା । ଅକଥ ଅଗାଧ ଅନାଦି ଅନୁପା ॥

ଯଦି ଭଗବାନ ଅପ୍ରପଞ୍ଚରୁ ପ୍ରପଞ୍ଚକୁ ନ ଆସିବେ ତେବେ ତାଙ୍କୁ କିଏ କହିବ ନିରାକାର କିଏ ବା କହିବ ସାକାର କିଏ ବା କହିବ ସେ ରୂପାତୀତ କିଏ ବା କହିବ ସେ ରୂପର ବିଭୁତି । ସେହି ସର୍ବଶକ୍ତିମାନ ଭଗବାନଙ୍କର ଚୈତନ୍ୟ ସତ୍ତା ପରିପ୍ରକାଶ ହୋଇଥିବାରୁ ଆମ୍ଭମାନଙ୍କ ଚେତନାରେ ଆମ୍ଭେମାନେ ଆମର ଅବଧାରିତ ଚେତନାନୁସାରେ ଭଗବାନଙ୍କୁ କହୁ ତାଙ୍କର ରୂପ ନାହିଁ ତାଙ୍କର ରୂପ ଅଛିବୋଲି । ସେ ତତ୍ତ୍ୱତଃ ନିରକାର ନିର୍ଗୁଣ ଏବଂ ସଗୁନ ସାକାର । ରୂପ ଅରୂପର ଖେଳ ଚାଲିଛି ଚାଲିଥିବ, ନଚେତ ଜଣେ ରୂପଧାରୀ ରୁପବନ୍ତ ଠାକୁର କୃଷ୍ଣଚନ୍ଦ୍ର କିପରି ଗୋପୀମାନଙ୍କ ସହିତ ରାସ ରଚନା କରିଥାନ୍ତେ ଯେ ?

ଅସ୍ତୁ । ଜୟ ଶ୍ରୀକୃଷ୍ଣ ।

ବିଜୟ କୁମାର ସାହୁ , ବିଡିଗୋଳ

ମୋ – ୮୭୬୩୧୯୪୭୨୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବଡ଼ଦିନ ପର୍ବ



ଅକ୍ଷୟ କୁମାର ରାଉତ

ସଂସ୍କୃତି କଳା, ଆଦର୍ଶ, ବିଚାର ଓ ବିଶ୍ୱାସର ସଂସାର ବା ନୈତିକ, ଆଧ୍ୟାତ୍ମିକ, ନୀତିଗତ ଲପଲବ୍ଧି, ଆଚାର ବିଚାର ପରିପ୍ରକାଶ ଅଟେ । ସଂସ୍କୃତି ଓ ସଭ୍ୟତା ଏକ ନୁହଁନ୍ତି । ଗୋଟିଏ ମନୁଷ୍ୟର ଶରୀର ସଭ୍ୟତାର ସହିତ ସମ୍ବନ୍ଧ ଥିବା ବେଳେ ଆତ୍ମାର ସମ୍ବନ୍ଧ ସଂସ୍କୃତି ସହିତ ଥାଏ । ସଂସ୍କୃତି ଓ ସଭ୍ୟତା କୌଣସି ସମୟରେ ଏକ ବ୍ୟକ୍ତିର ବିଚାରଧାରା ନୁହେଁ । ତାହା ପ୍ରାଚୀନକାଳରୁ ଏ ପର୍ଯ୍ୟନ୍ତ ପ୍ରବାହିତ ସାମଗ୍ରିକ ବିଚାରଧାରା ଅଟେ । ସଂସ୍କୃତି ଓ ସଭ୍ୟତା ମାନବ ବିକାଶର ଦ୍ୱିପ୍ରାଥମିକ ଉପାଦାନ । ସଂସ୍କୃତି ସର୍ବଦା ସ୍ଥାୟୀ ଓ ସଭ୍ୟତା ପରିବର୍ତ୍ତନଶୀଳ । ତେଣୁ ମନୁଷ୍ୟ ସର୍ବଦା ସମାଜରେ ରହିବାକୁ ଭଲପାଏ । କୌଣସି କାରଣରୁ ସମାଜରେ ବିଶୃଙ୍ଖଳା ଦେଖାଦେଲେ, ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର, ଅନ୍ୟାୟ ଓ ଅତ୍ୟାଚାରର ବିଲୋପ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଧରାପୃଷ୍ଠରେ ମହାମାନବ ମାନେ ଅବତରଣ କରନ୍ତି । ସମୟ ସ୍ରୋତରେ ସମାଜିକ ବ୍ୟବସ୍ଥାର ବିବିଧ ପରିବର୍ତ୍ତନ ପାଇଁ ଭିନ୍ନ ଭିନ୍ନ ଧର୍ମ ମୁଣ୍ଡ ଟେକିଥାଏ । ସେହିପରି ଏକ ଧର୍ମ ହେଉଛି ଖ୍ରୀଷ୍ଟଧର୍ମ । ସମାଜରୁ ଅତ୍ୟାଚାର, ଅନ୍ୟାୟ, ଶୋଷଣର ବିଲୋପ କରି ସତ୍ୟର ମାର୍ଗ ଦେଖାଇବା ପାଇଁ ଧରାପୃଷ୍ଠରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଆବିର୍ଭାବ ହେଲା । ସେହି ଦିନଟି ହେଉଛି ବଡଦିନ (ଖ୍ରୀଷ୍ଟମାସ, ଏକ୍ସ ମାସ୍ ବା ଡିସେମ୍ବର ୨୫ ତାରିଖ) । ପିତା ଯୋଶେଫ୍ ଓ ମାତା ମେରୀଙ୍କର କୋଳମଣ୍ଡନ କରି ବେଥଲହାମ୍ ଏକ ମେଣ୍ଢାଶାଳରେ ଜନ୍ମ ଗ୍ରହଣ କରିଥିଲେ ପ୍ରଭୁ ଯୀଶୁଖ୍ରୀଷ୍ଟ । ତାଙ୍କ ଜନ୍ମରେ ଉଜ୍ଜ୍ୱଳ ଦିବ୍ୟାଲୋକରେ ଆକାଶ ଝଲସି ଉଠିଥିଲା । ସେ ସମୟରେ କିଛି ଅଲୌକିକ ଘଟଣାର ଦୃଶ୍ୟ ଦୃଷ୍ଟିଗୋଚର ହେବାର କଥିତ ଅଛି ।

ଧରାବକ୍ଷରେ ଯୀଶୁଖ୍ରୀଷ୍ଟଙ୍କର ପଦାର୍ପଣ ଏକ ମହାନ୍ ଉଦ୍ଦେଶ୍ୟରେ ହୋଇଥିଲା । ସେହି ପବିତ୍ର ଦିବସର ରାତ୍ରରେ ସ୍ୱର୍ଗଦୂତଙ୍କ ମୁଖରୁ ନିସୃତ ହୋଇଥିଲା ଯେଉଁ ବାଣୀ ତାହା ବିଶ୍ୱବାସୀଙ୍କର ମଙ୍ଗଳ କରିଥିଲା । ଜଗତରେ ଶାନ୍ତି ଫେରି ଆସିବାର ସଙ୍କେତ ଦେଇଥିଲା । ଯୀଶୁଖ୍ରୀଷ୍ଟଙ୍କ ବିଷୟରେ କିଛି ଅଲୌକିକ କଥା ଶୁଣିବାକୁ ମିଳେ । ତାଙ୍କର ସ୍ପର୍ଶରେ ବହୁ ଅନ୍ଧ, ଛୋଟା, ରୁଗ୍ଣ ବ୍ୟକ୍ତି ସୁସ୍ଥ ହୋଇ ଉଠୁଥିଲେ । ଏପରିକି ମୃତ ଶରୀରରେ ଜୀବନ ସଂଚାର ହେଉଥିଲା । ତାଙ୍କର କାର୍ଯ୍ୟକଳାପରେ ଥିଲା ଚମତ୍କାରିତା । ତାଙ୍କର, ଜୀବନ ଧାରଣ ପ୍ରଣାଳୀ ଥିଲା ସାଧାରଣ ଓ ନିରାଡମ୍ବର । ତାଙ୍କର ବିଶେଷ ଗୁଣ ଥିଲା ଶତ୍ରୁମାନଙ୍କୁ କ୍ଷମା ପ୍ରଦାନ କରିବା । ସେ ଥିଲେ ଜନକଲ୍ୟାଣକାରୀ, ତାଙ୍କର କର୍ମଥିଲା ଅତି ଉଚ୍ଚକୋଟୀର । ସମସ୍ତ ସ୍ୱର୍ଗୀୟ ଓ ଈଶ୍ୱରୀୟ ଗୁଣରେ ସେ ଭୂଷିତ ହୋଇଥିଲେ । ସେ ନିଜକୁ ଈଶ୍ୱର ନକହି ଈଶ୍ୱରଙ୍କ ସନ୍ତାନ ବୋଲି କହୁଥିଲେ । ସ୍ନେହ, ତ୍ୟାଗ, ଶାନ୍ତି, ସେବା ଓ ସତ୍ୟର ବାର୍ତା ସେ ପ୍ରଚାର କରିଯାଇଛନ୍ତି । ତେଣୁ ବଡଦିନଟି ସେହି ମହାନ୍ ଦେବପୁରୁଷଙ୍କ ମହନୀୟ କ୍ରିୟା କର୍ମକୁ ସୂଚାଇଦିଏ ।

ଡିସେମ୍ବର ୨୫ ତାରିଖରେ ପୃଥିବୀର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସରେ ବଡଦିନ ଉତ୍ସବ ପାଳନ କରିଥାଆନ୍ତି । ଏଥି ନିମନ୍ତେ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ବହୁ ପୂର୍ବରୁ ପ୍ରସ୍ତୁତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପର୍ବ ଆରମ୍ଭ କରି ଦେଇଥାଆନ୍ତି । ଘରଦ୍ୱାର ପରିଷ୍କାର କରି ସୁନ୍ଦର ଭାବରେ ସଜାନ୍ତି । ଗୀର୍ଜାଗୁଡିକ ଉଜ୍ଜ୍ୱଳ ରଙ୍ଗୀନ୍ ଆଲୋକରେ ସାଜସଜ୍ଜା ହୋଇଥାଏ । ବଡଦନ ବୃକ୍ଷଟି ସୁସଜ୍ଜିତ ହୋଇ ପ୍ରତ୍ୟେକ ଗୃହର ଶୋଭାବର୍ଦ୍ଧନ କରେ । ଖ୍ରୀଷ୍ଟିୟାନମାନେ ନବବସ୍ତ୍ର ପରିଧାନ କରି ନିର୍ମଳ ମନରେ ଗୀର୍ଜାରେ ସମବେତ ହୋଇ ତ୍ରାଣକର୍ତା ପ୍ରଭୁଯୀଶୁଙ୍କୁ ପ୍ରାର୍ଥନା କରନ୍ତି । ଅତି ଆଡମ୍ବର ନାଚଗୀତ ଓ ଖାଦ୍ୟପେୟରେ ଏ ଉତ୍ସବଟି ପାଳନ ହୁଏ । ବଡଦିନ ଉପଲକ୍ଷେ ଲୋକମାନେ ସାଙ୍ଗସାଥି ଓ ବନ୍ଧୁବାନ୍ଧବଙ୍କୁ ଅଭିନନ୍ଦନ ଜ୍ଞାପନ କରନ୍ତି ।

ପ୍ରଭୁ ଯୀଶୁଙ୍କ ଅମୃତବାଣୀ ଓ ମହନୀୟ କାର୍ଯ୍ୟକଳାପ ଏହି ବଡଦିନରେ ଜନମାନସକୁ ପ୍ରଭାବିତ କଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ପଥସୁଗମ ହେବ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର

ଦୂରଭାଷ : ୯୯୩୭୬୯୦୪୭୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଫେବୃଆରୀ ୨୦୨୪

ଲେଖା ପଠାଇବାର ଶେଷ ତାରିଖ : ୩ ଫେବୃଆରୀ ୨୦୨୪

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ଆମକୁ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଓଡ଼ିଆ ପୋଡ଼କାଷ୍ଟ ସେବା ନିମ୍ନୋକ୍ତ ସମସ୍ତ ପୋଡ଼କାଷ୍ଟ ପ୍ରସାରଣ ସେବାରେ ଉପଲବ୍ଧ ।
ବିଶ୍ୱବ୍ୟାପୀ ସମସ୍ତ ପରିଚିତ ଓ ପ୍ରସିଦ୍ଧ ପୋଡ଼କାଷ୍ଟ ପ୍ଲାଟଫର୍ମରେ ଆମ ପୋଡ଼କାଷ୍ଟ ଶୁଣି ପାରିବେ ।
ଏଥିରେ ନିଜର ଲେଖା ପ୍ରକାଶିତ କରିବା ପାଇଁ ଆମ ସହ ହ୍ୱାଟସ୍ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ ।

Amazon Music | AntennaPod | Anytime Player | Apple Podcasts | Bullhorn | Castamatic | Castbox | Castro | Curiocaster | Fountain

Goodpods | Google Podcasts | Apple iTunes | Listen Notes | Moon FM | Overcast | Player FM | Pocket Casts | Podbean | Podcast Addict

Podcast Index | Podcast Guru | Podcast Republic | Podchaser | Podfriend | Podknife | podStation | Podverse | Sonnet | Spotify

Steno.fm | Subscribe on Android | Subscribe by email | RSS feed

- Spotify
- Amazon Music
- Apple Music
- Cast Box
- Castro
- Curio caster
- Fountain
- Goodpods
- Google Podcast
- Apple iTunes
- Pocket cast
- Podbean
- Podcast Addict
- Podcast Index

- Podcast Guru
- Podcast republic
- Podchaser
- Podfriend
- Podverse
- Sonnet
- Steno.fm
- Rephonic
- Jio Saavn
- ivoox
- Audacy
- Tune in
- Radio Public

On all the links you can listen to our Podcast, or do a search in Google for Aahwaan Odia Podcast and You will find it on your own podcast player.

You too can Publish your article on our Podcast for a small fee and it will be heard worldwide on different podcast players on mobile phones, audio players, car stereos and much more. The decision to publish any article will be taken by the editorial board. Don't pay any fees before getting confirmation. If you are interested do let us know by sending message on WhatsApp to **9040985463**.

Listen to Odia Podcast on https://anchor.fm/aahwaan